ଶ୍ରୀ ଲକ୍ଷ୍ମୀଧର ଦଳାଇ

ପ୍ରକାଶକ—ଲକ୍ଷ୍ମୀ ପ୍ରକାଶନୀ
୧୪, ଡାକ୍ତର ଜଗବନ୍ଧୁ ଲେନ
କଲିକତା - ୧୨

ମୁଦ୍ରାକର—

ଶ୍ରୀ ଭିକାରୀ ଚରଣ ଧଳ

ମହାଲକ୍ଷ୍ମୀ ପ୍ରେସ

୪, ଗୋବିନ୍ଦ ସେନ ଲେନ, କଲି:-୨

ଆତ୍ମ ପ୍ରକାଶ—

ଜନ୍ମାଷ୍ଟମୀ—୧୯୫୮

ମୂଲ୍ୟ—ଦୁଇ ଟଙ୍କା

—ପରିବେଷକ—

ଭଗବତୀ ପୁସ୍ତକାଳୟ

୨୭/୨ ଶଶୀଭୂଷଣ ଦେ ଷ୍ଟ୍ରୀଟ, କଲିକତା-୧୨

ବନ୍ଧୁ !

କେଉଁ ଏକ ଶୁଭ ମୁହୂର୍ତ୍ତରେ ତୋ ସହିତ ମୋର ଦେଖା ହୋଇଥିଲା କେଜାଣି—ସେହି କ୍ଷଣିକ ଦେଖାରେ ମୋତେ ତୋର ସର୍ବସ୍ୱ ଅର୍ପଣ କରି ତାର ବିନିମୟରେ ମୋଠୁଁ କେତେ କଣ ପାଇବାକୁ ଆଶା କରିଥିଲୁ । ଏ କଥା ମର୍ମେ ମର୍ମେ ଅନୁଭବ କରି ପାରୁଥିଲେହେଁ ଏଯାଏ ତୋର ମନ ମାନିଲା ପରି କିଛି ଦେଇ ପାରିନି । ଏକଥା ଜାଣୁ ତୁ ଆଉ ଜାଣେ ମୁଁ— ।

ତେଣୁ ଆଜି ତୋର ହାତରେ ସ୍ନେହର ଚିହ୍ନ ସ୍ୱରୂପ ତୋଳି ଦେଲି ମୋର **"ନୂଆ ନାଗରୀ"**—ଦାନର ପ୍ରତିଦାନ ରୂପେ ତୋ ଠାରୁ ଆଦର ପାଇଲେ ମୁଁ ସୁଖିହେବି । ଇତି ।

କ ଲି କ ତା
୪ - ୧୨ - ୫୮

ତୋର—
ଲେ ଖ କ

ଲକ୍ଷ୍ମୀ ପ୍ରକାଶନୀର ଆଗାମୀ
ଅବଦାନ

କଥାକାର ଦିଗମ୍ବର ଦାସଙ୍କର ଦୁଇଟି ଅଭିନବ
ସାମାଜିକ ଉପନ୍ୟାସ—

ଟାଉନ୍ ବସ୍

* *

ସଜନୀ ଚାଲେ ନାଚିଯା

ଶୀଘ୍ର ପ୍ରକାଶ ପାଉଛି

● ● ●

—ମୁଦ୍ରଣ ପଥେ—

ଆପଣମାନଙ୍କର ବହୁଦିନର ଆକାଂକ୍ଷିତ ସର୍ବଜନ ପ୍ରଶଂସିତ ଓ
ଚିର ଅଦ୍ଭୁତ ପୌରାଣିକ ନାଟକ

ପର୍ଶୁରାମ ମାତୃ ହତ୍ୟା
ଓ
କାର୍ତ୍ତବୀର୍ଯ୍ୟ ସଂହାରଣ

ଅପୂର୍ବ ରୂପରେଖ ଧରି ଖୁବ୍ ଶୀଘ୍ର ପ୍ରକାଶ ପାଉଛି ।
ରଚନା କରିଛନ୍ତି—**ଏସ୍, ଏ, ସମ୍ମଦ୍**

ନିବେଦକ—
ଲକ୍ଷ୍ମୀ ପ୍ରକାଶନୀ
୧୪, ଡାକ୍ତର ଜଗବନ୍ଧୁ ଲେନ
କଲିକତା - ୧୨

୦|377
1.6.୬୦.

“ରକ୍ତ !”

“କାହାର ?”

“ନର ପିଶାଚର—ମାନବ ଦ୍ରୋହୀ ସନ୍ତାନର”···

“ତମେ କଣ ହତ୍ୟାକାରୀ ?”

“ହଁ· ·ମୁଁ ହତ୍ୟାକାରୀ ?”

“ହତ୍ୟାକାରୀର ଶାସ୍ତି କଣ ଜାଣ ?”

“ଜାଣେ, ତଥାପି ହତ୍ୟାକରିଛି !

“ପୁଲିସ୍ ତମ ପିଛା କରିବ । ଯଦି ତୁମେ ଧରାପଡ଼ ତେବେ ତୁମକୁ ଫାଶି ହେବ—ଏକଥା ଜାଣତ ?”

“ନିଶ୍ଚୟ ଜାଣେ, କିନ୍ତୁ ମତେ ଫାଶି ହେବ କାହିଁକି ?”

“ତୁମେ ଜଣକୁ ହତ୍ୟା କରିଚ ?”

“ଅନ୍ୟାୟରେ ମୁଁ କାହାରିକୁ ହତ୍ୟା କରିନି, ଯିଏ ଦେଶର ଶତ୍ରୁ—ଜାତିର ଶତ୍ରୁ ତାକୁ ହତ୍ୟା କରିବାରେତ କିଛି ଦୋଷ ନାହିଁ ?

“ତଥାପି ଆଇନରେ ତମେ ଦୋଷି ସାବ୍ୟସ୍ତ ହେବ । ବିଚାରକ-ମାନେ ତମକୁ ଫାଶି ହୁକୁମ ଦେବେ ।”

“ଯିଏ ଗରିବଙ୍କ ତଣ୍ଟି ଚିପି ରକ୍ତ ଶୋଷି ପିଏ ।···କାଳକୁ ଧଳା

ଆଉ ଧଳାକୁ କଳା କର ଯିଏ ଲୋକଙ୍କ ଆଖିରେ ଧୂଳି ପକାଏ ତାପାଇଁ କଣ୍ଟ ନାହିଁ । ମୁଁ ଗୋଟାଏ ନର ପିଶାଚକୁ ହତ୍ୟାକଲି ବୋଲି ଦଣ୍ଡ ପାଇବ ?—ନା—ନା—ଏହା କଦାପି ହୋଇ ନପାରେ ।—"

କଥା କହିବା ଶେଷ ନ ହେଉଣୁ ଘୋଡ଼ା ଟାପୁର ଆବାଜ ଶୁଣିବାକୁ ମିଳିଲା । ତରୁଣୀଟି ଦୂରକୁ ଲକ୍ଷ୍ୟ କର ଅନାଇଁଲା । ବନ୍ଧୁକଧାରୀ ଦଳେ ସୈନିକ ଘୋଡ଼ା ଉପରେ ଚଢ଼ି ଛୁଟି ଆସୁଛନ୍ତି । କାତରହୋଇ ତରୁଣୀଟି କହିଲା—

"ଦେଖି ପାରୁଚ ?—ଝୁବ୍ ଦୂରରେ ଦଳେ ସୈନିକ ଆସୁଛନ୍ତି ! ଘୋଡ଼ା ଟାପୁର ଶବ୍ଦ ନିକଟରୁ ନିକଟତର ହୋଇ ଆସୁଛି । ଯଦି ସେମାନେ ଆମକୁ ଦେଖିବେ ନିଶ୍ଚୟ ବାନ୍ଧି ନେଇଯିବେ । ବର୍ତ୍ତମାନ ଉପାୟ କଣ ?"

ତରୁଣ ଜଣକ ହୋ ହୋ ହୋଇ ହସି ଉଠିଲା ! ଦୁଇ ଆଖିରେ ଯେପର ନିଆଁ ହୁଲା, ବାହୁରେ ଶତ ସିଂହର ପରାକ୍ରମ । ମୁହଁରେ ବଜ୍ରପର ଭଙ୍ଗି ।

ତରୁଣୀଟି ତରୁଣର ହାତକୁ ଧର କାତର କଣ୍ଠରେ କହିଲା—

ଝୁବ୍ ନିକଟ ହୋଇ ଗଲେଣି, ଅଳ୍ପ ସମୟ ମଧ୍ୟରେ ସେମାନେ ଆମକୁ ବନ୍ଦୀ କରିବେ, ଶୀଘ୍ର ଏଠାରୁ ପଳାଇ ଚାଲ ।—"

ତରୁଣ ଜଣକ ତରୁଣୀଟିର ପିଠିରେ ସ୍ନେହରେ ହାତ ବୁଲେଇ କହିଲା—

"ଖାଲି ତୋର ପାଇଁ ମୁଁ ପଳାଇ ଯିବାକୁ ବାଧ୍ୟ ହେଉଚି ଗୌରୀ !—ନଚେତ ଗୋଟିଏ ହାତ ଦୋମାରେ—"

ତରୁଣୀଟି ତରୁଣ ମୁହଁରେ ହାତ ଦେଇ ଧୀର ଗଳାରେ କହିଲା—

"ଆଉ !—ପାଟି କରନା । କିଏ ଶୁଣିଲେ ଧରା ପଡ଼ିଯିବାର ଭୟ ଅଛି ।—ଶୀଘ୍ର ପଳାଇ ଚାଲ ।"

ପାଖରେ ଛୋଟିଆ ଜଙ୍ଗଲ, ଜଙ୍ଗଲର ଶେଷ ଅଡ଼କୁ ବୈତରଣୀ ନଦୀ ।

ସେହି ଜଙ୍ଗଲ ଭିତରକୁ ଦୁଇଜଣଯାକ ପଳାଇ ଯାଇ ଆତ୍ମଗୋପନ କଲେ ।

ଅଳ୍ପ ସମୟ ମଧ୍ୟରେ ପାଞ୍ଚୋଟି ଘୋଡ଼ା ସେହି ଜଙ୍ଗଲ ପାଖଦେଇ ଦୌଡ଼ି ଯିବାର—ଏମାନେ ଗଛ ଆଢ଼ୁଆଳରେ ଠିଆ ହୋଇ ଲକ୍ଷ୍ୟ କରି ଦେଖୁଥିଲେ । ବନ୍ଧୁକଧାରୀ ସୈନିକମାନେ ଘୋଡ଼ା ପିଠିରେ ବସି ତୀରପରି ଛୁଟି ଚାଲିଛନ୍ତି ।

କିଛି ବାଟ ଯାଇ ଘୋଡ଼ା ପାଞ୍ଚୋଟି ଠିଆ ହୋଇଗଲେ । ଜଣେ ତକମାଧାରୀ ସୈନିକ ନିର୍ଦ୍ଦେଶ ଦେଇ କହିଲା—

"କାହିଁ ? ଗଲା କୁଆଡ଼େ ? ଜଙ୍ଗଲ ଭିତରେ ନିଶ୍ଚୟ ଆତ୍ମଗୋପନ କରିଚି, ଚାଲ ସମସ୍ତେ ଖୋଜିବା ।—"

ସୈନିକମାନେ ଜଙ୍ଗଲ ଭିତରକୁ ପଶିଲେ । କାତର କଣ୍ଠରେ ଗୌରୀ କହିଲା—

"ଏଥର ଉପାୟ କଣ ?"

ନିର୍ଭୀକ ପ୍ରାଣରେ ତରୁଣଟି ଉତ୍ତର କଲା—

"ଭୟ ନାହିଁ ଗୌରୀ ! ମୁଁ ଦେଶ ଦ୍ରୋହୀ ନୁହେଁ କି ଜାତି ଦ୍ରୋହୀ ନୁହେଁ । ବିନା ଅପରାଧରେ ଯଦି ସେମାନେ ମୋତେ ଧରି ନେଇ ଦଣ୍ଡ ଦେବେ ଦିଅନ୍ତୁ ।—କ୍ଷତି କଣ ? ଜନତା ଏହାର ତ ପୁଣି ବିଚାର କରିବ ?"

ଗୌରୀ ଉତ୍ତେଜିତ କଣ୍ଠରେ କହିଲା—

"ଜନତା ଅନ୍ଧ, ଭଲ ଭେଲ ଚିହ୍ନି ପାରନ୍ତିନି ସେମାନେ । ଶାସନ କରିବାପାଇଁ ଆମ ଦେଶରେ ଯେଉଁ ବିଚାରକଗଣ ଅଛନ୍ତି ସେମାନଙ୍କୁ ସ୍ୱାଧୀନତା ଦିଆ ଯାଇଚି ସତ ମାତ୍ର କଳା ବଜାର ଲୋଭରୁ

ସେମାନେ ରକ୍ଷା ପାଇ ନାହାନ୍ତି । ତମର ଆଦର୍ଶ ଅଛି—ଏକଥା ମୁଁ ସିନା ବିଶ୍ୱାସ କରିବ କିନ୍ତୁ ଆଉମାନଙ୍କ ଆଖିରେ ତମେ ଖୁନି ଆସାମୀ ।—"

"ଗୌରି ! ଆମ ଦେଶର ଲୋକେ ଅନ୍ଧ । ସେମାନଙ୍କ ଚକ୍ଷୁରୁ ଅନ୍ଧପୁଟୁଳି ଖୋଲିବା ପାଇଁ ମୋର ଏ ବିଜୟ ଅଭିଯାନ । ଏ କଥା କଣ ଜନତା ବୁଝିବନି ?"

"ବୁଝିବ, କିନ୍ତୁ ବର୍ତ୍ତମାନ ନୁହେଁ । ଆଗ ତୁମର ଆଦର୍ଶ କଥା ସେମାନେ ବୁଝନ୍ତୁ ।"

ଗୌରି ଆଉ କଣ କହିବାକୁ ଯାଉଥିଲା କିନ୍ତୁ କହି ପାରିଲନି । ପାଟିକଥା ପାଟିରେ ଅଟକି ଗଲା । କାନଦେଇ ଶୁଣିବାକୁ ଲାଗିଲା । ଘୋଡ଼ାର ଟାପୁ ଶବ୍ଦ ତାଙ୍କର ଆଡକୁ ଆସୁଥିବାର ଜଣାଗଲା ।

ଗୌରି ବ୍ୟସ୍ତହୋଇ କହିଲା—

"ଶୀଘ୍ର ଏଠାରୁ ପଳାଇଯିବା ଦରକାର । ସେମାନେ ଜଙ୍ଗଲ ଭିତରକୁ ପଶିଲେଣି ଯେତେବେଳେ ନିଶ୍ଚୟ ଆମେ ଧରା ପଡ଼ିବା ।

ତରୁଣଟି କହିଲା—

"ତେବେ ଉପାୟ କଣ ? ଜଙ୍ଗଲ ଶେଷରେ ନଦୀ । ତେବେ କଣ ।—"

ଗୌରି କହିଲା—

"ଆଉ ଉପାୟ ନାହିଁ । ଏଇ ନଦୀରେ ପଶି କୌଣସି ପ୍ରକାର ନିଜକୁ ଲୁଚେଇବାକୁ ପଡ଼ିବ ।—"

"କିନ୍ତୁ ନଦୀ ଯେ ଦୁଇକୂଳ ଉଚ୍ଛୁଳିଛି । ପ୍ରଖରଗାମୀ ସ୍ରୋତରେ ଆମେ ଯେ ଭାସିଯିବା ।—"

"ସେଥିପାଇଁ ଭୟ କଣ ? ଜଗନ୍ନାଥ ଭରସା ହେଲେ ନିଶ୍ଚୟ ଆମେ କୂଳ ପାଇବା ।—"

ଅଥଲ ନଦୀ ଗର୍ଭକୁ ଦୁହେଁ କୁଦ ପଡ଼ିଲେ । ପ୍ରଖର ସ୍ରୋତରେ ଦୁଇଟି ଆତ୍ମା ଭାସି ଭାସି ଗ୍ଲଲା ।

ସୈନିକମାନେ ଜଙ୍ଗଲଟା ବୁଲି ଖୋଜିଲେ କିନ୍ତୁ ଖୁଣୀ ଅସାମିର ଚିହ୍ନ ବର୍ଣ୍ଣ ପର୍ଯ୍ୟନ୍ତ ପାଇଲେ ନାହିଁ । ଶେଷକୁ ନିରାଶହୋଇ ଅନ୍ୟ ବାଟ ଧରି ଘୋଡ଼ା ଛୁଟାଇ ଗ୍ଲଲିଗଲେ ।

ପ୍ରଖର ସ୍ରୋତରେ ଦୁଇଜଣ ଭାସି ଭାସି ଯାଉଛନ୍ତି । ଗୌରୀ କାତର ସ୍ୱରରେ ଡାକିଲା—

"ଆଉ ଯେ ପହଁରି ପାରୁନି ।—"

ତରୁଣ ଜଣକ ଥକ୍‌ଲା ସ୍ୱରରେ ଉତ୍ତର କଲା—

"ସାହସ ରଖ୍ ଗୌରୀ ! ଅଳ୍ପ ସମୟ ମଧ୍ୟରେ କୂଳ ଧରିବା ।—"

"ଭୟଙ୍କର ସ୍ରୋତ ସାଙ୍ଗରେ ଲଢ଼େଇ କରି ଆଗେଇଯିବା ମୋ ପକ୍ଷରେ ଅସମ୍ଭବ—ଦେହ ମନ ମୋର ଅବଶ ହୋଇ ଆସୁଛି । ହାତ ଗୋଡ ଆଉ ଚଳୁନି । ପାଣିରେ ପହଁରି ପହଁରି ମୁଁ ଯେ ଅଣ ନିଃଶ୍ୱାସ ହୋଇ ଯାଉଛି ।—"

ତରୁଣଟି ପହଁରି ପହଁରି ଗୌରୀ ପାଖକୁ ଗଲା । ପ୍ରବଳ ସ୍ରୋତ—। ଗୌରୀ ଭାସି ଭାସି ଯାଉଛି । ଦମକା ପବନରେ ଲହରି ହାବୁକା ଖାଇ ବେଳେ ବେଳେ ଗୌରୀକୁ ବୁଡାଇ ଦେଉଛି । ହଠାତ୍ ଗୋଟିଏ ଭଉଁରି ଆସିଲା । ଦେଖୁ ଦେଖୁ ଗୌରୀ ସେହି ଭଉଁରି ମଝିରେ କୁଆଡ଼େ ଯେ ବୁଡିଗଲା ଆଉ ତାର ପତ୍ତା ମିଳିଲା ନାହିଁ । ତରୁଣଟି ଚିତ୍କାର କରି ଡାକିଲା, କିନ୍ତୁ ସେ ଡାକ ଗୌରୀ ଶୁଣି ପାରିଲାନି ।

ବାହୁ କଷ୍ଟରେ ତରୁଣଟି ପହଁରି ପହଁରି କୂଳକୁ ଆସିଲା । ପ୍ରାଣର ଗୌରୀ ତାର ନାହିଁ । ଏହି ଅଥଲ ନଦୀରେ ସେ ଲୁଚି ଯାଇଛି । ତରୁଣଟି କଇଁ କଇଁ ହୋଇ କାନ୍ଦି ଉଠିଲା ।

ଏକ ଲକ୍ଷ୍ୟରେ ତରୁଣଟି ନଦୀର ଅଥଳ ଗର୍ଭକୁ ଅନାଇଁ ରହିଛି । ମୁହଁରେ ଭାଷା ନାହିଁ—ସେ ଆଜି ମୂକ । ନଦୀ ଗର୍ଭରେ ଉଚ୍ଛୁଳା ତରଙ୍ଗ ଘୋର ଗର୍ଜ୍ଜନ କରି ଆଗକୁ ମାଡ଼ି ଯାଉଛି । ଗୌରୀର କ୍ଷୀଣ ସ୍ୱର ଯେପରି ଶୁଭି ଯାଉଛି—ମତେ ବଞ୍ଚାଅ—ମତେ ବଞ୍ଚାଅ—

ତରୁଣଟି ଚିତ୍କାର କରି ଉଠିଲା—

ଗୌରୀ ! ମୋର ପ୍ରାଣର ଗୌରୀ, ଫେରିଆ—ଫେରିଆ ତୁ ।—"

କିନ୍ତୁ ଗୌରୀ ଫେରିଲାନି । ଖାଲି ନଦୀର ବୁକୁଫଟା ଲହରର ଗର୍ଜ୍ଜନ ତରୁଣଟିର କାନରେ ବାଜିବାକୁ ଲାଗିଲା ।—

ତରୁଣଟି ଅଜ୍ଞାନ ଅବସ୍ଥାରେ ସେହି ନଦୀ କୂଳରେ ଅଚେତା ଅବସ୍ଥାରେ ପଡ଼ି ରହିଲା ।

× × × ×

ଚଇତା ହାତରେ ଗୋଟିଏ ଦଣ୍ଡୁରି ଧରିଛି । ଦଣ୍ଡୁରି ଭିତରେ ସାରୁ ପତ୍ରର ପୁଡ଼ିଆଟିଏ । ସେ ପୁଡ଼ିଆ ଭିତରେ କିଆ ଅଣ୍ଟୁ । କାନ୍ଧରେ ବନଶୀ ଖଡ଼ା । ମନ ଆନନ୍ଦରେ ଗୀତ ଗାଇ ଗାଇ ନଦୀ କୂଳେ କୂଳେ ବୁଲୁଛି । ହଠାତ୍ ତାର ନଜର ପଡ଼ିଲା ନଈ ମଝିରେ କଣ ଗୋଟାଏ ଭାସି ଭାସି ଯାଉଛି । ଭଲକରି ନିରୀକ୍ଷଣ କଲା ସେ । ଆରେ ସତେତ, ଗୋଟାଏ ମଣିଷ ଭାସିଲା ପରି ଜଣା ଯାଉଛି ।—

ଚଇତା କାଳ ବିଳମ୍ବ ନକରି ଦଣ୍ଡୁରିଟି କୂଳରେ ଥୋଇଲା । ତା ପାଖରେ ବନଶି ଖଡ଼ାଟି ପକେଇ ଦେଇ ମୁଣ୍ଡରେ ପାଗ ଭିଡ଼ା ହୋଇଥିବା ଗାମୁଛାଟି ଫିଟାଇ ପିନ୍ଧିଲା । ଲୁଗାଟି ସେହି ଦଣ୍ଡୁରି ପାଖରେ ପକାଇ ଦେଇ ନଈ ଭିତରକୁ କୁଦି ପଡ଼ି ପହଁରିବାକୁ ଲାଗିଲା ।

ଅଳ୍ପ ସମୟ ମଧ୍ୟରେ ନଈ ମଝିରେ ପହଞ୍ଚି ଭାସି ଯାଉଥିବା ଲୋକଟିକୁ ଦେଖିଲା—ଆରେ ଇଏତ ମଣିଷ ନହେଁ । ଇଏ ଯେ

ସ୍ତ୍ରୀ ଲୋକଟିଏ ଭାସି ଯାଉଛି ।—ଧୀରେ ଧୀରେ ସ୍ତ୍ରୀ ଲୋକଟିର ଲୁଗା କାନିକୁ ହାତରେ ଧରି କୂଳକୁ ଆଣିଲା । ଦୁଇହାତରେ ଉଠାଇ ଆଣି ମାଟି ଉପରେ ଶୁଆଇ ଦେଲା । ନାକରେ ହାତଦେଇ ନିଃଶ୍ୱାସ ବାରିଲା । ନିଃଶ୍ୱାସ ଅଳ୍ପ ଅଳ୍ପ ଚାଲିଛି । ପାଣି ପିଇଯାଇ ଥିବାରୁ ପେଟଟି ଫୁଲି ଯାଇଛି । ପେଟକୁ ଥରି ଥରି ଦାବିବାରୁ ପାଣି ପାଟି ନାକ ଦେଇ ବାହାରିଲା । ସ୍ତ୍ରୀ ଲୋକଟି ସେହିପରି ଅଚେତ ହୋଇ ପଡ଼ି ରହିଛି । ଚଇତା ତାର ସୁନ୍ଦର ରୂପ ଦେଖି ପାଗଲ । ଦୁଇ ହାତରେ ଟେକି ତାର ପଲା ଖଣ୍ଡିକ ଭିତରକୁ ନେଇ ଅଚେତ ସ୍ତ୍ରୀ ଲୋକଟିକୁ ଶୁଆଇ ଦେଇ କବିରାଜକୁ ଡ଼ାକିବାପାଇଁ ଗାଁଆ ଭିତରକୁ ଦୌଡ଼ିଲା ।

ଅଳ୍ପ ସମୟ ମଧ୍ୟରେ କବିରାଜ ଆସି ନାଡ଼ି ପରୀକ୍ଷା କଲେ । ବଟୁଆରୁ ଚେର ମୂଳିକା ବାହାର କରି ଚଇତାକୁ ଦେଇ କହିଲେ— ନେ ଏହାକୁ ଚିକ୍କଣ କରି ବାଟି ପିଆଇ ଦେବୁ । ଅଳ୍ପ ସମୟ ମଧ୍ୟରେ ସେ ସୁସ୍ଥହୋଇ ଉଠିବ ।

କବିରାଜ ଚାଲିଗଲେ । ଚଇତା ଚେର ମୂଳିକା ନେଇ ବାଟି ପିଆଇ ଦେଲା ।

ଦୁଇଘଣ୍ଟା ପରେ ଗୌରୀର ଯେତେବେଳେ ଜ୍ଞାନ ଫେରି ଆସେ ଚଇତାର ଆନନ୍ଦର ସୀମା ରହିଲାନି, ସେ ତାଳିମାରି ନାଚିଉଠିଲା ।

ଗୌରୀ ଚଇତାକୁ ଆଶ୍ଚର୍ଯ୍ୟରେ ଅନାଇଁ କହିଲା—

"ଏଁ ! ମୁଁ କେଉଁଠି ?"

ହସି ହସି ଚଇତା କହିଲା—

"ତୁ ପରା ମୋ ପଲାରେ ?..."

"ଏଁ ! ପଲାରେ ? ଏଠାକୁ ଆସିଲି କିପରି ?"

"ନଈରେ ତୁ ଭାସି ଯାଉଥିଲୁ, ମୁଁ ପରା ପହଁରି ଯାଇ ତତେ ଆଣିଲି । ହଉ ! ତୁ ଟିକିଏ ଶୋଇପଡ଼ । ତୋତେ ଭାରି ଭୋକ ହେବଣି, ମୁଁ ଯାଉଛି ତୋ ପାଇଁ କଣ ଖାଇବାକୁ ଆଣେ ।"

କହିଦେଇ ଚଇତା ପଲା ଭିତରୁ ପଦାକୁ ବାହାରି ଆସିଲା । ତାର ଗୃହାଣୀ ଦେଖି ଗୌରୀର ପ୍ରାଣ ଶିହରି ଉଠିଲା । ମନେମନେ କହିଲା ସେ···

"ହେ ଭଗବାନ । ମୁଁ କେଉଁଠି ? ଏ ଯେଉଁ ଲୋକଟି ମୋ ପ୍ରାଣ ରକ୍ଷା କରିଛି ଏହାର ପ୍ରକୃତି ତ ମତେ ଭଲ ଜଣା ଯାଉନି ତୁମେହିଁ ମୋର ଏକମାତ୍ର ଭରସା ।···"

ଗୌରୀ ସେହିପରି ବିଛଣାରେ ପଡ଼ି ରହିଲା ।

ଦୁଇଘଣ୍ଟା ପରେ ଚଇତା ଢଳି ଢଳି ପଲା ଭିତରକୁ ପଶି ଆସିଲା । ହାତରେ ମଦ ବୋତଲ । ଖୋଳଟ ମାଟି ହାଣ୍ଡିରେ ହାଣ୍ଡିଏ ପଖାଳ ଭାତ ।

ଭାତ ହାଣ୍ଡିଟି ଗୌରୀ ପାଖରେ ଥୋଇଦେଇ କହିଲା···

'ଏଇ ପଖାଳ ଭାତ ଖାଇଦିଏ, ରାତକୁ ଗରମ ଭାତ ମିଳିବ ।—'

ଗୌରୀ ଚଇତାକୁ ଅନାଇଲା । ଚଇତା ଡ଼ମା ଆଖି ଯୋଡ଼ାକ ନାଲି ଟୁକ୍ ଟୁକ୍ ମନ୍ଦାର ଫୁଲ ପରି ଦେଖା ଯାଉଛି । ବେଳେ ବେଳେ ହିକେଉଛି ସେ । ସେହି ହିକ୍କା ଭିତର ଦେଇ ଗୋଟାଏ ଉଗ୍ର ଗନ୍ଧ ଗୌରୀ ନାକରେ ବାଜି ଯାଉଛି ।···

ଚଇତା ପୁଣି କହିଲା—

"ଥିଇରି ହୋଇ ଶୋଇ ରହିଲୁ କାହିଁକି ?···ଉଠି ଭାତ ତକ ଖାଇ ଦିଏ ।—"

ଗୌରୀର ଦୁଇ ଆଖିରେ ଲୁହ । ଥରିଲା ଗଳାରେ କହିଲା ସେ—

"ମତେ କାହିଁକି ବଞ୍ଚେଇଲ ? ସେହି ନଦୀ ଗର୍ଭରେ ଏ

ଜୀବନଟା ଶେଷ ହୋଇ ଯାଇଥିଲେ ଭଲ ହୋଇଥା'ନ୍ତା ।—ଏଠି କଲବଲ ହୋଇ ବଞ୍ଚି ରହିବା ଲାଭ କଣ ?"

ଚଇତା ମଦ ନିଶାରେ ଢଳି ଢଳି କହିଲା…

"ବାଃ ! ସୁନ୍ଦର କଥା କହି ଜାଣୁଛ ? ·ହଁ, ବଡ଼ ଘରର ଝିଅ ହେଉଥିଲେ, ତୋର ଏ ସୁନ୍ଦର ରୂପ ସାଙ୍ଗରେ କଥା କହିବାର ଢଙ୍ଗ ବେଶ୍ ଖାପ ଖାଇ ଯାଉଛି ।"

କହିବା ସଙ୍ଗେ ସଙ୍ଗେ ଚଇତା ଯାଇ ଗୌରୀର ବିଛଣା ପାଖରେ ବସିପଡ଼ି ତାର ଚିବୁକ ଧରି ପୁଣି କହିଲା…

"ଉଠିପଡ଼ ଖାଇଦିଅ । ଜୀବନଟାକୁ କଲବଲ କରିବା ଠିକ୍ ହେବନାହିଁ । ଇମିତି ସରଗ ଅପସରୀ ରୂପ ପାଇ ପାଣିରେ ବୁଡ଼ି ମରିବା କଣ ଠିକ ହୋଇଛି ?"

ଗୌରୀର ମୁହଁ ପାଖକୁ ଚଇତା ମୁହଁ ବଢ଼ାଇଲା । ମଦର ତୀବ୍ର ଗନ୍ଧ ! ଗୌରୀ ମୁହଁ ବୁଲେଇ ଦେଲା ।

ଚଇତା କହିଲା…

"କଣ ଲାଜ ମାଡ଼ୁଛି ! ଇମିତି ମୁହଁ ବୁଲେଇ ଦେଲ ଯେ ?

ଚଇତା ଗୌରୀର ଛାତି ଉପରେ ଝାଣୁଆ ହାତ ଟିକିଏ ଥୋଇ ଦେଲା ।

ଗୌରୀ ଚମକି ପଡ଼ି ନିଜର ହାତରେ ଚଇତାର ହାତ ଉଠାଇ ଦେଇ ବିଛଣାରୁ ଉଠି ଦୂରେଇ ବସିଲା ।

ଚଇତା ଗୌରୀ ପାଖକୁ ଘୁଞ୍ଚିଯାଇ କାଉଁଲିଆ ସ୍ୱରରେ କହିଲା…

"ଭାତ ଆଣିଛି, ଖାଇଦିଅ । ମୋ ରାଣ ପରି ।…"

ଗୌରୀ ଧୀର ଗଳାରେ କହିଲା—

"ମତେ ଭୋକ ନାହିଁ ।—"

"ଏଁ ! ତୋତେ ଭୋକ ନାହିଁ ? ତେବେ ନ ଖାଅ, ଏଇ

ବୋତଲରୁ ମଦ ଟୋପାଏ ପିଇଦିଅ, ଦେହ ହାଲୁକା ହୋଇଯିବ। ସବୁ ଦୁଃଖ କଷ୍ଟ ଭୁଲିଯିବୁ।—"

କହିବା ସଙ୍ଗେ ସଙ୍ଗେ ମଦ ବୋତଲଟି ନେଇ ଗୌରୀର ମୁହଁ ପାଖରେ ଧରିଲା।

ଗୌରୀ ନାକରେ ଲୁଗା ଦେଇ କହିଲା—

"ମଦ ଖାଏ ନାହିଁ, ଆଉ ଯିଏ ମଦ ଖାଏ ତାକୁ ମୁଁ ଘୃଣା କରେଁ।—"

ଘୃଣା କରୁ ? ମଦର ଗୁଣ ତାହେଲେ ତୁ ମୋଟେ ଜାଣୁନା, ଏଇ ଦେଖ୍, ଏ ମଦ ପିଇଲେ ଦୁନିଆଁର ବାଦ୍‌ଶା ପରି ସୁଖ ମିଳେ। ସବୁ ଦୁଃଖ ଭୁଲି ମଣିଷ ମନରେ ଆନନ୍ଦ ଦିଏ।---ନେ-ନେ-ଆଗ ଟୋପାଏ ପିଇ ଦେଖିଲୁ, ମୁଁ ମିଛ କହୁଛି କି ସତ କହୁଛି ପିଇ ସାରିଲେ ଜାଣିବୁ।—"

ଗୌରୀ କିଛି କହିଲାନି। ସେଠାରୁ ଉଠିଯାଇ ଦୂରେଇ ଠିଆହେଲା।

ଚଇତା ବୋତଲର ଠିପି ଖୋଲି ମଦ ପିଇଲା। ତାପରେ ଧୀରେ ଧୀରେ ଗୌରୀ ନିକଟକୁ ଯାଇ ଗୌରୀର କମରକୁ ଦୁଇ ହାତରେ ଧରି ଛାତି ଉପରକୁ ଆଉଯାଇ ଆଣିଲା।

ଗୌରୀ ବିକଳରେ ଚିତ୍କାର କରି ଉଠିଲା, କିନ୍ତୁ ତାର କରୁଣ ଡାକକୁ ଚଇତା ଭ୍ରୂକ୍ଷେପ ନକରି ହୋ-ହୋ-ହୋଇ ହସି ଉଠି କହିଲା—

"ତୁ ମୋର ! ତୋତେ ମୁଁ ବାହାହେବ। ଆମେ ଦି'ଜଣ ଏଇଠି ରହିବା।—"

ଚଇତା ଗୌରୀକୁ ନିଜ କୋଳ ଉପରେ ଭିଡ଼ିଧରି ତା ଗାଲରେ ଚୁମ୍ବନ ଦେବାକୁ ମୁହଁ ବଢାଇବା ସମୟରେ ଗୌରୀ ନିଜର ସମସ୍ତ

ଶକ୍ତି ଦେଇ ଚଇତାର ବାହୁ ଫାଶରୁ ମୁକୁଳିବାକୁ ଚେଷ୍ଟାକଲା, କିନ୍ତୁ ପାରିଲାନି ।

ଚଇତା କହିଲା—

'ଯିବୁ କୁଆଡେ ? ତୁ ଯେ ମୋର ସ୍ତ୍ରୀ । ଆଉ ଆଜିଠୁ ମୁଁ ତୋର ସ୍ୱାମୀ ।—"

ଗୌରୀ ଚଇତା ଛାତି ଉପରେ ଦୁଇ ହାତ ଜାକିଦେଇ କହିଲା—

"ମତେ ଛାଡ଼ିଦିଅ ପାପି । ଏଇଥିପାଇଁ କଣ ମୋର ଜୀବନ ବଞ୍ଚେଇ ଥିଲ ?

"ଛାଡ଼ି ଦେବ ? ଏପରି ସରଗ ଅପସରୀକୁ ଏକା ପାଇ କିଏ ଛାଡ଼ିଲାଣି ଯେ ମୁଁ ଛାଡ଼ିବି ?"

ଚଇତା ଗୌରୀକୁ ନିଜ ଛାତି ଉପରକୁ ଭିଡ଼ି ଆଣି ତା ମୁହଁକୁ ନିଜର ମୁହଁଟି ବଢ଼ାଇଲା, କିନ୍ତୁ ଗୌରୀ ଚିତ୍କାର କରି ଉଠିଲା । କେତେ କାତର ପ୍ରାର୍ଥନା କଲା, ନର ପିଶାଚ ଚଇତା ଗୌରୀର ପ୍ରାର୍ଥନା ଶୁଣିଲା ନାହିଁ । ମଦ ନିଶାରେ ପାଗଳ ।—ମୂର୍ଖ ସେ ।—

ଗୌରୀ ନିଜର ସମସ୍ତ ଶକ୍ତି ଖଟାଇ ଚଇତାର ସବଳ ବାହୁ ଫାଶରୁ ମୁକୁଳିବାକୁ ଯେତେ ଚେଷ୍ଟାକଲା ପାରିଲାନି । ଚିତ୍କାର କରି ଗୌରୀ କହିଲା—

"ଭଗବାନ ତୁମେହିଁ ଭରସା । ଏ ବିପଦରୁ ମୋତେ ଉଦ୍ଧାର କର ।—"

ଚଇତା କହିଲା—

"ଭଗବାନ ନାହାନ୍ତି କି ଏଠାରେ ଆଉ କେହି ନାହାନ୍ତି । କେବଳ ଅଛୁ ମୁଁ ଆଉ ତୁ ।—"

କହିବା ସଙ୍ଗେ ସଙ୍ଗେ ଗୌରୀକୁ ଟେକିନେଇ ପୁଣି ବିଛଣାରେ ଶୁଆଇ ଦେଲା ।

ଚଇତା ଯେତେବେଳେ ଗୌରୀ ଉପରେ ପାଶବିକ ଅତ୍ୟାଚାର ଆରମ୍ଭ କରିବାକୁ ଯାଉଛି ଗୌରୀ ପୁଣି ଚିତ୍କାର କରି କହିଲା—

ମୋର କୁମାରୀତ୍ୱକୁ ନଷ୍ଟ କରନା ପାପୀ ! —ହତାହତ ଜ୍ଞାନ ପ୍ରତି ଟିକିଏ ନଜର ଦିଅ ।

ଚଇତା ହୋ-ହୋ ହୋଇ ହସିଉଠି କହିଲା—

ମୁଁ ପାପୀ ? ଆଚ୍ଛା ; ଦେଖିବା କିଏ ତୋତେ ଆଜି ରକ୍ଷା କରିବ !

ଗୌରୀର ଛାତି ଉପରେ ଚଇତା ବସି ପଡ଼ିଲା । ଗୌରୀ ପାଟିକରି କାନ୍ଦୁଛି ।

ହଠାତ୍ ଚଇତା ମୁଣ୍ଡରେ କିଏ ଜଣେ ଖୁବ୍ ଜୋରରେ ଆଘାତ କଲା । ଚଇତା ବୋଉଲୋ ବୋଲି କହି ଛାତି ଉପରୁ ତଳକୁ ଢଳି ପଡ଼ିଲା । ମୁଣ୍ଡ ତାର ଫାଟି ରକ୍ତଧାର ଛୁଟିଲା । ଗୌରୀ ଚଇତା କବଳରୁ ମୁକ୍ତି ପାଇ ପଲା ଭିତରେ ଠିଆ ହୋଇଥିବା ବୁଢ଼ାଟିର ଗୋଡ଼ ଦୁଇଟିକୁ ଯାବୁଡ଼ିଧରି କାନ୍ଦ କାନ୍ଦ ସ୍ୱରରେ କହିଲା—

ତୁମେ ନ ଆସିଥିଲେ ଏ ପାପୀ ମୋର କୁମାରୀତ୍ୱ ନଷ୍ଟ କରି-ଥାନ୍ତା । ବାବା ! ମୋତେ ଆଶ୍ରୟ ଦିଅ ।

ବୁଢ଼ାଟି ଗୌରୀକୁ ଦୁଇ ହାତରେ ଉଠାଇ ଆଣି ଆଉଁସିଦେଇ ସ୍ନେହରେ କହିବାକୁ ଲାଗିଲା—

ଭୟ ନାହିଁ ମା ! ଦୁଷ୍ଟକୁ ଏକା ପାହାରକେ ତାର ମୁଣ୍ଡ ଫଟେଇ ଦେଇଛି । ବୋଧେ ମରିଗଲାଣି । ଏଠାରେ ବେଶୀ ସମୟ ଅପେକ୍ଷା କରିବା ଠିକ ହେବନାହିଁ । ମୋ ସାଙ୍ଗରେ ଶୀଘ୍ର ପଳାଇ ଚାଲେ । ବାବା ବୋଲି ଡାକିଲୁଣି ଯେତେବେଳେ ତୁ ମୋର ଝିଅ । ମୋର ବି ଦିନେ ଗୋଟିଏ ଝିଅ ଥିଲା । ସେ ଆଜି ବଞ୍ଚିଥିଲେ ଠିକ ତୋରି ପରି ହୋଇଥାନ୍ତା ।

ବୃଦ୍ଧର ଆଖି ଲୁହରେ ପୂରି ଆସିଲା । ଗୌରୀ ବୃଦ୍ଧକୁ ଅନାଇ କହିଲା—

ବାପା ! ତମେ କାନ୍ଦୁଚ ? ମୁଁ ପରା ତମ ଝିଅ ?

ଏଁ, କଣ କହିଲୁ—ତୁ ମୋର ଝିଅ ? ଆଉ ଥରେ କହିଲୁ । ତୋ ମୁହଁରୁ ବାପା ଡାକ ଶୁଣିଲେ ମୁଁ ସବୁ ଦୁଃଖ ଭୁଲିଯିବି ।

ଗୌରୀ ପୁଣି ଡାକିଲା—

ବାପା !

ବୃଦ୍ଧ ଆନନ୍ଦରେ ଗୌରୀକୁ ନିଜ କୋଳକୁ ଆଣି ତାର ଅଲରା କେଶକୁ ସାଉଁଳେଇ ଦେବାରେ ଲାଗିଲା ।

କିଛିକ୍ଷଣ ପରେ ବୃଦ୍ଧ କହିଲା

ବିଳମ୍ବ ହେଲେ ବିପଦ ଅଛି ମା । ଏ ସଇତାନଟା ବୋଧେ ମରି ଗଲାଣି । ଶୀଘ୍ର ପଳାଇ ଚାଲେ ।

କହିବା ସଙ୍ଗେ ସଙ୍ଗେ ବୃଦ୍ଧଟି ଆଗେ ଆଗେ ଚାଲିଲା । ଗୌରୀ ବୃଦ୍ଧକୁ ଅନୁସରଣ କରି ତାର ପଛେ ପଛେ ଚାଲିଚି ।

* * *

ହୁଁ' ଦୋଷ ଆଉ କାହାର ନାହିଁ । କରମରେ ଯାହା ଥିଲା, ତାହାହିଁ ଭୋଗିଲି । ଯିଏ ନଈ ସୁଅରେ ଭାସିଗଲା, ଖୋଜିଲେ କଣ ତାକୁ ଆଉ ପାଇବୁ ?

କାନ୍ଦ କାନ୍ଦ ହୋଇ ଗୌରହରି କହିଲା

ଏଇ ଗୋଟିଏ ଭଉଣୀ ଛଡ଼ା ଦୁନିଆଁରେ ମୋର ନିଜର

ହୋଇ ଆଉ କେହି ନାହାଁନ୍ତି । ଆମେ ଭାଇ ଭଉଣୀ ଦୋ'ଟି । ପିଲାଟି ଦିନରୁ ବାପ ମାଆଙ୍କୁ ହରାଇଚୁଁ । ଭଉଣୀଟିକୁ ମୁଁ ଅତି ସ୍ନେହ କରେ । ଆମେ ଭାଇ ଭଉଣୀ ଦେଖିବାକୁ ଏକାପରି । ସେ ଯଦି ପୁରୁଷ ବେଶ ପିନ୍ଧିବ ଆମ ଭିତରେ ମୁଁ କିଏ ଆଉ ସେ କିଏ, ମୋଟେ ଚିହ୍ନି ହେବନି ।—"

"ଆଚ୍ଛା ବାପ ! ନଈରେ ନାହିଁ କି ପହଁର ପହଁର ଆସୁଥିଲ । କଣ ଡଙ୍ଗା କାଠୁଆ ମିଳିଲ ନାହିଁ ପାରି ହେବାକୁ ?"

ଗୌରହରି ନୀରବ ରହିଲା । ମନେ ମନେ ଚିନ୍ତା କରିବାକୁ ଲାଗିଲା ସେ "କଣ କହି ବୁଢ଼ୀକୁ ବୁଝେଇବ ? ପର ମୁହୂର୍ତ୍ତରେ ସ୍ଥିରକଲା⋯ବୁଢ଼ୀ ଯେତେବେଳେ ପୁଅଠୁ ବଳି ସ୍ନେହ ଶ୍ରଦ୍ଧାରେ ଆଣି ଘରେ ଆଶ୍ରୟ ଦେଇଚି ସତ କଥା କହିଲେ କ୍ଷତି କଣ ? ନା-ନା-ସେ ଆଜି ବୁଢ଼ୀକୁ ସବୁକଥା ଖୋଲି କହିବ । କିଛି ଲୁଚେଇବନି । ବୁଢ଼ୀକୁ ସାବଧାନ କରାଇ ଦେବା ଭଲ । ପଛକୁ ଯେପରି ଆଉ କିଛି ବିପଦ ନ ହୁଏ ।⋯

ଗୌରହରିର ଭାବନାରେ ବାଧାଦେଇ ବୁଢ଼ୀଟି ପୁଣି ମୃଦୁ ସ୍ୱରରେ କହିଲା⋯

"ତୋର କଣ ହୋଇଚି ମତେ ଖୋଲି କରି କହ ବାପ ! ତୋର ଅବସ୍ଥା ଦେଖି ମୋ ମନରେ ଭାରି ଦୁଃଖ ହେଉଚି, ମୁ ଯେତେ-ବେଳେ ନଈକୁ ପାଣି ଆଣିବାକୁ ଯାଏ ତୋତେ ଅଜ୍ଞାନ ଅବସ୍ଥାରେ ପଡ଼ି ରହି ଥିବାର ଦେଖି ଘରକୁ ଉଠାଇ ଆଣିଛି । ସେବା ଯତ୍ନରେ ତୋର ଜ୍ଞାନ ଫେରିଲା । ତୋତେ ଦେଖି ମୁଁ ମୋର ଅତୀତ କଥା ଭୁଲି ଯାଇଚି । ଆଜିଠୁ ତୁ ମୋର ପୁଅ ମୁଁ ତୋର ମାଆ । ମାଆ ପାଖରେ ପୁଅ କି କେବେ ତାର ଦୁଃଖ ଲୁଚାଇ ରଖି ପାରେ ?"

ଗୌରହରି ବୁଢ଼ୀର ସ୍ନେହବୋଳା କଥାରେ ନିଜକୁ ଭୁଲିଗଲା । ପିଲାଟି ଦିନରୁ ମା ର ସ୍ନେହ କପରି ଜାଣିନି ସେ । ଆଜିତରେ ବୁଢ଼ୀ ଠାରୁ ଏପରି କଥା ଶୁଣି ନିଜକୁ ଆଉ ସେ ଗୋପନ ରଖି ପାରିଲାନି ସବୁକଥା କହି ଦେବ ବୋଲି ମନେ ମନେ ସ୍ଥିର କଲା ।

ଧୀର ଗଳାରେ ଗୌରହରି କହିଲା—

"ମୋ କଥା ଶୁଣି ମତେ ଘୃଣା କରିବୁ ନାହିଁ ତ ମା ?"

ମୃଦୁ ହସି ବୁଢ଼ୀଟି କହିଲା—

"ବାପୁଙ୍କ ପରି କଥା କହୁନରେ ପୁଅ ?··· ଶତ ଅପରାଧ କଲେବି ମାଆ ଠାରୁ ସ୍ନେହ କଦାପି ଊଣା ହୁଏନି । ନିଜେ ଦୁଃଖ କଷ୍ଟ ସହି ପୁଅର ମଙ୍ଗଳ କାମନା କରେ ସେ—।"

ବୁଢ଼ୀର ମୁହଁରୁ ଏପରି କଥା ଶୁଣି ଗୌରହରି ଆଶ୍ଚର୍ଯ୍ୟ ହେଲା । ବୁଢ଼ୀକୁ ଅନାଇ ମନେ ମନେ ଭାବିଲା—ଏ ବୁଢ଼ୀ କମ ନୁହେଁ ନିଶ୍ଚୟ ଭଦ୍ର ଘରର ହେବ ।

ଅଳ୍ପ ହସି ବୁଢ଼ୀଟି ପୁଣି କହିଲା—

"କଣ ହେଇଚି କହ ବାପ ?

ଆଠଦିନ ହେବ ଏଠାରେ ରହିଲୁଣି, ଦିନେ ହେଲେ ତୋ ମୁହଁରୁ ହସ ଟିକିଏ ଦେଖି ପାରିଲି ନାହିଁ—।"

ଗୌରହରି କହିଲା—

"ମୋ କଥା ଯଦି ଜାଣିବାକୁ ଇଚ୍ଛା କରିଚୁ ତେବେ ଶୁଣୁ ମା"

ଗୌରହରି ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପ କରି ଏଣେ ତେଣେ ଅନାଇଲା । ତା ପରେ କହିଲା—

"ମୁଁ ହେଉଚି ଦେଶଦ୍ରୋହୀ । ଖୁଣୀ ଆସାମୀ ବୋଲି ମୋତେ ଦୋଷୀ କରାଇ ପୁଲିସ ମୋର ପିଛା ଧରିଚି । ମତେ ଯିଏ ଧରି ଦେବ ସେ ପାଞ୍ଚ ହଜାର ଟଙ୍କା ପୁରସ୍କାର ପାଇବ ବୋଲି କାଗଜ ପତ୍ରରେ

ସରକାରଙ୍କ ତରଫରୁ ଘୋଷଣା କରାଯାଇଚି । ଭଉଣୀଟିକୁ ଧରି ଚାଲାଇ ଆସୁଥିଲି, ପୁଲିସ ଆମ ପିଚ୍ଛା ଧରିଥିଲା । ଜଙ୍ଗଲ ଭିତରେ ଆମେ ଭାଇ ଭଉଣୀ ଲୁଚି ରହିଥିଲୁ । ପୁଲିସ ଲୋକମାନେ ଯେତେବେଳେ ଜଙ୍ଗଲ ଭିତରେ ଆମକୁ ଖୋଜନ୍ତି ଗଛ ଆଡୁଆଳରେ ରହି ଆମେ ସବୁ ଲକ୍ଷ୍ୟକରି ଦେଖୁଥିଲୁ । ଜଙ୍ଗଲ ସାରା ଖୋଜି ଯେତେବେଳେ ସେମାନେ ଆମ ଆଡକୁ ଆସିଲେ ସେତେବେଳେ କୌଣସି ଉପାୟ ସ୍ଥିର ନ କରି ନଦୀକୁ ଡେଇଁ ପଡ଼ିଲୁ ! ତା ପରେ ଯାହା ଘଟଣା ହେଲା ସବୁ ତ ତମକୁ କହି ସାରିଚି ମାଆ ?"

ଗୌରହରି ପିଲାଙ୍କ ପରି କାନ୍ଦି ଉଠିଲା ।

ବୁଢ଼ୀଟି ସାନ୍ତ୍ୱନା ଦେଇ କହିଲା—

"ତୁ ଆଉ କାନ୍ଦନା ବାପ ! ମୁଁ ତୋର ମାଆ ଆଉ ତୁ ମୋର ପୁଅ । ତୋତେ ନଈ ଧାରରୁ ପାଉଁଟି ଆଣିଚି । ମୋର ଜୀବନ ଶଙ୍ଖାଳି କରି ତୋତେ ରଖିବି । ତୁ ମୋତେ ଛାଡି ଆଉ କେଉଁଠାକୁ ଯାଇ ପାରିବୁନି । ମୋର ପାଖରେ ନିର୍ଭୟରେ ଆଜିଠାରୁ ରହ ।"

ଗୌରହରି କହିଲା—

"ଗ୍ରାମର ଲୋକମାନେ ଯଦି ମୋର ପ୍ରକୃତ ପରିଚୟ ଜାଣିବେ ତେବେ ନିଶ୍ଚୟ ବିପଦ ହେବ । ପୁଲିସ କାନକୁ କଥା ଯିବ । ତାପରେ ମୋ ଜୀବନ ବଞ୍ଚାଇବାକୁ ଯାଇ ତୁ କଣ ବିପଦରେ ପଡ଼ିବୁ ମା ! ଜାଣୁ ଜାଣୁ ମୁଁ ଆଉ ଜଣଙ୍କୁ କାହିଁକି ବିପଦ ମୁହଁକୁ ଠେଲିଦେବି ?

ବୁଢ଼ୀଟି କିଛି ସମୟ ନୀରବ ରହି କହିଲା—

"ବିପଦ ତ ମୋ ଦେହ ଘଣ୍ଟିଆ ହୋଇ ଗଲାଣି ।

ପୁଲିସ ଲୋକଙ୍କୁ ମୁଁ ବି ଭଲ ଭାବେ ଜାଣେ—ଭଲ ଭାବେ ଚିହ୍ନେ । ତୋର ପରି ଦିନେ ମୁଁ ବି ସର୍ବହରା ହୋଇ ଘଣ ଜଙ୍ଗଲରେ ନିଜକୁ ଲୁଚେଇ ବୁଲୁଥିଲି । ତୋତେ ଦେଖି ଆଉ ତୋର କାହାଣୀ ଶୁଣି

ମୋର ପଛ ଦିନର କଥା ସବୁ ମନେପଡୁଛି ।—"

କଥା କହିବା ସଙ୍ଗେ ସଙ୍ଗେ ବୁଢ଼ୀର ଦୁଇ ଆଖିରୁ ଲୋତକ ଝରି ପଡ଼ିଲା !

ଗୌରହରି ଲକ୍ଷ୍ୟକରି ବୁଢ଼ୀର କଥା ସବୁ ଶୁଣୁଥିଲା । ଆଉ ମନେ ମନେ ଭାବୁଥିଲା—କିଏ ଏହି ବୁଢ଼ୀ ? ଯାଙ୍କର ପରିଚୟ କଣ ?

ଥଙ୍ଗ ଥଙ୍ଗ ହୋଇ ଗୌରହରି କହିଲା—

"ମାଆ ! ତମର ପ୍ରକୃତ ପରିଚୟ କଣ ?"

ବୁଢ଼ୀ ଲୁଗା କାନିରେ ଲୁହ ପୋଛି କହିଲା—

ଶୁଣିବୁ ବାପା ? ତେବେ ଶୁଣ ।—

ସେ ଅନେକଦିନର କଥା—ଆମର ଏହି ସୁନାର ଭାରତ ଭୂଇଁରେ ବିଦେଶୀ ଶାସନ ଥିଲା । ବାଘ ଛେଳି ଗୋଟିଏ ଘାଟରେ ପାଣି ପିଉଥିଲେ—ଏହି ବିଦେଶୀ ଲୋକଙ୍କ କଡ଼ା ଶାସନରେ । ସ୍ୱଦେଶୀ ଆନ୍ଦୋଳନ ହେଲା । କଥାହେଲା ବିଲାତି ଜିନିଷ କେହି ବ୍ୟବହାର କରିବେ ନାହିଁ । ପ୍ରତି ସ୍ଥାନରେ ପିକେଟିଂ ଲାଗିଲା । ହଜାର ହଜାର ଲୋକ ଜେଲ୍ ଗଲେ । ପୁଲିସର ଲାଠି ମାଡ଼ରେ କେତେ ଲୋକଙ୍କ ମୁଣ୍ଡ ଫାଟି ରକ୍ତର ଧାର ବୋହିଲା । ସେ କଥା ଏବେବି ମନେ ପଡ଼ିଲେ ଦେହ ମୋର ଶୀତେଇ ଉଠୁଛି । ଆମରି ଗାଆଁ ଗଣ୍ଡାରେ ଗୋରା ପୁଲିସଙ୍କର ଦମନ ଲୀଳା ଚାଲିଲା । କେତେ ଝିଅ ବୋହୂଙ୍କ ଇଜ୍ଜତ ନେଲେ ଏଇ ଗୋରାପଲଟଣ ଦଳ । ଦେଶର ବଡ଼ ବଡ଼ ନେତାମାନେ କାରାବାସ ବରଣ କଲେ । ତା'ପରେ ଲୁଣ ମରା ଆନ୍ଦୋଳନ ଆରମ୍ଭ ହେଲା । ମହାତ୍ମା ଗାନ୍ଧିଙ୍କର ଆହ୍ୱାନ ପ୍ରତ୍ୟେକ ନର ନାରୀଙ୍କ ମନରେ ନବୀନ ଚେତନା ଖେଳାଇ ଦେଲା । ଆମ ଦେଶ କିପରି ସ୍ୱାଧୀନ ହେବ ସେଥିପାଇଁ ସମସ୍ତେ ଜୀବନ ଉତ୍ସର୍ଗ କରିବାକୁ ପଣ କଲେ । ସ୍ୱାମୀ ମୋର ସେହି ଆନ୍ଦୋଳନରେ ଯୋଗଦେଲେ । ପୁଲିସ

ଲାଠିରେ ମୁଣ୍ଡ ଫାଟିଥିଲା ତାଙ୍କର । ତାଙ୍କର ଜେଲ ଯିବା ବେଳର ଦୃଶ୍ୟ ଏବେ ବି ମୋର ମନେ ଅଛି । ପତ୍ର ପତ୍ରିକାରେ ଜୟ ଜୟକାର ଶୁଣି ଛାତି ମୋର ଫୁଲି ଉଠିଲା । ସର୍ବ ସମ୍ପତ୍ତି ହରାଇ ମୁଁ ବି ସ୍ୱାମୀ ସାଙ୍ଗରେ ଦେଶ ସେବାରେ ଜୀବନକୁ ଉତ୍ସର୍ଗ କରିଦେଲି । ଅରଟରେ ସୂତା କାଟିଲି । ଦେଶର ସ୍ୱାଧୀନତା ପାଇଁ ଗାଆଁ ଗାଆଁ ବୁଲି ପ୍ରତି ଝିଅ ବୋହୂଙ୍କ କାନରେ ଆମ ନେତାମାନଙ୍କର ବାଣୀ ପ୍ରଚାର କଲି ।

ବୁଢ଼ୀ ଏକ ଧ୍ୟାନରେ ତାର ଅତୀତ ଜୀବନର ଇତିହାସ ତୁଣ୍ଡରେ ପୁରାଣ ଗାଇଲା ପରି କହି ଯାଉଛି । ଗୌରହରି ମନ ପ୍ରାଣ ଦେଇ ବୁଢ଼ୀର ପ୍ରତ୍ୟେକ କଥା ଶୁଣିବାରେ ତନ୍ମୟ ରହିଛି ।

ବୁଢ଼ୀ କହୁଥିଲା—

ସେଦିନର କଥା ଆଜି ବି ଭୁଲିନି ବାପ ! ଭାବିଲେ ଆଜି ବି ଦେହ ମୋର ଶିଉରି ଉଠୁଛି । ଅନ୍ଧାର ରାତି । ମେଘ ଘଡ଼ ଘଡ଼ିରେ କଲିଜା ଥରି ଉଠୁଥାଏ । ସ୍ୱାମୀ ଜେଲରେ । ଘରେ ମୁଁ ଏକା । ହଠାତ୍ ଦାଣ୍ଡଦୁଆର କବାଟରେ କିଏ ଧକ୍କା ଦେଲା । ଥରେ ନୁହେଁ ଦି ଥର ନୁହେଁ, ସାତ ଆଠ ଥର ଧକ୍କା ଉପରେ ଧକ୍କା ଚାଲିଛି । କାନପାରି ଶୁଣିଲି—ଆଠ ଦଶ ଜଣ ଦାଣ୍ଡ ଦୁଆର ଆଗରେ ଠିଆ ହୋଇ କଣ କଥାବାର୍ତ୍ତା କରୁଛନ୍ତି । ଦାଣ୍ଡ ସାରା ବତୀ ଆଲୁଅ । କବାଟ ଫାଙ୍କ ଦେଇ ଯାହା ଦେଖିଲି ସେଥିରେ ମୋର ପ୍ରାଣ କାନ୍ଦି ଉଠିଲା । ଗୋରା ସିପାହୀ ହାତରେ ବନ୍ଧୁକ ଧରି ଆଠ ଦଶ ଜଣ ଠିଆ ହୋଇଛନ୍ତି । ଜଣେ ସିପାହି ବୁଟ ଯୋତାରେ କବାଟକୁ ଧକ୍କା ମାରିବାରେ ଲାଗିଛି ।—

ଗୌରହରି ଆଗ୍ରହରେ ବୁଢ଼ୀ ପାଖକୁ ଆଉ ଟିକେ ଘୁଞ୍ଚି ବସି ପଚାରିଲା—

"ତା ପରେ କଣ ହେଲା ମାଉସୀ ?"

"ତା ପର କଣ ହେଲା ? ମନରେ ଦମ୍ଭ ବାନ୍ଧି କବାଟ ପିଟାଇ ଦେଲି । ଗୋରା ଫଉଜ ଘର ଭିତରକୁ ପଶି ଆସିଲେ । ଘର ଚଉଅଧି ବୁଲି କଣ ଖୋଜିଲେ । ବାକ୍ସ ଖୋଲିଦେଲି । ସେମାନେ ବାକ୍ସରେ ଥିବା କାଗଜ ପତ୍ର ଖେଳେଇ ଦେଖିଲେ, କିଛି ପାଇଲେ ନାହିଁ ! ଶେଷରେ ମୋତେ ବାନ୍ଧି ଥାନାକୁ ମଧ୍ୟ ନେଇଗଲେ ।"

"ଥାନାରେ ତୁମକୁ କଣ ପଚରାଗଲା ?"

"ସେତେବେଳେ ମିଲିଟେରୀ ଯୁଗ । ହାକିମ ଜଣେ ଗୋରା ଅଫିସର । ଇଂରାଜୀରେ ମତେ କଣ ପଚାରିଲେ—ମୁଁ ବୁଝି ପାରିଲିନା । ସେଇଠୁ ଜଣେ ଓଡ଼ିଆ ବାବୁ ଆସିଲେ ।"

ଓଡ଼ିଆ ବାବୁଟି ମତେ କହିଲେ—

"ଆଲୋ ହେ ! ତୋ ସ୍ୱାମୀ କେଉଁଠି ଅଛି କହ ?...ନହେଲେ ସରକାର ତୋତେ ଜେଲରେ ବନ୍ଦ କରିବେ ।...ମାଡ଼ ଦେବେ ।—

କାନ୍ଦ କାନ୍ଦ ହୋଇ କହିଲି—

ମୁଁ କପରି ଜାଣିବି ବାବୁ ? ଛ'ମାସ ହେବଣି ସେ ଘରକୁ ଆସୁ ନାହାନ୍ତି ।—

ଆଉ ମତେ କିଛି ପଚରା ଗଲାନି । ସେମାନେ ନିଜ ନିଜ ମଧ୍ୟରେ କଣ କଥାବାର୍ତ୍ତା ହେଲେ । ଶେଷକୁ ମୁଁ ଛାଡ଼ ପାଇଲି । ସେହି ରାତିରେ ଘରକୁ ପଳାଇ ଆସିଲି ।

ତହିଁ ପରଦିନ ସକାଳୁ ବିଛଣାରୁ ଉଠିଚି କି ନାହିଁ ପୁଣି ଗୋରା ଫଉଜ ମୋ ଦୁଆରେ ଯାଇ ହାଜର । ମତେ ଘରୁ ବାହାର କରି ଦିଆଗଲା । ମୋ ଘରେ ଯାହା ଜିନିଷ ପତ୍ର ଥିଲା ସବୁ ନିଆଁ ଲଗାଇ ଜାଳିଦେଲେ । ଘର ଖଣ୍ଡିକ ବି ବେଦଖଲ ହେଲା । ଭୟରେ ଗାଁ ଲୋକେ କେହି ଆଶ୍ରୟ ଦେଲେ ନାହିଁ । ସେହି ଦିନ ଠାରୁ ନିଆଶ୍ରୀ ହୋଇ ବୁଲୁଥିଲି ।—

ଧୀର ଗଳାରେ ଗୌରହରି ପଚାରିଲା—

ଏଠାରେ କିପରି ସ୍ଥାନ ପାଇଲ ?

ବହୁ ଗାଆଁ ଗଣ୍ଡା ବୁଲି ସ୍ୱାମୀଙ୍କୁ ଖୋଜିଲି । କୌଣସି ଠାରେ ତାଙ୍କର ସନ୍ଧାନ ପାଇଲି ନାହିଁ । ଏହି ଗାଆଁରେ ଗୋଟିଏ ଅପର ପ୍ରାଇମେରୀ ସ୍କୁଲ ଅଛି । ସେଇଠି ମତେ ସ୍ଥାନ ମିଳିଲା । ଏ ଗାଆଁ ଲୋକେ ଏଇ ଘର ଖଣ୍ଡିକ ଛାଡ଼ି ଦେଇଛନ୍ତି—ମୁଁ ଏଇଠି ରହେ । ସ୍କୁଲରେ ଛୋଟ ଛୋଟ ପିଲାଙ୍କୁ ପଢେଇ ମୋର ଦିନ ଗୁଡିକ ଏକ ରକମ କାଟି ଯାଉଚି ! ହେଲେ ସ୍ୱାମୀଙ୍କର ଏ ଯାଏ କୌଣସି ସନ୍ଧାନ ପାଇଲି ନାହିଁ ।

ଗମ୍ଭୀର ଗଳାରେ ଗୌରହରି କହିଲା—

କାହିଁକି ? ଆମ ଦେଶରେତ ଆଉ ଗୋରା ପଲଟନ ନାହାନ୍ତି କି ସେମାନଙ୍କର ଶାସନ ଆଉ ନାହିଁ । ଆମେତ ଏଇନେ ସ୍ୱାଧୀନ ପାଇ ଛନ୍ତି । ମଉସା ଲୁଚି ରହିବାରତ ଆଉ କିଛି କାରଣ ନାହିଁ ।—

ବୁଢୀ ଧୀର ଗଳାରେ କହିଲା—

କିପରି ଜାଣିବି କହ ବାପ ? ମୋମନ କହୁଚି ସେ ନିଶ୍ଚୟ ଅଛନ୍ତି ଦିନେ ନା ଦିନେ ଫେରି ଆସିବେ ।—

"ତମକୁ ଖୋଜି ଯଦି ନ ପାଆନ୍ତି ?"

"ଗାଆଁ ଲୋକଙ୍କୁ କହି ରଖିଚି । ମଝିରେ ମଝିରେ ସେମାନଙ୍କୁ ଚିଠି ମଧ୍ୟ ଲେଖେ । ଯଦି ସେ ଫେରି ଆସିବେ ଗାଆଁ ଲୋକେ ନିଶ୍ଚୟ ମୋର ଠିକଣା କହି ଦେବେ ।—"

ଗୌରହରି ନୀରବ ରହିଲା । ବୁଢ଼ୀ ଉଠି ଯାଇ ରନ୍ଧା ରନ୍ଧି କାର୍ଯ୍ୟରେ ବ୍ୟସ୍ତ ରହିଲା ।

ଗୌରହରି ବସି ଭାବୁଥିଲା—

ବୁଢ଼ୀର ସ୍ୱାମୀ ନିଶ୍ଚୟ କେଉଁଠି ଦେଶର କାମ କରୁଛି । ହୁଏତ କୌଣସି ସଂଗଠନ ଦ୍ୱାରା ଏକ ଶକ୍ତିଶାଳୀ ଦଳ ଗଢ଼ିବାରେ ବ୍ୟସ୍ତଥିବ ଠିକେ ଠିକେ ବୁଢ଼ୀଠାରୁ ଯେଉଁ କଥା ସେ ଶୁଣିଲା ସେଥିରେ ଗୌରହରିର ଯେପରି ମନେ ହେଉଛି ତା ମତ ସାଙ୍ଗରେ ବୁଢ଼ୀ ସ୍ୱାମୀର ଯେଉଁ କାର୍ଯ୍ୟକଳାପ ଠିକ ଖାପ ଖାଇ ଯାଉଛି । ଏପରି ମହାନ ବ୍ୟକ୍ତିର ଦର୍ଶନ କରିବା ପାଇଁ ମନ ଖଣ୍ଡିକ ତାର ବ୍ୟାକୁଳ ହୋଇ ଉଠିଲା । ମନେ ମନେ ଉପାୟ ଚିନ୍ତା କରିବାକୁ ଲାଗିଲା— କି ଉପାୟରେ ବୁଢ଼ୀର ସ୍ୱାମୀକୁ ଖୋଜି ବାହାର କରାଯାଇ ପାରେ ।

ପର ମୁହୂର୍ତ୍ତିରେ ଗୌରହରିକୁ କିଏ ଯେପରି କହି ଦେଉଛି ।—

ନିଶ୍ଚୟ ପାଇବୁ । ହୃଦୟ ଦମ୍ଭ କରି କର୍ମ କ୍ଷେତ୍ରରେ ଆଗେଇ ଗଲେ ଭଗବାନ ନିଶ୍ଚୟ ସହାୟ ହେବେ ।—

ଗୌରହରି ଆଗରେ ଦେଶର ନିରନ୍ନ କାଙ୍ଗାଳମାନଙ୍କର ଅସ୍ଥିକଙ୍କାଳ ନାଚି ଉଠିଲା । ଦେଶଦ୍ରୋହୀମାନଙ୍କ କବଳରୁ ଏମାନଙ୍କୁ କିପରି ବଞ୍ଚେଇ ଏକ ଶକ୍ତିଶାଳୀ ମାନବ ଗୋଷ୍ଠି ରୂପରେ ଗଢ଼ି ତୋଳିବାର ଏକ ମନୋରମ ଦୃଶ୍ୟ ଆଖି ଆଗରେ ନାଚିବାକୁ ଲାଗିଲା । ଗୌରହରି ଭୁଲିଗଲା ତାର ପ୍ରାଣପ୍ରିୟ ଭଉଣୀ ଗୌରୀର କଥା ।—

ଦୁଇ ଘଣ୍ଟା ପରେ ବୁଢ଼ୀ ଆସି ସ୍ନେହ ମିଶା କଣ୍ଠରେ ଡାକିଲା—

ଉଠ ବାପ ! ରନ୍ଧା ସରିଲାଣି ଖାଇଦିଅ ।

ଗୌରହରି ହାତ ମୁହଁ ଧୋଇ ଖାଇ ବସିଲା ବୁଢ଼ୀ ଥାଳି ପାଖରେ ବସି ଏଟାକୁ ଖା ସେ ଭଜାଟା ଖାଇଦିଅ, ଏହିପରି କହି ଗୌରହରିକୁ ଖୁଆଇ ଦେବାକୁ ଲାଗିଲା ।

ମାତୃତ୍ୱର ମମତା ପାଇ ଗୌରହରି ସବୁ ଦୁଃଖ କଷ୍ଟ ମନରୁ ପାଶୋରି ପକାଇଲା ।

ପନ୍ଦରଟି ଦିନ ଗୌରହରିର ସମୟ ଖୁବ୍ ଆନନ୍ଦରେ କଟିଲା ।

ମନରେ କେତେ ଆଶା—ନୂଆ କଳ୍ପନା ଏହିପରି କେତେ କଣ ଭାବି ଯାଉଚି । ପର ମୁହୂର୍ତ୍ତିରେ ବିଷାଦର ଛାୟା ମୁଖ ମଣ୍ଡଳଟିକୁ ତାର ଘୋଡ଼ାଇ ରଖୁଚି । ସେ ହତାଶ ଦୃଷ୍ଟିରେ ଚାରି ଆଡକୁ ଚାହୁଁଚି, କିନ୍ତୁ କୌଣସି କୂଳ କିନାରା ପାଉନି ।

ଗୌରହରି କଣ ଚାହେଁ ? କାହିଁକି ସେ ଏତେ ଭାବୁଚି ?

ସେ ଚାହେଁ-ଆମ ଦେଶ ସ୍ୱାଧୀନ ହେଲା ! କିନ୍ତୁ ଆମ ଦେଶରୁ ଅନାଚାର ଆଉ ଅତ୍ୟାଚାର ଦୂର ହେଲାନି । ଯେଉଁମାନେ ବଡ଼ ବଡ଼ କଥା କହିଲେ ସେମାନେ ପ୍ରକୃତରେ ଜନତାଙ୍କ ମଙ୍ଗଳପାଇଁ କିଛି କରୁ ନାହାନ୍ତି । ଯିଏ କରିବ କୁ ଆଗେଇଲା—ତାକୁ ଦେଶଦ୍ରୋହୀ ବୋଲି କହି ତା ପଛରେ ନାନା ଷଡ଼ଯନ୍ତ୍ରର ଯୋଗାଡ଼ ଚାଲିଛି । ପୁଞ୍ଜିପତି ଗରିବ ମୂଲିଆର ରକ୍ତ ଶୋଷି ପୁଞ୍ଜି ବଢାଇବାରେ ବ୍ୟସ୍ତ । କିନ୍ତୁ ଗରିବମାନେ ନଖାଇ ପୋକ ମଛି ପରି ମରୁଛନ୍ତି, ଏ କଥାକୁ କେଇଜଣ ଚିନ୍ତା କରୁ ଅଛନ୍ତି ?

ଗୌରହରି ଅନ୍ତରରେ କିଏ ଯେପରି କହିଦେଲା, ପରି ସେ ଅନୁଭବ କଲା—

କାହିଁକି ; ଦେଶର ନିରନ୍ନ କାଙ୍ଗାଳ ଦଳ ସବୁ ଯଦି ମିଳିତ ହୋଇ ଦେଶରେ ଗୋଟାଏ ରେଭୁଲେସନ ଆଣନ୍ତେ ତେବେତ ଆମ ଦେଶରେ ଆଉ ଭେଦ ବାଡ଼ର ପ୍ରଶ୍ନ ଉଠନ୍ତା ନାହିଁ ;

ରେଭୁଲେସନ !—

ମନେ ମନେ ହସି ଉଠିଲା ଗୌରହରି । ରେଭୁଲେସନ ବା ବିଦ୍ରୋହର ଅର୍ଥ ଆଉ ତାର ମହତ୍ୱ ଯଦି ଆମ ଦେଶ ଲୋକେ ବୁଝିଥାନ୍ତେ ତେବେ ଆଜି ଦେଶରେ ଏପରି ଉଚ୍ଚ ନୀଚର ଭେଦ ରହି ନ ଥାନ୍ତା ;

ଯେ କେତେଜଣ ବିପ୍ଳବ କଥା ବୁଝୁଛନ୍ତି ସେହିମାନେ ଯଦି ଏକଯୁଟ ହୋଇ କିଛି କରନ୍ତେ ତେବେ ତ ଆମ ଦେଶ ଅଳ୍ପଦିନ ମଧ୍ୟରେ ଆଗେଇ ଯାଆନ୍ତା—

ଗୌରହରି ଚମକି ଉଠିଲା । ମନେ ମନେ ଭାବିଲା ସେ—ଯେଉଁମାନେ ପ୍ରକୃତରେ ବିପ୍ଳବର ଅର୍ଥ ବୁଝୁଛନ୍ତି ସେମାନେ ମୁହଁ ଖୋଲିଲେ ତ ସେମାନଙ୍କର ନାମରେ କେତେ କଣ କଥା—କେତେ ଅଇନ !—

ସେଇଥିପାଇଁ ତ ଗୌରହରି ଆଜି ଦେଶଦ୍ରୋହୀ—ଖୁଣୀ ଆସାମୀ ପଳାତକ—ଫେରାର—ସବୁ କିଛି ହୋଇଛି ।—

ହଠାତ୍ କାର କର ପରଶରେ ଗୌରହରି ଚମକି ଉଠିଲା । ଅନାଇ ଦେଖେ ତ ବୁଢ଼ୀ ଆସି ଗୌରହରିର ପଛପଟରେ ଠିଆହୋଇ ତାର ପିଠିରେ ହାତ ବୁଲେଇ ଦେଉଛି ।

ବୁଢ଼ୀ ମୃଦୁ ସ୍ୱରରେ କହିଲା—

କଣ ଭାବୁଛୁ ବାପା ?

ଗୌରହରି କହିଲା—

ଏଠି ରହିଲେ ବିପଦ । ପୁଲିସ ମୋର ପିଛା ଧରିଛି । ଖବର-କାଗଜରେ ମୋର ଫଟୋ ଛପା ଯାଇଛି । ଯଦି ମତେ ଏଠାରେ କେହି ଦେଖି ପକାଏ, ତେବେ କଣ ହେବ ମାଉସୀ ?

ବୁଢ଼ୀ ହସି ହସି କହିଲା

"ଯାହା ଘଟିଥାଏ,—ତୋ ଜୀବନରେ ସେଇଆହିଁ ଘଟିବ ।"

"ମୋ କଥାକୁ ମୁଁ ଆଦୌ ଭାବୁନି ମାଉସୀ । ମୋପାଇଁ ତମର ଅବସ୍ଥା ଯେ କଣ ହେବ, ତାହାହିଁ ମୁଁ ଚିନ୍ତା କରୁଛି ।"

"ଉପାୟ ଆଉ କଣ ଅଛି ? ଯାହା କର୍ମରେ ଥିବ ଭୋଗିବା ।"

ଗୌରହର କିଛି ଉତ୍ତର କଲନି । ନୀରବରେ ବସି କେତେ କ୍ଷଣ ଭାବିବାକୁ ଲାଗିଲା ସେ ।

କିଛି ସମୟ ପରେ କହିଲା—

ମାଉସୀ !

କଣ କହୁ ବାପ ?

ଏ ସ୍ଥାନ ଛାଡ଼ି ଅନ୍ୟ କେଉଁଠାକୁ ଚାଲିଗଲେ ଭଲ ହୁଅନ୍ତା । ଏଠାରେ ରହିଲେ ବିପଦ ଅଛି । ଏ ଗାଁ ଲୋକେ ଭଲ ନୁହନ୍ତି । ଆନ୍ୟ ସ୍ଥାନରେ ରହିଲେ, ଆମର ଯାହା କଳ୍ପନା, ତାହା କାର୍ଯ୍ୟରେ ପରିଣତ କରିହେବ । ଧୀରେ ଧୀରେ ସଂଗଠନ କାର୍ଯ୍ୟ ଚାଲିବ ।

ବୁଢ଼ୀ ନୀରବରେ କଣ ବସି ଚିନ୍ତା କରୁଥିଲା । ଗୌରହର ଉତ୍ତର ଅପେକ୍ଷାରେ ବୁଢ଼ୀର ମୁହଁକୁ ଅନାଇ ରହିଛି ।

କିଛିକ୍ଷଣ ପରେ ଧୀର ଗଳାରେ ବୁଢ଼ୀ କହିଲା—

ତୋ ସାଙ୍ଗରେ ଯିବାକୁ ମୋର ମୋଟେ ଆପତ୍ତି ନାହିଁ । ତୋତେ ଏକା ଛାଡ଼ିବାକୁ ମୋର ବି ମନ ମାନୁନି । କେଉଁ ଜନମରେ ତୁ ମୋର ପୁଅ ଥିଲୁ । ଯାହା କପାଳରେ ଥିବ ଭୋଗିବି । ତୁ ଯେଉଁଠାକୁ କହିବୁ; ମୁଁ ତୋ ସାଙ୍ଗରେ ଯିବି ।—

ଏଠାକାର ସ୍କୁଲର ମାୟା କଣ ଏଡ଼ିଦେଇ ପାରିବୁ ମାଉସୀ ?

ତୋ ପାଇଁ ଜୀବନ ପର୍ଯ୍ୟନ୍ତ ଦେବାକୁ ତିଆର ଅଛି, ସ୍କୁଲ ମାୟାତ ଅତି ସାମାନ୍ୟ କଥା !

ଗୌରହରର ପ୍ରାଣ ଆନନ୍ଦରେ ନାଚି ଉଠିଲା । ସେ ଉଠିଯାଇ ବୁଢ଼ୀର ପାଦଧୂଳି ଆଣି ମୁଣ୍ଡରେ ମାରି କହିଲା—

ଆଉ ବିଳମ୍ବ କରି ଲାଭ ନାହିଁ ମାଉସୀ । ଏଇ ରାତାରାତି ପଳାଇଯିବା ଭଲ ।

ବୁଢ଼ୀ ସାନ୍ତ୍ୱନା ଦେଇ କହିଲା—

ଆଜି ରାତା ରାତି ଯିବା ଠିକ ହେବନି । ଗ୍ରାମବାସୀମାନଙ୍କର ମୋ ପ୍ରତି ଯେମିତି ମମତା, ସେମାନଙ୍କୁ କହି ବୋଲି ଯିବା ଠିକ । ସ୍କୁଲର ଗୋଟାଏ ବ୍ୟବସ୍ଥା କରି ମାଷ୍ଟ୍ରପ୍ୟ ତୋତେ ସାଙ୍ଗରେ ନେଇ ଚାଲିଯିବି । ମୋର ଆଉ କିଏ ଅଛି କହ ବାପ । ଶେଷକୁ ବୁଢୀର ତୁହି ସବୁ ।

ଗୌରହରି ଆଉ କିଛି କହିଲାନି । ରାତି ଅନେକ ହୋଇ ଯାଇଥିଲା । ଧୀରେ ଧୀରେ ଉଠିଯାଇ ବିଛଣାରେ ଶୋଇ ପଡ଼ିଲା ସେ । ବୁଢୀ ଗୌରହରିର ଦେହରେ ଚଦର ଖଣ୍ଡିକ ଘୋଡ଼ାଇ ଦେଇ କହିଲା—

ସ୍ୱପ୍ନରେ ଯାହାର ଜୀବନ ଗଢା, ସେହି ସ୍ୱପ୍ନରେ ଥାଏ ତାର ପ୍ରକୃତ ଆନନ୍ଦ ।

ଗୌରହରି କହିଲା—

“ସେଇ ଆନନ୍ଦକୁ ଚିରଦିନ ପାଇଁ ସାଇତି ରଖିବା ପାଇଁ ମୋତେ ପ୍ରେରଣା ଦିଅ ମାଆ ।”

ବୁଢ଼ୀ ମୃଦୁ ହସି କହିଲା—

“ପାଗଳ !”

* * *

ଛି କାନ୍ଦୁଛୁ ଝିଅ ?

ଆଉ ଯେ ସହି ପାରୁନି ବାବା ! ଏ ଲୋକ ଗୁଡ଼ାକ ଦାଉରୁ ନିଜକୁ କେମିତି ବଞ୍ଚେଇ ବାଟ ଚାଲିବି ?

ଦୁନିଆଁକୁ ଚିହ୍ନିବା ବଡ଼ କଠିନ । ...ଟିକିଏ ଅସାବଧାନ

ତେବେ ନିଜର ସର୍ବସ୍ୱ ହରାଇବାକୁ ପଡ଼ବ । ଖସଡ଼ା ବାଟରେ ଗୋଡ଼ ଟିପି ଟିପି ଚାଲିବା ବିବେକୀ ଲୋକର କାମ ।

କଇଁ କଇଁ ହୋଇ କାନ୍ଦ ଉଠିଲା ଗୌରୀ । ବୁଢ଼ାଟି ଗୌରୀର ମୁଣ୍ଡକୁ ନିଜ ଛାତି ଉପରକୁ ଆଉଜାଇ ଆଣି ସ୍ନେହରେ ପୁଣି କହିଲା—

କାଲିଠାରୁ ଆଉ ତୋତେ କେଉଁଆଡ଼କୁ ଛାଡ଼ିବି ନାହିଁ । ତୁ ଘରେ ରହିବୁ । ମୁଁ ଏଥର ବୁଲି ବାହାରିବି ।

ଗୌରୀ କାନ୍ଦ କାନ୍ଦ ହୋଇ କହିଲା—

ସେ କଥା ହୋଇପାରିବନି ବାବା ! ତୁମେ ବୁଢ଼ା ହେଲଣି ସହର ଯାଗା ଇଏ··· । ଗାଡ଼ି ଘୋଡ଼ା··· । କେତେବେଳେ କେଉଁ କଥା··· ।

ବୁଢ଼ାଟି ହସି ହସି କହିଲା—

ଦୁର୍ ପାଗଳି ! ବାହାରକୁ ନ ଗଲେ ଯେ ଭୋକ ଉପାସରେ ମରିବା । ମୋ ସାମନାରେ ଖାଇବା ବିନା ତୁ କଷ୍ଟ ପାଇବୁ, ମୁଁ କଣ ସହି ପାରିବି ? ନା-ନା, ତା ହୋଇ ପାରିବନି । ମୁଁ କାଲିଠୁ ଚାକିରି ଖୋଜି ବାହାରିବି—

ଧୀର ଗଳାରେ ଗୌରୀ କହିଲା—

କରମରେ ଯାହା ଭୋଗିବାକୁ ଥିବ ଭୋଗିବି ପଛେ, କିନ୍ତୁ ତମକୁ ଏ ବୁଢ଼ା ବୟସରେ କଷ୍ଟ କରିବାକୁ ଦେବିନି । ତମେ କାଲିଠୁ ଏ ଘରୁ ପଦାକୁ ବାହାରିବନି । ମୁଁ ଯିବି ଚାକିରି ଖୋଜି— ।

ବ୍ୟସ୍ତ ହୋଇ ବୁଢ଼ା କହିଲା—

"ନା' ମା ! ତା ହୋଇ ପାରିବନି । ତୋତେ ପଦାକୁ ମୋଟେ ଆଉ ଛାଡ଼ିଦେବି ନାହିଁ ।"

ଗୌରୀ ବୁଢା କଥାରେ କିଛି ଉତ୍ତର ନଦେଇ ମନେ ମନେ କଣ ଚିନ୍ତା କରିବାକୁ ଲଗିଲା । କିଛି ସମୟ ପରେ ଧୀର ଗଳାରେ ଡାକିଲା—

"ବାବା !"

"କଣ ମା ! "

"କାଲି ବଜାରରୁ ମୋ ପାଇଁ ଗୋଟିଏ ଜାମା ଆଉ ଗୋଟିଏ ପ୍ୟାଣ୍ଟ ଆଣି ଦେଇ ପାରିବ ?"

ବୁଢା ଆଶ୍ଚର୍ଯ୍ୟରେ ଗୌରୀ ମୁହଁକୁ ଅନାଇ କହିଲା—

"ଜାମା ପ୍ୟାଣ୍ଟ କଣ କରିବୁ ମା ? "

ଗୌରୀ ଧୀର ଗଳାରେ କହିଲା—

"ଚିନ୍ତାବା । ପୁରୁଷ ବେଶରେ ରହିଲେ ବେଶ୍ ଆନନ୍ଦରେ ମର ଦିନ କଟିଯିବ । ଯେ କୌଣସି ଯାଗାକୁ ଯାଇ ମନ ଇଚ୍ଛା ଲି ଗୃହକାର୍ଯ୍ୟ ଖୋଜି ପାରିବା । ତମେ ଆଉ ଅମତ ହୁଅନି ବାବା ! ମା ପାଇଁ ନିଶ୍ଚୟ ଜାମା ପ୍ୟାଣ୍ଟ ଆଣି ଦେବ—।"

ବୁଢା ମୃଦୁ ହସି କହିଲା—

"ଆଚ୍ଛା ! ଆଚ୍ଛା । ରାତି ଆଗ ପାହୁ ! କାଲି ସେ କଥା ବିଚାର ରିବା—।"

ଗୌରୀ କହିଲା—

"ନା ବାବା । ମତେ ଭୁଲେଇଲେ ମୁଁ ମୋଟେ ଭୁଲିବିନି ଗ କହିଲ—ଜାମା ପ୍ୟାଣ୍ଟ ମୋ ପାଇଁ ଆଣିବକି ନାହିଁ ?

ବୁଢା ସେହିପରି ହସି ହସି କହିଲା—

"ମୁଁ ଜାଣେ—ଯେଉଁ କଥାରେ ତୋର ଜିଦ୍ ସେହି କଥାକୁ କରିବା ଯାଏ ଛାଡ଼ିବୁ ନାହିଁ । କାଲିଟରେ ତୋ ଜାମା ପ୍ୟାଣ୍ଟ ନିଶ୍ଚୟ ଣିବ । ରାତି ଅନେକ ହେଲାଣି । ଏଥର ଶୋଇ ପଡ଼ ।"

ଗୌରୀର ମନ ଆନନ୍ଦରେ ନାଚି ଉଠିଲା । ବୁଢ଼ା ପାଖରୁ ଉଠି-ଯାଇ ନିଜ ବିଛଣାରେ ଶୋଇ ପଡ଼ିଲା । ବୁଢ଼ା ମଧ୍ୟ ଜଗନ୍ନାଥଙ୍କୁ ନମସ୍କାର ଜଣାଇ ବିଛଣା ଧରିଲା ।

ପରଦିନ ସକାଳୁ ନିତ୍ୟକର୍ମ ସାରି ବୁଢ଼ା ଆଗ ବଜାରକୁ ବାହାରିଲା । ଗୌରୀ ପଛରୁ ଡାକି କହିଲା—

"ବାବା ବଜାରକୁ ଯାଉଛ । ପାଖରେତ ଟଙ୍କା ନାହିଁ । ଜାମା ପ୍ୟାଣ୍ଟ ଆଣିବ କିପରି ?"

ବୁଢ଼ା ଅର୍ଥଶୂନ୍ୟ ଦୃଷ୍ଟିରେ ଗୌରୀର ମୁହଁକୁ ଅନାଇଁ ରହିଲା । ଗୌରୀ ବୁଢ଼ା ପାଖକୁ ଯାଇ ଦୁଇଟି କାନଫୁଲ ଦେଇ କହିଲା—

"ଏକୁ ବିକି ଯାହା ଟଙ୍କା ହେବ ସେଇଥିରେ ଜାମା ପ୍ୟାଣ୍ଟ କିଣି ଆଣିବ—।"

ବୁଢ଼ାର କାନଫୁଲ ଦୋ'ଟି ଗୌରୀ ହାତରୁ ନେବାକୁ ଇଚ୍ଛା ନଥିଲେବି ଅବସ୍ଥା ଚାପରେ ପଡ଼ି ଗ୍ରହଣ କରିବାକୁ ବାଧ୍ୟ ହେଲା ।

ଗୌରୀ କାନଫୁଲ ଦୋ'ଟି ଦେଇ ଅତି ଆଗ୍ରହରେ କହିଲା—

"ଶୀଘ୍ର ଫେରିଆସ ବାବା ! ମୁଁ କଣ ଦ'ଟା ରାନ୍ଧି ଦେଉଛି । ଆସିଲେ ବାପ-ଝିଅ ସାଙ୍ଗ ହୋଇ ଖାଇବା ।"

ଗାମୁଛା କାନରେ ଲୁହ ପୋଛି ପୋଛି ବୁଢ଼ା ଚାଲି ଯାଉଥିଲା । ବୁଢ଼ାର ଯିବା ବାଟକୁ ଅନାଇଁ ଗୌରୀ ଦୀର୍ଘ ନିଶ୍ୱାସ ପକାଇ ଘର ଭିତରକୁ ଲେଉଟି ଆସିଲା ।

ବୁଢ଼ା ଯେତେବେଳେ ବଜାରରୁ ଫେରିଆସି କାଗଜ ପୁଡ଼ିଆଟି ଗୌରୀ ହାତକୁ ବଢ଼ାଇ ଦେଲା ଆଗ୍ରହରେ ଗୌରୀ କାଗଜ ପୁଡ଼ିଆଟି ଖୋଲି ଦେଖେତ—ସୁନ୍ଦର ଗାର ଗାରିକା ଦୁଇଖଣ୍ଡି କମିଜ, ଆଉ ଦୁଇଟି ଫୁଲପ୍ୟାଣ୍ଟ । ଆଉ ଦଶ ପନ୍ଦର ହାତ ଲମ୍ବା ଗୋଟିଏ ଥଳା ସରୁ କନା । ଗୌରୀ ଥଳା କନାଟି ହାତରେ ଧରି କହିଲା—

"ଏ ଧଳା କନା କାହିଁକି ଆଣିଲ ବାବା ?"

ବୁଢା ମୃଦୁ ହସି କହିଲା—

"ମୁଣ୍ଡର କେଶକୁ ଲୁଚାଇବା ପାଇଁ ଗୋଟିଏ ପାଗ ତ ଦରକାର ?···ସେଥିପାଇଁ କିଣି ଆଣିଲି—।"

ଗୌରୀ କହିଲା—

"ପୁରୁଷ ବେଶରେ ସଦାବେଳେ ରହିବି ସେତେବେଳେ ପାଗ ାହିଁକି ମୁଣ୍ଡରେ ରହିବ ? ଓଡିଆ ଲୋକ କେଇଟା ପାଗ ବାନ୍ଧୁଛନ୍ତି । ଇଂରେଜୀର ଜାତୀୟତା ଚିହ୍ନ ପାଗ । ଏ କଥା କେଇଟା ଲୋକ ବୁଝନ୍ତି ? ଉତ୍କଳ ମାତାର ଜଣେ ପୁଅ ଥିଲେ ସେ ସେ କେବଳ ପାଗର ମହତ୍ତ୍ୱ ବୁଝୁଥିଲେ । ସେ ହେଉଛନ୍ତି ମଧୁବାବୁ । ଆଜିକାଲି ପ ଗ ବାନ୍ଧିଲେ କେତେ ଲୋକଙ୍କ ମନରେ କେତେ କଥା । ତା ଛଡା] କେଶକୁ କାଟି ଠିକ ପୁରୁଷଙ୍କ ପରି ଘୁଣ୍ଟା ଲାଗିଲେ ଆଉ କାହାର]ନ୍ଦେହ ରହିବନି—।"

ବୁଢା କରୁଣ ଦୃଷ୍ଟିରେ ଗୌରୀର ମୁହଁକୁ ଅନାଇ ଧୀର କଣ୍ଠରେ ହିଲା—

"ନାରୀର ସୌନ୍ଦର୍ଯ୍ୟ ଏଇ କେଶ—ଯାହାପାଇଁ ନାରୀର ଗର୍ବ—ଗୌରବ—ସବୁ କିଛି ।··ତାକୁ କାଟି ତୋର ସୌନ୍ଦର୍ଯ୍ୟ ନଷ୍ଟ କରିଦବାକୁ ଚାହୁଁ ଗୌରୀ ?"

ମ୍ଲାନହସି ଗୌରୀ ଅବିଚଳିତ କଣ୍ଠରେ କହିଲା—

"ବାବା ! ମୋର ଭାଇକୁ ନ ପାଇବା ପର୍ଯ୍ୟନ୍ତ ମୁଁ ଏହିପରି ପୁରୁଷ ବେଶରେ ତମରି ସାଙ୍ଗରେ ଦେଶ ବିଦେଶ ବୁଲିବି । ମୋର ଂସାର ସୁଖ ଲୋଡା ନାହିଁ କି ନାରୀର ସୌନ୍ଦର୍ଯ୍ୟ ଲୋଡ଼ା ନାହିଁ । ୟ।ତେ ମୋ ଭାଇ ମିଳିଲେ ମୁଁ ସଂସାରର ସବୁ ସୁଖ ପାଇଲି ବୋଲି ବି କରିବି ।—

ବୁଢ଼ା ନୀରବରେ ଗୌରୀର କଥା ଶୁଣୁଥିଲା । ଆଉ ମନେ ମନେ ଭାବୁଥିଲା—ଗୌରୀର ଭାଇକୁ ସେ ଖୋଜି ବାହାର କରିବ ।

କିଛିକ୍ଷଣ ପରେ ବୁଢ଼ା ଧୀର ଗଳାରେ କହିଲା—

"କାଲିଠୁ ଏଠାରୁ ବାହାରି ଅନ୍ୟଠି ବସା ବାନ୍ଧି ରହିବା ?"

ଗୌରୀ କହିଲା—

"ହଁ ବାବା । କାଲିଠୁ ଆମକୁ ଏ ସ୍ଥାନ ତ୍ୟାଗ କରିବାକୁ ପଡ଼ିବ ।"

"ତେବେ ତୁ ଘରେ ଥା ମା । ମୁଁ ଯାଉଚି ଆଜିକି ପାଇଁ ଖାଇବା ଯୋଗାଡ଼ କରି ଆଣେ—।"

ଇହିବା ସଙ୍ଗେ ସଙ୍ଗେ ବୁଢ଼ା ଘର ଭିତରୁ ବାହାରି ପଡ଼ିଲା ମଦାକୁ । ବୁଢ଼ା ଚାଲି ଯିବା ପରେ ଗୌରୀ ଘର ଭିତରେ ବସି ପିନ୍ଧିବାପାଇଁ ଜାମା ପ୍ୟାଣ୍ଟ ଠିକ୍ କରୁ କରୁ ମନେ ମନେ ଭାବୁଥିଲା—ଭଗବାନଙ୍କ ନିକଟରେ ଏକି ପରୀକ୍ଷା—ଆଜି ଅସହାୟଙ୍କ ପରି ନିଜର କୁମାରୀତ୍ୱକୁ କଳଙ୍କରୁ ମୁକ୍ତ କରିବା ପାଇଁ ସେ ପୁରୁଷ ବେଶରେ ରାସ୍ତା ଘାଟରେ ବୁଲିବାକୁ ବାହାରିଚି । ଏହି ପୁରୁଷ ବେଶରେହିଁ ତାର ଶେଷ ଜୀବନ କଟି ଯେ ନଯିବ ଏ କଥା କିଏ କହିପାରେ ?

ଗୌରୀ ପ୍ୟାଣ୍ଟ ପିନ୍ଧି ସାରି ଦେହରେ ଗେଞ୍ଜି ପିନ୍ଧିଲା । ତାପରେ କମିଜ । ଅଇନା ପାଖରେ ଛିଡ଼ା ହୋଇ ନିଜର ରୂପକୁ ନିରିକ୍ଷଣ କଲା । ସୁପୁରୁଷ—ନିଜର ରୂପ ଦେଖି ନିଜେ ମୁଗ୍ଧ ହୋଇ ଗଲା ସେ । ପରକ୍ଷଣରେ ମୁଣ୍ଡର କେଶ ବିଡ଼ାଟି ଉପରେ ହାତ ବୁଲାଇଲା । ଅତି ଯତ୍ନରେ ବଢ଼ାଇଥିବା କେଶଗୁଡ଼ିକୁ କିପରିଭାବେ ଲୁଚାଇବ ସେ ? ସତେ କଣ କାଟି ପକାଇବ ? ମନେ ମନେ ଶିହରି ଉଠିଲା ଗୌରୀ । କେତେ ଯତ୍ନରେ ବଢାଇଚି । ନାରୀର ସୌନ୍ଦର୍ଯ୍ୟ ଏହି କେଶ । ଅନ୍ତର ତା'ର କାନ୍ଦି ଉଠିଲା । ସୁନ୍ଦର କେଶଗୁଡ଼ିକ

କାଟି ଫିଙ୍ଗି ଦେବକି ନାହିଁ ସେହି କଥାକୁ ମନେ ମନେ ଭାବିବାକୁ ଲାଗିଲା ସେ ।

କିଛି ସମୟ ପରେ ବୁଢ଼ା ବଜାରରୁ ସଉଦା ନେଇ ଫେରି ଆସିଲା । ଗୌରୀକୁ ପୁରୁଷ ବେଶରେ ଦେଖି ହସି ହସି କହିଲା—

"ବାଃ ! ସୁନ୍ଦର ପୁଅଟିଏ ତ ! ଏ ବେଶରେ ରହିଲେ କାହାରି ସନ୍ଦେହ କରିବାର ଉପାୟ ନ ଥିବ । କିନ୍ତୁ···

ମୃଦୁହସି ଗୌରୀ କହିଲା—

"କିନ୍ତୁ କଣ ବାବା ?"

"ଏଇ କେଶ ପେଣ୍ଡାଟି କଣ ହେବ ?"

"ସେ କଥା ଚିନ୍ତା କରନି ବାବା ! ଥରେଇ କହୁଚି ଏକୁ କାଟି ପକାଇବି । ପୁରୁଷଙ୍କ ପରି କେଶ ବାଗେଇ କୁଣ୍ଡାଇବି । ତମେ ମୋ ପାଇଁ ଗୋଟିଏ କଇଁଚି ଆଣି ଦିଅ ବାବା ।"

ବୁଢ଼ା ମନକୁ ମନ ଦଣ୍ଡେ କଣ ଭାବିଲା । ପର ମୁହୂର୍ତ୍ତରେ କହିଲା—

"ହଉ । ତୁ ରନ୍ଧାରନ୍ଧି କରୁଥା । ମୁଁ ଯାଉଚି ତୋ ପାଇଁ ଗୋଟାଏ କଇଁଚି କିଣି ଆଣିବି—।"

ବୁଢ଼ା ପୁଣି ବଜାରକୁ ବାହାରିଗଲା । ଗୌରୀ ସେହିପରି ପୁରୁଷ ବେଶ ପିନ୍ଧି ଚୁଲି ଧରାଇବା ପାଇଁ ଜାଳେଣି କାଠ ଠିକ କରିବାରେ ଲାଗିଲା ।

ହାତରେ ଗୋଟିଏ କଇଁଚି ଧରି ବୁଢ଼ା ଫେରି ଆସିଲା । ଗୌରୀ ହାତକୁ ବଢ଼ାଇ ଦେଇ କହିଲା ସେ—

"ନେ କଇଁଚିରେ ଆଗ ମୁଣ୍ଡର କେଶ ଗୁଡ଼ିକ ସୁନ୍ଦର ଭାବେ କାଟି ପକା । ମୁଁ ଭାତ ରାନ୍ଧୁଚି ।"

ଗୌରୀ କଇଁଚି ଧରି ନିଜର କେଶ ପୁଳା ପୁଳା କରି କାଟିବାରେ ଲାଗିଲା ।

ମୁଣ୍ଡଟି ଚକ୍‌ଚକଣ କରି କାଟି କେଶ ଗୁଡ଼ିକ ମଞ୍ଚି କୋଠାରେ ସୁନ୍ଦର କରି ଥୋଇଲା । ମନେ ମନେ ଆଶ୍ଚର୍ଯ୍ୟ ହେଲା ସେ । କଳା ମେଘ ପରି ସୁନ୍ଦର କେଶ ପେଣ୍ଡାଟି ତାର । ଯେତେବେଳେ ବେଣୀଟି ପଛ ପଟରେ ଓହ୍ଲାଇ ବାଟ ଚାଲେ ଭାରି ସୁନ୍ଦର ଦେଖାଯାଏ । କେତେ ଯତ୍ନରେ ବଢାଇ ଥିଲା ଗୌରୀ । ଆଜି ସେହି କେଶକୁ ପୁଣି ନିଜ ହାତରେ କାଟି ପକାଇଲା ସେ ।

ଗୌରୀର ଆଖି ଲୁହରେ ଭରି ଆସିଲା । କାଇଁ କାଇଁ ହୋଇ କାନ୍ଦି ଉଠିଲା ସେ ।

ରନ୍ଧା ଶେଷ କରି ବୁଢ଼ା ଯେତେବେଳେ ଗୌରୀ ପାଖକୁ ଫେରି ଆସି ଦେଖେ—ଗୌରୀ ବିରସ ମନରେ ବସିଛି । ମୁଣ୍ଡର କେଶ କାଇଁଚିରେ କଟା ହୋଇ ତଳେ ଗୁଡ଼ା ହୋଇ ଥୁଆ ହୋଇଛି । ଧୀରେ ଗଳାରେ ବୁଢ଼ା କହିଲା—

"ଏପରି ମନଦୁଃଖରେ ବସିବାକୁ ଯଦି ଇଚ୍ଛା ଥିଲା ତେବେ ମୁଣ୍ଡର କେଶ ଗୁଡ଼ିକ କାଟିଲୁ କାହିଁକି ?"

ଗୌରୀ ବୁଢ଼ାର ମୁହଁକୁ ଅନାଇଁ ହସିବାକୁ ଚେଷ୍ଟା କଲା ମାତ୍ର ହସି ପାରିଲାନି । କାଇଁ କାଇଁ ହୋଇ କାନ୍ଦି ଉଠିଲା ।

ବୁଢ଼ା ଗୌରୀକୁ ନିଜ କୋଳକୁ ଆଉଜାଇ ଆଣି ସାନ୍ତ୍ୱନା ଦେଇ କହିଲା—

"ଛି ମା ! କାନ୍ଦେନି । କଠିନ ଦୁନିଆ ଭିତରେ ବାସ କରିବାକୁ ହେଲେ ନିଜର ବୁଦ୍ଧି ବିବେକକୁ ସଜାଗ କରି ବାଟ ଚାଲିବାକୁ ହୁଏ । ଭଗବାନ ତୋତେ ସେହି ଶକ୍ତି ଦେଇଛନ୍ତି ।

ନିଶ୍ଚୟ ତୋର ମନୋକାମନା ପୂର୍ଣ୍ଣ ହେବ । କର୍ତ୍ତବ୍ୟ କାମରେ ଆଗେଇ ଯିବା ଆମର ଧର୍ମ ।"

ଗୌରୀ ଆଖିରୁ ଲୁହ ପୋଛି ଧୀର ଗଳାରେ କହିଲା—

"ବାବା ! ମୁଁ ବଡ ଦୁର୍ବଳ ହୋଇ ପଡ଼ୁଛି । କେତେଦିନ ଏମିତିରେ ମତେ ସଙ୍ଗରେ ଧରି ବୁଲିବ ? ଏ ଥାନରୁ ସେଥାନ ହୋଇ ହୋଇ ମୁଁ ଯେ ଥକି ପଡ଼ିଲିଣି ବାବା—"

ବୁଢା କହିଲା—

"ସେହି ଦୟାମୟଙ୍କ ଇଚ୍ଛା ମା ! ସେ ଯେତେବେଳେ ଯେଉଁ ଅଡ଼କୁ ବାଟ ବତେଇବେ ଆମକୁ ସେଇ ଅଡ଼କୁ ଆଗେଇ ଯିବାକୁ ହେବ—।"

"ଏ ଯାଗା ଛାଡ଼ି ପୁଣି ଆମେ କୁଆଡେ଼ ଯିବା ବାବା ?"

ଆଜି ଦିନଟା ବିତୁ ତାପରେ ଯେଉଁଠାକୁ ଯିବା ସେକଥା ଠିକ ହେବ ।"

ମୃଦୁ ହସି ଗୌରୀ କହିଲା—

"କେଶ ଗୁଡ଼ିକ କାଟି ପକାଇଲି । ଏଥର ମୁଁ କିପରି ଦେଖା ଯାଉଛି ବାବା ?"

"ଭାରି ସୁନ୍ଦର ! ଠିକ ବାଳୀପୁଅ ପରି । କିନ୍ତୁ ସୁନ୍ଦର ଭାବେ କେଶ ତ କାଟି ପାରିନୁ ମା' ?"

ଆଉ କିପରି କାଟିଥା'ନ୍ତି ?"

"ତୁ ଥିର ହୋଇ ବସ ମୁଁ ସୁନ୍ଦର କରି କେଶ କାଟି ଦେଉଛି—"

କହିବା ସଙ୍ଗେ ସଙ୍ଗେ ବୁଢା ଉଠିଯାଇ ଘରେ ଥୁଆ ହୋଇ-ଥିବା ପାନିଅଟିକୁ ଉଠାଇ ଆଣି ଗୌରୀର କେଶକୁ କଇଁଚିରେ ମିଳେଇ କାଟିବାକୁ ଲାଗିଲା ।

ଅଧଘଣ୍ଟା ପରେ ଗୌରୀ ଯେତେବେଳେ ଉଠିଯାଇ ଅଇନା ପାଖରେ ଠିଆ ହୋଇ ନିଜର ଚେହେରା ଦେଖେ—ଠିକ ପୁଅଟି ପରି ସେ ଦେଖାଗଲା। ବୁଢାବାବା ତା'ର ମୁଣ୍ଡର କେଶଗୁଡ଼ିକୁ କଇଁଚିରେ କାଟି ସୁନ୍ଦର ଟେରିଟିଏ ବାଢେଇ ଦେଇଛି। ନିଜ ଚେହେରା ଦେଖି ହସି ଉଠିଲା ଗୌରୀ।

ବୁଢା ଗୌରୀ ମୁହଁକୁ ଅନାଇ ହସି ହସି କହିଲା—

“ଏଥର ହେଲିନ ମା ?”

ଗୌରୀ କହିଲା—

“ମା’ କିଏ ବାବା ? ଏଠାରେ ମା’ ନାହିଁ-ପୁଅ ବୋଲି କୁହ !”

ବୁଢା ହସି ହସି କହିଲା—

“ଆଚ୍ଛା ! ଅଚ୍ଛା ! ଏଥର ପୁଅ ବୋଲି କହିବି। ଆଗ ଚୁଲିବୁଡି ଖାଇବା। ତେଣେ ଭାତ ଧା’ ଶୁଖି ଯିବଣି—।”

ଦୁହେଁ ଉଠିଯାଇ ଖାଇ ବସିଲେ।

ଖାଇବା ଶେଷ କରି ବୁଢାର ଗୋଡ ମୋଡ଼ି ଦେଉଁ ଦେଉଁ ଗୌରୀ କହିଲା—

“ବାବା।”

ବୁଢା ଧୀର ଗଳାରେ ଉତ୍ତର ଦେଲା—

“କଣ କହ ?”

“ମତେ ଏଥର କଣ ବୋଲି ଡାକିବ ?”

ବୁଢା ମନେ ମନେ କିଛି ସମୟ ଚିନ୍ତା କରି କହିଲା—

“ତୋ ନାଆଁ ଆଜିଠାରୁ ରହିଲା ଗୋବରଧନ। ମୁଁ ଗୋବ ବୋଲି ଡାକିବି—।”

ଗୌରୀ ମନେ ମନେ ଖୁସି ହେଲା। ସେ ଆଉ ଗୌରୀ ନୁହେଁ। ନାଆଁ ତାର ଗୋବର୍ଦ୍ଧନ ! ସେ ଝିଅ ନୁହେଁ—ପୁଅ।

ଆଳାପ ଆଲୋଚନା ଭିତର ଦେଇ ସାରା ଦିନଟି ବେଶ ହସ ଖୁସିରେ ଦୁଇ ଜଣଙ୍କର କଟିଗଲା ।

ସନ୍ଧ୍ୟା ସମୟ ଗଡ଼ି ଗଲାଣି । ପାଖ ଠାକୁର ମନ୍ଦିରରୁ ଘଣ୍ଟା ଆରତୀର ନାଦ ଶୁଭୁଛି । ବୁଢ଼ା ଗମ୍ଭୀର ଭାବରେ କଣ ବସି ଚିନ୍ତା କରୁଛି । ଗୋବର୍ଦ୍ଧନ ନିଜର ଭାଗ୍ୟ ଖୋଳି ମନକୁ ମନ କଣ ଚଳିଖି ଗୁଳୁଛି ।

"କଣ ଦି'ଟା ଖାଇ ଦେଇ ଶୋଇ ପଡ଼...ଆମକୁ ପାହାନ୍ତା ପ୍ରହରରୁ ଏଠୁ ଗୁଳିଯିବାକୁ ହେବ ।"

ଆଶ୍ଚର୍ଯ୍ୟରେ ଗୋବର୍ଦ୍ଧନ ବୁଢ଼ାର ମୁହଁକୁ ଅନାଇ କହିଲା—

ପାହାନ୍ତା ପ୍ରହରରୁ ଏଠୁ ଗୁଳିଯିବା ? "କେଉଁଠାକୁ ଯିବା ବାବା ?"

ବୁଢ଼ା ଗମ୍ଭୀର ହୋଇ କହିଲା—

"କେଉଁଠି ଯେ ରହିବା ତାର କୌଣସି ଠିକଣା ନାହିଁ । ତେବେ ଜଗନ୍ନାଥ ଖାଡ଼ନ ଦେଇ ଦକ୍ଷିଣ ମୁହାଁ ହୋଇ ଯାଉ ଯାଉ ଯେତେ ବାଟ ଯାଇ ପାରିବା ।—"

ନୀରବ ରହିଲା ଗୋବର୍ଦ୍ଧନ—କିଛି ଆଉ କହୁନାହିଁ । ଗୋଟିଏ ଥାଳିରେ ଗାଆଁ ବେଲର ପଖାଳ ଶୁଖାଇଥିବା ଭାତ ଆଣି ବୁଢ଼ା ପାଖରେ ଥୋଇଦେଇ କହିଲା—

"ଏଥର ଖାଇବା ଆସ ବାବା !"

ଦୁହେଁ ଖାଇ ବସିଲେ । କାହାରି ମୁହଁରେ ଭାଷା ନାହିଁ । ସେଁ ଦୁହିଁଙ୍କ ଭାବରେ ମଜ୍ଜି ଯାଇଛନ୍ତି ।

ସେହି ନୀରବତା ଭିତରେ ଦୁଇଜଣଙ୍କର ଖାଇବା ଶେଷ ହୋଇଗଲା । ଗୋବର୍ଦ୍ଧନ ଥାଳିଟି ଧୋଇ ପରିଷ୍କାର କରି ଶୋଇବା ଲୁଗା ପାରିଲା । ବୁଢ଼ା ବିଛଣାରେ ଶୋଇ ରହିଲା । ଗୋବର୍ଦ୍ଧନ ମଧ୍ୟ ନିଜ ବିଛଣାରେ ଶୋଇ ବାକୁଗଲା ।

କାହାରେ ଆଖିକୁ ନିଦ ନାହିଁ । ମୋର ଗୃଢ଼ ଭାବୁଚ ନିଜ କଥା ।—

“ବାପ ମାଆଙ୍କର ଅଳିଅଳି ଝିଅ । କେତେ ସ୍ନେହ କେତେ ଯତ୍ନରେ ବଢ଼ି ଆସିଚ । ବାପ ମାଆ ମରିଗଲା ପରେ ଭାଇର ସ୍ନେହ ଆଦର ପାଇ ସବୁ କଥା ଭୁଲି ଥିଲା । ଦୁଃଖୀ କେଣ ଜାଣି ନଥିଲା ସେ ଆଜି ସେହି ଭାଇ ତାଠାରୁ ବିଚ୍ଛିନ୍ନ ହୋଇ କେଉଁଠି କାପ ଅବସ୍ଥାରେ ଥିବ । ଏହି କଥା ଭାବିଲା ବେଳକୁ ପ୍ରାଣ ଭିତରଟା ତାର କାନ୍ଦି ଉଠିଲା । ଅଜାଣତରେ ଆଖିରୁ ତାର ଲୁହଧାର ବୋହିଲା ମନକୁ ସାନ୍ତ୍ୱନା ଦେଲେବି ଅମାନିଆ ମନ ଖଣ୍ଡିକ ତାର ମୋଟେ ବୁଝୁନି । ଏକା ନାହି ଦଣ୍ଡ—ଗୋଟିଏ ବୃନ୍ତରେ ଦୁଇଟି ଫୁଲ ପରି ଭାଇ ଭଉଣୀ ଦି'ଜଣ । ଏଇଲାଟି ଦିନୁ ଏକା ସଙ୍ଗରେ ହସି ଖେଳି ଆଜି ଦଣ୍ଡେ ଦୁହିଙ୍କ ଠାରୁ ବିଚ୍ଛିନ୍ନ । ମନକୁ ଯେତେ ବୁଝାଇଲେ ବୁଝିବ କିଅଁ ?

ପର ମୁହୂର୍ତ୍ତରେ ଭାବିଲା ସେ—

“ସତେ କଣ ଭାଇ ତାର ଦେଶଦ୍ରୋହୀ ? ପ୍ରକୃତରେ କ ସେ ହତ୍ୟାକାରୀ ?

ପଲକ ଦୁଇଟି ଖୋଲି ଘରଆଡ଼କୁ ଅନାଇଲା । କିନ୍ତୁ ଅନ୍ଧା ଘରେ କିଏ ଦେଖିବ ସେ ? ତାର ପ୍ରଶ୍ନବାଚୀ ଆଖି ଦୁଇଟିର କି ଯଥାର୍ଥ ଉତ୍ତର ଦେବ ?

ଭାଇ ତାର ଦେଶଦ୍ରୋହୀ ହୋଇପାରେ କିନ୍ତୁ ହତ୍ୟାକା ନୁହେଁ । ନିରନ୍ନ କାଙ୍ଗାଳମାନଙ୍କ ପାଇଁ ଯାହାର ସଂଗ୍ରାମ କେବେ ହତ୍ୟା ଅଭିଯୋଗରେ ଲିପ୍ତ ରହି ପାରେ ? ନା—ନା ସ ମିଥ୍ୟା । ସରକାରୀ ଲୋକଙ୍କର କାରସାଦି ହେବ । ପ୍ରକୃତ ହତ୍ୟା କାରୀକୁ ଏମାନେ ନପାଇ ଭାଇଙ୍କ ନାମରେ ଏପରି ଅଭିଯୋଗ ଅ

ଛନ୍ତି । ସତେ ଏ ପୁଲିଶ ଜାତିଟା ବଡ଼ ସନ୍ଦେହୀ । ଭଲ ମନ୍ଦ ବିଚାର କରିବାରେ ଏମାନଙ୍କ ତୀକ୍ଷ୍ଣ ବୁଦ୍ଧି ଅଛି · କିନ୍ତୁ ପ୍ରକୃତ ଦୋଷୀକୁ ଶାସ୍ତି ନଦେଇ ମୋ' ଭଳି ପଛରେ ଗୋଡ଼ାଇବା ଏମାନଙ୍କର ଅଭିପ୍ରାୟ କଣ ?

ଗୋବର୍ଦ୍ଧନ ଯେତେ ଭାବୁଥିଲା ମନ ଖଣ୍ଡିକ ତାର ସେତେ ସନ୍ଦେହ ଜାଲରେ ଛନ୍ଦି ହୋଇ ଆଗକୁ ମାଡ଼ି ଚାଲିଥିଲା । ଭାବନା ତାର ଅନନ୍ତ—ଅସୀମ ।

ପାହାନ୍ତିଆ ଥଣ୍ଡା ପବନ ଦେହକୁ ବାଜି କେତେବେଳେ ଯେ ଅଳସ ଆଖି ପତା ଯୋଡ଼ିକ ତାର ବୁଜି ହୋଇଯାଇଛି ସେ କଥାକୁ ମୋଟେ ଜାଣି ପାରିନି । ଗଭୀର ନିଦ୍ରାରେ ଶୋଇ ଯେପରି ସେହି ଅନନ୍ତ ଆଉ ଅସୀମ ଚିନ୍ତାରେ ମିଶିଯାଇଛି ସେ—

ସକାଳର ଲାଲ ସୂର୍ଯ୍ୟ ଉଇଁ ଆସୁଥିଲେ ।

ବୁଢ଼ିଟି ମୃଦୁ ସ୍ୱରରେ ଡାକିଲା—

"ଗୋବର୍ଦ୍ଧନ ! ଗୋବର୍ଦ୍ଧନ—ଉଠ ବାପା ? ବଡ଼ ସକାଳୁ ବାହାରି ନ ପଡ଼ିଲେ ସହରରେ ପହଞ୍ଚି ପାରିବାନି—"

ଗୋବର୍ଦ୍ଧନ ଭଙ୍ଗ ମୋଡ଼ି ହୋଇ ଆଖି ଟେକି ଅନାଇଲା । ବାହାରେ ସୂର୍ଯ୍ୟଙ୍କର ଲାଲ କିରଣ । ଚମକି ଉଠି କହିଲା—

"ବାପା ! ଅନ୍ଧାରୁଆବେଳୁ ଉଠାଇ ଥିଲେ ଆମେ ଗଡ଼ାଏ ବାଟ ଚାଲିଯାଇ ସାରନ୍ତେଣି ।"

ମୃଦୁ ହସି ବୁଢ଼ିଟି କହିଲା—

"ଆଉ ଡେରି କରନି ବାପା । ପୁଟୁଳି ପକା ଧରି ଶୀଘ୍ର ବାହାରି ପଡ଼ ।"

ଗୋବର୍ଦ୍ଧନ ବିଛଣାରୁ ଉଠି ନିତ୍ୟକର୍ମ ଶେଷ କରି ପୁଟୁଳିପକା ଧରି ବାହାରି ପଡ଼ିଲା ।

ବୃଦ୍ଧଟି ମୁଣ୍ଡରେ ଗୋଟିଏ ଟୋକା ବାନ୍ଧି ଆଗେ ଆଗେ ଚାଲିଛି । ଗୋବରଗୁଣ୍ଡ ପୁଟୁଳିଟି କାନ୍ଧରେ ଝୁଲାଇ ବୃଦ୍ଧର ପଛେ ପଛେ ଚାଲିଛି ।

କେଉଁଠାରୁ ଯିବେ ଏକଥା କାହାରି ମନରେ ଉଠୁନି । ଦୁହେଁ ଲକ୍ଷ୍ୟହୀନ ଭାବେ ଜଗନ୍ନାଥ ସଡ଼କ ଉପରେ ଚାଲିଛନ୍ତି—।

★
★ ★

ଠକ୍...ଠକା ଠକ୍...ଠକ୍...ଠକ୍...

ଟାଇପ ମେସିନ ଉପରେ ଖୁବ ଜୋରରେ ଅଙ୍ଗୁଳି ଚଳାଇ ମିସ୍ ପଟ୍ଟନାୟକ ଟାଇପ କରିବାରେ ବ୍ୟସ୍ତ ।

ପିଅନ ଉଜିଆ ଆସି ମିସ୍ ପଟ୍ଟନାୟକଙ୍କ ପାଖରେ ଠିଆ ହୋଇ ଧୀର ଗଳାରେ କହିଲା—

"ଆପଣଙ୍କୁ ମେନେଜର ସାହେବ ଡାକୁଛନ୍ତି ।"

ମିସ୍ ପଟ୍ଟନାୟକ ଥରେ ଉଜିଆକୁ ଅନାଇ ପୁଣି ଟାଇପ କରିବାରେ ବ୍ୟସ୍ତ ରହିଲା । ଉଜିଆ ସେଠୁ ଚାଲିଯାଇ ମେନେଜର ସାହେବଙ୍କ ଦୁଆର ପାଖରେ ଥୁଆ ହୋଇଥିବା ଟୁଲଟି ଉପରେ ବସି ଗତ ଅଧାପଢା ନଭେଲଟିରୁ ଟିକିଏ ଖୋଲି ପଢିବାରେ ମନ ଦେଲା ।

ମିସ ପଟ୍ଟନାୟକ ଚିଠି ଖଣ୍ଡିକ ଟାଇପ କରିସାରି । ଚିଠି ଉପରେ ଥରେ ଆଖି ବୁଲେଇ ଥୋଇ ଚଉକିରୁ ଉଠି ଠିଆ ହେଲେ ।

ଅଫିସର ବଡ଼ବାବୁ ଆସି ମିସ୍ ପଟ୍ଟନାୟକଙ୍କୁ ଲକ୍ଷ୍ୟ କରି କହିଲେ—

"ଆଜିର ଏ ଚିଠି ଖଣ୍ଡିକ ଏକ୍ସପ୍ରେସ ଡେଲିଭେରୀ ହେବ। ଅତ୍ୟନ୍ତ ଜରୁରୀ। ଆଗ ଏହି ଡ୍ରାଫ୍ଟ ଟାଇପ କରିଦିଅ—"

ସ୍ମିତ ହସି ପଟ୍ଟନାୟକ କହିଲା—

"ଆପଣ ଡ୍ରାଫ୍ଟ ଟେବୁଲ ଉପରେ ଥୋଇ ଦେଇ ଯାଆନ୍ତୁ। ମେନେଜର ସାହେବ କାହିଁକି ମୋତେ ଡାକୁଛନ୍ତି, ଶୁଣି ଆସିଲେ ଆପଣଙ୍କ ଡ୍ରାଫ୍ଟ ଟାଇପ କରି ପଠାଇ ଦେବି।—"

କହିବା ସଙ୍ଗେ ସଙ୍ଗେ ମିସ୍ ପଟ୍ଟନାୟକ ମେନେଜର ସାହେବଙ୍କ ରୁମ ଆଡ଼କୁ ଚାଲିଲା। ବଡ଼ ବାବୁ ଡ୍ରାଫ୍ଟ ଟେବୁଲ ଉପରେ ଥୋଇ ଦେଇ ନିଜ ଟେବୁଲ ପାଖକୁ ଯାଇ ଅଫିସର ଲେଜର ବହି ଖୋଲି ତାରେ ବ୍ୟସ୍ତ ରହିଲେ।

ମିସ୍ ପଟ୍ଟନାୟକ ମେନେଜରଙ୍କ ରୁମର ଦୁଆର ପାଖରେ ଠିଆ ହୋଇ ପ୍ରଥମେ ଉଙ୍କି ମାରି ରୁମ ଭିତରକୁ ଅନାଇଲା। ତାପରେ ଆବାଜ ଦେଇ କହିଲା—

"ମେ ଆଇ କମିଙ୍ଗ ସାର୍?"

ମେନେଜର ସାହେବ ମନ୍ତ୍ରେ କାଗଜ ପଢ଼ୁଥିଲେ-କୋମଳ କଣ୍ଠର ଅନୁନୟରେ ଚମକି ଉଠି ଅନାଇଲେ। ବାହାରେ ମିସ୍ ପଟ୍ଟନାୟକଙ୍କର ମଧୁର ସ୍ୱରର ଝଙ୍କାର। ହୃଦୟ ତାଙ୍କର କୁହୁଳି ଉଠିଲା। ଧୀର ଗଳାରେ କହିଲେ—

"ଓ୍ୱ ଏସ୍...କମିଙ୍ଗ ମିସ୍ ପଟ୍ଟନାୟକ!"

ଲାସ୍ୟ ଭଙ୍ଗୀରେ ଲହରି ଭାଙ୍ଗି ମିସ୍ ପଟ୍ଟନାୟକ ଆସି ମେନେଜର ସାହେବଙ୍କ ଟେବୁଲ ସମ୍ମୁଖରେ ଥୁଆ ହୋଇଥିବା ଚଅର ଉପରେ ବସିପଡ଼ି ମୃଦୁ କଣ୍ଠରେ କହିଲା—

"ଆପଣ ମତେ ଡାକିଲେ ସାର ?"

ଏକଲୟରେ ମିସ୍ ପଟ୍ଟନାୟକଙ୍କ ମୁହଁକୁ ଅନାଇଁ ମେନେଜର କହିଲେ—

"ଓ...ହଁ ! ମୁଁ ଡାକିଥିଲି...ଏ ଚିଠିର ନଗୋଟିଏ କପି ଦରକାର । ଶୀଘ୍ର ଟାଇପ କରିଦେଲେ ଆଜିର ସନ୍ଧ୍ୟା ଡାକରେ ଏଇଟା ପୋଷ୍ଟ କରାଯିବ ।"

କହିବା ସଙ୍ଗେ ସଙ୍ଗେ ଖଣ୍ଡିଏ ନେଳି ରଙ୍ଗର କାଗଜ ମିସ୍ ପଟ୍ଟନାୟକଙ୍କ ହାତକୁ ବଢ଼ାଇ ଦେଲେ ମେନେଜର । ଚିଠି ଖଣ୍ଡିକରେ ଆଖି ବୁଲାଇ ଦେଇ ମିସ୍ ପଟ୍ଟନାୟକ ମୃଦୁ ହସି କହିଲା—

"ଇଏତ ଗୋଟିଏ ଚିଠି । ଏହାର ପୁଣି ଏତେ ଦରକାର କଣ ?"

ମୁରୁକି ହସି ମେନେଜର କହିଲେ—

"ଏ ଚିଠି ଖଣ୍ଡିକ ଏକାନ୍ତ ବ୍ୟକ୍ତିଗତ । ଅଫିସ ସାଙ୍ଗରେ ଏହାର କୌଣସି ସମ୍ପର୍କ ନାହିଁ । ଅନୁରୋଧ ଗୋପନରେ ଏ ଚିଠିଟି ପାଠ କରି ମତାମତ ଜଣାଇଲେ ଖୁସୀ ହେବି—।"

ମିସ ପଟ୍ଟନାୟକଙ୍କର ମନ ଭିତରଟା ଶିହରିଉଠିଲା । ସେ ଚିଠି ଖଣ୍ଡିକ ହାତରେ ଧରି ରୁମ ଭିତରୁ ବାହାରି ଆସିଲେ । ତାଙ୍କର ଯିବା ବାଟକୁ ମେନେଜର ଏକ ଭଙ୍ଗୀରେ ଅନାଇ ଦୀର୍ଘ ନିଶ୍ୱାସ ପକାଇ ଅଫିସ କାମରେ ମନଦେଲେ ।

ମିସ୍ ପଟ୍ଟନାୟକ ନିଜର ଟେବୁଲ ପାଖକୁ ଆସି କିଛି ସମୟ ନୀରବରେ ବସିଲେ । ଥରେ ଏଣିକି ତେଣିକି ଅନାଇଲେ । ଅଫିସର ପ୍ରତ୍ୟେକ ଲୋକ ନିଜ ନିଜ କାମରେ ବ୍ୟସ୍ତ । ଘଣ୍ଟାରେ ବାରଟା ତିରିଶ ମିନିଟ ବାଜିଲାଣି । ଆଉ ଅଧଘଣ୍ଟା ପରେ ଟିଫିନ୍ ଛୁଟି ହେବ ।

ନିଟସ୍ଲାରେ ମିସ୍ ପଟ୍ଟନାୟକ ଚିଠି ଖଣ୍ଡିକ ଖୋଲି ପଢ଼ିଲେ । ଚିଠି ରେ ଲେଖାଥିଲା—

"ପ୍ରାଣର ସବିତା !"

ନିଜ ନାମର ସମ୍ବୋଧନ ଦେଖି ଚମକି ଉଠିଲେ ମିସ୍ ପଟ୍ଟ-ନାୟକ । ହୃଦୟ ମଧ୍ୟରେ ଖେଳିଗଲା ଲଜ୍ଜା ବିଜୁଳି । ତଥାପି ଚିଠିକୁ ପଢ଼ିଲେ ମନରେ ଧୈର୍ଯ୍ୟ ରଖି ସେ ।

ପ୍ରାଣର ସବିତା !

ମୁଁ ଭାବୁକ କି କବି ନୁହେଁ । କବି ହୋଇଥିଲେ କବିତାର ଛନ୍ଦରେ ତୁମର ରୂପ ଗୁଣର ପ୍ରଶଂସା କରି ଚିଠି ଲେଖିପାରନ୍ତି, କିମ୍ବା ତୁମରି ନାମରେ କବିତା ଲେଖି ପତ୍ରିକାକୁ ପଠାନ୍ତି । କବି ନ ହୋଇ ଥିବାରୁ କବି ହେବା ବା କବିତା ଲେଖିବା ଆଶା କରିବା ବୃଥା । ତଥାପି ମନରେ ମୋର ଯାହା ଭାବ—ଉଦୟ ହୋଇଛି ଏହି ଚିଠିରେ କେତୋଟି ପାଦ ଲେଖି ଜଣାଇଲି । ଜାଣେନା, ତୁମେ ଏ ଚିଠି ପଢ଼ି କଣ ଉତ୍ତର ଦେବ ?

ହଁ, ପ୍ରଥମେ ତମକୁ ଯେଉଁଦିନ ଏହି ଅଫିସରେ ଦେଖେ, ସେହି ଦିନ ଠାରୁ ମୋ' ମନର ଅବସ୍ଥା ଯେ କ'ଣ ସେ କଥା ଭାଷାରେ ପ୍ରକାଶ କରି ପାରୁନି । ହୃଦୟକୁ ଯଦି ଦେଖାଇ ଦେବାର ଉପାୟ ଥା'ନ୍ତା, ତେବେ ଚିରି ଦେଖାଇ ଦିଅନ୍ତି--କାହାର ରୂପକୁ ମୁଁ ଅହରହ ବସି ଜପାମାଳି କରୁଛି ।

ମୁଁ ଉଚ୍ଚଶିକ୍ଷିତ । ଏତେ ବଡ଼ ଫାର୍ମର ମେନେଜର । ଦରମା ଦେଢ଼ ହଜାର ଟଙ୍କା । ଖଣ୍ଡେ ମଟର ଗାଡ଼ି । ନିଜର ପୈତୃକ ଅମଳର ଏକମହଲା କୋଠା ଘର ମଧ୍ୟ ଅଛି । ପିଲାଟି ଦିନରୁ ବାପା,ମାଆଙ୍କୁ ହରାଇଛି । ଘରେ ବାପ-ମାଆଙ୍କ ବ୍ୟତୀତ ଆଉ

ସବୁ କଥାରେ ପରିପୂର୍ଣ୍ଣ । ଅଭାବ କିଛି ନାହିଁ । ତଥାପି ମୋର ମନେ ହୁଏ ମୁଁ ଯେପରି ଏକା—ସାଙ୍ଗ-ସାଥୀ ହୀନ ।

ତମେ ହୁଏତ ଜାଣେନା ମୁଁ କଣ ଚାହେଁ ? ଆଜି ମୋର ମନର ବାସନା କଣ ? ମୁଁ ଚାହେଁ ମୋ'ର ସାଙ୍ଗରେ ଖାପ ଖାଇଲା ପରି ସାଥୀଟିଏ ମୋର ଲୋଡ଼ା । ଚହୁଁ ଅଡ଼େ ଖୋଜିଚି । କେତେ ଲୋକଙ୍କ ସାଙ୍ଗରେ ମିଶିବାର 'ସୁଯୋଗ ପାଇଥିଲେବି ମନ ମାନିଲା ପରି ସାଥୀଟିଏ ଏ ଯାଏ ପାଇନି । ...ତନ୍ତୁ ତମକୁ ଯେଉଁ ଦିନ ଠାରୁ ଏହି ଅଫିସରେ ସହକର୍ମିଣୀ ଭାବେ ପାଇଲିଣି, ସେହି ଦିନ ଠାରୁ ମୋର ମନର ଗତି ମନ୍ଥର ହୋଇ ଯାଇଚି । ତୁମର କଥା ଭାବି ଭାବି ରାତି ବିତେଇଥିଲେ ବି ତଥାପି ଭାବନାର ପୂର୍ଣ୍ଣଚ୍ଛେଦ ପଡ଼ିନି । ଏହାର କାରଣ କଣ ଜାଣ ସବିତା ?

ଏହାର କାରଣ ଖାଲି ମନ ଭିତରେ ମୋର ଗୁମୁରି ଗୁମୁରି ଉଠୁଚି । ଆଜିରେ ମନ କଥା ଖୋଲି କହିବାର ସାହସ କରି ଏ ପତ୍ର ଲେଖୁଚି । ନିଶ୍ଚୟ ଏହାର ସୁଫଳ ତମଠାରୁ ପାଇବି ।

ହଁ ଛୁଟିପରେ ମୁଁ ଅଫିସର ଗେଟ୍ ପାଖରେ ତମ ଅପେକ୍ଷାରେ ରହିବି । କାଠଯୋଡ଼ୀ କୂଳ ଅନ୍ଧ ସନ୍ଧ୍ୟା ଭ୍ରମଣରେ ଯିବା । ଭୁଲିବନି । ମୁଁ କାର ଭିତରେ ବସି ତମର ଅପେକ୍ଷାରେ ଥିବି । ବାକି କଥା ସେହି କାର ଭିତରେ— । ଇତି ।

ତମର

ସୁକାନ୍ତ

ମିସ୍ ପଟ୍ଟନାୟକ ଚିଠି ଖଣ୍ଡିକ ପଢ଼ି ସାରି ରୁମାଲରେ ମୁହଁ ପୋଛିଲେ । ଗୋରା ମୁହଁଟି ଲାଲ ପଡ଼ି ଯାଇଥିଲା । କିନ୍ତୁ ତାଙ୍କ ଅଧରରେ ସରମ ଥିଲା କି ଘୃଣା ଥିଲା କିଛି ବୁଝା ଯାଉ ନଥିଲା ।

ବ୍ଲାଉଜ ସନ୍ଧରେ ଗଣ୍ଠିଟିକୁ ଯତ୍ନରେ ସାଇତି ରଖି ପୁଣି ଅଫିସ କାମରେ ମନ ଦେଲା । ଘଡ଼ିରେ ସେତେବେଳକୁ ଦୁଇ ବାଜି ଯାଇଥିଲ । ବଡ଼ ସାହେବ ଟିଫିନ୍‌ରୁ ଫେରିଲେଣି । ଅନ୍ୟାନ୍ୟ ଅଫିସ କର୍ମଚାରୀମାନେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ । ପାଞ୍ଚଟାରେ ଅଫିସ ଛୁଟି । ଫାଇଲ ଗଦା ଖୋଲେଇବାରେ ମେନେଜର ସାହେବ ବ୍ୟସ୍ତ । ସମୟେ ସମୟେ ହାତବନ୍ଧା ଘଡ଼ିକୁ ଅନାଇ ସମୟ ଜାଣୁଛନ୍ତି ।

ବନା ଅଫିସ ଚାଲିଛି । ଦଆଲ ଘଡ଼ିରେ ଠନ୍ ଠନ୍ କରି ତିନି ବାଜିଲା ।

ଯୁବକଟିଏ ମେନେଜର ସାହେବଙ୍କ ରୁମ୍ ପାଖରେ ଠିଆ ହୋଇ ପିଅନକୁ ଅନାଇ କହିଲା—

ମେନେଜର ସାହେବ ଘରେ ଅଛନ୍ତି ?

ଭଜିଆ ନଭେଲ ପଢ଼ା ଛାଡ଼ି ଯୁବକଟିକୁ ଏକଧ୍ୟାନରେ ଅନାଇ ରହିଲା ।

ଯୁବକଟି ରୁଷ୍ଟ ଗଳାରେ ପୁଣି କହିଲା—

"ମୋ ମୁହଁଟିକୁ ଅନାଇଁ କଣ ଏତେ ଦେଖୁଛୁ ? ମୁଁ ଯାହା ପଚାରିଲି ସେତକ କହ ?"

ଭଜିଆ ଥଙ୍ଗ ଥଙ୍ଗ ହୋଇ କହିଲା—

"ଆଜ୍ଞା ! କଣ ଆପଣଙ୍କର ଦରକାର ?"

ଅଳ୍ପକ୍ ରାଗିଯାଇ ଯୁବକଟି କହିଲା—

"ତୁ କଣ କାଲ ?...ପଚାରୁଛି ମେନେଜର ସାହେବ ଘରେ ଅଛନ୍ତି ?"

ଭଜିଆ ଆଉ କିଛି ନକହି କାଗଜ ଓ ପେନ୍ସିଲ୍‌ଟିଏ ଯୁବକଟି ଆଡ଼କୁ ବଢ଼ାଇ ଦେଲା । ଯୁବକଟି ନିଜର ନାମଟି ଲେଖିସାରି ଭଜିଆ

ହାତକୁ କାଗଜ ଓ ପେନ୍‌ସିଲ୍ ଫେରାଇ ଦେଲା । ଭଜଆ କାଗଜ ଖଣ୍ଡିକ ନେଇ ମେନେଜରଙ୍କ ରୁମ ଭିତରକୁ ଚାଲିଗଲା ।

ଓ୍ୱେଟିଙ୍ଗ୍ ରୁମ ଟେବୁଲ ପାଖ ଚେଆର ଖଣ୍ଡିକ ଉପରେ ଯୁବକଟି ନୀରବରେ ବସିଛି ।

ପନ୍ଦର ମିନିଟ ପରେ ମେନେଜର ସାହେବଙ୍କ ଡକରା ଆସିଲା । ଭଜଆ ଆସି କହିଲା—

"ଆପଣଙ୍କୁ ମେନେଜର ସାହେବ ଡାକୁଛନ୍ତି—।"

ଯୁବକଟି ଉଠି ଧୀର ପାଦ କ୍ଷେପରେ ମେନେଜର ସାହେବଙ୍କ ରୁମ ଭିତରକୁ ପଶିଲେ ।

ମେନେଜର ସାହେବ ଏକ ଲୟରେ ଯୁବକଟି ଆଡ଼କୁ ଅନାଇ କିଛିକ୍ଷଣ ମନକୁ ମନ ଭାବିଲା ପରି ଜଣା ଯାଉଥିଲେ । ଯୁବକଟି ମଧ୍ୟ ସେହିପରି ମେନେଜରଙ୍କ ଟେବୁଲ ପାଖରେ ଠିଆହୋଇ ଅପଲକ ଦୃଷ୍ଟିରେ ମେନେଜର ସାହେବଙ୍କ ମୁହଁକୁ ଅନାଇ ରହିଛନ୍ତି ।

କିଛିକ୍ଷଣ ପାଇଁ କାହାରି ମୁହଁରେ ଭାଷା ନାହିଁ । ଉଭୟେ ଉଭୟଙ୍କ ମୁହଁକୁ ଅନାଇ ରହିଛନ୍ତି ।

ଯୁବକଟିକୁ ଦେଖି ମେନେଜର ସାହେବ ମନେ ମନେ ଭାବୁଥିଲେ —ଏ ଯୁବକଟି କିଏ ? ସୁନ୍ଦର—ସୁଠାମ ଦେହର ଗଠନ । ମଧୁର ଶୀତଳ ମୁହଁର ସୌନ୍ଦର୍ଯ୍ୟ ଦେଖିଲେ ଯେ କୌଣସି ଲୋକ ଚକି ଯିବ । ପୁରୁଷ ହୋଇଲେ ବି ନାରୀମାନଙ୍କ ପରି ରୂପର ଶୋଭାରେ ଚକିତ ଚାଞ୍ଚଲ୍ୟ ସୃଷ୍ଟି କରୁଛନ୍ତି । ମୋଟ ଉପରେ ଯୁବକଟିର ସୌନ୍ଦର୍ଯ୍ୟରେ ଯେ କୌଣସି ଲୋକ ମୁଗ୍ଧ ହେବ ।

ଧୀର ଗଳାରେ ଯୁବକଟି କହିଲା—"

"ଖବର କାଗଜରେ ବିଜ୍ଞାପନ ଦେଖି··· ।

ଯୁବକଟିର କଥା ଅପୂରଣ ରହିଲା । ମେନେଜର ସାହେବ ନିଜ ଭାବନାକୁ ସଂଯତ କରି କହି ଉଠିଲେ—

"ଆଗ ଚଉକିରେ ବସି ପଡନ୍ତୁ ! ପରେ ଯାହା କହିବାର କହିବେ—ମୁଁ ଶୁଣିବି—।"

ଯୁବକଟି ଧନ୍ୟବାଦ ଜଣାଇ ଚଉକି ଖଣ୍ଡିକ ଉପରେ ବସି ପଡ଼ିଲା । ତାପରେ ମେନେଜର ସାହେବ ମୃଦୁ ହସି କହିଲେ—

"ହଁ କଣ କହିବେ ଏଥର କହନ୍ତୁ !"

ଯୁବକଟି କହିଲ—

"ଖବର କାଗଜରୁ ବିଜ୍ଞାପନ ଦେଖିଲି—ବଡ ସାହେବଙ୍କର ଜଣେ ପର୍ସନାଲ ସେକ୍ରେଟେରୀ ଆବଶ୍ୟକ । ସେଇଥି ପାଇଁ ଆସିଚି । ଦୟାକରି ଯଦି ସେ ଚାକିରୀ ଖଣ୍ଡିକ ମତେ ମିଳନ୍ତା ନିଜକୁ ବଡ ଭାଗ୍ୟବାନ ବୋଲି ମନେ କରନ୍ତି— ।"

ମେନେଜର ସାହେବ ଯୁବକଟି ଆଡ଼େ ଅନାଇ କହିଲେ— ।

"ସେ ଚାକିରୀ ପାଇବେ ? ଯୋଗ୍ୟତା କଣ ଆପଣଙ୍କର ?"

ଧୀର ଗଳାରେ ଯୁବକଟି କହିଲା—

"ଖବର କାଗଜରେ ବିଜ୍ଞାପନ ଅନୁସାରେ ଆପଣଙ୍କର ଯେପରି ଯୋଗ୍ୟତା ଥିବା ଲୋକ ଆବଶ୍ୟକ ସେ ସବୁଗୁଣ ମୋ'ଠି ଅଛି ।"

'ତଥାପି ଆପଣଙ୍କର ସ୍କୁଲ କଲେଜ ସର୍ଟିଫିକେଟ କିଛି ଥିବ ତ ?'

"ଦରକାର ହେଲେ ତାହା ଆପଣଙ୍କୁ ଦେଖାଇବି । ଆଗ ପରୀକ୍ଷା କରି ଦେଖନ୍ତୁ, ପର୍ସନାଲ ସେକ୍ରେଟେରୀ ପାଇଁ ମୁଁ ଉପଯୁକ୍ତ କି ନୁହେଁ ?

ମେନେଜର ମୃଦୁ ହସି କହିଲେ—

"ଆପଣଙ୍କର ଚେହେରା ଦେଖି ମନେହୁଏ ଖୁବ୍ ଅଳ୍ପ ବୟସ । ଏପରି ଦାୟିତ୍ୱ ତୁଲାଇ ପାରିବେ କି ନାହିଁ ସେଥିରେ କାହିଁକି ମୋର ସନ୍ଦେହ ହେଉଛି ।"—

ଯୁବକଟି ଧୀର ଗଳାରେ ଉତ୍ତର କଲା ।

"ଆପଣଙ୍କର ଯାହା ବୟସ ହେବ ମୋ ବୟସ ତୁଏତ ତିନି ଚାରି ବର୍ଷ କମ ହୋଇପାରେ । କିନ୍ତୁ ଅଳ୍ପ ବୟସ ହେଲେ ବି ଅଫିସ ଦାୟିତ୍ୱ ତୁଲାଇବାର ଯୋଗ୍ୟତା ମୋଠି ଯଥେଷ୍ଟ ପାଇବେ ।"

ମୃଦୁହସି ମେନେଜର ସାହେବ କହିଲେ—

"ମୋର ବୟସ କେତେ ବୋଲି ଆପଣ ଅନୁମାନ କରୁଛନ୍ତି ?"

ଯୁବକଟି ଅଳ୍ପ ହସି ଲାଜୁଆ ଆଖିରେ ମେନେଜରଙ୍କୁ ଅନାଇ କହିଲା—

"ନବ ଚତୁର୍ବି-ମାନେ ଏଇ ବାଇଶି କି ତେଇଶି ଭିତରେ—"

ମେନେଜର ସାହେବ ହୋ-ହୋ-ହସି ଉଠି କହିଲେ—

"ଧନ୍ୟ ତୁମର ବୁଦ୍ଧି । ପ୍ରସଂଶା ନକରି ରହିପାରୁନି । ଆଚ୍ଛା, ଆପଣଙ୍କ ଅପ୍ଲିକେଶନ କାହିଁ ?"

ଯୁବକଟି ନିଜର ପକେଟରୁ ତାହାର ଭଙ୍ଗା ଖଣ୍ଡିଏ ଲଫାପା ମେନେଜରଙ୍କ ହାତକୁ ବଢେଇ ଦେଲା । ମେନେଜର ସାହେବ ଆପ୍ଲିକେଶନଟି ଖୋଲି ପଢ଼ିସାରି ଟେବୁଲ ଉପରେ ଥୋଇ ଦେଇ କହିଲେ—

"ଆପଣ ଏଠାରେ କେଉଁଠି ରହନ୍ତି ? ଆଉ ଆପଣଙ୍କର କିଏ ଅଛନ୍ତି ?"

ଧୀର ଗଳାରେ ଯୁବକଟି ଉତ୍ତର କଲା—

"ବୁଢ଼ା ବାପା ବ୍ୟତୀତ ମୋର ଆଉ କେହି ନାହାନ୍ତି । ଏଇ ପାଟେନା ସାହିରେ ଆମ ଘର ।"

ମେନେଜର କହିଲେ—

"ତେବେତ ଠିକ ପାଖରେ ମୋ ଘର । ଆଉ ଅଳ୍ପ ସମୟ ବନ୍ଧୁ ଦୁହେଁ ସାଙ୍ଗ ହୋଇ ଯିବା ।"

ଯୁବକଟି ନୀରବରେ ବସି ରହିଲା । ମେନେଜର ସାହେବ ଅଫିସର ଫାଇଲ ଭିତରେ ମନ ପୂରାଇ ପୁଣି କଣ ଲେଖିବାକୁ ଆରମ୍ଭ କଲେ ।

ମେନେଜର ଫାଇଲ ଗଦା ଖୋଲୋଇ ଯାଉଛନ୍ତି ସତ, କିନ୍ତୁ ତାଙ୍କ ମନରେ ଗୁଞ୍ଜଲ୍ୟ ସୃଷ୍ଟି କରୁଛି—ଏ ଯୁବକଟିକୁ ଦେଖିଲା ପରେ ଓ ତା ସାଙ୍ଗରେ ଆଳାପ କରିବା ପରଠୁ ମନେ ହେଉଛି ଏ ଯୁବକଟି ଯେପରି ଅତି ଆପଣାର । ଅନ୍ତରଙ୍ଗ ବନ୍ଧୁ । ତେବେ ଏ ଯୁବକଟି କିଏ ? ହାବଭାବରୁ ଯେପରି ମନେ ହେଉଛି ନିଶ୍ଚୟ କୌଣସି ଉଚ୍ଚ ବଂଶର ପିଲା ଇଏ । ଶିକ୍ଷିତ । ଏହାଙ୍କୁ ଯଦି ବଡ଼ ସାହେବଙ୍କ ପାଖରେ ପର୍ସନାଲ ସେକ୍ରେଟେରୀ ରୂପେ ନିଯୁକ୍ତ କରାଯିବ ତେବେ ନିଶ୍ଚୟ ଏହାର କୃତିରେ ବଡ଼ ସାହେବ ମୁଗ୍ଧ ହେବେ । ଅନେକ ସମୟରେ ମୋର ବି ଡାହାଣ ହାତ ହୋଇ ଏ ଯୁବକଟି ମତେ ସାହାଯ୍ୟ କରିବ ।

ଫାଇଲ ପୃଷ୍ଠା ଓଲଟାଉଥିବା ସଙ୍ଗେ ସଙ୍ଗେ ମେନେଜର ସାହେବଙ୍କ ମନରେ ଏହି ସବୁ ଚିନ୍ତା ଆସି ମନଟାକୁ ତାଙ୍କର ଗୋଳିଆ ଘାଣ୍ଟିଆ କରୁଛି । ଯୁବକଟି ପ୍ରତି ସେ ଏମିତି ଆକୃଷ୍ଟ ହୋଇ ଯାଉଛନ୍ତି ଯେ ଖାଲି ବାରମ୍ବାର ତାର ମୁହଁକୁ ଅନାଉଛନ୍ତି ।

ଯୁବକଟି ମେନେଜର ସାହେବଙ୍କ ସାମନାରେ ବସି ଏକ ଦୃଷ୍ଟିରେ ମେନେଜର ସାହେବଙ୍କୁ ଅନାଇ ରହିଛି । ମନରେ ତାର କେତେ କଥା । କେତେ ନୂଆ ନୂଆ କଳ୍ପନା ! କେଉଁ ଏକ ଅଜଣା ଆକର୍ଷଣରେ ମନଟି ମେନେଜର ସାହେବଙ୍କ ପାଖରେ ବନ୍ଧା ପଡ଼ିବାକୁ ଚାହେଁ । ଏଠାରୁ ପାଦେ ଟଳିବାକୁ ଯେପରି ଯୁବକଟି ଇଚ୍ଛା ହେଉନି । ଏଇଠାରେ ବସି ରହି ଅହରହ ଏହି ରୂପକୁ ଦେଖିବାକୁ ଯେପରି ଇଚ୍ଛା ।

ପରସ୍ପର ମଧ୍ୟରେ ଏପରି ଭାବନା ଚାଲିଛି । ଅଫିସ ଘଡ଼ିରେ ପାଞ୍ଚ ବାଜିଲା । ମେନେଜର ସାହେବ ହାତ ବନ୍ଧା ଘଡ଼ିକୁ ଦେଖି ଥରେ ଚାହିଁ କହିଲେ—"ଏଥର ଯିବା—।"

କହିବା ସଙ୍ଗେ ସଙ୍ଗେ ଫାଇଲପତ୍ର ସବୁ ଟେବୁଲଉପରୁ ଉଠା ଆଲମାରିରେ ଥୋଇଲେ । ଦୁଆଡ କଲମ ଡ୍ରୟାରରେ ବନ୍ଦ କରି ଚାବି ଦେଲେ । କୋଟ ପିନ୍ଧି ରୁମରୁ ବାହାରି ଚଢ଼ିଲେ ଯୁବକଟିକୁ ସାଙ୍ଗରେ ଧରି ।

ଫାଟକ ପାଖରେ ତାଙ୍କର କାର ଥୁଆ ହୋଇଥିଲା । ଯୁବକଟିକୁ ପଛ ସିଟରେ ବସିବାକୁ କହି ନିଜେ ଡ୍ରାଇଭରର ସ୍ଥାନ ଅଧିକାର କଲେ ।

ସେହିପରି ନୀରବରେ ପାଞ୍ଚମିନିଟ କାରରେ ବସିବା ପରେ ମିସ୍ ପଟ୍ଟନାୟକ ଅଫିସରୁ ବାହାରି ସିଧା ମେନେଜର ସାହେବଙ୍କ କାର ପାଖକୁ ଚାଲିଆସିଲେ । ମିସ୍ ପଟ୍ଟନାୟକଙ୍କୁ ଦେଖି ମେନେଜର ସାହେବ ମଟର କାରର ଦରଜା ଖୋଲି ତାଙ୍କ ପାଖରେ ବସିବାକୁ ଆହ୍ୱାନ ଜଣାଇଲେ ।

ମିସ୍ ପଟ୍ଟନାୟକ କାରରେ ବସୁ ବସୁ ନୂତନ ଯୁବକଟିକୁ କାରର ପଛ ପାଖ ସିଟରେ ବସିଥିବାର ଦେଖି ଆଶ୍ଚର୍ଯ୍ୟରେ ସେ ଆଡ଼କୁ ବାରମ୍ବାର ଅନାଇ ରହିଲେ ।

ମେନେଜର ସାହେବ ମୃଦୁ ହସି ମିସ୍ ପଟ୍ଟନାୟକଙ୍କୁ ଲକ୍ଷ୍ୟ କରି କହିଲେ—

"ମୋ କାରରେ ଏ ନୂତନ ଯୁବକଟିକୁ ଦେଖି ଆଶ୍ଚର୍ଯ୍ୟ ହେଉଥିବ ।...ନୁହେଁ ?"

ମିସ୍ ପଟ୍ଟନାୟକ ପ୍ରଶ୍ନବାଚୀ ଦୃଷ୍ଟିରେ ମେନେଜର ସାହେବଙ୍କୁ ଅନାଇ ଦେଇ ପୁଣି ଯୁବକଟିଆଡ଼କୁ ଅନାଇଲା ।—

ମେନେଜର ସାହେବ ଗାଡ଼ିରେ ଷ୍ଟାର୍ଟ ଦେଇ କହିଲେ—

"ଏ ଯୁବକଟି ହେଉଛନ୍ତି ଆମ ବଡ଼ ସାହେବଙ୍କ ପର୍ସନାଲ ସେକ୍ରେଟେରୀ । କାଲିଠାରୁ ଏହାଙ୍କର କାମରେ ଯଏନ୍ କରିବାର କଥା । ବଡ଼ ସାହେବଙ୍କୁ ମୁଁ ମଧ୍ୟ କହି ଏହାଙ୍କର ବ୍ୟବସ୍ଥା କରାଇ ଦେବି ।"

ଯୁବକଟି ପଛ ସିଟ୍‌ରେ ବସି ମନେ ମନେ ମେନେଜରଙ୍କୁ ଶତ ଧନ୍ୟବାଦ ଦେଉଥିଲା ।

ମିସ ପଟ୍ଟନାୟକ ଯୁବକଟିର ସୁନ୍ଦର ରୂପରେ ନିଜକୁ ଭୁଲିଯାଇ ବାରମ୍ବାର ଖାଲି ପଛ ସିଟ୍ ଆଡ଼କୁ ମୁହଁ ବୁଲାଇ ଯୁବକଟିକୁ ଚାହୁଁଥାନ୍ତି ଓ ମୃଦୁ ମୃଦୁ ହସୁଥାନ୍ତି ।

ମେନେଜର ସାହେବ ମିସ୍ ପଟ୍ଟନାୟକଙ୍କ ଗତି ବିଧି ଭଲଭାବେ ଲକ୍ଷ୍ୟ କରୁଥିଲେ ବି ମୁହଁ ଖୋଲି କିଛି କହିପାରୁ ନଥିଲେ ।

ଖୁବ ଅଳ୍ପ ସମୟ ମଧ୍ୟରେ କାର୍ ଆସି ଉମା ଆଇ: ସି: ଫ୍ୟାକ୍ଟରୀ ପାଖରେ ଠିଆ ହୋଇଗଲା । ମେନେଜର ମୃଦୁ କଣ୍ଠରେ କହିଲେ—

"ଆପଣ ପାଟେରୀ ସାହି ଯିବେ ନା ?"

"ଯୁବକଟି ଧୀର ଗଳାରେ ଉତ୍ତର କଲା—

"ଆପଣ ଏଇଟି ମତେ ଓହ୍ଲାଇ ଦିଅନ୍ତୁ । ମୋ ବସା ଏହି ପାଖରେ । ମୁଁ ଚାଲିଯିବି ।"

କାର୍‌ର ଦୁଆର ଖୋଲି ଯୁବକଟି ପଦାକୁ ଓହ୍ଲାଇ ଆସିଲେ । ମେନେଜର ସାହେବ କହିଲେ—

"କାଲି ଦଶଟା ଭିତରୁ ଅଫିସରେ ପହଞ୍ଚିବ । ମୁଁ ସାହେବଙ୍କୁ କହି ଆପଣଙ୍କର ସମସ୍ତ ବ୍ୟବସ୍ଥା କରାଇ ଥିବି ।"

ଯୁବକଟି ସମ୍ମତି ଜଣାଇ ଠିଆ ହେଲେ । ମିସ୍ ପଟ୍ଟନାୟକ ସେହିପରି ଏକ ଲୟରେ ଯୁବକଟିର ସୁନ୍ଦର ମୁଖମଣ୍ଡଳ ଆଡ଼େ

ଅନାଇ ରହି ମନେ ମନେ ଯେପରି କବୁଲ କରୁଥିଲା ପରି ଜଣା ଯାଉଥିଲା । ମେନେଜର ସାହେବ କାର୍‌ରେ ଷ୍ଟାର୍ଟ ଦେଉଁ ଦେଉଁ ପୁଣି ଥରେ କହିଲେ—

"ଅଚ୍ଛା ! ଏଥର ଆମେ ଯାଉଛୁ ।...ଗୁଡ୍‌ବାଏ ।"

ଯୁବକଟି ହାତ ଯୋଡ଼ି ନମସ୍କାର ଜଣାଇଲା ।

ମଠର କାରଟି ମୋଡ଼ ବୁଲାଇ ଛୁଟି ଚାଲିଲା କାଠଯୋଡ଼ୀ କୂଳଆଡେ ।

କାର ଛୁଟି ଚାଲିଛି । କାଠଯୋଡି କୂଳର ନିଛାଟିଆ ଥାନରେ କାର ଯାଇ ହଠାତ୍ ଠିଆ ହେଲା । ମେନେଜର ସାହେବ ପ୍ରଶ୍ନଭରା ଦୃଷ୍ଟିରେ ମିସ୍ ପଟ୍ଟନାୟକଙ୍କୁ ଥରେ ଅନାଇଲେ । ମିସ୍ ପଟ୍ଟନାୟକ ମଧ୍ୟ ମେନେଜର ସାହେବଙ୍କୁ ଅନାଇଁ ଦେଇ ଆଖି ଦୁଇଟି ପୁଣି ତଳକୁ ପୋତିଦେଇ ବସିଲେ ।

କାରରେ ପୁଣି ଷ୍ଟାର୍ଟ ଦେଉଁ ଦେଉଁ ମେନେଜର ସାହେବ କହିଲେ—

"ଚିଠି ଖଣ୍ଡିକ ପଢ଼ିଛ ମିସ୍ ପଟ୍ଟନାୟକ ?"

ଧୀର ଗଳାରେ ମିସ୍ ପଟ୍ଟନାୟକ ଉତ୍ତର କଲା—

"ହଁ !"

"କାହିଁ ମୋ ଚିଠିର ତ ଉତ୍ତର ପାଇଲିନି ?"

"...........

କାଠଯୋଡ଼ୀର କୂଳେ କୂଳେ ଧୀରେ ଧୀରେ କାର ଚାଲିଛି । ମିସ୍ ପଟ୍ଟନାୟକଙ୍କର ନୀରବତା ଦେଖି ମେନେଜର ସାହେବ ପୁଣି କହିଲେ—

"କାହିଁ ମୋ କଥାର ଯେ ଉତ୍ତର ମୁଁ ପାଉନି ?"

ମିସ୍ ପଟ୍ଟନାୟକ ତଥାପି ନୀରବ । ଛଳ ଛଳ ଆଖିରେ ସେ

ମେନେଜର ସାହେବଙ୍କ ମୁହଁକୁ ଖାଲି ଅନାଇ ରହିଲା । ଅଧର କୋଣରେ ଫୁଟି ଉଠିଲା ମ୍ଳାନ ହସ— ।

ମେନେଜର ସାହେବ ମିସ୍ ପଟ୍ଟନାୟକଙ୍କର ଏପରି ଅବସ୍ଥା ଲକ୍ଷ୍ୟ କରି ହତାଶ ସ୍ୱରରେ କହିଲେ—

"କଣ ଦେହ ଖରାପ ହେଲା କି ? ଏପରି ମ୍ଳାନ ଦେଖା ଯାଉଚ ଯେ—?"

ଧୀର ଗଳାରେ ମିସ୍ ପଟ୍ଟନାୟକ କହିଲା—

"ମୁଣ୍ଡଟା କାହିଁକି ବିନ୍ଧୁଚି । ବହୁ ରୌଦ୍ର ବାନ୍ତି ବାନ୍ତି ହେଲା ପରି ଜଣା ଯାଉଚି—"

ଥଙ୍ଗ ଥଙ୍ଗ ଗଳାରେ ମେନେଜର କହିଲେ—

"ତେବେ—ତେବେ କଣ ଘରକୁ ଯିବ ?

ମିସ୍ ପଟ୍ଟନାୟକ ମୁଣ୍ଡଟିକୁ ବାମ ହାତ ଅଙ୍ଗୁଳିଟିରେ ଦାବି ରଖି କହିଲେ—

"ହଁ ! ମତେ ଶୀଘ୍ର ଘରେ ପହଞ୍ଚାଇ ଦିଅ— । ଆଉ କେଉଁ ଦିନ ବୁଲିଯିବା—"

ମେନେଜର ସାହେବ କେତେ ଆଶାକରି ମିସ୍ ପଟ୍ଟନାୟକଙ୍କୁ କାରରେ ବସାଇ ବୁଲି ବାହାରି ଥିଲେ । ବହୁଦିନର ଆଶା ମନରେ ଉଙ୍କି ମାରୁଥିବା କଥା ଆଜି ସେ ଏକାନ୍ତରେ ମିସ୍ ପଟ୍ଟନାୟକଙ୍କୁ କହି ତାଙ୍କର ପ୍ରେମ ନିବେଦନ କରିଥାନ୍ତେ । କିନ୍ତୁ ହୋଇ ପାରିଲାନି । ମନରଆଶା ତାଙ୍କର ମଉଳି ଗଲା । ହତାଶ ମନରେ ସେ କାର ଫେରାଇ ମିସ୍ ପଟ୍ଟନାୟକଙ୍କ ଘର ଆଡ଼କୁ ଚଳାଇ ଦେଲେ ।

କାହାର ମୁହଁରେ କଥା ନାହିଁ । କାର ଭିତରେ ଦୁଇଟି ଯୁବକ ଯୁବତୀ ନୀରବରେ ବସି ରହିଛନ୍ତି ।

କାର କଟକ ସହର ଭିତରେ ଛୁଟି ଚାଲିଛି ।

ଗୁଜକଲଆଗଞ୍ଜି ପାର୍ଶ୍ୱରେ କାର୍ ଠିଆହେଲା । ମିସ୍ ପଟ୍ଟନାୟକ
କାରରୁ ଓହ୍ଲାଇ ଚାଲିଗଲେ । ଗଭୀର ଚିନ୍ତାରେ ମନ ଖିନ୍ନି
ତାଙ୍କର ଭାରି ଭାରି ଜଣାପଡ଼ୁଚି ।

ମିସ୍ ପଟ୍ଟନାୟକ ଚାଲିଯିବା ପରେ ମେନେଜର ସାହେବ କା
ଭିତରୁ ଥାଇ କିଛି ସମୟ ମିସ୍ ପଟ୍ଟନାୟକଙ୍କ ଯିବା ବାଟକୁ ଅନା
ରହିଲେ । ମନରେ କେତେକଥା— ସେ ଆଜି କହିବେ ବୋଲି ସ୍ଥି
କରିଥିଲେ, କିନ୍ତୁ କିଛି କହି ପାରିଲେ ନାହିଁ । ସୁବିଧା ପାଇ
ପାଇ ପାରିଲେ ନାହିଁ । ତଥାପି ହତାଶ ହେଲେନି ସେ । ଆଜି ନ
ହୋଇଚି କାଲି ହେବ । କାଲି ନ ହେଲେବି ଏକା ଅଫିସରେ ଥାଇ
ଯେତେବେଳେ—କେଳେ ବଳେ ମିସ୍ ପଟ୍ଟନାୟକଙ୍କୁ ନିଜର କ
ନେବା ପାଇଁ କେତେ ସମୟ ଲାଗିବ ?

ଏହିପରି ନାନା କଥା ମନ ମଧ୍ୟରେ ଚିନ୍ତା କରି ନିଜ ଘର
ଅଭିମୁଖରେ କାର୍ ଛୁଟାଇ ଦେଲେ ମେନେଜର ସାହେବ— ।

× × ×

ଗୋବର୍ଦ୍ଧନ ଯେତେବେଳେ ବସାରେ ପହଞ୍ଚିଲା ସେତେବେଳକୁ
ମୁହଁ ସଞ୍ଜ ପଡ଼ିଗଲାଣି ।

ଦେହରୁ ଝାଳ ପୋଛୁ ପୋଛୁ ଗୋବର୍ଦ୍ଧନ ଡାକିଲା—

"ବାପା ! ବାପା ମ ! ...

ବୁଢ଼ା ଚୁଲି ପାଖରେ ବସି ତରକାରି ସନ୍ତୁଳୁ ସନ୍ତୁଳୁ ଉତ୍ତର କଲା—

"କଣ କରେ ଗୋବ ? ଯେଉଁ କାମରେ ଯାଇଥିଲୁ ସେ କାମ
କଣ ହେଲା ପୁଅ ?

ଗୋବର୍ଦ୍ଧନ ବୁଢ଼ା ପାଖରେ ବସୁ ବସୁ କହିଲା—

"କାଲି କଟକ ଚଣ୍ଡୀ ପାଖରେ ପାଞ୍ଚ ଟଙ୍କାର ଭୋଗ କରିଦେବ
ମୁଁ ଚାକିରି ପାଇଗଲି— ।"

ବୁଢା ଆନନ୍ଦରେ ଗୋବିଚାନ୍ଦ ମୁହଁକୁ ଅନାଇ କହିଲା—

"କେତେ ଟଙ୍କା ଦରମା ? କି ଚାକିରି ବାପ ?"

ମୃଦୁ ହସି ଗୋବିଚାନ୍ଦ କହିଲା—

"ଦରମା ଠିକ ହୋଇନି। ତେବେ ବଡ଼ ସାହେବଙ୍କ ପାଖରେ ର୍ସନାଲ ସେକ୍ରେଟାରୀ ଭାବେ ମୁକରର ହେଲି—।"

ଆଶ୍ଚର୍ଯ୍ୟରେ ବୁଢା କହିଲା—

"କି ଅଫିସ ? କେଉଁ ବଡ଼ସାହେବ ପାଖରେ ମୁକରର ହେଲୁ ?"

"ସେଦିନ ଖବର କାଗଜରେ ଯେଉଁ ବିଜ୍ଞାପନ ବାହାରି ଥିଲା। ସେହି ଅଫିସରେ ଚାକିରି ମିଳିଗଲା। ମେନେଜର ସାହେବ ବଡ଼ ଲ ଲୋକ। ଦେଖା କରି ତାଙ୍କୁ ଦରଖାସ୍ତ ଦେଲି। ବହୁ ସମୟ ଳାପ ଆଲୋଚନା ହେବା ପରେ ସେ ମୋ ଉପରେ ପ୍ରସନ୍ନ ହୋଇ ତ କାଲି ତାଙ୍କ ଅଫିସରେ ଦଶଟା ପୂର୍ବରୁ ପହୁଞ୍ଚିବାକୁ କହିଛନ୍ତି"

ବୁଢା ଖୁସି ହୋଇ କହିଲା—

"ଏଥର ପେଟ ଚିନ୍ତାରୁ ରକ୍ଷା ମିଳିଲା। ଖାଲି ଗୋଟିଏ କଥା— ଟା ଭାଇକୁ କିପରି ତୁ ପାଇବୁ। ...ହଉ ! ଜଗନ୍ନାଥ ଅଛନ୍ତି। ଷ୍ଟିପୁ ଦିନେ ନା ଦିନେ ଭେଟ ମିଳିବ—।"

ଗୋବିଚନ୍ଦ କିଛି କହିଲାନି। ଭାଇ କଥା ମନେ ପଡିବାରୁ ଆଖି ର ଛଳ ଛଳ ହୋଇ ଆସିଲା। ନୀରବରେ ସେ ସେଇଠି ବସି ହିଲା।

ବୁଢା ଧୀର ଗଳାରେ କହିଲା—

"ଆଉ ବସିଲୁ କାହିଁକି ? ଯା, ହାତ ମୁହଁ ଧୋଇ ଜଳଖିଆ ଇବୁ।"

ଗୋବିଚନ୍ଦ ଧୀର ଭାବରେ ଉଠି ଘର ଭିତରେ ଯାଇ ଲୁଗା ଲାଇଲା। ହାତ ମୁହଁ ଧୋଇ ବୁଢା ପାଖକୁ ଆସି କହିଲା—

"ଏଥର ତମେ ଯାଅ ବାପା ! ···ଭାଗବତ ପୋଥୀ ବୋଲିବ
ମୁଁ ରାନ୍ଧିବା— ।"

ବୁଢ଼ା କହିଲା—

"ନାଇଁ-ନାଇଁ-ତା ହେବନି । ମୁଁ ବଞ୍ଚି ଥାଉଁ ଥାଉଁ ତ
ରନ୍ଧାଇ ଦେବିନି ତୁ ଅଫିସ ଗୁଡ଼ାକ ନେଇ ରହ—ମୁଁ ଘର କ
ସବୁ କରିବି ।"

ଗୋବର୍ଦ୍ଧନ ଫିକ କରି ହସି ଉଠି କହିଲା—

"ନାଇଁ ବାପା ! ତା ହେବନି । ମୁଁ ନ ଥିଲାବେଳେ ତମେ ଯା
କରିବ । ବର୍ତ୍ତମାନ ମୁଁ ଅଛି । ଆଗ ତମ ସେବା କରି ପଛେ ଅ
ଯାହା କରିବି—।'

ବୁଢ଼ା ହସି ହସି କହିଲା—

"ତୋହର ଏଇ ଯୋଉ ଜିଦ୍‌ଖୋର କଥା ନା—।"

କହି ଦେଇ ବୁଢ଼ା ଚୁଲୀ ପାଖରୁ ଉଠିଗଲା । ଗୋବର୍ଦ୍ଧନ ବ
ରନ୍ଧା ରନ୍ଧା କରିବାରେ ଲାଗିପଡ଼ିଲା ।

ଗୋବର୍ଦ୍ଧନ ଭାବୁ ଥିଲା—

"ମେମେ ନଗର ସାହେବ ଟି ଭାରି ସୁନ୍ଦର । ଏପରି ସୁନ୍ଦର ରୂ
ହସ ହସ ମୁହଁ ତା କୁମାରୀ ଜୀବନରେ ଏହି ପ୍ରଥମ । ଅଜଣା ପୁଲ
ପ୍ରାଣ ଭିତରେ ତା ର ଗୋଟିଏ ଶିହରଣ ଖେଳିଗଲା । ଅବଳା ମ
କେତେଦିନ ଏହିପରି ଛଦ୍ମ ବେଶରେ ପୁରୁଷ ମହଲରେ ଯେ
କରିବାକୁ ହେବ ସେ କଥା ସେହି ମହା ପ୍ରଭୁଙ୍କୁ ଜଣା ।

ଗୋବର୍ଦ୍ଧନର ମନେ ପଡ଼ିଲା ମିସ୍ ପଟ୍ଟନାୟକଙ୍କ କଥା । ଓ
ଝିଅ । ଏପରି ପୁରୁଷ ମହଲରେ କାନ୍ଧକୁ କାନ୍ଧ ମିଳାଇ ଅଫି
କାମ କରିବା ଦେଖି ଅଶ୍ଚର୍ଯ୍ୟ ହେଲା ସେ । ଆମ ଓଡ଼ିଶା ଦେ
ଝିଅମାନେ ଯେତେବେଳେ କାମ କରୁଛନ୍ତି ମୁଁ ବା କାହିଁକି

ପାରିବ ? ବାପା ବୋଝ ପଇସା ଖରଚ କରି ଯୋଗ୍ୟ କରିଛନ୍ତି କଣ ଖାଲି ଚୁଲି ମୁଣ୍ଡକୁ ଆଶ୍ରୟ କରି ରହିବା ପାଇଁ ?

ଗୋବର୍ଦ୍ଧ ଶୁଣିଥିଲା—ବଙ୍ଗ ଦେଶରେ ବଙ୍ଗାଳି ଝିଅମାନେ ଅଫିସରେ କିରାଣୀ କାମ କରନ୍ତି । ହାକିମ ଦପୋଟି ହୁଅନ୍ତି । ତାଙ୍କୁ ଆମ ଓଡ଼ିଶାରେ ତ ଏପରି ନାହିଁ । ଯିଏ ବା ଜଣେ ଅଧେ ଅଛନ୍ତି ସେମାନଙ୍କୁ କେହି ଜାଣୁ ନାହାନ୍ତି କି କେହି ଚିହ୍ନୁ ନାହାନ୍ତି ।

ଆଜି କାଲି ଦେଶ ଆଗେଇଚି । ପ୍ରତି ଥାନାକୁ ଥାନା ସ୍କୁଲ କଲେଜ ହେଉଛି । ଶିକ୍ଷିତ ସଂଖ୍ୟା ବଢୁଛି । ଆମ ଓଡ଼ିଶାର ଝିଅମାନେ ଶିକ୍ଷିତା ହୋଇ ଅଫିସରେ କିରାଣୀ ନହେବେତ ଆଉ ହେବେ କଣ ? ଅନ୍ୟାନ୍ୟ ଶିକ୍ଷିତ ପ୍ରଦେଶ ସଙ୍ଗରେତ ପୁଣି ଆମକୁ ସମାନ ଭାବରେ ତାଳ ଦେବାକୁ ହେବ ?

ଏହି ମୁହୂର୍ତ୍ତିରେ ଗୋବର୍ଦ୍ଧର ମନେ ହେଲା—ସେତ ନିଜେ ଝିଅଟିଏ । ଛଦ୍ମ ବେଶରେ ପୁରୁଷଙ୍କ ମେଳରେ କାମ କରିବାକୁ ଯାଉଛି । ଯଦି ତାର ଛଦ୍ମବେଶୀ କଥା କେହି ଜାଣିପାରେ । ତେବେ ପରିଣାମ କଣ ହେବ ? ବଡ଼ ସାହେବ ଜାଣିବେ । ଯଦି ଛଦ୍ମବେଶର କାରଣ ସେ ମୋତେ ପଚାରିବେ ତେବେ ତାଙ୍କୁ କଣ କହିବ ? ମୋ ଭାଇ ଜଣେ ଫେରାର ଆସାମୀ ଏକଥା ଯଦି କହେ ତେବେ ମୋ ଅବସ୍ଥା କଣ ହେବ ?

ଏହିପରି କେତେ କଥା ଗୋବର୍ଦ୍ଧ ମନରେ ଉଦୟ ହୋଇ ମନଟାକୁ ତାର କେତିକି ମନ୍ଥି ପକାଇଲା । କଣ ହେବ ଭବିଷ୍ୟତକୁ ଏହି ଆଶଙ୍କାରେ ହୃଦୟ ଭିତର କମ୍ପି ଉଠୁଥିଲା ।

ନାନା ଦୁଃଶ୍ଚିନ୍ତା ଭିତରେ ରନ୍ଧା ରନ୍ଧି କାମ ଶେଷ କଲା ଗୋବର୍ଦ୍ଧ । ଥାଳିରେ ଭାତ ବାଢ଼ି ଆସନଟା ବିଛେଇ ଦେଲା । ପାଣି ଗ୍ଲାସଟି ଥୋଇ ଧୀର ଗଳାରେ ଡାକିଲା—

"ଏଥର ଆସ ବାପା ! ଖାଇବା—।"

ବୁଢ଼ାଟି ଭାଗବତ ପୋଥିରେ ଡୋର ବାନ୍ଧି ଆସି ଭାତ ଥାଳି ପାଖରେ ବସିଲା ।

ଖାଉଁ ଖାଉଁ କହିଲା—

"ଗୋଟାଏ କଥା ଭାବି ମନରେ କାହିଁକି ମୋର ଭୟ ଆସୁଛି ମା !"

ଧୀର ଗଳାରେ ଗୋସ୍ୱାମୀ କହିଲା—

"ଭୟ ପୁଣି କଣ ବାପା ?"

"ମୁଁ କହୁଛି ଚାକିରୀ ତୁ କରନି—!"

"କାହିଁକି ?,,

"ତୋର ଛଦ୍ମବେଶ କଥା ଯଦି ଜଣା ପଡେ ?

"ସେ ପାଇଁ ମୁଁ ଖୁବ ସାବଧାନ ରହିବି —।"

"ଚାକିରୀ ନ କଲେ କଣ ଚଳିବନି ?"

"ଖାଇବ କଣ ?,,

"କାହିଁକି—ମୁଁ ମନୋହାରୀ ଜିନିଷ ଫେରି କରି ରାସ୍ତା ଘାଟ ବୁଲି ବିକିଲେ କଣ ଆମ ପେଟ ଅପୋଷା ରହିବ ?"

ଗୋସ୍ୱାମୀ କ୍ଷଣକାଳ ପାଇଁ ନୀରବ ରହିଲା । ବୁଢ଼ାଙ୍କର ଏ ପ୍ରସ୍ତାବ ମନ୍ଦ ନୁହେଁ । ରାସ୍ତା ଘାଟରେ ମନୋହାରୀ ଜିନିଷ ଫେରି କରି ବିକିବାରେ ଯେଉଁ ସ୍ୱାଧୀନତା ଅଛି ପର ଘରେ ଚାକିରୀ କରିବାରେ ତା ନାହିଁ । ତେବେ କଣ ସେ ଚାକିରୀକୁ ଯିବନି ?

ପର ମୁହୂର୍ତ୍ତରେ ମେନେଜର ସାହେବଙ୍କ ହସ ହସ ସୁନ୍ଦର ମୂର୍ତ୍ତି—ଗୋସ୍ୱାମୀଙ୍କର ଆଖି ଆଗରେ ନାଚି ଉଠିଲା । କ୍ଷଣକେ ଦେଖାରେ ନିଜର କରି ପକାଇଛନ୍ତି ସେ । ସତେ କେଡ଼େ ସୁନ୍ଦର ବ୍ୟବହାର ମ ତାଙ୍କର !

ଗୋରୀଚାନ୍ଦ ମନେ ମନେ ସ୍ଥିର କଲା—ଚାକିରି ସେ କରିବ । ଢ଼ା ବାପାର କଥା ଶୁଣିବନି ।

ଗୋରୀଚନ୍ଦର ନୀରବତା ଦେଖି ବୁଢ଼ା ପୁଣି କହିଲା—

"ପୁଣି କଣ ଏତେ ଭାବୁଚୁ ମା ?"

ଧୀର ଗଳାରେ ଗୋରୀ ଚୁନ୍ଧ କହିଲା—

"ନାଇଁ ବାପା ! ମୁଁ ଚାକିରି କରିବି । ତମେ ବୁଢ଼ା ଲୋକ, ଘାଟରେ ବୁଲି ମନୋହାରୀ ଜିନିଷ ବିକିବା ପୁଧର ବନି...।"

ବୁଢ଼ା କହିଲା—

"ତୋତେ ଯେମିତି ଭଲ ଦେଖା ଯାଉଚି କର ମା । ମୁଁ କହୁ-ଚି ତୁ ପିଲା ଲୋକ ଅଫିସ କାମକୁ ପାରିବୁ କି ନା, ସେଥିରେ ପୁଣି ବିଦେଶରେ ରହିବୁ । ସେଇଥି ପାଇଁ...।"

ମୃଦୁ ହସି ଗୋରୀଚାନ୍ଦ କହିଲା...

"ସେ ପାଇଁ ତମେ ମୋତେ ଚିନ୍ତା କରନି ବାପା । ... ମୁଁ ସାବଧାନରେ ଅଫିସରେ ଚଳିବି...।"

"ସେହି କଥା ହେଉ ମା । ଜଗନ୍ନାଥ ତୋତେ ସାହାଯ୍ୟ କରନ୍ତୁ... ।"

କଥା ବାର୍ତ୍ତା ଭିତରେ ଦୁଇ ଜଣଙ୍କର ଖିଆ ଶେଷ ହୋଇଗଲା ।

ବୁଢ଼ା ବିଛଣାରେ ଯାଇ ଆରାମରେ ଶୋଇ ପଡ଼ିଲା । ଗୋରୀ ନିଜର ବିଛଣା ପାଖରେ ବସି ଆସନ୍ତା କାଲି କିପରି ଅଫିସକୁ ଯାଇ ବଡ ସାହେବଙ୍କ ସାଙ୍ଗରେ କଣ କଥା ବାର୍ତ୍ତା କରିବ, ସେହି କଥା ମନେ ମନେ ଚିନ୍ତା କରିବାକୁ ଲାଗିଲା ।

* * *

ଖୋଲା ପଡିଆରେ ବିରାଟ ଜନସଭା ବସିଛି । ଦଳ ଦଳ ହୋ ଲୋକେ ଆସି ନିଜ ନିଜର ସ୍ଥାନରେ ବସି ଯାଉଛନ୍ତି । ସଭ ମନରେ ଉତ୍ସାହ ଥିଲା ଭଳି ଜଣା ଯାଉଛି । ଆଗ୍ରହର ସହିତ ସମ ଏକ ଦୃଷ୍ଟିରେ ସଭାମଣ୍ଡପ ଆଡକୁ ଅନାଇଁ ବସିଛନ୍ତି !

ସତୁରି କି ପଞ୍ଚସ୍ତରୀ ବର୍ଷ ବୟସ୍କା ଜଣେ ବୃଦ୍ଧା ସଭାନେତ୍ରୀ ଆସନ ଅଳଂକୃତ କରିଛନ୍ତି । ତାଙ୍କ ପାଖରେ ବାଇଶି କି ତେଇଶି ବର୍ଷର ଜଣେ ଯୁବକ ବସିଛି । ଅନ୍ୟ ଦୁଇଖଣ୍ଡି ଚେଅ ଉପରେ ଦୁଇଜଣ ଭଦ୍ରଲୋକ ବସିଛନ୍ତି । ସାମନାରେ ଖଣ୍ଡେ ଲ ବେଞ୍ଚ ଉପରେ ଦଶ ବାରଜଣ ଭଦ୍ର ମହିଳା ବସିଛନ୍ତି । ନାନା (ପୁଷ୍ପରେ ସଭା ମଣ୍ଡପଟି ଶୋଭା ପାଉଛି ।

କ୍ରମଶଃ ଜନ ଗହଳରେ ସଭା ସ୍ଥଳୀଟି ପୂରିଉଠିଲା । ସଭା ଏ ଆରମ୍ଭ ହେବ ବୋଲି—ମାଇକ୍ ସାମନାରେ ସଭା ଭ ଜଣେ ଆସି ଗୁରୁଗମ୍ଭୀର ଗଳାରେ କହିଲେ—ଆପଣମା ନୀରବରେ ବସନ୍ତୁ । ଏଥର ସଭା କାର୍ଯ୍ୟ ଆରମ୍ଭ କରାଯିବ ।

ସଭା ସ୍ଥଳଟି ନୀରବ ହେଲା ।

ସଭାନେତ୍ରୀ କହିଲେ—

“ଯୁବକନେତା ଶ୍ରୀମାନ କେଶରୀ ଆପଣମାନଙ୍କୁ କିଛି କହିବେ

ସଭାନେତ୍ରୀଙ୍କ ଆହ୍ୱାନରେ ଯୁବକ ନେତା ଶ୍ରୀମାନ କେ ମାଇକ୍ ସାମନାରେ ଆସି ଠିଆ ହେଲେ ।

ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରି ନିଜର ବକ୍ତବ୍ୟ ଆ କରି କହିଲେ—

ପ୍ରିୟ ଭାଇ ଓ ଭଉଣୀମାନେ !

"ଆଜିର ଏ ସଭାରେ ମୁଁ କିଛି କହିବି ବୋଲି ମତେ ମାନନୀୟା ସଭାନେତ୍ରୀ ଆହ୍ୱାନ କରିଛନ୍ତି । କହିବା ଲାଗି ଯେତେବେଳେ ଆହ୍ୱାନ ଆସିଛି ନ କହିବି ବା କିପରି ? ଯାହା ମୋର କ୍ଷୁଦ୍ର ଅନୁଭୂତି ହୃଦୟରେ ସାଇତି ରଖିଛି ସେହି ଅନୁଭୂତିରୁ ମୁଁ ଆପଣମାନଙ୍କ ଆଗରେ କିଛି କହୁଛି ।

ବର୍ତ୍ତମାନ ଆମ ଦେଶରେ ଆଉ ବିଦେଶୀ ଶାସନ ନାହିଁ । ଆମ ଉପରେ ହେଉଥିବା ଅତ୍ୟାଚାରକୁ ଆମେ ଆଉ ବିଦେଶୀ ଲୋକଙ୍କ ଉପରେ ଲଦି ପାରିବା ନାହିଁ । ଦେଶ ପାଇଁ ଅଳ୍ପ ବହୁତରେ ସମସ୍ତ ଦେଶବାସୀଙ୍କର ଦାବୀ ରହିଛି । ପ୍ରତ୍ୟେକ କଥାରେ ସମସ୍ତଙ୍କର ଆଲୋଚନା ଓ ସମାଲୋଚନା କରିବାର ଅଧିକାର ରହିଛି । ତେଣୁ ଆମେ ମୂକ ହୋଇ ବସି ରହିବା ଅନୁଚିତ । ନ୍ୟାୟ ଅନ୍ୟାୟ ବିଚାର କରିବା ଲାଗି ବିବେକ ଭଗବାନ ଆମକୁ ଦେଇଛନ୍ତି । ଆଉ ଆମର ଭୟ କାହାକୁ ? ଆଖିବୁଜି ଅନ୍ୟାୟକୁ ସହିନେବା କଣ ବିବେକୀ ଲୋକ ପକ୍ଷରେ ସମ୍ଭବ ହେବ ?

ଯେ ଅତ୍ୟାଚାର କରେ ସେ ପାପୀ ନୁହେଁ । ଯେଉଁମାନେ ଏହି ଅତ୍ୟାଚାରକୁ ସହ୍ୟ କରନ୍ତି ସେମାନେହିଁ ମହା ପାପୀ !

ଭାଇମାନେ ! ଆମେ ଆଜି ବିଦେଶୀ ଶାସନର ନାଗ ଫାଶରେ ବନ୍ଦୀ ନୁହଁନ୍ତି ।...ଆମେ ସମସ୍ତେ ବର୍ତ୍ତମାନ ମୁକ୍ତ ଆକାଶର ସ୍ୱାଧୀନ ବିହଙ୍ଗ । ଏହା ଗଣତନ୍ତ୍ରର ଯୁଗ । ରାଜତନ୍ତ୍ର ଦେଶରୁ ଲୋପ ପାଇ ଯାଇଛି । ଗଣମତରେ ସମାଜ ପ୍ରତିଷ୍ଠା ହୋଇଛି । ଆମ ଦେଶର ଉନ୍ନତି କଥା ଆମେ ନିଜେ ବିଚାରକରି କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେବା । ନିଜ ନିଜ ଭିତରେ ଥିବା ହିଂସା ଓ ଭେଦଭାବ ଭୁଲିଯାଇ ସତ୍ୟ ଏବଂ ନ୍ୟାୟର ପୂଜାରୀ ହେବା । ଏ ରାଜ୍ୟ କାହାର ନୁହେଁ । ଆମର ।

ଆମେ ମାନେହିଁ ଏହାର ରୂପରେଖ ନିର୍ଦ୍ଧାରଣ କରିବା ।

ବାପୁଜୀ ରାମ ରାଜ୍ୟର ସ୍ୱପ୍ନ ଦେଖୁଥିଲେ । ଦେଶ ସ୍ୱାଧୀନ ହେଲା, କିନ୍ତୁ ଆଜି ବାପୁଜୀ ନାହାନ୍ତି । ତାଙ୍କର ଆଦର୍ଶ ଆମଠି ରହିଛି । ସେହି ମହାତ୍ମାଙ୍କ ଆଦର୍ଶରେ ଆମେ ନିଜକୁ ଗଢି—ଗଢିବା ଏ ସୁନାର ଦେଶ ।

ଯେଉଁ ନେତାମାନେ ମିଠାକଥା ଶୁଣାଇ ଏହି ନିରୀହ ଲୋକଙ୍କୁ ଭୁଲାଇ ନିଜର ସ୍ୱାର୍ଥ ସିଦ୍ଧିଲାଗି ସବୁବେଳେ ବ୍ୟସ୍ତ, ଆମେ ସମସ୍ତେ ମିଳି ତାର ପ୍ରତିରୋଧ କରିବା । ଅନ୍ୟାୟକୁ ସମର୍ଥନ କରିବା ନାହିଁ । ଯେଉଁମାନେ କଳାପୋତେଇ କରି ଗରିବଙ୍କର ଗଳାରେ ଛୁରି ଦେଉ-ଅଛନ୍ତି ସେମାନଙ୍କୁ ଉଚିତ ଶାସ୍ତି ଦେବା । ଆମେ ଭାରତ ମାତାର ସନ୍ତାନ । ପରସ୍ପର ପ୍ରତି ଆମେ ହିଂସା କପଟ ରଖିବା ନାହିଁ । ସମସ୍ତେ ସରଳ ମନଭାବ ରଖି ଦେଶ ତଥା ଦେଶବାସୀଙ୍କର କଲ୍ୟାଣ ସାଧନ କରିବାର ଶପଥ ଗ୍ରହଣ କରିବା ।

ଯେଉଁମାନେ ବାହାଦିଆ—ଭଲକୁ ଭେଲ ଆଉ ଭେଲକୁ ଭଲ କହନ୍ତି ସେମାନଙ୍କୁ ବିଶ୍ୱାସ କରିବା ଠିକ ନୁହେଁ । ଭାଇମାନେ ! ଆମ ଆଗରେ ବହୁ ସମସ୍ୟା ରହିଛି । ଆଜି ଦେଶର ଲୋକେ ପ୍ରତି କଥାରେ ଆତଙ୍କିତ ହେଉଛନ୍ତି । ଏହାର କାରଣ କଣ ଜାଣନ୍ତି ?

ସବୁସମୟରେ ଅଭାବ ଅନାଟନ ଦେଶରେ ଲାଗି ରହିଛି । ହା ଅନ୍ନ ହା ଅନ୍ନ ଚିତ୍କାରରେ ଦେଶଟା ଦୁଃସ୍ଥ ରହିଛି । ବେକାର ସମସ୍ୟା ବଢ଼ି ଚାଲିଛି । ମିଲ ମାଲିକମାନେ ଶ୍ରମିକମାନଙ୍କର ନ୍ୟାଯ୍ୟ ଦାବୀ ପୂରଣ ନ କରି ସ୍ୱେଚ୍ଛାମତେ କାମ ହାସଲ କରିବାରେ ଲାଗିଛନ୍ତି । ଶ୍ରମିକ ରାତି ଦିନ ମେସିନ ସଙ୍ଗେ ଯୁଦ୍ଧ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି ଦେହର ରକ୍ତ ମାଂସ ପାଣି କରି ଦେଉଛି । ତଥାପି ତାର ପିଲାମାନେ ଦି'ବେଳା ପେଟପୁରା ଖାଇବାକୁ ପାଉନାହାନ୍ତି । ପିଠି ଲୁଚେଇବା

ଲାଗି ଘରର ବୋହୂ ପାଞ୍ଚହାତ କନା ପାଏନା । ଏସବୁ କାହିଁକି ? କାହାପାଇଁ ହେଉଚି ?

ଭାଇମାନେ !

ଆପଣମାନେ ଜାଣିଥିବେ ଯେଉଁମାନଙ୍କୁ ଆମେ ଭୋଟ ଦେଇ ଗାଦୀରେ ବସେଇଛନ୍ତି ଯେଉଁମାନେ ଦେଶର ଭାଗ୍ୟବିଧାତା ବୋଲି ବଡ଼ ବଡ଼ କଥା କହୁଛନ୍ତି, ବାସ୍ତବରେହିଁ ସେମାନେ ଦେଶର ଶତ୍ରୁ—ଜାତିର ଶତ୍ରୁ । ସେହିମାନଙ୍କ ଦ୍ୱାରା ଆମ ଦେଶର ସର୍ବନାଶ ହେଉଛନ୍ତି । ନେତାମାନଙ୍କ ମଧ୍ୟରୁ କିଏ ଭଲ କିଏ ମନ୍ଦ ଆମକୁ ଚିହ୍ନି ବାହାର କରିବାକୁ ହେବ । ସର୍ବୋତ୍କୃଷ୍ଟ ଲୋକକୁ ବାଛି ଆମକୁ ଭୋଟ ଦେବାକୁ ହେବ । ମିଠା କଥାରେ ଆମେ ଭୁଲିବାନି କି କାହାର କଥା ଶୁଣିବାନି । ଆମର ନିଜ ବୁଦ୍ଧିରେ ଆମେ ବାଛି ଚାଲିବା ।

ଯୁବକ ନେତା ଶ୍ରୀମାନ୍ କେଶରୀ ଆଉ କଣ କହିବାକୁ ଯାଉଥିଲେ । ହଠାତ୍ ଜନତା ମଧ୍ୟରୁ ପାଟିତୁଣ୍ଡ ଶୁଣାଗଲା । ସମସ୍ତେ ହୋ ହା ହୋଇ ଉଠି ଠିଆହୋଇ ଗଲେ । କିଛି ସମୟ ପରେ ଟିଅର ଗ୍ୟାସ୍ ବା କାନ୍ଦୁଣି ଗ୍ୟାସ୍ ପ୍ରୟୋଗ ହେଲା । ଛତ୍ରଭଙ୍ଗ ହୋଇ ଜନତା ଦଳ ଦଳ ହୋଇ ପ୍ରାଣ ବିକଳରେ ପଳାଇଗଲେ । ଦଳ ଦଳ ପୁଲିସ ହାତରେ ବନ୍ଧୁକ ଧରି ସଭା ମଣ୍ଡପର ଚାରିପଟେ ଦେଖି ଠିଆହୋଇ ରହିଲେ ।

କ୍ଷଣକ ପୂର୍ବରୁ ଯେଉଁ ଜାଗାଟି ଜନ ସମାଗମରେ ପୂର୍ଣ୍ଣ ଥିଲା ପୁଲିସ ଲୋକଙ୍କ ଆଗମନରେ ସେ ସ୍ଥାନଟି ଜନଶୂନ୍ୟ ହୋଇଗଲା । ସଭାମଣ୍ଡପରେ ବସି ରହିଲେ ସଭାନେତ୍ରୀ, ଶ୍ରୀମାନ କେଶରୀ, ଆଉ କେତେଜଣ ଉଦ୍‌ଯୋଗିତା ।

ପୁଲିଶ ଅଫିସର ଧୀରେ ଧୀରେ ସଭାନେତ୍ରୀଙ୍କ ପାଖକୁ ଆସି କହିଲେ—

"ଯେଉଁ ଯୁବକଟି ବର୍ତ୍ତମାନ ଭାଷଣ ଦେଉଥିଲେ ସେ ଯୁବକ ଉପରେ ଆମର ସନ୍ଦେହ ହେଉଛି। ଆମେ ତାଙ୍କୁ ଆରେଷ୍ଟ କରୁଛୁ।"

ସଭାନେତ୍ରୀଙ୍କଠାରୁ କିଛି ଶୁଣିବା ଆଗରୁ ପୁଲିଶ ଅଫିସର ଜଣକ ଶ୍ରୀମାନ କେଶବଙ୍କ ହାତରେ ହାତକଡ଼ି ପିନ୍ଧାଇ ଥାନାକୁ ଚାଲାଣ କରିଦେଲେ।

କାହାରି କିଛି କହିବାର ନାହିଁ। ସମସ୍ତେ ସଭାନେତ୍ରୀଙ୍କ ସହିତ ଆଶ୍ରମକୁ ଫେରି ଆସିଲେ।

ଆଶ୍ରମର ନିଭୃତ କୋଠରୀରେ ବିଚାର ବସିଲା। ଯୁବକ ନେତା ଶ୍ରୀମାନ କେଶବଙ୍କୁ ମୁକୁଳାଇବାକୁ ହେବ। ପୁଲିଶର ଏପରି ଅନ୍ୟାୟର ପ୍ରତିରୋଧ କରିବାକୁ ହେବ।

ଶେଷରେ ସିଦ୍ଧାନ୍ତ ହେଲା—ଶ୍ରୀମାନ କେଶବଙ୍କୁ ଯେ କୌଣସି ଉପାୟରେ ମୁକୁଳେଇବାକୁ ହେବ। ପୁଲିଶ ସନ୍ଦେହରେ ଜଣେ ନିରପରାଧ ଯୁବକକୁ ବିନା କାରଣରେ ଆରେଷ୍ଟ କରିଥିବାରୁ ତାର ପ୍ରତିବାଦ ଦରକାର।

ପରଦିନ ଖବର କାଗଜରେ ବଡ ବଡ ଅକ୍ଷରରେ ଶ୍ରୀମାନ କେଶବଙ୍କର ଆରେଷ୍ଟ କଥା ବାହାରି ପଡ଼ିଲା! ସମସ୍ତେ ପୁଲିଶର ଅନ୍ୟାୟ—ପ୍ରତିବାଦ କରି ସମ୍ପାଦକୀୟ ଟୀପଣିମାନ ଲେଖିଲେ।

ସହରସାରା ହଇଚଇ ପଡିଗଲା। ଶ୍ରୀମାନ କେଶବ କିଏ, ତାର ପ୍ରକୃତ ପରିଚୟ ଜାଣିବାପାଇଁ ଲୋକଙ୍କ ମନରେ ଉତ୍କଣ୍ଠା ଜନ୍ମିଲା। ଦଳ ଦଳ ଜନତା ଆସି ଅଦାଲତ ସାମନାରେ ରୁଣ୍ଡହୋଇ ଠିଆ ହୋଇ ରହିଲେ।

ସଭିଙ୍କ ମନରେ ଗୋଟିଏ ପ୍ରଶ୍ନ—ବିଚାରରେ କଣ ହେବ ? ... ଯୁବକ ନେତା ଜଣକ କିଏ ? ତାର ପ୍ରକୃତ ପରିଚୟ କଣ ?

ଶ୍ରୀମାନ କେଶରୀ ବିଚାରକଙ୍କ ସାମନାରେ କାଠ ବେଢ଼ା ଭିତରେ ଆଉଜାଇ ରହିଛନ୍ତି । ଆଖିର ଦୀପ୍ତି ଉଜ୍ଜଳି ଉଠୁଚି । ସିଂହ ଛୁଆ ...ଲି ଠିଆ ହୋଇଚି ସେ । ମନରେ ଦମ୍ଭ—ହୃଦୟରେ ସାହସ ଅଛି । ...ଏ କୌଣସି ଲୋକ ଦେଖିଲେ ଯୁବଟିକୁ ନିଜର ବୋଲି ଭାବିବ ।

ଅଦାଲତ ଘରେ ସମସ୍ତେ ବସି ଆଗ୍ରହରେ ବିଚାରକଙ୍କ ମୁହଁକୁ ...ନାଇ ରହିଛନ୍ତି ।

କିଛି ସମୟ ପରେ ବିଚାରକଙ୍କ ମୁହଁରୁ ପ୍ରଶ୍ନ ଶୁଣାଗଲା—

"ଶ୍ରମିକମାନଙ୍କୁ ତମେ ଏକଯୁଟ କରି ମାଲିକମାନଙ୍କ ବିରୁଦ୍ଧରେ ... ପରାମର୍ଶ ଦେଉଥିଲ ?"

ଶ୍ରୀମାନ କେଶରୀ ସେହିପରି କାଠ ବେଢ଼ା ଭିତରେ ଠିଆ ହୋଇ କହିଲେ—

"ଶ୍ରମିକମାନେ ଏକଯୁଟ ହୋଇ ନିଜ ନିଜର ଭବିଷ୍ୟତ କର୍ତ୍ତବ୍ୟ ସମ୍ବନ୍ଧରେ ଆଲାପ ଆଲୋଚନା କରିବା କଣ ଏହା ମାଲିକ ବିରୋଧି ବୋଲି ଧରାଯିବ ?"

ମାନନୀୟ ବିଚାରକ କିଛି ସମୟ ପାଇଁ ଶ୍ରୀମାନ କେଶରଙ୍କୁ ଅନାଇ ରହିଲେ । ତାପରେ କହିଲେ—

"ତୁମେ ଏଠାରେ କଣ କର ?"

"ଯୁଗ ଆଶ୍ରମର ଜଣେ ସେବକ ହିସାବରେ ମୋର ଯାହା କର୍ତ୍ତବ୍ୟ ତାହାହିଁ କରେ—"

"ଯୁଗ ଆଶ୍ରମର ନୀତି କଣ ?"

"ଦୁର୍ବଳ ଉପରେ ସବଳର ହେଉଥିବା ଅନ୍ୟାୟକୁ ପ୍ରତିରୋଧ କରିବ —।"

"ସେଥିପାଇଁ ତୁମ ମୁଣ୍ଡ କାହିଁକି ଗେଲୁଛ ?—ତା ପା
କୋର୍ଟ କଚେରୀ ଅଛି— ।"

"କୋର୍ଟ କଚେରୀ ଦୁର୍ବଳ ଲୋକଙ୍କ ପାଇଁ ନୁହେଁ—।"

"କିପରି ଜାଣିଲ ?"

"ଯାହାଙ୍କ ପାଖରେ ବଣି ବଣି ଟଙ୍କା ଅଛି ସେହିମାନଙ୍କର ଓକି
ବାରିଷ୍ଟରମାନେ ସତକୁ ମିଛ ଓ ମିଛକୁ ସତ କହି ଜବାବ ସୁଅ
କରନ୍ତି । ଜିତାପଟ କେବଳ ସେହିମାନଙ୍କର ହୁଏ । ଆଉ ଦୁର୍ବ
ଲୋକ, ସେ ସବୁ କଥାରେ ଦୁର୍ବଳ । ତେଣୁ ସବୁ ଅତ୍ୟାଚାର ଆ
ବୁଜି ସହିଯାଏ ।"

"ଚିତ୍କାର କଲେ କଣ ସେମାନେ ଜୟୀ ହେବେ ?"

"ନିଶ୍ଚୟ ହେବେ । ଏହା ଗଣତନ୍ତ୍ରର ଯୁଗ ।"

"ତୁମେ କଣ ବିପ୍ଳବୀ ?"

"ଥରେ କହିଛି—ଅଶ୍ରମର ଜଣେ ସେବକ ମୁଁ ।"

"ତମ ନାମ କଣ ?"

"ମୋ ନାମ ଶ୍ରୀମାନ କେଶରୀ !"

—"ମୁଁ ଯଦି କହେ ତୁମ ନାମ ଗୌରହରି ବୋଲି— ।

ଶ୍ରୀମାନ କେଶରୀ ନିରବ ରହିଲେ । କିଛି ସମୟ ପାଇଁ ସମସ୍ତେ
ନିଜ ନିଜର ମୁଁହ ଚୁହାଁ ଚୁହିଁ ହେଲେ— ।

ବିଚାରକ ମହାଶୟ ଖଣ୍ଡେ ଖବର କାଗଜ ଦେଖାଇ ପୁଣି ଥରେ
କହିଲେ—

"ଏ କାହାର ଫଟୋ ଚିହ୍ନି ପାରୁଛ ? ତୁମ ଚେହେରା ସାଙ୍ଗେ
ଠିକ ମିଳି ଯାଉଛି—ନୁହେଁ ?"

ଶ୍ରୀମାନ କେଶରୀ ଖବର କାଗଜକୁ ଲକ୍ଷ୍ୟ କରି ଭଲ ଭାବରେ
ଦେଖିଲେ । ଜଣେ ଯୁବକର ଫଟୋ ! ବଡ ବଡ ଅକ୍ଷରରେ ଲେଖା

ହିଛୁ । ଗୌରହରି ଜଣେ ଫେରାର । ସେ ଜଣେ ଲୋକକୁ ହତ୍ୟା
ରି ପଳାଇ ଯାଇଛି । ଯିଏ ଧରି ଦେବ, ତାହାଙ୍କୁ ସରକାର
ରସ୍କାର ଦେବେ ।

ଧୀର ଓ ଅବିଚଳିତ କଣ୍ଠରେ ଶ୍ରୀମାନ କେଶରୀ କହିଲେ—

"ଆପଣ କଣ ବିଶ୍ବାସ କରୁଛନ୍ତି—ମୋ ନାଆଁ ଗୌରହରି ?"

"ତୁମେ ଯଦି ତୁମର ପ୍ରକୃତ ପରିଚୟ ନଦିଅ ଆମେ ବାଧ୍ୟହୋଇ
ତୁମକୁ ଆରେଷ୍ଟ କରିବୁ । ଯେ ହେତୁ ଫଟୋ ସାଙ୍ଗରେ ତୁମର
ଚେହେରାର ମେଳ ଅଛି—।"

ଆପଣ ମୋର ପରିଚୟ ତେବେ ଏହି ଫଟୋରୁ ଜାଣୁଛନ୍ତି ?

"ମୁଁ ଜାଣେନି ! ପୁଲିସ ବିଭାଗର ସି:ଆଇ:ଡ଼ି ଅଫିସର
ରିପୋର୍ଟରୁ ମିଳୁଛି—।"

"ମୁଁ କିନ୍ତୁ ଗୌରହରି ନୁହେଁ—"

"କିନ୍ତୁ ରିପୋର୍ଟ ଯେ କହୁଛି ତୁମେ ଗୌରହରି ବୋଲି—।"

ଶ୍ରୀମାନ କେଶରୀ ଆଉ କଣ କହିବାକୁ ଯାଉଥିଲେ । ହଠାତ୍
ଲ ଭିତରକୁ ଜଣେ ବୃଦ୍ଧା ପଶି ଆସିଲେ । ବୃଦ୍ଧାଙ୍କୁ ସମ୍ମାନ
ଦେଖାଇବା ପାଇଁ ସମସ୍ତେ ନିଜ ନିଜ ଚେଆରରୁ ଉଠି ଛିଡ଼ା
ହେଲେ । ମାନ୍ୟବର ବିଚାରକ ମହୋଦୟ ବୃଦ୍ଧାଙ୍କୁ ନିଜ ପାଖରେ
ସନ ଦେଇ ଆଗମନର କାରଣ ପଚାରିଲେ ।

ବୃଦ୍ଧା ଜଣକ ଧୀର ଗଳାରେ କହିଲେ—

"ଆପଣ ସନ୍ଦେହରେ ଶ୍ରୀମାନ କେଶରୀଙ୍କୁ ଆରେଷ୍ଟ କରିଛନ୍ତି ।
ଗୌରହରିର ଚେହେରା ସାଙ୍ଗରେ ତାଙ୍କର ଚେହେରା ମେଳ ଥିବାର
:ଆଇ:ଡ଼ି: ମାନେ ସନ୍ଦେହରେ ଭୁଲ ରିପୋର୍ଟ ଦେଇଛନ୍ତି । ଆପଣମାନ
ଠିକେ ମୋତେ ଏକଥା କହିବାକୁ ବାଧ୍ୟ ହୋଇ ମୁଁ ଅଦାଲତକୁ
ସିଲି—।"

ଆଶ୍ଚର୍ଯ୍ୟ ଭଙ୍ଗିରେ ମାନ୍ୟବର ବିଚାରପତି ବୃଦ୍ଧାଙ୍କୁ ଅନାଇ କହିଲେ

—"ତେବେ ଏ ଯୁବକ ଜଣଙ୍କର ପ୍ରକୃତ ପରିଚୟ କଣ ?"

ବୃଦ୍ଧା ଜଣକ ମୃଦୁ ହସି କହିଲେ—

"ଏ ଯୁବକ ହେଉଛନ୍ତି—ମୋର ପୁଅ । ଓଡ଼ିଶା ବାହାରେ ରହି ଥିବାରୁ ଆଶ୍ରମକୁ ନୂଆ ଆସିଛନ୍ତି । ଆପଣ ଜାଣନ୍ତି ମୋର ଗୋଟି ବୋଲି ପୁଅ ଥିଲା । ଏ ପୁଅ ସେହି—"

"ତେବେ ଏ ଗୌରହରି ନୁହନ୍ତି ?"

"ନା !"

ମାନ୍ୟବର ବିଚାରପତି ସଙ୍ଗେ ସଙ୍ଗେ ଯୁବକଟିକୁ କାଠ ବେଢ଼ ଭିତରୁ ମୁକୁଳାଇବାକୁ ଆଦେଶ ଦେଲେ । ସମ୍ମାନର ସହିତ ବୃଦ୍ଧା ପାଖରେ ଯିବାକରି ମାନ୍ୟବର ବିଚାରପତି କହିଲେ—

"ନିଅନ୍ତୁ । ପ୍ରକୃତ ଗୌରହରି ବୋଲି ଭାବି ପୁଲିସ ଲୋକେ ଶ୍ରୀମାନ୍ କେଶବଙ୍କୁ ଗିରଫ କରିଥିଲେ । ସେ ପାଇଁ ମନରେ କି ଭାବିବେନି—।"

ବୃଦ୍ଧା ଜଣକ ସେହିପରି ମୃଦୁ ହସି ଉତ୍ତର କଲେ—

"ନା, ସେ ପାଇଁ ଆଉ ଭାବିବାର କଣ ଅଛି ? ଯାହା ହେବା ହେଇଗଲା—।"

ବୃଦ୍ଧାଜଣକ ଶ୍ରୀମାନ କେଶବଙ୍କୁ ସାଙ୍ଗରେ ଧରି ଅଦାଲତ ବାହାରକୁ ଚାଲି ଆସିଲେ ।

ଟାହିଁ ଥିବା ଜନତାଙ୍କ ମଧ୍ୟରେ ଆନନ୍ଦର ସୀମା ରହିଲ ନାନା ଜୟ ଧ୍ୱନିରେ ଅଦାଲତର ପ୍ରାଙ୍ଗଣ କମ୍ପମାନ ହୋଇ ଉ ମୂହୂର୍ତ୍ତକ ପାଇଁ ।

ବୃଦ୍ଧା ନିଜେ ଯାଇ ଶ୍ରୀମାନ କେଶବଙ୍କୁ ସୁସଜ୍ଜିତ ମଟର କାରେ ବସାଇଲେ । ମଟର କାର ଆଶ୍ରମ ଅଭିମୁଖେ ଗମନ କଲା ।

ଜନତା ନିଜ ନିଜ ଗନ୍ତବ୍ୟ ପଥରେ ବାହୁଡ଼ିଗଲେ । ଅଦାଲତ ଢ ହେଲା । ମ ନ୍ୟବର ବଚାରପତ ନିଜ କାର୍ଯ୍ୟ ସମାପନ କର ଲିଗଲେ ।

ବୁଢ଼ାଙ୍କର ମଠର ଚାଲିଛି—ଧୀର ଗଳାରେ ବୁଢ଼ା କହିଲେ—

"ପୁଲିସର ସନ୍ଦେହ ଥରେ ଯାହା ଉପରେ ପଡ଼ିଛି ସେ ଉଧୁରିବା ଜି ନୁହେ ଆମର ଏ ଆଶ୍ରମ ପ୍ରତି ସେମାନଙ୍କର ଭଲ ଧାରଣା ଛି ବୋଲି ଏ ଯାତ୍ରାରେ ତୁ ରକ୍ଷା ପାଇଗଲୁ । ନଚେତ ଧରାପଡ଼ି ଇଥାନ୍ତୁ—।"

ଧୀର ଗଳାରେ ଗୌରହରି କହିଲା—

"ଏଥର ଉପାୟ କଣ ? ମୁଁ ତେବେ କଣ କରିବ ?"

ବୁଢ଼ା କହିଲେ—

"କରିବୁ ଆଉ କଣ ? ଯେଉଁ ବୁଢ଼ା ସ୍ତ୍ରୀଲୋକଟି ଏଠାରେ ଛାଡ଼ି ଇ ଯାଇଛି ତୁ ପୁଣି ସେଠାକୁ ଚାଲିଯାଆ । ନଚେତ ତୋର ମ ବଦଳାଇ କେଉଁଠି ଚାକିରୀ କରି ରହ । ରାଜନୈତିକ ନ୍ଦୋଳନରେ ଆଉ ଭାଗ ନିଏନା—।"

ଗୌରହରି କିଛି କହିଲନି । ମନେ ମନେ ନିଜର ଭବିଷ୍ୟତ ନ୍ତା କରିବାରେ ତନ୍ମୟ ରହିଲା ।

ମଠର ଆସି ଆଶ୍ରମର ଦୁଆର ପାଖରେ ଠିଆ ହୋଇଗଲା । ଭିତରୁ ବୁଢ଼ା ଜଣକ ଓହ୍ଲାଇ ଆସିଲେ । ତାଙ୍କ ସାଙ୍ଗରେ କ ନେତା ଗୌରହରି ମଧ୍ୟ ଗାଡ଼ିରୁ ଓହ୍ଲାଇଲେ ।

ଆଶ୍ରମ ଭିତରକୁ ଯାଉ ଯାଉ ଗୌରହରି କହିଲା—

"ମୁଁ ତେବେ ଏଇଠାରୁ ବିଦାୟ ନେଉଛି ?"

ଆଶ୍ଚର୍ଯ୍ୟରେ ବୁଢ଼ା ଗୌରହରିକୁ କହିଲେ—

"ଏ କଣ କଥା ? ଯିବାକୁ କହିଲି ବୋଲି କଣ ଏତେ ଶୀ
ଚାଲିଯିବୁ ? ଚାକିରୀ ସନ୍ଧାନ କରିସାରି ଗଲେ କଣ ହେବନି ?"

ନମ୍ର ସ୍ୱରରେ ଗୌରହରୀ କହିଲା—

"ନାହିଁ ମା ! ମୁଁ ରହିଲେ କାଳେ ପୁଲିଶ ଲୋକେ ପୁଣି ସନ୍ଦେ
କରିବେ—"

ମୃଦୁ ହସି ବୃଦ୍ଧା ଜଣକ କହିଲେ—

"ସେ ଭୟ ଆଉ ନାହିଁ ବାପା ! ପୁଲିଶ ଲୋକଙ୍କର ଏ ଅଞ୍ଚ
ପ୍ରତି ଖୁବ୍ ଭଲ ଧାରଣା ଅଛି । ମୁଁ ଯେତେବେଳେ ନିଜର ପୁ
ବୋଲି କହି ଅଦାଲତରୁ ତୋତେ ଆଣିଚି ସମସ୍ତଙ୍କର ଧାରଣ
ବଦଳି ଯାଇଛି । ତୁ ଆଉ ଗୌରହରୀ ନୋହୁ—ତୁ ଶ୍ରୀମା
କେଶରୀ—ମୋର ପୁଅ ।"

କହିବା ସଙ୍ଗେ ସଙ୍ଗେ ବୃଦ୍ଧା ଜଣକ ଗୌରହରିକୁ ନିଜ କୋଳ
ଟାଣିନେଇ ସ୍ନେହରେ ତାର ଚିବୁକଧରି ଚୁମ୍ବନଦେଲେ । ଆନନ୍ଦରେ
ଉଭୟଙ୍କ ଆଖି ଛଳ ଛଳ ହୋଇ ଆସିଲା ।

ଗୌରହରି କହିଲା—

"ମତେ ଆଦେଶ ଦେଇଛନ୍ତି—ଛଦ୍ମ ବେଶରେ ରହି ଗୁପ୍ତ
କରିବାକୁ । ପୁଣି ଏପରି କଥାରେ ମୁଁ ବଡ଼ ସନ୍ଦେହରେ ପଡ଼ି
ତେବେ ମୋର ଭବିଷ୍ୟତ କଣ ହେବ ମା ?"

ବୃଦ୍ଧା ଜଣକ ମୃଦୁ ହସି କହିଲେ—

"ପାଗଳ ! କହିଲି ବୋଲି କଣ ତୋତେ ପାଖରୁ ଛାଡ଼ି ଦେ
ଏଇ କଥା ତୁ ବିଶ୍ୱାସ କରୁଛୁ ? ଯେଉଁ ବୃଦ୍ଧା ତୋର ଜୀବନ
କରିଥିଲା ସେ କିଏ ଜାଣୁ ? ସେ ହେଉଚି ମୋର ଭଉଣୀ ।
ସେଠାରେ ଗୋଟିଏ ଆଶ୍ରମ ପ୍ରତିଷ୍ଠା କରିବାର ଆୟୋଜନରେ
ତୋତେ ଯେତେବେଳେ ଆଣି ମା ପାଖରେ ଛାଡ଼ିଦେଇ ଗଲି,

ହୃଦୟରେ ଠିକଣାଙ୍କ ସମସ୍ତ କଥା ମୋତେ କହୁଛ । ତୋ ରକ୍ଷାର
ଭାର ମୁଁ ନେଇଛି । ଏଣିକି ଏହି ଆଶ୍ରମରେ ତୁ ରହିବୁ । ଆମର
ଆନ୍ଦୋଳନ କଣ ? ଏ ଆଶ୍ରମ ପ୍ରତିଷ୍ଠା କରିବାର ଲକ୍ଷ୍ୟ—ଧୀରେ
ଧୀରେ ସବୁ ବୁଝିବୁ । ଦେଶବାସୀଙ୍କୁ ସଂଗଠନ କରିବାକୁ ହେଲେ,
ବିପ୍ଳବରେ ସେମାନଙ୍କର ଚିତ୍ତ ଜୟ ହୁଏନି । ସ୍ନେହ ଦ୍ୱାରା ସଭିଙ୍କୁ
ଆପଣାର କରିବାକୁ ହେବ ।”

ଗୌରହରି କହିଲା—

“ମା ! ମୁଁ ବିପ୍ଳବୀ—ଆଶ୍ରମରେ ରହିବା କଣ ଜଣେ ବିପ୍ଳବୀ
ପକ୍ଷରେ ସୁନ୍ଦର ହେବ ?”

ମୃଦୁ ହସି ବୁଢ଼ୀ କହିଲେ—

“କାହିଁକି ନହେବ ବାପା ? ଏହି ବିପ୍ଳବରେ ମିଳେ ଶାନ୍ତି ।
ଶାନ୍ତିରୁ ବିପ୍ଳବ ନା ବିପ୍ଳବରୁ ଶାନ୍ତି ମିଳେ କହି ପାରିବୁ ?”

ଗୌରହରି କିଛି ଉତ୍ତର ଦେଇ ପାରିଲା ନାହିଁ । ଖାଲି ଅନାଇ
ରହିଲା ବୁଢ଼ୀଙ୍କର ସୌମ୍ୟ ଶାନ୍ତ ମୁଖମଣ୍ଡଳ ଆଡ଼କୁ ।

ବୁଢ଼ୀ ହସି ହସି କହିଲେ—

ସେ ସବୁ କଥା ଆଉ ମନରେ ଧରନା । ଏହି ଆଶ୍ରମରେ ରହି
ସେବା ମନୋଭାବ ହୃଦୟରେ ରଖି କାମ କର । ଅଳ୍ପ ଦିନେ ତୋର
ବିପ୍ଳବୀ ମନୋଭାବ ବଦଳି ଯିବ । ଆଉ ତୁ ସରକାରଙ୍କର ରକ୍ତ
ଚକ୍ଷୁରୁ ରକ୍ଷା ପାଇଯିବୁ ।

ଗୌରହରି ଧୀର ଗଳାରେ କହିଲା—

“ମା ! ମିଛ କଥା କହିପାରେନି । ସ୍ପଷ୍ଟବାଦୀ ମୁଁ । ଯାହା ମୋ
ମନରେ ଭାବୁଛି ତାହା ଯଦି ପ୍ରକାଶ କରି କହିବି ମୋ ଉପରେ ରୁଷ୍ଟ
ହେବନି ତ ?

ବୁଢ଼ୀ ହସି ଦେଇ କହିଲେ—

"ପୁଣି ସେହି ପାଗଳାମି। ରୁଷ୍ଟ ହେବ କାହିଁକି ? ଯେଉଁ ଲୋ
ସ୍ୱପ୍ନବାଦୀ ତାକୁ ଅନ୍ତର ସହିତ ମୁଁ ସ୍ନେହ କରେ । କଣ କହିବା
ଚାହୁଁ, କହ ।

ଗୌରହରି କହିଲା—

"ମା ! ଆଶ୍ରମର ବେଷ୍ଟନୀ ଭିତରେ ମୋତେ ରହିବାକୁ ଭ
ଲାଗିବନି ! ମୋ ଜୀବନର ଗତି ଯଦି ବଦଳି ଯାଏ, ତେବେ ତମ
ଶ୍ରୀଚରଣ ତଳକୁ ନିଶ୍ଚୟ ଦିନେ ଫେରି ଆସିବ । ବିଦାୟ ଦିଅନ୍ତୁ
ମୁଁ ଏଠାରୁ ଚାଲିଯିବ !"

ବୃଦ୍ଧା ଦଣ୍ଡେ କଣ ମନକୁ ମନ ଚିନ୍ତା କଲେ । ଶେଷରେ ଛ
ଛଳ ଆଖିରେ କହିଲେ—

"ଯିବାକୁ ଯଦି ଏକାନ୍ତ ଇଚ୍ଛା ମୁଁ ଆଉ ବାଧ କରିବି ନାହିଁ
କିନ୍ତୁ ବିପଦ ପଡ଼ିଲେ ମୋତେ ଯେପରି ଜଣାଇବାକୁ ଭୁଲି ନଯାଉ

ଗୌରହରି ବୃଦ୍ଧାଙ୍କ ଚରଣ ଧୂଳି ନେଇ ମୁଣ୍ଡରେ ମାଇଲା
ନୀରବରେ ଆଶ୍ରମର ହତା ଭିତରୁ ବାହାରି ରାସ୍ତାରେ ବାଟୋଇମାନ
ସାଙ୍ଗରେ ଜଣେ ହୋଇ ଆଗକୁ ପାଦ ବଢାଇ ଚାଲିଗଲା ।

★
★ ★

ପଶ୍ଚିମ ଆକାଶରେ ସୂର୍ଯ୍ୟ ଦେବତାଙ୍କର ନାଲିଆ କିରଣ
ହୋଇ ପଡିଛି । ପଥର ପାହାଚ ଉପରେ ଏକା ଲୟରେ ଟୋକୀ
ଅନାଇ ବସିଛି । ତା ପାଖକୁ ଲାଗି ବସିଛି ମେନେଜର ସୁକାନ୍ତ ।

କିଛିକ୍ଷଣ ପରେ ସୁକାନ୍ତ କହିଲା—

"—ତୁମକୁ ଗୋବରଗୃନ୍ଧ ନଡାକ ମୁଁ ଏଥର ଖାଲି ଗୃନ୍ଧ ବୋଲି ଡାକିବ—।"

ଗୋବରଗୃନ୍ଧ ମୃଦୁ ହସି କହିଲା—

"କାହିଁକି ?"

"ଭମର ମୁଁହଟି ଦେଖିବାକୁ ଠିକ୍ ଗୃନ୍ଧ ପରି । ତୁମେ ଯଦି—"

ସୁକାନ୍ତ ଆଉ କଣ କହିବାକୁ ଯାଉଥିଲା, କିନ୍ତୁ କହି ପାରିଲା ନାହିଁ । ଖାଲି ଗୋବରଗୃନ୍ଧର ମୁଁହକୁ ଅନାଇ ରହିଲା ।

ଗୋବରଗୃନ୍ଧ ଧୀର ଗଳାରେ କହିଲା—

"ଯଦିର ଅର୍ଥ ତ କିଛି କହିଲେ ନି ମେନେଜର ବାବୁ ?"

"ଆଉ ପୁଣି ମେନେଜର କାହିଁକି ? ତୁମେ ଯେ ମୋର ବନ୍ଧୁ, ମୋ ନାଆଁ ଧରି ଡାକିଲେ ମୁଁ ଭାରି ଖୁସୀ ହେବି—।"

"ତୁମେ ମୋଠୁ ବୟସରେ ବଡ଼ । ନାଆଁ ଧରି ଡାକିବ କିପରି ?"

"ଯଦି ମୋ ନାମ ଧରି ତୁମେ ନ ଡାକ ତେବେ ତୁମ ସାଙ୍ଗରେ ମୋଟେ ପାଟି ଫିଟେଇବି ନାହିଁ—।"

ସୁକାନ୍ତ ଅଭିମାନରେ ମୁହଁ ଫୁଲାଇ ଦେଲା । ଗୋବରଗୃନ୍ଧ ହସି ହସି କହିଲା—

"ଅଭିମାନ କଲେଟି ପୁଣି ମାନଭଞ୍ଜନ କରିବାକୁ ହେବ ? ତା ଛଡ଼ା ଏଥର ସୁକାନ୍ତ ବାବୁ ବୋଲି ନ ଡାକି ଭାଇ ବୋଲି ଡାକିବି । ଏଥର ମନ ମାନିଲା ତ ।"

ମୁରୁକି ହସି ଉଠି ସୁକାନ୍ତ କହିଲା—

"ମୁଁ ତ ଆଉ ଶ୍ରୀରାଧିକା ନୁହେଁ ଯେ—ତୁମେ ଶ୍ରୀକୃଷ୍ଣ ସାଜି ମୋର ମାନ ଭଞ୍ଜନ କରିବ ।"—

ମୃଦୁ ହସି ଗୋବର ଗୃନ୍ଧ କହିଲା—

"କଲେ କ୍ଷତି କଣ ?"

ସୁକାନ୍ତ କହିଲା—

"ମୁଁ ପରା ବଡ଼ ଭାଇ। ଭାଇ ଆଗରେ ପୁଣି ମାନ ଭଞ୍ଜନ କଥା କହନ୍ତି।"

ଗୋରା ଗୁଡ଼ିଆ ମୁହଁଟି ଲଜ୍ୟାରେ ନାଲି ପଡ଼ି ଆସିଲା। କୌଣସି ଯୁବକ ସାଙ୍ଗରେ ଏପରି ରଙ୍ଗ ରସରେ କଥା କହିବା ତା ଜୀବନରେ ଏହି ପ୍ରଥମ। କୁମାରୀ ମନ କଣ୍ଟିକ ତାର ଅଜଣା ପୁଲକରେ ଥରି ଉଠୁଥିଲା। ଲଜ୍ୟାନତ ଦୃଷ୍ଟିରେ ସେ ଖାଲି ସୁକାନ୍ତର ମୁହଁକୁ ଅନାଇ ରହିଲା।

ସୁକାନ୍ତ ହସି ହସି କହିଲା—

"ଇସ୍! ଲଜ୍ୟାରେ ମୁହଁଟି ଦେଖିବାକୁ ଯେପରି—।"

ସୁକାନ୍ତ ଆଉ କଣ କହି ଥାନ୍ତା। କିନ୍ତୁ କହି ପାରିଲାନି। ସଂକୋଚରେ ମନ କଥା ମନରେ ଛପାଇ ରଖି ଖାଲି ହସିବାକୁ ଲାଗିଲା।

ଗୋରା ଗୁଡ଼ିଆ ଲଜ୍ୟାନତ କଣ୍ଠରେ କହିଲା—

"ଲଜ୍ୟାରେ ମୋ ମୁହଁଟି ଯେପରି "ଏତିକି କହି ଯେ ରହିଗଲ ବଡ଼ ଭାଇ।"

ଧୀର ଗଳାରେ ସୁକାନ୍ତ କହିଲା—

"କହିବ —ଯଦି କିଛି ମନେ ନକରୁ—।"

"ଝେଷ୍ଠ ଭାଇଟା ସାଙ୍ଗରେ ପୁଣି • ଏତେ କପଟ? ତୁଇ ଚନ୍ଦ୍ରକଣି ବସେଇ ଦେଲେବ ମୁଁ ମଥା ପାତି ସହିଯିବ—।"

ସୁକାନ୍ତ କହିଲା···

"ତୁମେ ଦେଖିବାକୁ ଠିକ···।"

ହସି ଦେଇ ଗୋରାଗୁଡ଼ିଆ କହିଲା—

"ମୁଁ କିନ୍ତୁ ଏଥର ତମକୁ ମୋଟେ ପାଠି ଫିଟେଇବ ନି।"

ମୁହଁ ଫୁଲେଇ ଦେଲା ଗୋବରଗୁନ୍ଦ । ସୁକାନ୍ତ ନିଜ କୋଳକୁ ଗୋବରଗୁନ୍ଦକୁ ଟାଣି ଆଣି କହିଲା—

"ନା···ନା··· ଏକଥା ମନରେ ମୋଟେ ସ୍ଥାନଦିଅନା—ମନରେ ତା ହେଲେ ଭାରି କଷ୍ଟ ହେବ ! ତମେ ରଗିଗଲେ ···

ସୁକାନ୍ତର କଥା ଶେଷ ନ ହେଉଣୁ ନିଜ ହାତରେ ତାଙ୍କ ମୁହଁକୁ ଚୁପିଧରି ଗୋବରଗୁନ୍ଦ କହିଲା—

"ପୁଣି ସେହି କଥା ?"

ଆଶ୍ଚର୍ଯ୍ୟରେ ସୁକାନ୍ତ କହିଲା

"କେଉଁ କଥା ?"

"ମତେ ଏଥର ତମେ ନ କହି 'ତୁ' କହିଲେ ଭାରି ଖୁସି ହେବି—।"

ସୁକାନ୍ତ ହସି ଉଠି କହିଲା—

"ଓଃ ! ଏଇ କଥା···। ଏବେ ହେଲା । ଏଥର ତୋତେ ତୁମେ ନ କହି ତୁ କହିବି—।"

ଗୋବରଗୁନ୍ଦ କହିଲା—

ଏଥର କୁହ !

କଣ !

ମୁଁ ଦେଖିବାକୁ— ।

ହସି ଉଠି ସୁକାନ୍ତ କହିଲା—

ତୁ ଦେଖିବାକୁ ଠିକ୍ ଗୋଟିଏ ଝିଅଟି ପରି । ଭଗବାନ ଯଦି ତୋତେ ଝିଅଟିଏ କରି ଜନ୍ମ କରି ଥାନ୍ତା ତେବେ—।

ସୁକାନ୍ତ ଆଉ କିଛି ନ କହି ଖାଲି ଗୋବରଗୁନ୍ଦ ମୁହଁକୁ ଅନାଇଲା । ଗୋବରଗୁନ୍ଦର ମୁହଁଟି ଲଜ୍ୟାରେ ନାଲି ପଡ଼ି ଗଲା ।

ସେ ମିଠା କଡ଼ା ସ୍ବରରେ କହିଲା—

ଯେତ୍ ! ତମେ ଜଣେ ଭାରି ଭଏ—।

ସୁକାନ୍ତ ହସି ହସି କହିଲା—

"ସଙ୍ଗିଲୁକ୍ ।···ମୁଁ ଗୋଲରେ ସେହି ପରି କହିଦେଲି ନା— ସତେ କଣ ତୁ ହିଁଅ ପିଲା ହୋଇ ଯାଉଚୁ···।";

ମୁହଁ ଫୁଲାଇ ଗୋବିନ୍ଦ କହିଲା—

"ନ ହେଲି ବା ହିଁଅ ପିଲା । ଜ୍ୱେଷ୍ଠ ଭାଇକୁ କଣ ଏପରି କଥା କହନ୍ତି ! ଆଚ୍ଛା ରହୁଥ । କାଲି ଅଫିସରେ ମୁଁ କହି ଦେବି···।"

ସୁକାନ୍ତ କହିଲା—

"କାହା ପାଖରେ କହିବୁ ?"

"ତମର ସେ କଣ ହୁଏତ···।"

ହସି ହସି ସୁକାନ୍ତ କହିଲା—

"ମୋର କଣ ହେଲେ ପୁଣି ତୋରଡ କଣ ହେବ ?"

ଫିକ୍ କରି ହସି ଦେଇ ଗୋବି ଗୃନ୍ଧ କହିଲା—

"ମୋର ? ମୋର ସେ ଭାଉଜ ହେବେ । ତାଙ୍କର ପାଖରେ କହିବି—।"

ସୁକାନ୍ତ ଦୀର୍ଘ ନିଶ୍ୱାସ ପକାଇ ମୁହଁ ଝାଉଁଳେଇ କହିଲା—

"ସତେ ଗୋବି ଗୃନ୍ଧ ।···ମୁଁ ତାକୁ ନିଜର କରିବାକୁ ଯେତେ ଚେଷ୍ଟା କରୁଚି । ସେ ମୋ ପାଖ ମୋଟେ ପଶୁନି । ଯେତେ ପାଖକୁ ଡ଼ାକିଲେ ସେ ତେତେ ଦୂରେଇ ଯାଉଚି । ଥରେ ମୋ ପାଇଁ ଚେଷ୍ଟା କରି ଦେଖନା ଭାଇ ! ଯଦି ତୋ କଥାରେ ରାଜି ହୋଇ ଯାଏ—।"

ଟିକିଏ ହସି ଦେଇ ଗୋବି ଗୃନ୍ଧ କହିଲା—

"ମୋ କଥାରେ ଯଦି ସେ ରାଜି ହୁଏ ମତେ ପୁରସ୍କାର କଣ ମିଳିବ ?"

"ତୋର ମୋର ଯେତେବେଳେ ବନ୍ଧୁତା ଅଛି ତୁ ଯାହା

ମାଗିବୁ ତାହା ଦେବ । ତୁ କହିଲେ ନିଶ୍ଚୟ ସେ ତୋ କଥା ମାନିବ । ଯଦି ନ ମାନେ କିଛି ନା କିଛି ଗୋଟାଏ ଉତ୍ତରତ ପାଇବୁ—।”

ଗୋସ୍ୱ ବୃଦ୍ଧ ଗମ୍ଭୀର ହୋଇ କହିଲା—

“ତମେ ଅଫିସର୍ ମେନେଜର । ତମ ତଳିଆ କର୍ମଚାରୀ ସେ ତମକଥା ଯେତେବେଳେ ମାନୁନି । ମୁଁ ତ ଏଇ କେଇ ମାସ ହେବ ଆସିଲି । ମୋ କଥା ବା ସେ ଶୁଣିବ କାହିଁକି ?”

ସୁକାନ୍ତ ଭାବିଲା ପରି କହିଲା—

“ମୋ ମନ କହେ—ସେ ନିଶ୍ଚୟ ତୋ କଥା ମାନିବ । କାରଣ ଅଧିକାଂଶ ସମୟରେ ମୁଁ ଲକ୍ଷ୍ୟ କରୁଛି ତୋ ସାଙ୍ଗରେ ମିଶିବାକୁ ତାର ଭାରି ଇଚ୍ଛା ।”

ମୃଦୁ ହସି ଗୋସ୍ୱାବୃଦ୍ଧ କହିଲା—

“ମୋ ସାଙ୍ଗରେ ଯଦି ତାର ମନ ମିଳିଗଲା ” ସେ ଯଦି ମତେ ଚାହେଁ—।”

ବିମର୍ଷରି ହସ ହସି ସୁକାନ୍ତ କହିଲା—

“ଯଦି ତୋ ସାଙ୍ଗରେ ସେ ଅନ୍ତର ଖୋଲି ମିଶିବାକୁ ଚାହେଁ । ତେବେ ମୁଁ ଭାରି ଖୁସୀ ହେବି । ମୁଁ ପାଇଥାନ୍ତି ନଚେତ ମୋର ବନ୍ଧୁ ପାଇବ । ଏଥିରେ କ୍ଷତି କଣ ଅଛି !”

ଗୋସ୍ୱାବୃଦ୍ଧ କହିଲା—

“ଏକଥା ପେଟ ଭିତରୁ କହୁଚ ନା’ ଖାଲି ଉପର ମନରେ କହୁଚ ?

ଗୋସ୍ୱାବୃଦ୍ଧର ଦୁଇ ହାତ ଧରି ସୁକାନ୍ତ କହିଲା—

“ମତେ ଭୁଲ ବୁଝନା ଭାଇ । ଯେଉଁଠି ବନ୍ଧୁତା ହେଲା ସେଠି ଯଦି ଅନ୍ତର ମିଳାଇ ନ ପାରିଲି ତେବେ କଥା କହିବାର ମୂଲ୍ୟ କେଉଁଠି ?

ଧୀର ଗଳାରେ ଗୋବର୍ଦ୍ଧନ କହିଲା—

"କିନ୍ତୁ ମନ ସାଙ୍ଗରେ ମୁହଁର ଭଙ୍ଗି ଦେଖି ମୋର ମନେ ହୁଏ ତମେ ଏକଦମରେ ମିସ ପଟ୍ଟନାୟକ ପ୍ରେମରେ ମଜି ଯାଇଚ···;

ମୃଦୁ ହସି ସୁକାନ୍ତ କହିଲା—

"ମୁଁ ସିନା ମିସ ପଟ୍ଟନାୟକ ପ୍ରେମରେ ମଜି ଯାଇଚ, କିନ୍ତୁ ସେ ଯେ ତୋତେ ପାଇବା ପାଇଁ ଦିନ ରାତି ଭଗବାନଙ୍କୁ ଜଣାଉ ଅଛି···।

ସେହିପରି ହସି ଗୋବର୍ଦ୍ଧନ କହିଲା—

"ମୁଁ ଯଦି ମିସ୍ ପଟ୍ଟନାୟକର ହେଇଯିବି—ତମେ ପୁଣି କାହାର ହେବ ?"

ସୁକାନ୍ତ ଧୀର ଗଳାରେ କହିଲା—

"କାହିଁକି ?···ତୋର ହେଇ ଯିବି—।"

ସୁକାନ୍ତ ମୁହଁରୁ ଏପରି କଥା ଶୁଣି ମନେ ମନେ ଶିହରି ଉଠିଲା ଗୋବର୍ଦ୍ଧନ। କଥାର ମୋଡ ଘୁରେଇ ଧୀର ଗଳାରେ କହିଲା ସେ—

"ବଡ ସାହେବ ଆହୁରି ମାସେ ଝାଁର ସୁରୁଡାରେ ରହିବା ପାଇଁ ଚିଠି ଦେଇଛନ୍ତି। ସେଠାରେ ଗୋଟିଏ ସ' ମିଲ ଖୋଲି ଯିବାର ଯୋଗାଡ ଚାଲିଚି। ତାଙ୍କ ଚିଠିରୁ ଯେପରି ସୂଚନା ମିଳୁଚି ଆମର ଏଠୁ କେତେ ଜଣ ଷ୍ଟାଫ ସେଠାକୁ ଯାଇ ପାରନ୍ତି—।"

ସୁକାନ୍ତ କହିଲା—

"ଏ ବିଷୟ ମୁଁ ଜାଣେ। ଏଠା ଅଫିସରେ ଯାହା କାମ ତାକୁ ତୁଲାଇବା ପାଇଁ ଲୋକର ଅଭାବ ପଡୁଚି। ଯଦି ଷ୍ଟାଫରୁ କେତେ ଜଣ ଝାଁର ସୁରୁଡା ଯିବେ ଏଠା ଅଫିସ କାମ ଚଳିବ କିପରି ?"

ମୃଦୁ ହସି ଗୋବର୍ଦ୍ଧନ କହିଲା—

"କାହିଁକି ? ତମେପରା ଅଛ ? ଅଫିସର ମେନେଜର ସେ କଥା ବୁଝିବ । କାମ କଥା ବଡ଼ ସାହେବ କଣ ଜାଣିବେ ? ଭଲ ମନ୍ଦ ଦାଇତ୍ୱ ତମ ଉପରେ—।"

ସୁକାନ୍ତ କହିଲା—

"ଆରେ । ମୁଁ ଖାଲି ଅଫିସ ମେନେଜର—ସବୁ କଥା ତଦାରଖ କରବ । କିରାଣୀଙ୍କ ପରି ଲେଜର ବହି ମୋର କିଏ ଘାଣ୍ଟିବ ? ଆଚ୍ଛା ! କିଏ—କିଏ—ଯିବେ ତୋର ମନେ ହେଉଛି ?"

ଗୋବର୍ଦ୍ଧନ ସୁକାନ୍ତର ମୁହଁକୁ ଅନାଇଲା । ଦଣ୍ଡେ କଣ ମନକୁ ମନ ଭାବି ଗମ୍ଭୀର ଗଳାରେ କହିଲା—

ମୋର ଯେତେ ଦୂର ମନେ ହୁଏ । ମୁଁ ଓ ମିସ୍ ପଟ୍ଟନାୟକ ତ ନିଶ୍ଚୟ ଯିବୁ । ତାପରେ ଅଫିସରୁ ଦୁଇଜଣ କିରାଣୀ ବାବୁ ଓ ଜଣେ ପିଅନ ଯିବ—।,,

ସୁକାନ୍ତ ଉତ୍ତେଜିତ କଣ୍ଠରେ କହି ଉଠିଲା—

ନା—ନା—ଏହା କଦାପି ହୋଇ ପାରିବନି । ମିସ୍ ପଟ୍ଟ-ନାୟକଙ୍କୁ ଓ ତୋତେ ମୋଟେ ଛାଡ଼ି ଦେବିନି ।—

ମୃଦୁ ହସି ଗୋବର୍ଦ୍ଧନ କହିଲା—

"କାହିଁକି ? ମିସ୍ ପଟ୍ଟନାୟକ ସାଙ୍ଗରେ ଏକାଠି ରହିବ ବୋଲି ତମର ହିଂସା ହେଉଛିକି ?"

ସୁକାନ୍ତ କହିଲା—

"ସେ କଥା ନୁହେଁ । ମୁଁ ମିସ୍ ପଟ୍ଟନାୟକଙ୍କୁ ଛାଡ଼ି ଦେଇ ପାରେ କିନ୍ତୁ ତୋତେ ଛାଡ଼ି ପାରିବିନି ।—ଯେଉଁ ଦିନଠାରୁ ଏ ଅଫିସରେ ଆସି କାମ କଲୁଣି ସେହି ଦିନଠାରୁ ତୋତେ ଦେଖି ଯେପରି ଅତି ଆପଣାର ବୋଲି ମନେହେଉଛି । ସଦାବେଳେ ପାଖରେ

ବସାଇ ଗପ କରିବାକୁ ମୋର ଇଚ୍ଛା । ଦଣ୍ଡେ ନ ଦେଖିଲେ ତୋ ପାଇଁ ମତେ ଦୁନିଆଁ ଅନ୍ଧକାର ଦେଖାଯିବ—।"

ଢୋକ ଗିଳି ଗୋବିନ୍ଦ କହିଲା—"ସୁକାନ୍ତ ଭାଇ—।"

"ହଁ । ଗୋବିନ୍ଦ ।···ମୁଁ ମିଛ କହୁନି—।"

ସୁକାନ୍ତ ନିଜର ହାତ ନେଇ ଗୋବିନ୍ଦ ହାତରେ ଥୋଇଲା । ଦୁହେଁ ଦୁହିଁଙ୍କୁ ବହୁକ୍ଷଣ ଯାଏ ଅନାଇଁ ରହିଲେ ।

ସୁକାନ୍ତର କର ସ୍ପର୍ଶରେ ଶିହରି ଉଠୁଥିଲା ଗୋବିନ୍ଦ ।

*
* *

"ଫେରିଲୁ ବାପା ?"

"ହଁ ମା । ନଫେରି ଆସିବାର ଯେ ଉପାୟ ନଥିଲା । ଆଶ୍ରମରେ ବଡ଼ମାଙ୍କ ପାଖରେ ବେଶ ଆନନ୍ଦରେ ଥିଲି । ଶ୍ରୀମାନ କେଶରୀ ନାମରେ ମୁଁ ସବୁ ଜାଗାରେ ପରିଚିତ ହେଲି । ବହୁ ବଡ଼ ସଭା ସମିତିରେ ବକ୍ତୃତା ଦେଲି । କିନ୍ତୁ ପୁଲିସ୍ ଆଖିରେ ଲୁଚି ରହି ପାରିଲି ନାହିଁ । ଗୌରହରି ବୋଲି କହି ମତେ ଆରେଷ୍ଟ କଲେ । କାରଣ—ପ୍ରତି ଥାନାରେ ମୋ ଫଟୋ ଅଛି । ଚିହ୍ନାରି ସାଙ୍ଗରେ ମେଳ ଖାଉଛି । ସବୁ ପ୍ରମାଣ ପାଇଲେବି ମୁଁ ବଡ଼ମାଙ୍କ ସାହାଯ୍ୟରେ ପୁଲିଶ ଆଖିରେ ଧୂଳିଦେଇ ଚାଲି ଆସିଲି । ବଡ ମା ଛାଡୁ ନଥିଲେ କିନ୍ତୁ ମୁଁ ଜିଦ କରି ପଳାଇ ଆସିଛି—।"

ଗମ୍ଭୀର ହୋଇ ବୁଢ଼ୀ କହିଲେ—

"ତେବେ—ଏଥର ଉପାୟ କଣ ପୁଅ ?"

ବିମର୍ଷ ହୋଇ ଗୌରହରି କହିଲା—

"ଆଉ ଉପାୟ କଣ ମା ?...ମୁଁ ରାଜନୀତି କ୍ଷେତ୍ରରୁ ଅଲଗା ରହିବି। ସାଧାରଣ ଅଫିସରେ କେଉଁଠି ଗଣ୍ଡେ ଛୋଟ ଖାଟ କାମ ଯୋଗାଡ଼ କରି ନେବି। ଆମ ମା-ପୁଅଙ୍କ ସଂସାର ବେଶ୍ ଆନନ୍ଦରେ କଟି ଯିବ—।"

ବୁଢ଼ୀ କହିଲା—

"ଗ୍ରାମବାସୀ ମାନେ ଏଠୁ ମତେ ଛାଡ଼ିବାକୁ ରାଜି ନହେବାରୁ ତ ତୋତେ ବଡ଼ମା'ଙ୍କ ଆଶ୍ରମରେ ଛାଡ଼ି ଦେଇ ଆସିଲି। ପୁଣି ମତେ ସାଙ୍ଗରେ ନେବାକୁ କହୁଚୁ—। ମୁଁ କଣ ସବୁଦିନେ ତୋ ପାଖରେ ରହିପାରିବି ?"

· "କାହିଁକି ନ ରହିବ ମା ? ମୋର ଆଉ ଦୁନିଆରେ ତୋ ଛଡ଼ା କିଏ ଅଛି ?"

ହସି ହସି ବୁଢ଼ୀ କହିଲା—

ଆଚ୍ଛା ! ଆଚ୍ଛା ! ପରେ ସେ କଥା ବୁଝିବା । ତୁ ଅଗ୍'ଗୁ କଣ କର—

"ଗୁକରୀ ମୁଁ ଠିକ ଖୋଜି ବାହାର କରିବି। କିନ୍ତୁ ଏ ଗାଁରେ ଆଉ ମାଷ୍ଟ୍ରାଣୀ ଚାକିରୀ କରେଇ ଦେବିନି। ଏପରି ଯୋଗ୍ୟ ପୁଅ ଥାଉଁ ଥାଉଁ ବୁଢ଼ୀ ମା ଯେ ଚାକିରୀ କରିବ ଏହା ମୁଁ ସହିପାରିବିନି—"

ବୁଢ଼ୀ କହିଲା—

"ହଉ ! ବକ୍ତୃତା ସେତିକିରେ ଥାଉ ! ହାତମୁହଁ ଧୋଇ ଚାଲେ ଖାଇବୁ। "

ଦୁହେଁ ଖାଇ ବସିଲେ।

ଖାଉଁ ଖାଉଁ ଗୌରହରି କହିଲା—

"ମତେ ଆଉ ଗୌରହରି ବୋଲି ଡାକିବୁ ନାହିଁ। ସେହି ଶ୍ରୀମାନ କେଶରୀ ବୋଲି ମୋ ନାଆଁ ଥାଉ।"

ବୁଢ଼ୀ କହିଲା—

"ପୁଲିସର ଜୁଲମରୁ ରକ୍ଷା ପାଇବୁ ତ ?"

'କାହିଁକି ନ ପାଇବ ? ବଡ ମା' ତ ନିଜେ ତାର ପୁଅ ବୋଲି କୋର୍ଟରେ ପ୍ରମାଣ ଦେଇଛନ୍ତି । ଭୟ ଆଉ କଣ ?"

ବୁଢ଼ୀ ଧୀର ଗଳାରେ କହିଲି—

"ତୁ ଫେରି ଆସିବୁ ବୋଲି ମୁଁ ଜାଣେ । ମୋ ମନ କହୁଥିଲା ତୁ ସେଠି ରହିପାରିବୁନି ! ତୋତେ ଯେତେବେଳେ ଆଶ୍ରମରେ ନେଇ ପହଞ୍ଚିଲି, ବଡ଼ ମା ଦେଖି ଭାରି ଖୁସି ହୋଇଥିଲା । ତୋରି ଉପରେ ଆଶ୍ରମର ଦାୟିତ୍ୱ ଦେଇ ସେ ନିଶ୍ଚିନ୍ତ ହୋଇଥାନ୍ତା ବୋଲି ମତେ କହୁଥିଲା । କିନ୍ତୁ ମୋ ମନ ମୋଟେ ବୁଝୁ ନଥିଲା । ତୋତେ ସାଙ୍ଗରେ ଧରି ଦେଶ ବିଦେଶ ବୁଲିବା ପାଇ ମୋର ବି ଭାରି ଇଚ୍ଛା ଥିଲା । କିନ୍ତୁ ଏ ଗ୍ରାମବାସୀ କଣ କରେଇ ଦେଲେ ? ଆଠ ଦିନ ନ ପୂରୁଣୁ ଯାଇ ହାଜର । ମୁଁ ସିନା ଚାଲି ଆସିଲି କିନ୍ତୁ ତୋ ପାଇଁ ମନ ଖଣ୍ଡିକ ମୋର ସଦାବେଳେ ଉଚ୍ଛଳ ବିକଳ ହେଉଥିଲା—"

ହସି ହସି ଗୌରହରି କହିଲା—

"ସେହି ମାତୃତ୍ୱର ଆକର୍ଷଣତ ପୁଣି ମତେ ଏଠାକୁ ଟାଣି ଆଣିଲା—"

ଏହିପରି କଥାବାର୍ତ୍ତା ଭିତରେ ଦୁଇ ଜଣଙ୍କର ଖାଇବା ଶେଷ ହେଲା । ଗୌରହରି ମୁହଁ ହାତ ଧୋଇ ବସିଛି । ଡାକବାଲା ଆସି କେତେ ଖଣ୍ଡ ଚିଠି ଓ ଖଣ୍ଡେ ଖବର କାଗଜ ଦୁଆର ମୁହଁରେ ପକାଇ ଚାଲିଗଲା । ଗୌରହରି ଚିଠିଗୁଡ଼ିକ ବୁଢ଼ୀ ହାତକୁ ବଢାଇ ଦେଇ ନିଜେ ଖବର କାଗଜ ଖଣ୍ଡିକ ଖୋଲି ପଢିବାରେ ତନ୍ମୟ ରହିଲା ।

ଖବର କାଗଜ ପଢୁ ପଢୁ ଆନନ୍ଦରେ ଉଚ୍ଛୁଳି ଉଠି ଗୌରହରି କହିଲା—

"ଦେଖିଲଣି ମା ! ଆଜିକାର ଖବର କାଗଜରେ ଗୋଟେ ଚାକିରି ବାହାରିଛି ।"

ବୁଢ଼ୀ ଗୌରହରର ମୁହଁକୁ ଅନାଇ କହିଲା—

"କେଉଁଠି ? କି ଚାକିରି ଖାଲି ଅଛି ?"

"ଆମର ସ' ମିଲ ପାଇଁ ଜଣେ ସୁଦକ୍ଷ ମେନେଜର ଆବଶ୍ୟକ । ଯୋଗ୍ୟତା ଅନୁସାରେ ଦରମା ନିର୍ଦ୍ଧାରଣ କରାଯିବ । ରହିବା ପାଇଁ ଫ୍ରି କ୍ୱାର୍ଟର ଓ ଟ୍ରାଭେଲିଂ ଏଲାଉନ୍ସ ମଧ୍ୟ ଅଛି । ସ୍ଥାୟୀ ଚାକିରି । ଭବିଷ୍ୟତରେ ଉନ୍ନତିର ଆଶା ଅଛି । ଦରଖାସ୍ତ ପାଇବା ସଙ୍ଗେ ସଙ୍ଗେ ମନୋନୀତ ପ୍ରାର୍ଥୀକୁ ପନ୍ଦର ଦିନ ମଧ୍ୟରେ କାର୍ଯ୍ୟରେ ଯୋଗ ଦେବାକୁ ହେବ ।

ନିମ୍ନଲିଖିତ ସ୍ଥାନକୁ ଆବେଦନ କରନ୍ତୁ :—

ଚୌଧୁରୀ ସ' ମିଲସ(ପ୍ରାଇଭେଟ) ଲିମିଟେଡ୍
ଝାରସୁଗୁଡ଼ା, ଓଡ଼ିଶା

ବିଜ୍ଞାପନଟି ପଢ଼ିସାରି ଗୌରହରି କହିଲା—ତେବେ ମୁଁ ଆଜିରେ ଦରଖାସ୍ତ ପଠାଇ ଦେଉଛି ମା ?"

ଗମ୍ଭୀର ହୋଇ ବୁଢ଼ୀ କହିଲା—

"ତୋତେ ଯେପରି ସୁବିଧା ହେଉଛି କର—"

ଗୌରହରି ଆଉ କିଛି କଥା ନ କହି ସଙ୍ଗେ ସଙ୍ଗେ ଦରଖାସ୍ତ ଲେଖି ଡାକରେ ପଠାଇ ଦେଇ ଉତ୍ତରକୁ ଅପେକ୍ଷା କରି ରହିଲା ।

ଠିକ୍ ଚାରିଦିନ ପରେ ଉତ୍ତର ଆସିଲା ।

ସେଥିରେ ଲେଖାଅଛି ଃ—

ପ୍ରିୟ କେଶରୀ ବାବୁ !

ଆପଣଙ୍କ ଦରଖାସ୍ତ ପାଇଛୁ । ଶୀଘ୍ର ଗୃହ ଦିନ ମଧ୍ୟରେ ଆମ ଝାରସୁଗୁଡ଼ାସ୍ଥିତ ସ' ମିଲରେ ପହଞ୍ଚି ସାକ୍ଷାତକରନ୍ତୁ । ଇଣ୍ଟରଭ୍ୟୁରେ ଆପଣ ପାଶ କରିଗଲେ କାର୍ଯ୍ୟରେ ମୁକରର କରାଯିବ । ଇତି ।

ଆପଣଙ୍କର

ଚୌଧୁରୀ ସାହା

ବୁଢ଼ୀଠାରୁ ବିଦାୟ ନେଇ ସେହି ଦିନ ରାତି ଟ୍ରେନରେ ଝାରସୁଗୁଡ଼ା ଅଭିମୁଖରେ ଯାତ୍ରାକଲା ଗୌରହରି ।

× × × ×

ଦିନ ଗୋଟାଏ ।

ଚୌଧୁରୀ କମ୍ପାନୀର କର୍ମଚାରୀମାନେ ନିଜ ନିଜ କାମରେ ବ୍ୟସ୍ତ । ଝାରସୁଗୁଡ଼ା ଅଫିସରୁ ନିଜେ ବଡ଼ ସାହେବ ଚିଠିଲେଖି ପଠାଇଛନ୍ତି ।

ମେନେଜର ସୁକାନ୍ତ ଓ ଗୋବିନ୍ଦ ମଧ୍ୟରେ ପରାମ ଚାଲିଛି ···।

ବଡ଼ ସାହେବଙ୍କ ଚିଠି ହାତରେ ଧରି ମେନେଜର ସୁକାନ୍ତ କହିଲା—

"ଶୁଣିଲଣି ଗୋବିନ୍ଦ ! ଝାରସୁଗୁଡ଼ା ଅଫିସରୁ କଣ ଚିଠି ଆସିଛି ?

ଗୋବିନ୍ଦ ହସି ହସି କହିଲା—

"ନ କହିଲେ କିପରି ଜାଣିବ ? ଚିଠି ଆଗ ପଢ଼ି ଶୁଣାଅ—?

ସୁକାନ୍ତ ଚିଠି ଖୋଲି ପଢ଼ିବାକୁ ଆରମ୍ଭ କଲା—।

ଚିଠିରେ ଲେଖା ଥିଲା—

ପ୍ରିୟ ସୁକାନ୍ତ ବାବୁ !

ଝାରସୁଗୁଡ଼ାରେ ନୂତନ ସ' ମିଲର ଶୁଭାରମ୍ଭ ସମାରୋହରେ ସମ୍ପନ୍ନ ହୋଇଗଲା । ଏଠାକାର ବରିଷ୍ଠ କେ

ନପ୍ରିୟ ରାୟ ସ' ମିଲଟିକୁ ଉଦ୍‌ଘାଟନ କଲେ । ସ୍ଥାନୀୟ ମାନ୍ୟଗଣ୍ୟ ଭଦ୍ରବ୍ୟକ୍ତି ଓ ଭଦ୍ର ମହିଳାମାନେ ଏ ଉତ୍ସବଟିରେ ଯୋଗ ଦେଇଥିଲେ । ତୁମେ ଓ ଗୋବର୍ଦ୍ଧନ ବାବୁ ଆସିଥିଲେ ଭାରି ଭଲ ହୋଇଥାନ୍ତା । ଏହି ପନ୍ଦରଦିନ ମଧ୍ୟରେ ସ' ମିଲଟିର ଭବିଷ୍ୟତ ଜାଣି ହୋଇଗଲାଣି । ଆମ ଓଡ଼ିଆ ଲୋକଙ୍କ ଅଯୋଗ୍ୟ ପଣିଆ ହେତୁ ମୋତେ ବାଧ୍ୟ ହୋଇ ଓଡ଼ିଶା ବାହାରର ଲୋକଙ୍କ ସାହାଯ୍ୟ ନେବାକୁ ହେଲା । ଆମର ଏହି ସ' ମିଲର ଅଂଶୀଦାର ଜଣେ ଅଣଓଡ଼ିଆ । ବହୁ ଟଙ୍କାର ମାଲିକ ସେ । ତାଙ୍କର ଇଚ୍ଛା—ଓଡ଼ିଶାରେ ...ନର କାଠର ପ୍ରଚୁର ଆମଦାନି ରହିବ । ଜାବତୀୟ ଫର୍ଣ୍ଣିଚର ...ବ୍ୟାଦ ଏହି ଓଡ଼ିଶାରୁ ତିଆରି ହୋଇ ଅନ୍ୟାନ୍ୟ ପ୍ରଦେଶକୁ ଚାଲାଣ ...ବା ଦରକାର । ସେ ପାଇଁ ସେ ମହାଶୟ ଗୋଟିଏ ସୁନ୍ଦର ଯୋଜନା ପ୍ରସ୍ତୁତ କରି ପ୍ରାଥମିକ କାର୍ଯ୍ୟ ଆରମ୍ଭ କରି ସାରିଲେଣି ।

ତାଙ୍କର ଇଚ୍ଛା କଲିକତାରେ ଗୋଟିଏ ଅଫିସ ଖୋଲା ଯାଇ ...ଠି ଗୋଟିଏ ବଡ଼ ଧରଣର କାଠ ଗୋଲାର କେନ୍ଦ୍ର ପ୍ରତିଷ୍ଠା ...ବା । ସେ ପାଇଁ ଦୁଇ ଏକର ଜମି ମଧ୍ୟ କିଣା ସରିଲାଣି । ...ର ଭବିଷ୍ୟତ ଉଜ୍ଜ୍ୱଳମୟ ଦେଖିଲେବି, ମନରେ ଦୁଃଖ ଆସୁଛି । ...ଣି ଆମ ଓଡ଼ିଆ ଲୋକେ ପୁଞ୍ଜି ଖଟାଇବା ପାଇଁ ଏଦିଗରେ ସମ୍ପୂର୍ଣ୍ଣ ...ମତା ପ୍ରକାଶ କରୁଛନ୍ତି । ତେଣୁ ଆମକୁ ଆମର ବ୍ୟବସାୟ ...ଇବା ନିମିତ୍ତ ଅଣଓଡ଼ିଆଙ୍କ ସାହାଯ୍ୟ ନେବାକୁ ହେଉଛି ।

ଠିକ ଚାରିଦିନପରେ ମୁଁ ଏଠୁ ଯିବି, ନୂଆ ମେନେଜରଙ୍କୁ ...କାର ସମସ୍ତ ଚାର୍ଜ ବୁଝାଇବାକୁ ମତେ ଦୁଇଦିନ ସମୟ ଲାଗିବ ...। ଟେଲିଗ୍ରାମ ପାଇବା ମାତ୍ରେ ଷ୍ଟେସନକୁ ମୋ କାର ପଠାଇବ । ...ର ଯାହା କିଛି ସବୁ ଅଛି ପ୍ରାଇଭେଟ ସେକ୍ରେଟେରୀଙ୍କୁ କହିବ— ...ସ୍ତୁ କିଛି ସହ ମୋ କୋଠିରେ ଅପେକ୍ଷା କରିବେ । ମିସ ପଞ୍ଚ-

ନାୟକଙ୍କୁ ମଧ୍ୟ ଆସିବାକୁ କହିବ । କେତେକ ପ୍ରାଇଭେଟ ଚିଠି ଟାଇପ କରିବାର ଅଛି । ସେଦିନ ପହୁଞ୍ଚି ଅଫିସକୁ ଯାଇ ପାରିବି ସେଥିପାଇଁ ଏସବୁ କଥା ଆଗରୁ ଜଣାଇଲି ।

ଆଉ ସବୁ ସାକ୍ଷାତରେ । ଆଶାକରେ ଶାରୀରିକ କୁଶଳରେ ଥିବେ । ଇତି

ତୁମର
ଚୌଧୁରୀ ସାହା

ସୁକାନ୍ତ ଏକ ନିଶ୍ୱାସରେ ଚିଠି ପଢ଼ି ସାରି କହିଲା—

"ଏଥର ଶୁଣିଲୁତ ? ଯା ହେଉ ବଡ଼ ସାହେବ ଘରେ କାମ କରୁ କରୁ ଗୋଟିଏ କଥାରେ ଲାଭ ହେଉଥିବ ହେବ ।"

ଧୀର ଗଳାରେ ଗୋବିନ୍ଦ କହିଲା—

"ମାଲିକ ପାଖରେ କାମ କରିବି । ଏଠାରେ ଲାଭ ସତରେ ଆସୁଛି କୁଆଡୁ ?"

ମୃଦୁହସି ସୁକାନ୍ତ କହିଲା—

"ନିଶ୍ଚୟ ଅଛି । ... କାରଣ ମୁଁ ମଙ୍କନାୟକ ସାଙ୍ଗେ ନାଟେଲରେ ତ ମନ ଟେକି କଥା କହିଲି ପାରିବ ?"

ଚମକି ଉଠିଲା ଗୋବିନ୍ଦ । ଅଧର ତାର ଥରି ଉଠୁଥି

ଏକ ଲହମାରେ ସେ ସୁକାନ୍ତର ମୁହଁକୁ ଚାହିଁ ଅନାଇଁ ରହିଲା ।

ସୁକାନ୍ତ ହାତ ଘଣ୍ଟାକୁ ଦେଖିଦେଇ ପୁଣି କହିଲା—

"ଅଫିସ କାମ ପଡ଼ିଲେ ବୁଝ ଠିକଣା ବୁଝିଗଲା !

ଗୋବିନ୍ଦ ଅନ୍ତମନେ କହିଲା—

ମୋର ବି ବୁଝିଗଲାଣି ଭାରି ଥିଲା । ନିଶ୍ଚୟ ଅଫିସ ଯି ଯାଇପାରିବା ?

କହିବା ସଙ୍ଗେ ସଙ୍ଗେ ଗୋବିନ୍ଦର ନିଜ ତୁମକୁ ଲାଗିଲା

ଅଫିସର ସମସ୍ତ କାମ ଶେଷ କରି ପାଞ୍ଚଟାପରେ ଫେରିଆସି ଦେଖେ ତ ସୁକାନ୍ତ ତା ଅପେକ୍ଷାରେ ଠିଆ ହୋଇ ରହିଛି । ଦୁହେଁ ଯାଇ କାରରେ ବସିଲେ । କାର ତୀବ୍ର ବେଗରେ ଛୁଟି ଚାଲିଲା ବାଲୁକା ପ୍ରାନ୍ତ ଆଡ଼କୁ ।

କାର ରାସ୍ତା କଡ଼କୁ ଥୋଇ ଦୁହେଁ ଓହ୍ଲାଇ ସମୁଦ୍ର କୂଳେ କୂଳେ ଚାଲିଲେ । ସୁକାନ୍ତର ବାହୁ ଭିତରେ ନିଜର ବାହୁ ଛନ୍ଦି ଚାଲିଛି ଗୋରୀଗୁଣ୍ଡ ।

କିଛିଦୂର ଆଗକୁ ଯାଇ ଦୁହେଁ ପାଖାପାଖି ହୋଇ ବସି ରହିଲେ । ନାନାଆଡ଼ୁ ନାନା କଥା । ମଝିରେ ମଝିରେ ଅଳ୍ପ ପରିହାସ । ଉଭୟଙ୍କ ମନରେ ଆନନ୍ଦର ଲହରୀ—ପ୍ରାଣ ମତାଣିଆ ଭାବଭଙ୍ଗୀ ।

ମୃଦୁହସି ସୁକାନ୍ତ କହିଲା—"ତୁମର ଯଦି........"

ଆଉକିଛି କହି ପାରିଲାନି ସୁକାନ୍ତ । ପାଟି କଥା ପାଟିରେ ଅଟକି ରହିଲା । ମୁହଁରେ ସଂକୋଚର ଆଭା ।

ଗୋରୀଗୁଣ୍ଡ ଧୀର ଗଳାରେ କହିଲା—

"କଥା ଶେଷ ନକରି ମଝିରେ ଅଟକି ଗଲ ଯେ ?"

"ନା କହିବନି ।···ମନରେ ଦୁଃଖ କରିବ ।"

ଅଭିମାନ ଭଙ୍ଗୀରେ ଗୋରୀଚାନ୍ଦ କହିଲା—

"ବଡ଼ ଭାଇ ମାନି ଏତେ ଭକ୍ତି କରୁଛି, ମୋ ପାଖରେ ପୁଣି ଲେଭେଲର ? ମୋ ରାଣୀ—ତୁମକୁ କହିବାକୁ ହେବ···।"

ସୁକାନ୍ତ କହିଲା—

"ପ୍ରକୃତରେ ତୁ ଯଦି ହୋଇ ପିଲାଟିଏ ହୋଇଥାନ୍ତୁ ତେବେ—।"

ସୁକାନ୍ତ କିଛି କହିଲାନି । ଗୋରୀଗୁଣ୍ଡ କାନରେ ହାତ ରଖି ମୃଦୁ ହସି ହସିବାକୁ ଲାଗିଲା । ଗୋରୀଚାନ୍ଦ ଲଜ୍ଜାରେ ସୁକାନ୍ତର ଛାତି ଭିତରେ ମୁହଁଟି ଲୁଚାଇ ଧୀର ଗଳାରେ କହିଲା—

"ଛି ! ସାନ ଭାଇକୁ କଣ ଏପରି କଥା କହନ୍ତି ?"

ଗୋବିନ୍ଦଚାନ୍ଦର ପିଠିରେ ହାତ ବୁଲେଇ ଦେଇ ଦେଇ ସୁକାନ୍ତ କହିଲା—

"ରାଗ କଲୁ କି ? ସେହିପରି ଥଟ୍ଟାରେ କହିଲି ନା ?" ହଁ, କାଲି ବଡ଼ ସାହେବ ଆସିବ । ମିସ୍ ପଟ୍ଟନାୟକ ମଧ୍ୟ ଯିବ । ଟିଟେବୁଲରେ କଥାବାର୍ତ୍ତା କରିବାକୁ ଅନେକ ସମୟ ମିଳିବ । ସେହି ଅବସରରେ ମୋ କଥା କହି ତା ମନ କଥାଟା ଟିକିଏ ବୁଝିବୁ—।"

ଗୋବିନ୍ଦଚାନ୍ଦ ଅଳସ ଆଖି ପତା ଯୋଡ଼ିକ ଉଠାଇ ସୁକାନ୍ତକୁ ଅନାଇଁଲା—

"ମିସ୍ ପଟ୍ଟନାୟକ ସକାଶେ ଦାନାପାଣି ତ୍ୟାଗ କରି ଦେଲଣି ନା କଣ ?"

ଦୀର୍ଘ ନିଶ୍ୱାସ ପକାଇ କହିଲା ସୁକାନ୍ତ— ।

"ତୁ ଚିଲା । ଯଦି କାହାକୁ ଭଲ ପାଇଥାନ୍ତୁ, ତେବେ ଜାଣି ତାପାଇଁ ପ୍ରାଣ ଭିତରଟା କିପରି ଉତ୍ଲା ବିକଳ ହୁଏ—?"

ଗୋବିନ୍ଦଚନ୍ଦ୍ରର କଅଁଳ କଳିଜା ଥରି ଉଠିଲା । ମନେ ମନେ ସେ ଭାବିଲା—ମିସ୍ ପଟ୍ଟନାୟକଙ୍କୁ ଇଏ ମନ ପ୍ରାଣ ଦେଇ ଭଲ ପାଉଛନ୍ତି । କିନ୍ତୁ ମନ ଭିତରେ ଯେ ମୁଁ ତାଙ୍କୁ ମୋର ସର୍ବସ୍ୱ ଅର୍ପଣ କରି ସାରିଲିଣି । ତେବେ ମୋ ଅବସ୍ଥା କଣ ହେବ ? ଜଣେ ନାରୀ ଯଦି କୌଣସି ପୁରୁଷକୁ ଭଲପାଏ, ସେହି ପୁରୁଷ ଯଦି ଅନ୍ୟ ନାରୀକୁ ଭଲ ପାଉଛି ବୋଲି ତା ପାଖରେ କହେ ତେବେ ତାର ଅବସ୍ଥା କଣ ହେବ ? ନାରୀ ମନ କୋମଳ । ··· ଥୟଧରି ପାରିବକି ?

ଗୋବିନ୍ଦଚନ୍ଦ୍ରର ମନେ ହେଲା ସେ ପୁରୁଷର ନକଲି ଆବରଣ ଖୋଲି ନିଜର ନାରୀତ୍ୱର ବିକାଶନେଇ ସୁକାନ୍ତ ପାଖରେ ଠିଆହୋଇ ଯିବ । କିନ୍ତୁ ପରମୁହୂର୍ତ୍ତରେ ବିବେକ ବାଧା ଦେଲା । ମନ ଭିତରେ

କିଏ ଯେପରି କହି ଉଠିଲା—ସାବଧାନ ଗୌରୀ ! ତୁ ଏ କଣ କରିବାକୁ ଯାଉଛୁ ?

ଗୋରାଚାନ୍ଦର ନୀରବତା ଦେଖି ସୁକାନ୍ତ କହିଲା—

"କଣ ମୋର ଏ ଅନୁରୋଧ ରଖିବୁନି ଗୋରାଚାନ୍ଦ ?"

ଗୋରାଚାନ୍ଦ ଧୀର ଗଳାରେ କହିଲା—

"ମୋ କଥା କଣ ସେ ମାନିବ ?"

"ନିଶ୍ଚୟ ମାନିବ । ମୋ ମନ କହୁଛି—ମୋ ଅପେକ୍ଷା ସେ ତୋତେ ଭାରି ଭଲ ପାଏ—

ମୃଦୁ ହସି ଗୋରାଚାନ୍ଦ କହିଲା—

"ଚାନ୍ଦ ମୋତେ ରାଜା ବୋଲି କହେ ?"

ସୁକାନ୍ତ କହିଲା—

"ହଉ ! ମୁଁ ତୋର ପରି ଗୋଟିଏ ସୁନ୍ଦରୀ ବାଛୁଛି ଦେବି—।"

ମୁରୁକି ଫାଟିଲା ଗୋରାଚାନ୍ଦ ମୁହଁରେ—

"ମୁଁ ତ ଆଉ ଝିଅ ନୁହେଁ—?"

"ଆରେ ତୁ ସିନା ଝିଅ ନୋହୁ । ତୋର କାହିଁରେ ତ ଝିଅ ମିଳିବେ ?"

ଗୋରାଚାନ୍ଦ କହିଲା—

"ହଉ ଏଥରଗୁଲ ଅନେକ ବେଳ ହେଲଣି । ଘରକୁ ଯିବା—"

ସୁକାନ୍ତ ଉଠୁ ଉଠୁ କହିଲା—

"ଅଚ୍ଛା ! ଗୋଟିଏ କଥା ପଚାରିବି କହିବୁ ?"

"କଣ ?

"କୌଣସି ଝିଅକୁ ତୁ କେବେ ଭଲ ପାଇଛୁ ?

"ନା ।

"କିପରି ଭଲ ପାଇବାକୁ ହୁଏ ଜାଣୁ ?

"ହଁ !

"କିପରି ଭଲ ପାଆନ୍ତି ?

"ଏଇ—ତମେ ଯେପରି ମତେ ଭଲ ପାଉଚ—।

କହିବା ସଙ୍ଗେ ସଙ୍ଗେ ଲଜ୍ଜାରେ ଗୋବିଚାଂଦର ମୁହଁ ତଳକୁ ନଇଁ ପଡ଼ିଲା । ହସି ହସି ସୁକାନ୍ତ କହିଲା—

"ଆରେ ! ମୁଁ ପୁରୁଷ ପୁରୁଷ ଭିତରେ ଭଲ ପାଇବା କଥା କହୁନି । ମୁଁ କହୁଛି—ଝିଅଙ୍କ କଥା । ଯଦି କୌଣସି ଝିଅକୁ ଭଲ ପାଇଥାଉ କହ ।

"ଥରେ ପରି କହିଲି । ତମ ଛଡ଼ା ମୁଁ ଆଉ କାହାରିକୁ ଭଲ ପାଇନି ।—

"ଆରେ ଧେତ୍ ! ମୁଁ ତ ଆଉ ଝିଅ ନୁହେ ?

ମୃଦୁ ହସି ଗୋବିଚାଂଦ କହିଲା—

"ଝିଅ ନହେଲେ କଣ ହେଲା ? ତମକୁ ଭଲତ ପାଇଛି···?

ଗୋବିନ୍ଦର ପିଠିରେ ମୃଦୁ ଚପେଟାଘାତ କରି ସୁକାନ୍ତ କହିଲା—

"ତୁ ଗୋଟାଏ ନିହାତି ବଦ ରସିକ । ହେଉ ଏଥର ଘରକୁ ଚାଲ । କିନ୍ତୁ ମୋ କଥା ନିଶ୍ଚୟ ମନେ ରଖିବୁ—।

ଚାଲି ଚାଲି ଗୋବିଚାଂଦ କହିଲା—

"କାହିଁକି ?···ଯଦି ସେ ତମକୁ ରାଜି ନହୋଇ ମତେ ରାଜି ହୁଏ । ସେଥିପାଇଁ ମୋର ଡର ହେଉଚି—

ସୁକାନ୍ତ କହିଲା—

"ଆରେ ସେ କଥା ଯାଃ ନା ?···ତୋର ନହେଲେ ମୋର ଯାର ହେଲେ କଣକରି ହେବ ତ ?

"ଏଥିରେ ତମର କଣ ଲାଭ ?

"ନିଶ୍ଚୟ ଲାଭ ଅଛି ! ଯଦି ତୋର ସେ ହୁଏ, ତୋ ଘରକୁ ଗଲେ ତା ହାତ ଚାଆରି ଚା' କପେ ପାଇବି ତ ?

ହସି ହସି ଗୋବରଗାଂଧ କହିଲା—

"ସେ କଥା ମଣିବନି ବାବୁ ? ଓଡ଼ିଆ ଘର ଝୁଙ୍କୁଲା ନୁହେଁ ।... ପର୍ଦ୍ଦା ଢିଆ । ବଙ୍ଗଳା ଦେଶରେ ଲଙ୍ଗଳା କଥା ସୁନ୍ଦର କିନ୍ତୁ ଓଡ଼ିଶାରେ ନୁହେଁ—।

ଗୋବରଗାଂଧ ଗାଲକୁ ଟିକିଏ ଚିପି ଦେଇ ସୁକାନ୍ତ କହିଲା—

ହଁ ! ଦେଖିବ—ଏହିପରି ଆହୁରି କେତେ ଦେଖିବ । ଯେତେ ହେଲେ ଓଡ଼ିଆଣୀ ତ ?...

ଏହିପରି ନାନା ହାସ୍ୟ ପରିହାସ ମଧ୍ୟରେ ଗଡ଼ିକରି କାର ପାଖରେ ଆସି ଦୁହେଁ ପହଞ୍ଚିଲେ । ସୁକାନ୍ତ ଡ୍ରାଇଭ କଲା ! ·ଗୋବରଗାଂଧ ଟିକେ ସୁକାନ୍ତର ଦେହ ପାଖକୁ ଦେହ ଲଗାଇ ବସି ରହିଲା ।

ଉଭୟେ ନୀରବ । ନିଜ ନିଜ ଭାବନାରେ ଦୁହେଁ ମନକୁ ମନ ବୁଡ଼ି ଯାଇଛନ୍ତି । କାହାରି ମୁହଁରେ ଭାଷା ନାହିଁ ।

"ସୁକାନ୍ତ କାର୍‌ର ଗତି ଟିକିଏ ଧିମେଇ ଦେଇ ଧୀର ଗଳାରେ କହିଲା—

ଆଜି ଘରକୁ ନଗଲେ କଣ ଚଳିବନି ଗୋବରଗାଂଧ ? ...ଚାଲ ଏକା ସାଙ୍ଗରେ ଆଜି ରାତିଟି କଟେଇ ଦେବା—।

ଚମକି ଉଠିଲା ଗୋବରଗାନ୍ଧ । କଣ କହିବ ଆଉ କଣ ନ କହିବ ସେହି କଥାକୁ ମନ ଭିତରେ ଭାବି ହେଉଥିଲା ।

ଗୋବରଗାଂଧ ଦେହରେ ହାତ ଦେଇ ପୁଣି ସୁକାନ୍ତ କହିଲା—

କଣ ମୋ କଥା କାନରେ ପଶୁଛି କି ନାହିଁ ? ଆଛା ! ଆଜି କଥାରେ, କଥାରେ ତୁ ଏପରି ଅନ୍ୟମନସ୍କ ହୋଇଯାଉଛୁ କାହିଁକି ମୁଁ ଶୁଣେ ?

ତଥାପି ଗୋବର୍ଦ୍ଧନ ନୀରବ । ସୁକାନ୍ତର କର ପରଶରେ ଦେହ ତାର ଥର ଉଠୁଥିଲା । ନାକ ଭିତରୁ ଗରମ ପବନ ବାହାରୁଥିଲା । ପାଟି ଅଠା ଅଠା ହୋଇ ଯାଉଛି ।

କିଛି କ୍ଷଣ ପରେ ଥରିଲା ଗଳାରେ ସେ କହିଲା—

"ସୁକାନ୍ତ ଭାଇ !

ସୁକାନ୍ତ ନିଜର ମୁହଁଟି ଗୋବର୍ଦ୍ଧନର ମୁହଁ ପାଖକୁ ବଢ଼ାଇ ନେଇ ଧୀର ଗଳାରେ କହିଲା—"କଣ କହୁଚୁ ?"

ଗୋବର୍ଦ୍ଧନ ଟିକିଏ ଦୁଃଖିଯାଇ କହିଲା—

"ସତେ କଣ ମତେ ଭଲ ପାଅ ?"

ସୁକାନ୍ତ କାରର ଗତି ବଢ଼େଇ ଦେଇ ଦେଇ କହିଲା—

"ଆରେ ! ମୋ ପାଖରେ ଲାଗି କରି ବସି ଥିଲୁ । ପୁଣି ଦୂରେଇ ଗଲୁ କାହିଁକି ? ଆଉ ଭଲ ପାଇବା କଥା କହିଲୁ ଯେ—ତୁ ତ ଆଉ ମିସ୍ ପଟ୍ଟନାୟକ ନୋହୁ ? ତୁ ମୋର ଜ୍ୟେଷ୍ଠ ଭାଇ । ବଡ଼ ଭାଇ ଯେପରି ଜ୍ୟେଷ୍ଠ ଭାଇକୁ ସ୍ନେହ କରେ ମୁଁ ସେହିପରି କରେ । ପାଉଣ ଅନ୍ତର କେବେ ଦେଖିବୁ ?

ମନ ଭିତରେ କୁରୁଳି ଉଠୁଥିଲା ଗୋବର୍ଦ୍ଧନ । ତାର ମନେ ଯେପରି ହେଉଥିଲା, ସତ ଘଟଣାଟା ଖୋଲି ସେ ସୁକାନ୍ତକୁ କହିଦେବ ! ଛାତିରେ ମୁଣ୍ଡ ରଖି ସେ କହିବ— ତୁମେ ନିଷ୍ଠୁର ହୁଅନି । ମିସ୍ ପଟ୍ଟନାୟକଙ୍କୁ ଭୁଲିଯାଅ । ମୁଁ ତୁମର—

ଗୋବର୍ଦ୍ଧନ ଆଉ କଣ ଭାବିବାକୁ ଯାଉଥିଲା । କିନ୍ତୁ ବାଧା ପାଇଲା । ସୁକାନ୍ତ ଡାହାଣ ହାତରେ କାର୍‌ର ଷ୍ଟିଅରିଙ୍ଗ୍ ବୁଲାଇ ବାଆଁ ହାତରେ ଗୋବର୍ଦ୍ଧନକୁ ନିଜ କୋଳ ପାଖକୁ ଟାଣି ଆଣିଲା । ରବର ତିଆରି ଖେଳନା ପରି ସୁକାନ୍ତର କୋଳକୁ ଆଉଜି ଆସିଲା ଗୋବର୍ଦ୍ଧନ । ଦେହଟା ସତେ ଭାରି ନରମ, ବଡ଼ ମୁଲାୟମ୍— ।

ହସି ହସି ସୁକାନ୍ତ କହିଲା—

"ଆରେ ତୁ ମତେ ଯାଦୁ ମନ୍ତ୍ରର କରସାରିଲୁଣି । ତୋତେ ମୁଁ ଦଣ୍ଡେ ନ ଦେଖିଲେ କୋଟି ଯୁଗର ବିଚ୍ଛେଦ ପରି ମନେହୁଏ । ଆଜି ଏକା ସାଙ୍ଗରେ ଖାଇ ଗୋଟିଏ ରାତି ଏକା ବିଛଣାରେ କଟାଇ ଦେବା । କଣ ? ଆମ ଘରକୁ ଯିବୁ ତ ?

ଗୋରାଚାନ୍ଦ ସୁକାନ୍ତର କାନ୍ଧରେ ସେହିପରି ଢଳି ରହି ଧୀର ଗଳାରେ କହିଲା

"ନା ! ଆଜି ନୁହେଁ ।···ଆଉ ଦିନେ ରହିବି—।

"କାହିଁକି ? ଆଜି ଅସୁବିଧା କଣ ହେବ ?

"ବାପାଙ୍କୁ କହି ଆସିନି । ସେ ମୋ ଅପେକ୍ଷାରେ ଥିବେ ।

ଆଉ ସୁକାନ୍ତ କିଛି କହିଲାନି । ଦୁହେଁ ନୀରବରେ କାର୍ଟି ଭିତରେ ବସି ରହିଲେ । କାର୍ ଦ୍ରୁତ ଗତିରେ ରାଜରାସ୍ତାର ଛାତି ଉପରେ ଚାଲିଛି— ।

ସୁକାନ୍ତ ଗମ୍ଭୀର ହୋଇ କହିଲା

"ମଣିଷର ଜୀବିକା ଅପେକ୍ଷା ବଡ଼ କଣ କହିପାରିବୁ ଗୋରାଚାନ୍ଦ ।

ସୁକାନ୍ତ ମୁହଁକୁ ଅନାଇ ଗୋରାଚାନ୍ଦ କହିଲା—

"ଜୀବନଟା ହେଉଛି ବଡ଼ ।

"ହୁଁ !

ସୁକାନ୍ତ ଆଉ କିଛି କହିଲାନି । କାର ସେହିପରି ରାଜ ମାର୍ଗରେ ଦ୍ରୁତ ଗତିରେ ଚାଲିଛି ।

ଗୋରାଚାନ୍ଦ ହସିଦେଇ କହିଲା—

କହିପାରିବ ଜୀବନରେ ପ୍ରୟୋଜନ ଅପେକ୍ଷା ଅତି ପ୍ରିୟ କଣ ?

ସୁକାନ୍ତ ଅଜଣା ପୁଲକରେ ପୁଲକିତ ହୋଇ କହିଲା—

"ପ୍ରେମ ଅତି ପ୍ରିୟ ।

"ତୁମର ଅତି ପ୍ରିୟ ଏହି ପ୍ରେମକୁ ମିସ୍ ପଟ୍ଟନାୟକଙ୍କୁ ଅର୍ପଣ କରିବାକୁ ଯଉଚ ନା ସେ ନିଜେ ଆଦାୟ କରିବା ପାଇଁ ତମ ପାଖରେ ପ୍ରାର୍ଥିନୀ ହୋଇଛନ୍ତି ?"

ସୁକାନ୍ତ ହତାଶ କଣ୍ଠରେ କହିଲା—

"ମିସ୍ ପଟ୍ଟନାୟକଙ୍କ ପାଖକୁ ମୁଁ ନିଜେ ନିବେଦନ କରି ପତ୍ର ପଠାଇଛି ।"

"ତୁମର ନିବେଦନ ସେ ଗ୍ରହଣ କରି ପାରିଛନ୍ତି ?

"ନା"

ତେବେ ତାଙ୍କ ବିଷୟରେ ତମେ ରାତି ଦିନ ଏପରି ଭାବି ଅସ୍ଥିର କାହିଁକି ?

"ସ୍ଥିର ହେବାର ଉପାୟ ଯେ କିଛି ଦେଖାଯାଉ ନାହିଁ ।"

ସୁକାନ୍ତର ଏପରି କଥା ଶୁଣି ଆଉ କିଛି କହି ପାରିଲା ନାହିଁ ଗୋବିନ୍ଦ । ନୀରବରେ ବସି ରହିଲା ସେ ।

କାର୍ର ହର୍ଣ୍ଣ ବଜାଉ ବଜାଉ ସୁକାନ୍ତ କହିଲା

କି ! ନୀରବରେ ରହିଲୁ ଯେ ? ମୋ କଥାର ଉତ୍ତରଦିଏ ?

କଣ ଆଉ ଉତ୍ତର ଦେବି ?

ମୁଁ କାହିଁକି ମିସ ପଟ୍ଟନାୟକଙ୍କ ପାଖରେ ପ୍ରେମ ପ୍ରାର୍ଥୀ ହୋଇଛି ।

ଗୋବିନ୍ଦ କହିଲା—

ଦେଖ ଭାଇ ବୟସରେ ତୁମେ ମୋଠାରୁ ବଡ଼ । ପ୍ରେମ ବିଷୟରେ ମୁଁ କିଛି ବୁଝେନା ! ତେବେ ଗୋଟିଏ କଥା ଏଠି କହି ରଖେ ପରସ୍ପର ମଧ୍ୟରେ ଯଦି ମନ ଦିଆ ନିଆ ହୁଏ ତେବେ ଏଠାରେ ପ୍ରେମକୁ ଭିକ୍ଷା ରୂପରେ କହିବା ଠିକ ହେଉନି । କଥାରେ ଅଛି ଯାହାର ଯାହାଠି ମିଳେ ମନ, କିଆ ହଉ କିବା ଜମ । ତମେ ମିସ୍ ପଟ୍ଟନାୟକଙ୍କୁ ଗ୍ରହନ୍ତି । ତା ବିଷୟରେ ରାତି ଦିନ ଚିନ୍ତା

କରୁଛ । ସେ ଯଦି ଭଲ ନ ପାଉଥାଏ—ତମର ପ୍ରେମ ଭିକ୍ଷାକୁ ସେ ଯଦି ପ୍ରତ୍ୟାହାର କରେ ?···ତେବେ କଣ କରିବ ?

ସୁକାନ୍ତ କହିଲା—

ଚେଷ୍ଟାଦ୍ୱାରା ଅସାଧ୍ୟ ହୋଇ ଏ ଜଗତରେ କିଛି ନାହିଁ । ତୁ ଏ ବିଷୟରେ ପିଲା । ପ୍ରେମ କରିବାକୁ ହେଲେ ବହୁ ଦୁର୍ଗମ ପଥରେ ଯିବାକୁ ହୁଏ । ରାଜକୁମାରୀକୁ ପାଇବା ନିମନ୍ତେ ରାଜକୁମାର ତ ପୁଣି ଅସୁରୁଣୀ ବୁଢ଼ୀ ଘରେ ଆଶ୍ରୟ ନେଇଥିଲା ?

ଗୋବର୍ଦ୍ଧନ ଲାଜକୁଳିଆ ମୁହଁରେ ହସିଦେଇ କହିଲା—

"ମିସ୍ ପଟ୍ଟନାୟକ ପାଇଁ ତମେ ପୁଣି କାହା ପାଖରେ ଆଶ୍ରୟ ନେବ ?"

ସୁକାନ୍ତ ହସି ଦେଇ କହିଲା—

କାହିଁକି ? ମୁଁ ପରା ତୋ ପାଖରେ ଆଶ୍ରୟ ନେଇଛି ?

ଗୋବର୍ଦ୍ଧନ ଧୀର ଗଳାରେ କହିଲା—

ମୋ ପାଖରେ ଯେ ଆଶ୍ରୟ ନେଲେ କିଛି ଫଳ ହେବନି । ଯେଉଁପରିଭାବେ ନିର୍ଦ୍ଦେଶ ଦେବି ସେହିପରିଭାବେ ତମେ ଚାଲିବ ତ —।

ସୁକାନ୍ତ ହସି ହସି କହିଲା—

ମୁଁ ତୋର ପ୍ରତ୍ୟେକ କଥାରେ ରାଜି । ତୁ ଯାହା କହିବୁ ମୁଁ କରିବି—

"ଠିକ୍ କଥା କହୁଛ ତ ? ମୋ ଦେହ ଛୁଇଁ ଶପଥ କର—।"

ଗୋବର୍ଦ୍ଧନକୁ ଗୋଟିଏ ହାତରେ ନିଜ କୋଳକୁ ଟାଣି ଆଣି ସୁକାନ୍ତ କହିଲା—

ଏଇ ତୋ ମୁଣ୍ଡ ଉପରେ ହାତରଖି କହୁଛି—ତୁ ଯେତେବେଳେ ଯାହା କହିବୁ ସବୁ ମାନିବି ।

ଗୋବର୍ଦ୍ଧ ସେହିପରି ଲଜ୍ଜାବନତ ମସ୍ତକଟି ସୁକାନ୍ତ କୋଳରେ ରଖିଥାଏ । ଅଜଣା ପୁଲକରେ ଯେପରି ତାର ସାରା ଅଙ୍ଗଟି କପଉ ଗୋଟାଏ ମାଦକରେ ଫୁଲି ଫୁଲି ଉଠୁଛି । ଅବୁଝା ମନ ଗଣ୍ଡିକ ଯେପରି କହୁଛି—ଏହିପରି ସେ ସବୁଦିନ ପାଇଁ ସୁକାନ୍ତର କୋଳରେ ମୁଣ୍ଡ ରଖି ଶୋଇ ରହନ୍ତା କି ! ଏହିପରି କାର୍‌ର ଗତି ପବନରେ ଉଡ଼ି ଯାଆନ୍ତା—ଆମେ ଦୁହେଁ ଫୁଲପରି ଦୋଳି ଖେଳୁଥାନ୍ତୁ··· ।

କର ମରଶରେ ଗୋବର୍ଦ୍ଧର ଚମକ ଭାଙ୍ଗିଲା । ଶୁଣିଲା ସେ ସୁକାନ୍ତ କହୁଛି—

"ଆରେ ଉଠି ବସ୍ । ମୋ କୋଳରେ କଣ ଏହିପରି ତୁ ଶୋଇ ରହିଥିବୁ ?

ମାଦକ ଭରା ଅଳସ ଆଖି ପତା ଦୁଇଟି ଖୋଲି ଗୋବର୍ଦ୍ଧ ହସି ହସି କହିଲା—

"ତୁମର କୋଳଟି ବଡ ଉଦାର—ଆଉ ମହତ୍ । ଆଶ୍ରୟ ପାଇଲେ ଆଉ ଉଠିବାକୁ ଇଚ୍ଛା ହୁଏନି—"

ଅଙ୍ଗୁଳି ଟିପରେ ଗୋବର୍ଦ୍ଧର ଗାଲକୁ ଚିପିଦେଇ ସୁକାନ୍ତ କହିଲା—

"ପାଗଳ !"

ଗୋବର୍ଦ୍ଧ ମନେ ମନେ କହି ଉଠୁଥିଲା··

''ଖାଲି ପାଗଳ ନୁହେଁ ବନ୍ଧୁ—ପ୍ରେ-ମ-ପା-ଗ-ଳି-ନୀ"

* * *

ମିସ୍ ପଟ୍ଟନାୟକ ଦେହକୁ ଦେହ ଲଗାଇ ଗୋବରଗୁଣ୍ଢ ପାଖରେ ସିଥିଲା ।

ଗୋବରଗୁଣ୍ଢ ଧୀର ଗଳାରେ କହିଲା—

ଆଉ ଆମେ କେତେ ସମୟ ଅପେକ୍ଷା କରି ବସିବା ମିସ୍ ଟ୍ଟନାୟକ ?

ମିସ୍ ପଟ୍ଟନାୟକ କଣେଇ କଣେଇ ଚାହିଁ କହିଲେ—

ସେକଥା ମୁଁ କିପରି କହିବି ? ଆପଣ ସାହେବଙ୍କର ପ୍ରାଇଭେଟ ସେକ୍ରେଟେରୀ । ଆପଣଙ୍କୁ ସବୁକଥା ଜଣାଥିବ ।

ଗୋବରଗୁଣ୍ଢ କହିଲା—

"କହୁଁ କହୁଁ ପାଞ୍ଚମାସ ଏଠାରେ କାମ କଲିଣି । ସାହେବଙ୍କ ରୂପ ଦିନେ ଦେଖି ପାରିଲିନା । ଚିଠିପତ୍ରରେ ଯେପରି ନିର୍ଦ୍ଦେଶ ଉଛନ୍ତି ସେହି ଅନୁସାରେ କାମ କରୁଛି । ଆଚ୍ଛା ! ସାହେବ କଣ ଭାରି ଡା ମିଜାଜର ଲୋକ ?"

ମୃଦୁ ହସି ମିସ୍ ପଟ୍ଟନାୟକ କହିଲା—

"ସାହେବ ଭାରି ଆମାୟିକ ଲୋକ । ପରୋପକାରୀ । ନିଜର ଥାରୁ ଦେଖିପାରୁନ ? ମେନେଜର ଉପରେ ଅଫିସର ଦାୟିତ୍ୱ ଇ ବାହାରେ ବାହାରେ ବୁଲୁଛନ୍ତି—।"

ଧୀର ଗଳାରେ ଗୋବିଚାଢ କହିଲା—

"ହୁଁ ! ବଡ ଲୋକର ଖିଆଲ । ଟଙ୍କାର ତ ଅଭାବ ନାହିଁ । ଫିସ କାମ ଚଳାଇବା ପାଇଁ କର୍ମଚାରୀ ଅଛନ୍ତି । ଆଉ ଅସୁବିଧା ଣି ?"

ମିସ୍ ପଟ୍ଟନାୟକ କହିଲା—

ମେନେଜର ବାବୁଙ୍କ କଥାକୁ ସାହେବଙ୍କର ଭାରି ବିଶ୍ୱାସ ଯାହା ସେ କହିବେ ତାଙ୍କ କଥା ସାହେବ ମୋଟେ ଭାଙ୍ଗିବେନି— ।

ଚୁପି ଚୁପି ଗୋବିଚାନ୍ଦ କହିଲା—

ମେନେଜର ବାବୁଟି କିପରି ଲୋକ ବୋଲି ତମେ ଜାଣ ?

ମିସ୍ ପଟ୍ଟନାୟକଙ୍କର ମନଟି ମଉଳି ଗଲା । ମନେ ମନେ କଣ ଭାବିବାକୁ ଲାଗିଲା ସେ । ଗୋବିଚାଂଦ ବିଶେଷ ଭାବେ ଲକ୍ଷ୍ୟ କରି ମିସ୍ ପଟ୍ଟନାୟକଙ୍କୁ ଅନାଇ ରହିଥିଲା ।

ଗୋବିଚାନ୍ଦ ପୁଣି କହିଲା—

"କାହିଁ ମୋ କଥାରେ ଉତ୍ତର ଦେଉ ନାହଁ ଯେ ?"

"କଣ ଉତ୍ତର ଦେବି ?"

"ମେନେଜର ସାହେବ କିପରି ଲୋକ ?"

"ମାନେ ।"

ଏଇ ତାଙ୍କର ସ୍ୱଭାବ-ଚରିତ୍ର କଥା—।

"ଭାରି ଭଲ···।"

ଏକଥା ମନରୁ କହୁଛ ନା ଖାଲି ମୁହଁରେ ?

ମିସ୍ ପଟ୍ଟନାୟକ ଏକ ଦୃଷ୍ଟିରେ ଗୋବିଚାନ୍ଦର ମୁହଁକୁ ଅନାଇ ରହିଲା । କଣ କହିବାକୁ ଇଚ୍ଛା କରି ମଧ୍ୟ କହିପାରୁନି । ଲଜ୍ଜା ସଂକୋଚରେ ମୁଖଟି କିପରି ନଇଁ ଆସିଲାପରି ପଣାପଡୁଛି ।

ଗୋବିଚାନ୍ଦ ହସି ଦେଇ କହିଲା—

ମୋ କଥାରେ ଯାହା ଭାବନା କର ପଛେ କିନ୍ତୁ ମୁଁ ମେନେଜର ସାହେବଙ୍କ ମନକଥା ବେଶ ଜାଣେ—।

ତୀକ୍ଷ୍ଣ ଦୃଷ୍ଟିରେ ମିସ୍ ପଟ୍ଟନାୟକ ଗୋବିଚାନ୍ଦକୁ ଅନାଇ ଧୀର ଗଳାରେ କହିଲା—"କଣ ଜାଣ ?"

ଏଇ !···ତମକୁ ସେ କିପରି ମନପ୍ରାଣ ଦେଇ ଭଲ ପାଆନ୍ତି···।

ଏହା କଣ କେବେ ସମ୍ଭବ ହୋଇପାରେ ଗୋବରାଢ଼ ବାବୁ ?

"କାହିଁକି ନୁହେ ?"

ଧରନ୍ତୁ ! ମୁଁ ଯଦି ଭଲ ପାଉ ନଥାଏ ?

ଗୋବରାଢ଼ ଆଶ୍ଚର୍ଯ୍ୟ ଭଙ୍ଗୀରେ ମିସ୍ ପଟ୍ଟନାୟକଙ୍କର ମୁହଁକୁ ଅନାଇଁ କହିଲା—

"ପ୍ରକୃତରେ କଣ ତମେ ମେନେଜର ସାହେବଙ୍କ ସଙ୍ଗେ ମିଳାମିଶା ରିବାକୁ ପସନ୍ଦ କରନା ? କିନ୍ତୁ ସେ ଯେ—"

ଅଟକିଗଲା ଗୋବରାଢ଼ । ମିସ୍ ପଟ୍ଟନାୟକ କହିଲା—

"କଣ କହିବାକୁ ଚାହିଁ ମୁଁ ସବୁଜାଣେ—?"

"କଣ ଜାଣ ?"

ମେନେଜର ସାହେବ ମତେ ପାଇବାପାଇଁ ବହୁଚେଷ୍ଟା କରୁଛନ୍ତି । ସଥିପାଇଁ ଦିନ୍ ଦିନ୍ ମୋ ପାଖକୁ କେତେ ଚିଠି ଆସୁଛି—ସେ ବୁକୁ କେନ୍ଦ୍ରକରି ସଜାଇ ଦେଲେ ଗୋଟିଏ ସୁନ୍ଦର ଉପନ୍ୟାସ ହେବ ।

"ରୋମାଣ୍ଟିକ୍ସ ଉପନ୍ୟାସ ତ ଆମ ଗାଆଁ ଗଣ୍ଡାରେ ଯୁବକ ଯୁବତୀ ହଲରେ ବେଶି ଦରକାର—ଆପଣ ସେ ସବୁକୁ ଠୁଳକରି ଶୀଘ୍ର ଉପନ୍ୟାସ ବାହାର କରି ଦିଅନ୍ତୁ ନା ?..."

ମିସ୍ ପଟ୍ଟନାୟକ କହିଲା—

ଦେଖନ୍ତୁ ଗୋବରାଢ଼ ବାବୁ! ମେନେଜର ସାହେବ ଆମର କମ ଭଲ । ତାଙ୍କ ସାଙ୍ଗରେ—

ବାଧାଦେଇ ଗୋବରାଢ଼ କହିଲା—

ଯେଉଁଠାରେ ମନ ମିଳିଯାଏ—ସେଠି ମାଲିକ ଆଉ ଗୁମାସ୍ତାର ସ୍ଥାନ ଥାଏ । ପ୍ରେମ—ନିର୍ମଳ—ପବିତ୍ର । ତା ପାଖରେ ଉଚ୍ଚ ନୀଚ ଭେଦ ଭାବ ନଥାଏ । ମୋଟ କଥା ଯାହା ସାଙ୍ଗରେ ଯାହାର ମନ ମିଳେ—

ମିସ୍ ପଟ୍ଟନାୟକ କହିଲା—

"ଜଣେ ଯୁବକ ଗୋଟିଏ ଝିଅକୁ ଭଲ ପାଉଛନ୍ତି—ଖୁବ୍ ଭଲ ପାଉଛନ୍ତି । ବସିଲେ ଶୋଇଲେ ଖାଲି ତାରି କଥା ଭାବୁଛନ୍ତି—ଜପା ମାଳ କରୁଛନ୍ତି । କିନ୍ତୁ ସେ ଝିଅ ଯଦି ଉକ୍ତ ଯୁବକକୁ ଭଲ ପାଉ ନ ଥାଏ । ତେବେ କଣ ହେବ ?

ଗୋବରାଢ ଗମ୍ଭୀରଭାବେ କଣ ଦଣ୍ଡେ ଚିନ୍ତାକରି କହିଲା—

"ଝିଅଟି କିପରି ଉକ୍ତ ଯୁବକକୁ ଭଲ ପାଇବ, ସେଥିପାଇଁ ସେ ଚେଷ୍ଟା କରିବ । ଦରକାର ହେଲେ ମୁହଁ ଖୋଲି କହିବ—"

ଧରନ୍ତୁ ! ସେ ଝିଅ ଯଦି କହେ ମୁଁ ଆଉ ଜଣକୁ ଭଲ ପାଏ ତେବେ କି ଉପାୟ କରିବ ?

ଏ କଥାରେ ଗୋବରାଢ ଯେ କଣ ଉତ୍ତର ଦେବ କିଛି ଠିକ କରିପାରିଲାନି । ମନେ ମନେ ସେ ଭାବିଲା—ମିସ୍ ପଟ୍ଟନାୟକ ଠିକ କହୁଛନ୍ତି । ପ୍ରକୃତରେ ଯଦି ମିସ୍ ପଟ୍ଟନାୟକ ଅନ୍ୟ ଯୁବକକୁ ଭଲ ପାଉଥାଏ ତେବେ ମେନେଜର ଏତେ ଦିନଯାଏ ମରଚିକା ପଛରେ ଧାଉଁଛନ୍ତି ବୋଲି ଧରାଯିବ । ମିସ୍ ପଟ୍ଟନାୟକ ମୋ ସଙ୍ଗରେ ଅଭିନୟ କରୁନାହାଁନ୍ତି ତ ।

କିଛିକ୍ଷଣ ପରେ ଗୋବରାଢ କହିଲା—

"ସତେ କଣ ତମେ ମେନେଜର ସାହେବଙ୍କୁ ଭଲ ପାଅନା ।

ଧୀର ଗଳାରେ ମିସ୍ ପଟ୍ଟନାୟକ କହିଲା—

ମିଛ କହି ଲାଭ କଣ ? ପ୍ରକୃତରେ ମୁଁ ଆଉ ଏକ ଯୁବକ ଭଲ ପାଇଛି । ଜଣେ ସ୍ତ୍ରୀ ଯଦି ଥରେ କୌଣସି ପୁରୁଷକୁ ଭଲ ପାଇଲା ତେବେ ଅନ୍ୟ ପୁରୁଷ କଥା ଭାବିବା ତା ପକ୍ଷରେ ମହାପାପ

ଆଶ୍ଚର୍ଯ୍ୟରେ ଗୋବରାଢ ମିସ୍ ପଟ୍ଟନାୟକର ମୁହଁକୁ ଅନା ରହିଲା । କଣ କହିବ ବୋଲି ମନେ ମନେ ଭାବୁଥିଲା ସେ—

କିଛିକ୍ଷଣ ପରେ ସେ କହିଲା—

କାହାକୁ ଏପରି ଭଲ ପାଇଛ ଯେ—ମନପ୍ରାଣ ଏକବାର ତାକୁ ଅର୍ପଣ କରି ବସିଛ ? କିଏ ସେ ଭାଗ୍ୟବାନ ?

ଲଜ୍ଜ୍ୟାନତ ଚକ୍ଷୁରେ ଗୋରାଚାନ୍ଦକୁ ମିସ୍ ପଟ୍ଟନାୟକ କହିଲା—

ଯଦି କହେ···ତମକୁ ମୁଁ ଭଲ ପାଇଛି ?

ଧେତ୍ ! ମୁଁ ପୁଣି ଗୋଟାଏ ଲୋକ, ମତେ ପୁଣି ଇଏ ଭଲ ପାଇବେ··· ।

ଗୋରାଚାନ୍ଦ କଥାଟାକୁ ହାଲୁକା କରି ଉଡ଼େଇ ଦେବା ଉପରେ ବସିଥିଲା । କିନ୍ତୁ ତାହା ହେଲାନି । ମିସ୍ ପଟ୍ଟନାୟକ ଗୋରାଗୃନ୍ଦ ପାଖକୁ ଘୁଞ୍ଚି ଆସି ମିନତିଭରା କଣ୍ଠରେ କହିଲା—

ତୁମେ ବିଶ୍ୱାସ କର ବା ନକର ମୁଁ କିନ୍ତୁ ତୁମକୁ ଭଲପାଇଛି । ଯେଉଁ ଦିନ ପ୍ରଥମ କରି ଅଫିସରେ ତମ ସହିତ ଭେଟ ହୁଏ, ସେଦିନ ପାଖରୁ ମୁଁ ତୁମ ରୂପରେ ପାଗଳିନୀ ହୋଇଛି । ଖାଇବା ଶୋଇବା ପର୍ଯ୍ୟନ୍ତ ମତେ ବିଷ ପରି ଲାଗିଚି । କୌଣସି କାମରେ ମନ ଲାଗୁନି । ସଦାବେଳେ ତମ ପାଖରେ ରହିବାକୁ ମନ ହେଉଛି— ।

ଚମକି ଉଠିଲା ଗୋରା ଗୃନ୍ଦ । ମନେ ମନେ ଭାବିଲା ସେ—ଏତ ବଡ଼ ବିଷମ ସମସ୍ୟା । ମୁଁ ମନ ଭିତରେ ମେନେଜର ସାହେବଙ୍କୁ ପାଇବା ପାଇଁ ଇଚ୍ଛା କରୁଚି । ଏବ ମତେ ପାଇବା ପାଇଁ ସୁନ୍ଦର ସ୍ୱପ୍ନ ଆଙ୍କୁଚି ।

ଗୋରାଗୃନ୍ଦର ନୀରବତା ଦେଖି ମିସ୍ ପଟ୍ଟନାୟକ ପୁଣି କହିଲା—

"କଣ ରାଗ କଲ ?···ମୋ କଥା ଶୁଣି ଏପରି ଗମ୍ଭୀର ପାଲଟି ଗଲ ଯେ—?"

ଗୋରାଗୃନ୍ଦ କହିଲା—

"ତୁମେ ମତେ ଭଲ ପାଇ ବଡ଼ ଭୁଲ କରିଛ ମିସ୍ ପଟ୍ଟନାୟକ—!"

"କାହିଁକି ? ତମକୁ ଭଲ ପାଇବାରେ କଣ ମହାଭାରତ କଣ ଅଶୁଦ୍ଧ ହୋଇଗଲା ?

"ନା ତା ଅବଶ୍ୟ ମୁଁ କହୁନି । ତେବେ ... "

ଗୋରାଚାନ୍ଦର କଥା ସମ୍ପୂର୍ଣ୍ଣ ନ ହେବା ପୂର୍ବରୁ ମିସ୍ ପଟ୍ଟନାୟକ ଗୋରାଚାନ୍ଦର ଦୁଇ ହାତକୁ ନିଜ ହାତ ମୁଠାରେ ଭରି ଅତି ବିନୟ କଣ୍ଠରେ କହିଲା—

"ସତକଥା କହୁଚି—ବିଶ୍ୱାସ କର ମତେ । ଯେଉଁ ଦିନଠୁ ତମକୁ ପ୍ରଥମ ଦେଖିଛି ତମର ମୁଁ ହୋଇଚି । ମେନେଜର ସାହେବ କେତେ ଅନୁନୟ କଲେ ବି ମୋ ମନ ତାଙ୍କ ପ୍ରତି ଢଳିନାହିଁ ଢଳିବନି ।"—

ଗୋରାଚାନ୍ଦ ମହା ଅଡୁଆରେ ପଡ଼ିଲା । ସେ ଯେ ନାରୀ ! କିପରି ମିସ୍ ପଟ୍ଟନାୟକଙ୍କୁ ତାର ଛଦ୍ମବେଶ କଥା କହିବ ? ଜଣେ ନାରୀ ଆଉ ଜଣେ ନାରୀକୁ କେବେ ଭଲ ପାଇ ପାରେ ?

ଭଲ ନିଶ୍ଚୟ ପାଏ ? କିନ୍ତୁ ଏ କ୍ଷେତ୍ରରେ ମିସ୍ ପଟ୍ଟନାୟକ ଯାହା ମୋ ପାଖରୁ ପାଇବା ପାଇଁ ଦାବୀ କରୁଚି ତାହା କଣ ସେ ପାଇ ପାରିବ ?

ମନେ ମନେ ଶିହରି ଉଠିଲା ଗୋରାଚାନ୍ଦ । ମନେ ହେଲା ସେ ପୁରୁଷର ଆବରଣ ଖୋଲି ନିଜର ନାରୀତ୍ୱର ପ୍ରକାଶ କରିବ ।

ପର ମୁହୂର୍ତ୍ତରେ ସେ ଭାବିଲା । ମନକୁ ଦମ୍ଭ କଲା । ଯା ପଛେ ହେଉ—ମିସ୍ ପଟ୍ଟନାୟକଙ୍କୁ ଅଭିନୟ ଛନ୍ଦରେ ନିଜର କରି ନେବା ପାଇଁ ମନେ ମନେ ସଂକଳ୍ପ କଲା ମଧ୍ୟ ।

ମିସ୍ ପଟ୍ଟନାୟକଙ୍କୁ ନିଜର ବାହୁ ପାଶରେ ଆବଦ୍ଧ କରି ମୃଦୁ କଣ୍ଠରେ ଗୋରାଚାନ୍ଦ କହିଲା—

"ପାଗଳି ! ତୁ ଏପରି ବାହ୍ମଣୀଙ୍କ ପରି ହେଲେ କଣ ଚଳିବ ?"

ମିସ୍ ପଟ୍ଟନାୟକ କହିଲା—

"ଖାଲି ବାୟାଣୀ ନୁହେଁ—ପ୍ରେମ ବାୟାଣୀ। ତମ ମୁହଁରୁ ଖାଲି ପଦାଏ କଥା ଶୁଣିବାକୁ ଚାହେଁ—କହ—ତମେ ମତେ ଭଲ ପାଅ ବୋଲି—।"

ମୃଦୁ ହସି ଗୋରାଚାନ୍ଦ କହିଲା—

"ଅନ୍ତରଟା ଯଦି ଚିରି ଦେଖାଇ ଦେବାର ହୁଅନ୍ତା।...ତେବେ ଦେଖାଇ ଦିଅନ୍ତି। ଯେବେଠାରୁ ମୁଁ ବି ତମକୁ ଦେଖିଚି ମନପ୍ରାଣ ତମ ଠାରେ ଅର୍ପଣ କରିବାକୁ ମୋରବି ମନ ହୋଇଚି। ଆଜି ତମ-ଠାରୁ ତାର ଉତ୍ତର ପାଇ ମୋର ଯେ କେତେ ଆନନ୍ଦ ତାହା ଭାଷାରେ ପ୍ରକାଶ କରି ପାରୁନି।"

ତା ହେଲେ ଆଜି ସନ୍ଧ୍ୟାରେ ଆମ ଘରକୁ ଆସୁଛ ତ ?

ଆଗ ଏଠା କାମ ସରୁ। କାହିଁ ବଡ ସାହେବ ତ ଏ ପର୍ଯ୍ୟନ୍ତ ଆସିଲେ ନି। ଆମେ ଆଉ କେତେ ସମୟ ଅପେକ୍ଷା କରିବା ?

ଧୀରି ଗଳାରେ ମିସ୍ ପଟ୍ଟନାୟକ କହିଲା—

ବ୍ୟସ୍ତ ହେବାର କଣ ଅଛି। ଆମେ ହେଲେ ହୁକୁମର ଚାକର। ସାହେବଙ୍କ ଆଦେଶ ମତେ ଆମକୁ ଅପେକ୍ଷା କରିବାକୁହିଁ ହେବ, ତା ଛଡା ସାହେବ ଆଜି ନ ଆସିଲେ ଭଲ। ମୋ ମନ କଣ କହୁଛି ଜାଣ ?

ମୁରୁକି ହସ ଟିକିଏ ଅଧର ଫାଙ୍କରୁ ଠାଣି ଦେଇ ଗୋରାଚାନ୍ଦ କହିଲା—

"କଣ କହୁଛି—ଶୁଣେ ?"

ଲାଜୁଆ ଆଖିରେ ମିସ୍ ପଟ୍ଟନାୟକ ଗୋରାଚାନ୍ଦର ମୁହଁକୁ ଅନାଇ କହିଲା—

ଏଇ ସାମାନ୍ୟ କଥାଟା ବୁଝି ପାରୁନାହଁ ?

"ନା !"

ନିର୍ଜନ ସ୍ଥାନରେ ଏହିପରି ତମ ପାଖରେ ସବୁ ସମୟ ଖାଲି ବସି ରହିବାକୁ ମୋର ଇଚ୍ଛା—

ମିସ୍ ପଟ୍ଟନାୟକଙ୍କର ଗୋଲ ମୁଲାୟମ ଗାଲରେ ମୃଦୁ ଚପେଟାଘାତ କରି ଗୋବିନ୍ଦ କହିଲା—

ପେଟରେ ଓଦାକନା ଦେଇ ପ୍ରେମ ହୁଏନି । ଆଗ କର୍ତ୍ତବ୍ୟ ଭାପରେ ଯେଉଁ କଥା—

ମୁହଁ ଫୁଲେଇ ମିସ୍ ପଟ୍ଟନାୟକ କହିଲା—

ତମକୁ ଯେତେ ନିକଟର ଭାବିଲେ ତମେ ସେତେ ଦୂରେଇ ଯାଉଛ । କଣ ସତେ ମୋତେ ଭଲ ପାଅନି ?

କିଏ କହିଲା ତମକୁ ମୁଁ ଭଲ ପାଏନି ବୋଲି ? ତମେ ଯେ ମୋର ସର୍ବସ୍ୱ—

ଗୋବିନ୍ଦ ଆଉ କିଛି ନକହି ମିସ୍ ପଟ୍ଟନାୟକକୁ ନିଜ କୋଳକୁ ଭିଡ଼ି ଆଣି ସୁନ୍ଦର ଗୋଲଗାଲ ଗାଲରେ ଆଙ୍କି ଦେଲା ଚୁମ୍ବନ ।

ମିସ୍ ପଟ୍ଟନାୟକ ଗୋବିନ୍ଦର କୋଳରେ ଆଉଜିପଡ଼ି ଲଜ୍ୟାରେ ଆଖି ବୁଜି ଦେଇଥିଲା ।

ଦୁହେଁ ଭିତରେ ଭିତରେ ଶିହରି ଉଠିଥିଲେ ।

ହଠାତ୍ ସିଡ଼ିରେ ଜୋତା ମଚ୍ ମଚ୍ ଶବ୍ଦ ଶୁଣାଗଲା । ଦୁହେଁ ଚମକି ଉଠିଲେ । ମିସ୍ ପଟ୍ଟନାୟକ ଗୋବିନ୍ଦର ବାହୁ ଫାଶରୁ ଅଲଗା ହୋଇ ଟିକିଏ ଦୂରେଇ ବସିଲା । ଗୋବିନ୍ଦ ପକେଟରୁ ରୁମାଲ ବାହାର କରି ମୁହଁ ପୋଛିଲା ।

ଘର ଭିତରକୁ ପେଷ୍ଟ୍ରି ଟିଅନ ପଶି ଆସିଲା । ହାତରେ ଚିଠି ବଣ୍ଡିଲ । କାନରେ ଗୋଟିଏ ଚମଡ଼ା ଥଳି ।

ଏକ୍ସପ୍ରେସ ଲେଟର ଖଣ୍ଡେ ଗୋବ୍ରାଦ୍ଧ ହାତକୁ ବଢାଇ ଦେଇ ପୋଷ୍ଟ ପିଅନ କହିଲା—

"ମେନେଜର ସାହେବ ନାମରେ ଚିଠି ଆସିଛି । ମେନେଜର ସାହେବ ତ ଅଫିସରେ—ମୁଁ ନେଲେ କିଛି ଆପତ୍ତି ଅଛି କି ?"

ପୋଷ୍ଟ ପିଅନ କହିଲା—

ଆପଣ ଚିଠି ନେଇ ଏଇ କାଗଜରେ ଦସ୍ତଖତ କରି ଦିଅନ୍ତୁ ।

ଗୋବ୍ରାଦ୍ଧ ଦସ୍ତଖତ କରି ଚିଠି ଖଣ୍ଡିକ ନେଇ ଉପର ଲେଖା ଖାମ ଖଣ୍ଡିକ ପଢ଼ି କହିଲା—

"ନିଜେ ବଡ଼ ସାହେବ ଚିଠି ପଠାଇଛନ୍ତି । ନିଶ୍ଚୟ କିଛି ଜରୁରୀ ଖବର ଅଛି । ସାହେବ ବୋଧେ ଆଜ ଆସିବେନି । ଚାଲ ଅଫିସକୁ ଫେରିଯିବା—"

ପୋଷ୍ଟପିଅନ ଚାଲିଗଲା ତା କାମରେ । ମିସ୍ ପଟ୍ଟନାୟକଙ୍କୁ ସାଙ୍ଗରେ ଧରି ଗୋବ୍ରାଦ୍ଧ ପୁଣି ଅଫିସକୁ ଫେରି ଆସିଲା ।

ମେନେଜର ସାହେବଙ୍କ ରୁମରେ ଗୋବ୍ରାଦ୍ଧ ବସିଛି । ମିସ୍ ପଟ୍ଟନାୟକ ନିଜ କାମରେ ବ୍ୟସ୍ତ ।

ଗୋବ୍ରାଦ୍ଧ କହିଲା—

ବଡ଼ ସାହେବ କଣ ଫେରିବେନି ? ଚିଠିରେ କଣ ଲେଖା ଅଛି ?

ମେନେଜର ସାହେବ ଗୋବ୍ରାଦ୍ଧ ହାତକୁ ବଢେଇ ଚିଠିଟି ଦେଇ କହିଲା—

ଚିଠି ଖଣ୍ଡିକ ପଢ । ସବୁକଥା ଜାଣି ପାରିବ ।

ଗୋବ୍ରାଦ୍ଧ ପଢିଲା—

ମେନେଜର ବାବୁ !

ବିଶେଷ କାରଣ ମନେକରି ପୁଣି ଏହି ଚିଠି ଖଣ୍ଡିକ ପଠାଇଲି ' ଏହା ଅତି ଜରୁରୀ ଓ ଗୋପନୀୟ ମଧ୍ୟ ।

ମୋର ଯିବାର ଥିଲା, ଯଇପାରିଲି ନାହିଁ । କେତେକ ବିଷୟରେ ମୋତେ କଲିକତା ଯିବାକୁ ହେଉଛି । ଏଠାକାର ନୂତନ ମେନେଜର ବାବୁ ମଧ୍ୟ ମୋ ସାଙ୍ଗରେ ଯିବେ । ନୂଆ ଷ୍ଟାଫ୍ ନିଆ ଯାଇଛି । ବେଶ୍ ସୁରୁଖୁରୁ ଭାବେ କାମ ଆଗେଇ ଚାଲିଛି । ବର୍ତ୍ତମାନ ଭାରତର ପ୍ରତ୍ୟେକ ସ୍ଥାନକୁ କାଠ ଯୋଗାଇ ଦିଆ ଯିବାର ବ୍ୟବସ୍ଥା କରାଯାଉଛି । ସବୁଠି ଖାଲି ଅଣ ଓଡ଼ିଆ କାଠ ବ୍ୟବସାୟୀ ଦେଖା ଯାଉଛନ୍ତି । ଆମର ଓଡ଼ିଶା ଦେଶରେ ସେମାନେ ଆସି ପୁଞ୍ଜି ଖଟେଇ ଲକ୍ଷ ଲକ୍ଷ ଟଙ୍କାର ମାଲିକ ହୋଇ ବସିଛନ୍ତି, ଅଥଚ ଆମ ଓଡ଼ିଆ ଲୋକେ କିଛି କରି ପାରୁନାହାନ୍ତି । ଧନ ବଳର ଅଭାବ ଯେତେ ନୁହେଁ ମନ ବଳର ଅଭାବ ତା ଠାରୁ ବେଶି । ମନର ବଳ ଥିଲେ ଧନର ଅଭାବ ରହିବ ନାହିଁ ।

ସେ ଯାହାହେଉ, ସ' ମିଲର କାମ ବଢି ଚାଲିଛି । ବିରାଟ କାଠ କାରଖାନା ଏଠାରେ ପ୍ରତିଷ୍ଠା କରିବା ମୋର ପ୍ରଧାନ ଲକ୍ଷ୍ୟ । ଏଠା କରେସ୍‌ପଣ୍ଡେନ୍‌ସ ଖୁବ୍ ବେଶି । ପ୍ରତ୍ୟେକ କ୍ଷେତ୍ରକୁ ଚିଠିପତ୍ର ଯୋଗାଯୋଗ ରଖିବାକୁ ହେବ । ଫରେନ୍‌ରେ ଯେପରି ଆମ ଦେଶ କାଠ ତିଆରି ସୁନ୍ଦର ସୁନ୍ଦର ଫର୍ଣ୍ଣିଚରେ ଆଦରପାଏ ସେଥିପାଇଁ ଆମକୁ ଚେଷ୍ଟା କରିବାକୁ ହେବ ।

ହଁ କଣ ଲେଖିବି ବୋଲି ଖିଆଲ ବଶତଃ କେତେ କଥା ଲେଖି ଯାଉଛି । ନ ଲେଖିବି ବା କପରି ? ତୁମେମାନେହିଁ ଏ କର୍ମୀମାନର ଆଦର୍ଶ । ମୁଁ ତ ବୁଢ଼ା ହେଲିଣି । ମୋର ଆଉ ଦୁନିଆରେ କିଏ ଅଛି ? ତୁମେ ମାନେହିଁ ମୋର ସବୁ ।

ଆଚ୍ଛା ! ଏଥର କାମ ବିଷୟ ଶୁଣ । ତମେ ଏ ଚିଠିଟି ପାଇବା ମାତ୍ରେ ମିସ୍ ପଟ୍ଟନାୟକଙ୍କ ଶୀଘ୍ର ପଠାଇଦିଅ । କିଛିଦିନ ଏଠାରେ ସେ ରହିବେ । ଏଠାରେ ଷ୍ଟାଫ୍ ସବୁ ନୂଆ । ଗୋପନୀୟ ଚିଠିପତ୍ର

ସହସା ସେମାନଙ୍କ ଦ୍ୱାରା ଟାଇପ୍ କରାଇବା ଠିକ୍ ହେବନି । କିଛି ଦିନ ପାଇଁ ମିସ୍ ପଟ୍ଟନାୟକଙ୍କୁ ପଠାଇ ଦିଅ । ତାଙ୍କର ରହିବା ସୁବିଧା କରାଇ ଦେଇଛି । କିଛି ଅସୁବିଧା ହେବ ନାହିଁ । ଅଫିସ ଚଳାଇବା ଲାଗି ଅସ୍ଥାୟୀଭାବେ ତମେ ପ୍ରାଇଭେଟ ସେକ୍ରେଟରୀଙ୍କ ପଠାଅ । ନୂତନ ମେନେଜର କଲିକତାରୁ ଫେରିଲେ ପ୍ରାଇଭେଟ ସେକ୍ରେଟରୀ ପୁଣି ତମ ପାଖକୁ ଫେରିଯାଇ ତମକୁ ସାହାଯ୍ୟ କରିବେ ।

ଆମେ ଆଜି କଲିକତା ଚାଲିଯାଉଛୁ । ତମେ ଯେପରି ଦୁଇ ଦିନ ଭିତରେ ମିସ୍ ପଟ୍ଟନାୟକ ଓ ମିଷ୍ଟର ଚୌଧୁରୀଙ୍କୁ ପଠାଇ ଦେବ ।

ଆଶାକରେ କୁଶଳରେ ଥିବ । ଧନ୍ୟବାଦ ।

ତମର

ଚୌଧୁରୀ ସାହା

ଚିଠି ଖଣ୍ଡିକ ପଢିସାରି ଗୋବରୀଧନ ଦୀର୍ଘ ନିଶ୍ୱାସ ପକାଇ ବସି ରହିଲା ।

ମେନେଜର ସାହେବ କହିଲେ—

"କଣ ହେଲା ଗୋବରୀଧନ ? ଚିଠି ପଢି ଏପରି ଦୀର୍ଘ ନିଶ୍ୱାସ ପକାଇଲୁ ଯେ ?

ଗୋବରୀଧନ ଶୁଷ୍କ କଣ୍ଠରେ କହିଲା—

"ଦୀର୍ଘ ନିଶ୍ୱାସ ପକାଇବିନି ତ ଆଉ କଣ କରିବି ? ମତେ ଅନ୍ୟ ଜାଗାକୁ ବଦଳିର ହୁକୁମ ଆସିଛି ଯେତେବେଳେ, ଏହାଠାରୁ ବଳି ଆଉ ଦୁଃଖ କଣ ଅଛି ?"

ଆଶ୍ଚର୍ଯ୍ୟରେ ମେନେଜର ଗୋବରୀଧନ ମୁହଁକୁ ଅନାଇ କହିଲେ—

"ବଦଳି ହେବା ଅର୍ଥ ପ୍ରମୋସନ ପାଇବା । ଅତି ଆନନ୍ଦର କଥା । ତୋର ଭାଗ୍ୟଟାକୁ ଧନ୍ୟ କହିବା । ବିଶେଷତଃ ମିସ୍

ପଟ୍ଟନାୟକଙ୍କ ସାଙ୍ଗରେ ରହି ଏକାଠି କାମ କରିବା ଏପରି ଗୌରବ କେଉଁଠା ଯୁବକଙ୍କର ଭାଗ୍ୟରେ ଘଟିବ ।"

ଧୀର କଣ୍ଠରେ ଗୋବର୍ଦ୍ଧନ କହିଲା—

"ଯାହା କୁହ ପଛେ—ତମକୁ ଛାଡ଼ି ମୁଁ ଏକା ରହିପାରିବିନା । ମୁହୂର୍ତ୍ତେ ନ ଦେଖିଲେ କୋଟିଏ ଯୁଗର ବିଚ୍ଛେଦପରି ମନେହୁଏ—"

ହସି ହସି ମେନେଜର କହିଲେ—

"ବାବା ! ସ୍ତ୍ରୀଲୋକ ପରି ଗୁଛେଇ ସୁନ୍ଦରଭାବେ ତ କଥା କହିପାରୁ ଗୋବର୍ଦ୍ଧନ ? ଏହି କଥାରେହିଁ ମୁଁ ମୁଗ୍‌ଧ ।"

"କିନ୍ତୁ ଏହା ଅପେକ୍ଷା ଆହୁରି ମୁଗ୍‌ଧ କରନ୍ତି ତମକୁ ମିସ୍ ପଟ୍ଟନାୟକଙ୍କ ରୂପ—ନୁହେଁ କି ?"

ଗୋବର୍ଦ୍ଧନ ମୁହଁରୁ ଏପରି କଥା ଶୁଣି ମେନେଜରଙ୍କର ମନଟି ମଉଳିଗଲା । ସେ କିଛି ନକହି ନୀରବରେ ବସି ଫାଇଲ ଘାଣ୍ଟିବାରେ ଲାଗିଲେ । କିଛି ସମୟ ପରେ ଗୋବର୍ଦ୍ଧନ ପୁଣି କହିଲା—

"ମୋ କଥା ଶୁଣି କାହିଁକି ମନଟି ମଉଳାଇ ଦେଲ ଯେ ? କଣ ରାଗ ହେଲ ?

ଦୀର୍ଘ ନିଶ୍ୱାସ ପକାଇ ମେନେଜର କହିଲେ—

"ମନରେ କେବଳ ଭୟଙ୍କର ଆଘାତ ଆସୁଛି ଗୋବର୍ଦ୍ଧନ । ମୁହୂର୍ତ୍ତେ ଯେ ତୋତେ ଆଖି ଆଗରୁ ଅନ୍ତର କରିବା ମୋର ଇଚ୍ଛା ନୁହେଁ—।"

ମୃଦୁ ହସି ଗୋବର୍ଦ୍ଧନ କହିଲା—

"ଆଖି ଆଗରୁ ମୋତେ ଅନ୍ତର କରିବା ଇଚ୍ଛା ନୁହେଁ ଅବଶ୍ୟ । ଆପଣ ଯାହା କଥା କହୁଛନ୍ତି ମୁଁ ଜାଣେ ।"

"କାହା କଥା ?"

ଏଇ ମିସ୍ ପଟ୍ଟନାୟକ ଅର୍ଥାତ ସବିତା ଦେବୀ ନୁହନ୍ତି କି ?"

ତୁ ବିଶ୍ୱାସ କର ଅଥବା ନକର । ଯେଉଁଦିନ ଠାରୁ ତୋତେ ପାଇଲିଣି, ସେହି ଦିନଠାରୁ ମିସ୍ ପଟ୍ଟନାୟକଙ୍କ କଥା ଆଦୌ ଚିନ୍ତା କରୁନି । ମୋର ମନେହୁଏ କଣ ଜାଣୁ ଗୋବିନ୍ଦ ?”

ଧୀର କଣ୍ଠରେ ଗୋବିନ୍ଦ କହିଲା—

“କଣ ହୁଏ ?”

ମୋର ମନେହୁଏ ତୁ ଯେପରି ମୋର ଅତି ଆପଣାର । ଯୁଗ ଯୁଗର ଚିହ୍ନା ।···ତୁ ଯଦି ପୁରୁଷ ନହୋଇ ଜଣେ ସ୍ତ୍ରୀ ହୋଇଥାନ୍ତୁ ତେବେ—।”

“ରହିଗଲ ଯେ ?”

ନା, ଥାଉ ! କହି କିଛି ଲାଭ ନାହିଁ—

ଲାଭ ନିଶ୍ଚୟ ଅଛି ।···କଥାଟା ଆଗ ସଂପୂର୍ଣ୍ଣ ଶୁଣିପାରେ ?

ନିଶ୍ଚୟ ମୋ ମନ କଥା ତୋତେ ଅଛପା ନାହିଁ । ବହୁଥର ଏଇକଥା କହିଛି । ମାତ୍ର ଆଜି କହିବାକୁ ବିପରି ସଂକୋଚ ବୋଧ କରୁଛି ନିଜକୁ । ଛାଡ ସେସବୁ କଥା । କଥାରେ ଅଛି ଭାତ ଛାଡ଼ି ହୁଏ, କିନ୍ତୁ ସାଙ୍ଗ ଛାଡହୁଏନି । ତୁ ମୋର ସାଙ୍ଗ—ଅତି ଆପଣାର । ମୋଠାରୁ ଆଜି ତୁ ଦୂରେଇ ରହିବାକୁ ଯାଉଛୁ, ସେଥିପାଇଁ ମୋ ମନରେ ଯେ କେତେ ଦୁଃଖ ସେ କଥା ଭାଷାରେ କହି ପାରୁନି—।

ଗୋବିନ୍ଦ ସୁକାନ୍ତର ମୁହଁକୁ ଅନାଇଲା ! ଆଖିରେ ତାର ଲୁହ । ଧୀର ଗଳାରେ କହିଲା ସେ—

“ତୁମେ କାନ୍ଦୁଛ ଭାଇ !···କଣ କରିବା ? କମ୍ପାନୀ ଘରେ କାମ କରୁଥାଇ ଯେତେବେଳେ ସେହି ଅନୁସାରେ ନିର୍ଦ୍ଦେଶ ମାନି ଆମକୁ ଚାଲିବାକୁ ହେବ । ଅଳ୍ପ ସମୟ ପାଇଁ ଯାଉଛି । ଚିଠିପତ୍ର ତ ଦିଆ ନିଆ ରହିବ—।”

କହୁ କହୁ ଗୋବିନ୍ଦ ବି କାନ୍ଦି ପକାଇଲା । ସୁକାନ୍ତ

ଗୋବର୍ଦ୍ଧନ ପାଖକୁ ଯାଇ ରୁମାଲରେ ତାର ଆଖିର ଲୁହ ପୋଛି ଦେଇ କହିଲା—

ଛି, ଆଉ କାନ୍ଦନା । ତୋ ଆଖିର ଲୁହ ମୁଁ ସହି ପାରିବିନି । ତୁ ଯା ଜିନିଷପତ୍ର ସଜଡ଼ା ସଜଡ଼ି କର । ମିସ୍ ପଟ୍ଟନାୟକଙ୍କୁ ମଧ୍ୟ କହିଦିଏ । ମୁଁ ତୁମ ଦୁଇଜଣ ଲାଗି ଟିକେଟର ବ୍ୟବସ୍ଥା କରୁଛି ।"

ଗୋବର୍ଦ୍ଧନ ଧୀରଭାବେ ଉଠି ଚାଲି ଯାଉଥିଲା । ସୁକାନ୍ତ ପଛରୁ ଡାକି କହିଲା—

"ମୋ କଥା ଯେପରି ଭୁଲି ନଯାଉ । ଫେରିଲା ବେଳେ ଯେପରି ତୋ ଲକ୍ଷ୍ମୀ ବୋହୁଟିଏ ଯୋଗାଡ଼ କରି ଆଣୁ—।"

ଗୋବର୍ଦ୍ଧନ ମୃଦୁ ହସି କହିଲା—

"ଥୟ ଧରି ଥାଅ ।···ଯୋ 'ଲକ୍ଷ୍ମୀ ନୁହେଁ ଠିକ' ମୋରି ପରି ଢଅଁଳ ଛନ ଛନ ସଖୀ କଣ୍ଢେଇ ଟିଏ ଆଣିବି—।":

"ସଖୀ କଣ୍ଢେଇର ନାଆଁ—ମିସ୍ ପଟ୍ଟନାୟକ ନୁହେଁ ତ ?"

ହସି ହସି ଗୋବର୍ଦ୍ଧନ କହିଲା—

"ତାଙ୍କ ନାଆଁ ମିସ୍ ପଟ୍ଟନାୟକ ନୁହେଁକି ଲୁମାଖି ସବତା ନୁହେଁ—।"

"ଆଉ ତେବେ କଣ ?"

"ତାଙ୍କ ନାଆଁ ହେବ—ନୂଆ ନାଗରୀ—।"

ଦୁହେଁ ହସି ଉଠିଲେ । ଗୋବର୍ଦ୍ଧନ ମେନେଜରଙ୍କ ରୁମ ଭିତରୁ ଆସି ମିସ୍ ପଟ୍ଟନାୟକଙ୍କୁ କହିଲା—

"ଏଥର ତୁମେ ଘରକୁ ଯାଅ । ଜିନିଷ ପତ୍ର ଯାହା ସଙ୍ଗରେ ନେବାର କଥା ସବୁ ଠିକ୍ କର । କାଲି ଟ୍ରେନରେ ଆମେ ଚାଲିଯିବା—।"

ମିସ୍ ପଟ୍ଟନାୟକ ମୃଦୁ ହସି କହିଲା—

"ଅଳ୍ପ କେତେଖଣ୍ଡ ଡାଫଟ ଅଛି । ଟାଇପ୍ କରି ଦେଇଯିବି—।"

ଗୋବିନ୍ଦ ଅଫିସରୁ ଘରକୁ ଚାଲି ଆସିଲା । ବାପାକୁ ତାର ସବୁ କଥା କହି ସହାର ସୁତୁଡା ଯିବା ପାଇଁ ଜିନିଷ ପତ୍ର ସଜଡ଼ା ସଜଡ଼ିରେ ବ୍ୟସ୍ତ ରହିଲା—।

* * *

ବିରାଟ କଲିକତା ନଗରୀ ।

ରାଜ ପଥ ଉପରେ ଅସଂଖ୍ୟ ଜନଗହଳି । ମଟର କାର । ସମସ୍ତେ ଧାଇଁଛନ୍ତି । ଚକମକ ବିଜୁଳି ଆଲୁଅରେ ରାତି ଜଣା ପଡୁନି ।

ପ୍ରକାଣ୍ଡ ଦୁଇ ମହଲା ହୋଟେଲ । ବଡ଼ ବଡ଼ ପୁଞ୍ଜିପତି ମାନଙ୍କର ଇଏ ବାସ ସ୍ଥଳୀ । ଦୂର ଦୂରାନ୍ତରୁ ଆସୁଥିବା ଶେଠମାନେ ଏଠି ରହନ୍ତି ।

ଚୌଧୁରୀ ସାହେବଙ୍କ ସାଙ୍ଗରେ ଶ୍ରୀମାନ କେଶରୀ ମଧ୍ୟ ଆସି ଏହି ହୋଟେଲର ଆଜକୁ ଦୁଇଦିନ ହେବ ଅଛନ୍ତି ।

ସମସ୍ତ କାମ ଶେଷ କରି ସନ୍ଧ୍ୟା ସମୟରେ ଚୌଧୁରୀ ସାହେବ ନୀରବରେ ବସିଛନ୍ତି, ତାଙ୍କ ସାମନା ଚେୟାର ଉପରେ ଶ୍ରୀମାନ କେଶରୀ ବସିଛି ।

ଦୁହେଁ ନୀରବ । କାହାର ମୁହଁ ରେ ଭାଷା ନାହିଁ ।

ଧୀର ଗଳାରେ ଚୌଧୁରୀ ସାହେବ କହିଲେ—

"ମତେ ଚିହ୍ନି ପାରୁଛ କେଶରୀ ?"

ଶ୍ରୀମାନ କେଶରୀ ଚୌଧୁରୀ ସାହେବଙ୍କୁ ଅନାଇଁଲା । ମୁହଁଟି ଚିହ୍ନା ଚିହ୍ନା ପରି ଜଣା ଯାଉଚି । କିନ୍ତୁ କିଛି ବୁଝିପାରୁ ନି କେଶରୀ ।

ମୃଦୁ ହସି ଚୌଧୁରୀ ସାହେବ କହିଲେ—

"ଏଠାକୁ ଡକାଇବାର ପ୍ରଧାନ କାରଣ ହେଉଚି, ତମକୁ ଗୋପନରେ କେତୋଟି କଥା କହିବି ।...ତମେ ଜାଣି ହୁଏତ ଜାଣି ପାରୁ ନାହିଁ ମୁଁ କିଏ ?...ତମର ମନ ସନ୍ଦେହ ହେଉଚି ।...ଚିହ୍ନିଲା ପରି ମତେବି ଚିହ୍ନି ପାରୁନା । ମୁଁ କିନ୍ତୁ ଭଲ ରୂପେ ଚିହ୍ନି ପାରିଚି ତମେ କିଏ ?"

ଯୁବକ କେଶରୀ ଚମକି ଉଠିଲା । ଖାଲି ଆଶ୍ଚର୍ଯ୍ୟରେ ସେ ଚୌଧୁରୀ ସାହେବଙ୍କ ମୁହଁକୁ ଅନାଇଁ ରହିଲା ।

ଚୌଧୁରୀ ସାହେବ କହିଲେ—

"ମୋ ପାଇଁ ତମେ ବହୁତ କଷ୍ଟ ପାଇଲଣି । ପୁଲିଶ ଭୟରେ ତମେ ଆଜି ଆତ୍ମ ଗୋପନ କରି ବୁଲୁଚି । କାହିଁକି କାହା ପାଇଁ ଗୌରହରି ?"

"ଗୌରହରି ?"

ଚମକି ଉଠିଲା ସେ । ଆଶ୍ଚର୍ଯ୍ୟରେ ଚୌଧୁରୀ ସାହେବଙ୍କ ମୁହଁକୁ ଅନାଇ ରହିଲା ।

ଚୌଧୁରୀ ସାହେବ ହସି ହସି କହିଲେ—

"ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଗୌରହରି ! ଯେତେବେଳେ ବିପ୍ଲବ ହୁଏ ଲୋକ ଗହଳି ଭିତରୁ ଅଦୃଶ୍ୟରେ ଗୁଳି ହୁଏ ।... ଲୋକଟା ଉପରେ ଗୁଳି ହୋଇଥିବା ସେ ଲୋକଟା ମରି ଯାଇଚି ବୋଲି ତମ ଉପରେ ଯେଉଁ ଦୋଷାରୋପ କରାଯାଏ । ଏହା ସଂପୂର୍ଣ୍ଣ ମିଥ୍ୟା । ଯେଉଁ ଲୋକକୁ ଗୁଳିକରି ଯାଇ ଥିଲି ସେ ଲୋକ କିଏ

ଜାଣି ··ସେଇ ଲୋକ ହୋଇଛ ମୁଁ ଜାଣେ । ଅଦୃଶ୍ୟ ହାତରୁ ଯେଉଁ ଗୁଳି କରା ହୋଇ ଥିଲା ତା ପ୍ରକୃତରେ ତମେ କର ନାହଁ । ଅନ୍ୟ ବ୍ୟକ୍ତି କରିଛି । କିନ୍ତୁ ଧରା ପଡ଼ିଛ ତମେ—।”

ଗୌରହରି କହିଲା—

"କଣ ଏସବୁ କହୁଚନ୍ତି ଆପଣ ? ମତେ ଯେପରି ଭୁଲ ବନ୍ଧ୍ୟା ପରି ଜଣା ପଡୁଛି । ବାସ୍ତବରେ ମୁଁ ଖୁନୀ ନୁହେଁ । ମୋ ଉପରେ ଯେତେବେଳେ ଦୋଷ ନଦା ଦିଆ ଗଲା । ଭାବିଲି—ଆମରି ଦଳରୁ ହୁଏତ କେହି ଗୁଳି କରିଛି । ସେ ପଳାଇ ଯାଇଛି । ପୁଲିସ୍ ନ ଚିହ୍ନି ମୋ ଉପରେ ଦୋଷ ଦେଇଛି ।

ଚୌଧୁରୀ ସାହେବ କହିଲେ—

"ତମେ ଠିକ୍ ଅନୁମାନ କରିଚ ! ବାସ୍ତବରେ ତମେ ଖୁଣୀ ନୁହ । ତମ ମାନଙ୍କର ଯେତେବେଳେ ବିପ୍ଳବ ଆରମ୍ଭ ହୁଏ, ଯେଉଁ-ଦିନ ବିପ୍ଳବର ଅଭିଯାନ ଚଳାଇଲ ସେହି ସୁଯୋଗରେ ଚୋର ଜଣେ ଏଇ ବ୍ୟବସାୟର ଅଂଶୀଦାର ଥିଲା । ସେ ମୋତେ ମାରିବାକୁ ବହୁ ଚେଷ୍ଟା କରିଥିଲା । ତା ଦ୍ୱାରା ଏସବୁ କାଣ୍ଡ ଘଟିଚି—”

ଗୌରହରି କହିଲା—"ଆପଣ ପୁଣି ବଞ୍ଚିଲେ କିପରି ?”

ମୃଦୁ ହସି ଚୌଧୁରୀ ସାହେବ କହିଲେ—

ସେ ଏକ ମଜାର କଥା । ପୁଲିସ ଗୁଳିରେ ବହୁ ଲୋକ ଆଘାତ ହେଲେ । କେତେକ ମଲେ । ସମସ୍ତଙ୍କୁ ହସପିଟାଲ ଅଣା ହେଲା । ଯେଉଁ ଦୁଇ ତିନିଜଣ ମଲେ ସେମାନଙ୍କ ଲିଷ୍ଟିରେ ମୋ ନାମ ଦିଆ ଯାଇଥିଲା । ପରେ ସବୁ ରହସ୍ୟ ଜାଣିଲି । ମୋର ଯେଉଁ ବ୍ୟବସାୟୀ ଥିଲେ ସେହି ଲୋକ ମରିବା ବେଳେ ସବୁ ଘଟଣା ମୋ ଆଗରେ କହି ଯାଇଛି । ପୁଲିସକୁ ମଧ୍ୟ ଗୋଟିଏ ରିପୋର୍ଟ ଲିଖିତ ଆକାରରେ ଦେଇ ଯାଇଛି । ଏଥର ତମେ ନିର୍ଦ୍ଦୋଷ ।

କହିବା ସଙ୍ଗେ ସଙ୍ଗେ ଚୌଧୁରୀ ସାହେବ ସମସ୍ତ କାଗଜ ପତ୍ର ଗୌରହରି ହାତକୁ ବଢ଼ାଇ ଦେଲେ । ଗୌରହରି ସମସ୍ତ କାଗଜ ମନଯୋଗ ସହିତ ପଢ଼ିବାକୁ ଆରମ୍ଭ କଲା ।

ସନ୍ଦେହ ପୂର୍ଣ୍ଣ ଦୃଷ୍ଟିରେ ଚୌଧୁରୀ ସାହେବଙ୍କୁ ଅନାଇ ଗୌରହରି କହିଲା—

ଆପଣଙ୍କର ଅଂଶୀଦାର ମରିଗଲେ କାହିଁକି ?

ଗମ୍ଭୀର ହୋଇ ଚୌଧୁରୀ ସାହେବ କହିଲେ—

ପାପକୁ ଯେତେ ଲୁଚେଇବାକୁ ଚେଷ୍ଟା କଲେ ସେ କଦାପି ଲୁଚିବ ନାହିଁ । ଦିନେ ନା ଦିନେ ଆତ୍ମପ୍ରକାଶ କରିବ । ମୁଁ ହସପିଟାଲରୁ ଫେରି ଯେତେବେଳେ ଅଫିସରେ ଯାଇ ପହଞ୍ଚେ, ମୋ ଅଂଶୀଦାର ମୋତେ ଦେଖି ଆଶ୍ଚର୍ଯ୍ୟ ହେଲେ । ମୁଁ ବ୍ୟବସାୟର କାଗଜ ପତ୍ର ସବୁ ତାର ଇଚ୍ଛା ମୁତାବକ ପ୍ରସ୍ତୁତ କରିଛନ୍ତି । ଅଫିସର କର୍ମଚାରୀ ମହଲରେ ମୋର ମୃତ୍ୟୁ ଖବର ପ୍ରଚାର କରାଯାଇଛି । କିନ୍ତୁ ମୋର ହଠାତ୍ ଉପସ୍ଥିତିରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ଭଗବାନ ମତେ ବଞ୍ଚେଇ ଥିବାରୁ ସମସ୍ତେ ଆନନ୍ଦ ! କିନ୍ତୁ ମୋର ଅଂଶୀଦାରର ଦିନକୁ ଦିନ ତନୁକ୍ଷୀଣ ହେବାକୁ ଲାଗିଲା । ବସିଲେ ଶୋଇଲେ ବି ତାକୁ ଶାନ୍ତି ମିଳୁଲାନି । କୌଣସି କାର୍ଯ୍ୟରେ ମନ ବଳୁଲାନି । ଡାକ୍ତର କବିରାଜ ଚିକିତ୍ସାରେ କିଛି ଫଳ ହେଲାନି । ଦିନକୁ ଦିନ ମନର ରୋଗ ଏପରି ବଢ଼ି ଚାଲିଲା ଯେ—ଶେଷକୁ ଜୀବନ ଦୀପଟି ଚିର ଦିନ ଲାଗି ଲିଭିଗଲା । ସେହି ସମୟରେ ତାର ପାପ ସେ ମତେ ପ୍ରକାଶ କରି ଏହି ଲେଖାଟି ଦେଇ ଯାଇଛି— ।

ଦୀର୍ଘ ନିଶ୍ୱାସ ପକାଇ ଗୌରହରି କହିଲା—

“ଆପଣ ମତେ କିପରି ଜାଣିଲେ—ମୋ ନାଆଁ ଗୌରହରି ବୋଲି—?”

ଚୌଧୁରୀ ସାହେବ କହିଲେ—

ଏଇ ସାମାନ୍ୟ କଥା ଜାଣି ପାରିବିନି ତ ଆଉ ଏତେ ବଡ଼ ବ୍ୟବସାୟ କିପରି ଚଳାଉଛି ? ସବୁ ଜାଣେ—ଖବର କାଗଜରେ ସବୁ ଖବରପଢ଼ିଛି । ତମେହିଁ ଶ୍ରୀମାନ କେଶରୀ ନାମରେ ରହିଛ । ପ୍ରକୃତରେ ତମେ ଗୌରହରି । ପୁଲିଶ ଆଖିରେ ସିନା ତମେ ଫାଙ୍କିଦେଇ ବୁଲିବ ? କିନ୍ତୁ ମୋ ଆଖିରେ ନୁହେଁ । ସେ ସବୁ କଥା ଛାଡ଼ । ବର୍ତ୍ତମାନ ତୁମେ ମୋର ପୁଅ । ଏ ବିଶାଳ ଦୁନିଆ ଭିତରେ ମୋର ନିଜର ହୋଇ କେହିନାହିଁ । ମୁଁ ମୋର ସମସ୍ତ ସମ୍ପତ୍ତି ଓ କାରବାର ତୁମ ନାମରେ ଉଇଲ୍ କରିଦେବି । ତମେ ମତେ କଥା ଦିଅ—ମତେ ଛାଡ଼ି ଆଉ କୁଆଡ଼କୁ ଯେପରି ପଳାଇ ନଯାଅ— ।

"କିନ୍ତୁ ମୋର ସାଧନା… । ଦେଶର ହତଭାଗା କାଙ୍ଗାଳ ଦଳଙ୍କ ପାଇଁ ମୋର ଯେଉଁ ଅଭିଯାନ ।—ଯାହାପାଇଁ ସାରା ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପ କରିଥିଲି, ସେ କଥାତ ରଖି ପାରିଲି ନାହିଁ— ।"

କହିବା ସମୟରେ ଗୌରହରି ଆଖି ଛଳ ଛଳ ହୋଇ ଆସିଲା ।

"ଚିନ୍ତା କଲେ ଆମ ଦେଶର ବେକାର ସମସ୍ୟା ଦୂର ହେବନି କି ନିରନ୍ନ ବ୍ୟକ୍ତିମାନଙ୍କର ଅନ୍ନର ସଂସ୍ଥା ହୋଇ ପାରିବନି । ସେ ପାଇଁ ଛୋଟ ବଡ଼ ଶିଳ୍ପ ଗଢ଼ି ତୋଳିବା ଦରକାର । ସେଥିରେ ମନ ଦେଲେ ଆପଣ ଦେଶରେ ବହୁ ବେକାର ଯୁବକଙ୍କର ଦାନା କନାର ଅଭାବ ଘୁଞ୍ଚିଯିବ ।"

ଚୌଧୁରୀ ସାହେବଙ୍କ ସାନ୍ତ୍ୱନା ବାକ୍ୟରେ ଗୌରହରି ମନର କୋହ କମି ଆସିଲା । ପୁଣି ସେ ଆରମ୍ଭ କଲେ—

"ବାପା ଗୌରହରି ! "

"ଏ ବିଶାଳ ସମ୍ପତ୍ତିର ମାଲିକ ମୁଁ । ଆସି ବୁଢ଼ା ହେଲି । ଆଉ କେତେ ଦିନ ? ମୋ ଅନ୍ତେ ତୁଇ ହେବୁ ଏହାର ମାଲିକ । ବର୍ତ୍ତମାନ

ବ ଅନୁମତି ଦେଉଛି—ତୁ ଯେପରି ଭାବେ ଇଚ୍ଛା କରିବୁ ମୋର ସମ୍ପତ୍ତି ସେହି ଅନୁସାରେ ବିନିଯୋଗ ହେବ । ଦେଶର ସେବାରେ ଯଦି ସମସ୍ତ ସମ୍ପତ୍ତି ମୋର ଚାଲିଯାଏ ତେବେ ଏହାଠାରୁ ପୁଣ୍ୟର କଥା ଆଉ କଣ ଥାଇପାରେ ?”

ଗୌରହରି ଚୌଧୁରୀ ବାବୁଙ୍କ ପାଦ ଧୂଳି ନେଇ ମୁଣ୍ଡରେ ମାରି ଧୀରି ସ୍ୱରରେ କହିଲା—

“ଆପଣଙ୍କ ପରି ମହତ୍ ଓ ଉଦାର ବ୍ୟକ୍ତି ଆମ ଦେଶରେ କେଇ ଜଣ ଅଛନ୍ତି ? ଆଶୀର୍ବାଦ କରନ୍ତୁ ! ମୁଁ ଯେପରି ଆପଣଙ୍କର ନିର୍ଦ୍ଦେଶ ମତେ ସମସ୍ତ କାର୍ଯ୍ୟ ତୁଲାଇବାକୁ ସକ୍ଷମ ହୁଏ । ଆପଣଙ୍କର ଆଦର୍ଶ—ବାଣୀ ମୋର କର୍ମମୟ ଜୀବନର ପଥ ପ୍ରଦର୍ଶକ ହେଉ—।”

ଚୌଧୁରୀ ସାହେବ କହିଲେ—

“ଦୁଇଦିନ ପରେ ତମେ ଅଫିସ ଯାଅ । ଝାରସୁଗୁଡା ସ’ ମିଲ ଯେପରି ସୁରୁଖୁରୁରେ ଚାଲିବ ସେ ଚେଷ୍ଟା କର । ପ୍ରତ୍ୟେକ କେନ୍ଦ୍ର ଓ ଶାଖା ଅଫିସ ମାନଙ୍କୁ ଯାଇ ପ୍ରଦର୍ଶନ କରି ଆସ । ମୁଁ ସବୁ ସ୍ଥାନକୁ ଚିଠି ପଠାଇ ଦେଉଛି । ମୋ ଅନୁପସ୍ଥିତିରେ ତୁମେହିଁ ସମସ୍ତ ଦାୟିତ୍ୱ ତୁଲାଇବ । ବ୍ୟାଙ୍କରେ ତୁମର ସ୍ୱାକ୍ଷର ଦ୍ୱାରା ଟଙ୍କା ଆଦାନ ପ୍ରଦାନ ହେବ—।”

“ଆପଣ ଥାଉ ଥାଉ ମୁଁ ଏସବୁ ଗୁରୁ ଦାୟିତ୍ୱ—”

ଗୌରହରିର କଥା ଶେଷ ନ ହେଉଣୁ ଚୌଧୁରୀ ସାହେବ କହିଲେ—

“ଆଉ ବାଧା ଦେଇ ପାରିବନି ଗୌରହରି ! ତମକୁ ସମସ୍ତ ଦାୟିତ୍ୱ ତୁଲାଇବାକୁ ହେବ । ମୁଁ ଏହି ଦୁଇ ଚାରିଦିନ ମଧ୍ୟରେ ଲୁଚିଆ ଚାଲିଯିବି । ପାସପୋର୍ଟ ମଧ୍ୟ ପ୍ରସ୍ତୁତ ହୋଇ ସାରିଲାଣି ।”

ଗୌରହରିର ଇଚ୍ଛାଥିଲା ଚୌଧୁରୀ ସାହେବଙ୍କୁ ପଚାରିବ—ଆପଣ

ରୁଷିଆ କାହିଁକି ଯାଉଛନ୍ତି ବୋଲି । କିନ୍ତୁ ସାହସ ହେଲନି । ଖାଲି ଧୀର ଭାବରେ କହିଲା ସେ—

"ଆପଣ ଯେପରି ଆଦେଶ କରିବେ, ତାହା ଅକ୍ଷରେ ଅକ୍ଷରେ ପାଳନ କରିବି…

*
* *

ଅବିରାମ ଗତିରେ ଟ୍ରେନ ଚାଲିଛି । ପ୍ରଥମ ଶ୍ରେଣୀ ଡବାରେ ବସିଛି ମିସ୍ ପଟ୍ଟନାୟକ । ସଜଫୁଟା ଗୋଲାପ ମୁହଁଟି ମଉଳିଲା ପରି ଦେଖା ଯାଉଛି । ହସ ହସ ମୁହଁରେ ବିମର୍ଷର ଭଙ୍ଗୀ ।

ଯଥାସମୟରେ ଟ୍ରେନ ଖଡଗପୁରରେ ପହଞ୍ଚିଲା । ମିସ୍ ପଟ୍ଟନାୟକ ନିଜର ଜିନିଷପତ୍ର କୁଲି ଦ୍ୱାରା ଅଣି ଓ୍ୱେଟିଂ ରୁମକୁ ଆସିଲା । ଜିନିଷ ପତ୍ର ନିରାପଦରେ ଥୋଇ କୁଲିକୁ ବିଦାୟ ଦେଇ ନିଜେ ବାଥ୍ ରୁମକୁ ଯାଇ ନିତ୍ୟକର୍ମରେ ଲାଗି ରହିଲା ।

ବାଥ୍ ରୁମ୍‌ରୁ ମିସ ପଟ୍ଟନାୟକ ଯେତେବେଳେ ଫେରି ଆସୁଥିଲା ସାମନା ଗଦିଅଣ୍ଟା ସୋଫା ଉପରେ ବସିଥିବା ଯୁବକ ଉପରେ ଦୃଷ୍ଟି ପଡିବା ମାତ୍ରେ ସଜଫୁଟା ଗୋଲାପ ମୁହଁଟି ପୁଣି ଅଧିର ଆବେଗରେ ନାଚି ଉଠିଲା । ମନେ ମନେ କତୁଳି ଉଠିବାକୁ ଲାଗିଲା ସେ । ଧୀରେ ଧୀରେ ଗୋଡ ଟିପି ଟିପି ଯାଇ ଦୁଇ ହାତରେ ଯୁବକଟିର ଆଖିକୁ ଢାଙ୍କି ଧରିଲା ।

ଯୁବକଟି ଏକ ଧ୍ୟାନରେ ଖବର କାଗଜ ପଢିବାରେ ତନ୍ମୟ ଥିଲା । ଫୁଲପରି କଅଁଳ ହାତଦୁଇଟି ତାର ପଛପଟ କାନ୍ଧକୁ ବେଷ୍ଟନୀ

ଙ୍କର ଆଖି ଦୁଇଟି ବୁଜି ଧରି ଥିବାରୁ ମନେ ମନେ ସେ ଆଶ୍ଚର୍ଯ୍ୟ ହେଲା । ହିମାନି ସ୍ନୋର ମଧୁର ଗନ୍ଧରେ ଯୁବକର ମନ ଦୋହଲି ଉଠିଲା । ସେ ମନେ ମନେ ଆଶ୍ଚର୍ଯ୍ୟ ହେଲେ ବି ମୁହଁ ଖୋଲି କିଛି କହି ପାରୁ ନଥାଏ ।

ଖବରକାଗଜ ଗୋଟିଏ ପାଖକୁ ରଖି ହାତରେ ଉଣ୍ଡାଳିବାରୁ ପରିଷ୍କାର ଜଣାଗଲା—ଜଣେ ଯୁବତୀ ବୋଲି । ମାତ୍ର ଏ ଯୁବତୀଟି କିଏ ?

ମନେ ମନେ ଶିହରି ଉଠିଲା ଯୁବକଟି । କଣ କହିବ ଆଉ କଣ ନକହିବ—ବଡ଼ ଦ୍ୱିଧାରେ ପଡିଲା ସେ ।

କିଛିକ୍ଷଣ ପରେ ଯୁବତୀଟି କଅଁଳହାତ ଉପରେ ହାତ ରଖି ମୃଦୁ କଣ୍ଠରେ ଯୁବକଟି କହିଲା—

"ଆପଣ କିଏ—ମୁଁ ତ ମୋଟେ ଚିହ୍ନି ପାରୁନି ।—"

ଝଙ୍କାର ତୋଳି ମିସ୍ ପଟ୍ଟନାୟକ କହିଲା—

"ଠିକ ! ଚିହ୍ନି ପାରୁନ ? ଏକା ସାଙ୍ଗରେ ଗୋଟିଏ ଉଡାରେ ଆସିଥିଲେ ବା କଣ କ୍ଷତି ହୋଇଥାନ୍ତା ? ମତେ ମିଛ କହି—ଶେଷରେ ଧରା ପଡ଼ିଗଲ ତ ?"

ଯୁବକଟି ନିଜର ହାତ ମୁଠା ଭିତରେ ମିସ୍ ପଟ୍ଟନାୟକର ହାତ ଦୁଇଟି ନିଜ ଆଖିରୁ ଧୀର ଭାବରେ ଉଠାଇ ଦେଇ—ଅନାଇଁଲା । ଆଶ୍ଚର୍ଯ୍ୟରେ ପଲକ ଦୁଇଟି ତାର ତାଳୁ ଉପରକୁ ଟେକି ହୋଇ ରହିଲା ! ମନେ ମନେ ଚିନ୍ତା କରିବାକୁ ଲାଗିଲା ସେ—

ଏଅପରୂପ ସୁନ୍ଦରୀଟି ଆଉ କିଏ ? ନିଜର ଆତ୍ମୀୟ ଭାବ—ସରଳ ମନରେ ସୁନ୍ଦରୀଟିର ସୁନ୍ଦର ବ୍ୟବହାରର ଚମତ୍କାର ଅଭିନୟ ସୃଷ୍ଟି କରୁଛି—?

ମିସ୍ ପଟ୍ଟନାୟକ ବେଣୀ ଦୁଇକେରା ପିଠି ଆଡ଼କୁ ଛାଟି ଦେଇ ମୃଦୁ ଗୁଞ୍ଜନ କଣ୍ଠରେ କହିଲା...

"ଆଶ୍ଚର୍ଯ୍ୟରେ ଏପରି ମୋ ମୁହଁକୁ ଅନାଇଁ କଣ ଦେଖୁଚ ମ ?... ତମେ ଭାବିଥିଲ ମୁଁ ଏକା ଆସି ପାରିବିନି ? ଏଇଯେ କଣ ଭାବୁଛ ଏତେ ?

ଥଙ୍ଗ ଥଙ୍ଗ ଗଳାରେ ଯୁବକଟି କହିଲା..."ଆପଣ !..."

"ହଁ ହଁ...ଆପଣ...। ଉଙ୍ଗି ରଖିଦିଅ। ମୋତେ ମିଛ କହି ଏରିକି ମୁହଁ ଛପା ଦେଇ ପଛ ଡବାରେ ଆସିବା କଣ ଠିକ୍ ହେଲା ? ସାଥୀହୋଇ ଆସିଥିଲେ କଣ କ୍ଷତିଟା ବା ହୋଇଯାଇଥାନ୍ତା ? ତମକୁ ଯେତେ ଆପଣାର ଭାବିଲେ ତମେ ସେତେ ଦୂରେଇ ଯାଉଛ—।" ମୁହଁଟି ଫୁଲେଇ ଦେଇ ଅଭିମାନରେ ବସିଲା ସେ ।

ଯୁବକଟି ଖୁବ୍ ଆଶ୍ଚର୍ଯ୍ୟ ହେଲା । ଅପରିଚିତା ଯୁବତୀଟିର କଥା ଯେପରି ତାକୁ ପ୍ରହେଳିକା ପରି ମନେ ହେଲା ।

"ଆପଣ ଭୁଲରେ......।"

"ମୋତେ ନୁହେଁ...? ମୋ ଆଖି ଆଗରେ ମୁହୂର୍ତ୍ତିକ ପାଇଁ ଯିଏ ଧରା ଦେବ ତାକୁ ଚିହ୍ନିବା ମୋ ପକ୍ଷରେ କଷ୍ଟ ନୁହେଁ—। ଏତେ କପଟ ଅଭିନୟ କାହିଁକି ବନ୍ଧୁ ! ଅପରାଧ କଣ ଜାଣି ପାରେକି ?"

କଣ ଇଏ କହୁଛନ୍ତି ?...ଯୁବକଟି କିଛି ବୁଝି ପାରିଲାନି । ଖାଲି ମିସ୍ ପଟ୍ଟନାୟକଙ୍କୁ ଅନାଇ ରହିଲା ।

ମିସ୍ ପଟ୍ଟନାୟକ ଫୁଲପରି କଅଁଳ ହାତ ଦୁଇଟି ଯୁବକଟିର ସ୍କନ୍ଧ ଉପରେ ବେଷ୍ଟନ କରି ହସ ହସ ମୁହଁରେ ପୁଣି ଆରମ୍ଭ କଲା—

"ଆଉ କହିପାରିବ ଗୋବିନ୍ଦ ବାବୁ ! ମୋ ସାଙ୍ଗରେ ତମର ଏ କପଟ ଅଭିନୟ କାହିଁକି ? ମତେ କହିଲ ବାପା ଭୟଙ୍କର ବେମାର ଯିବା ଦୁଇଦିନ ଡେରି ହେବ । ମନ ଦୁଃଖରେ ଟ୍ରେନରେ ବସି ଏକା ଆସିଲି ।...ଏତିକି ନିଷ୍ଠୁର ତୁମେ ?"

କହୁ କହୁ ଅଭିମାନରେ ଗଳା ଥରି ଆସିଲା ! କଳା କଳା ଡୋଳା ଦୁଇଟିରେ ଲୁହ—

ଯୁବକଟି ମୁହଁରୁ ବାହାରି ଆସିଲା—

"ମୁଁ ଗୋପଗୃଦ୍ଧ ନୁହେଁ—। ମୋ ନାଆଁ ଗୌରହରି—।"

ମୁହଁକୁ ଫୁଲେଇ ମିସ ପଟ୍ଟନାୟକ କହିଲା—

"ଥାଉ ! ଏ ଭଙ୍ଗି ଆଉ କା' ପାଖରେ ଦେଖାଇଲେ ଶୋଭା ପାଇବ । ମୋ ପାଖରେ ନୁହେଁ । ପୁରୁଷଙ୍କ ମନ କଥା ଏଥର ବେଶ୍ ଜଣା ପଡ଼ିଲା । ତମକୁ ଭଲ ପାଇବାର ପୁରସ୍କାର ଏଥର ପାଇଲି—।"

ଭିଁ କରିଁ ହୋଇ କାନ୍ଦଉଠିଲା ମିସ୍ ପଟ୍ଟନାୟକ । ଗୌରହରି ମହା ଅଡୁଆରେ ପଡ଼ିଲା ! ନିଜ ମନର ଭାବ ଗୋପନ କରି ସ୍ନେହ ସିକ୍ତ କଣ୍ଠରେ କହିଲା—

"ଛି ! କାନ୍ଦୁଛ ତମେ ? ମୋ ରାଣ ଆଖିର ଲୁହ ପୋଛିପକାଅ ।"

ନିଜ ପକେଟରୁ ରୁମାଲ ବାହାରି କରି ମିସ୍ ପଟ୍ଟନାୟକର ଆଖିର ଲୁହ ପୋଛି ଦେଲା ଗୌରହରି । ସାନ୍ତ୍ୱନା ବାକ୍ୟ ଦ୍ୱାରା ମିସ୍ ପଟ୍ଟନାୟକର ମନ ହାଲୁକା ହେଲାପରି ଜଣାଗଲା । ଗୌରହରି ଛାତିରେ ମୁଣ୍ଡଟି ରଖି ନିରବରେ ବସି ରହିଲା ସେ ।

କିଛି ସମୟ ଦୁହେଁ ନିରବ···

ଗୌରହରିର ମନେ ହେଲା ସେ ଯେପରି ଆକାଶର ଚନ୍ଦ୍ର ପାଇଛି । ଯୁବତୀଟି ଯେପରି ଅଯାଚିତ ଭାବେ ତାକୁ ନିଜର ପ୍ରେମିକ ବୋଲି ଧରି ନେଲାଣି—ସେଥିରେ କ୍ଷତି କଣ ? ଯୋର କରିତ ସେ ମାଗିବାକୁ ଯାଇନି ? ଆପେ ଆପେ ସେ ଧରା ଦେଇଛି । ଏପରି ସୁନ୍ଦରୀକୁ ନିଜ ପାଖରେ ପାଇ କିଏ କି କେବେ ଛାଡ଼ିଦେଇ ପାରେ ?

ତନ୍ମୟ ହୋଇ ଗୌରହରି ନିଜର ହାତଟି ମିସ୍ ପଟ୍ଟନାୟକଙ୍କ ମୁଣ୍ଡରେ ବୁଲାଇବାକୁ ଲାଗିଲା ।

କିଛି ସମୟ ପରେ ମିସ ପଟ୍ଟନାୟକ ନିଜର ମୁଣ୍ଡଟି ଯୁବକଟିର ଛାତି ଉପରୁ ଉଠାଇ ଆଣି ଧୀର କଣ୍ଠରେ କହିଲା—

"ଟ୍ରେନ ସମୟ ଆଉ ମାତ୍ର ଘଣ୍ଟାଏ ଅଛି । ଏଇ ଅବସରରେ ଚାଲ କିଛି ଖାଇନେବା—।"

ଯୁବକଟି କହିଲା—

"ଭଲ କଥା ! ମୁଁ ହୋଟେଲ ବୟକୁ ଖବର ଦେଉଛି—ସେ ଆଣି ଏଇଠି ଖାଇବାକୁ ଦେଇଯିବ ।"

କହିବା ସଙ୍ଗେ ସଙ୍ଗେ ଗୌରହରି ହୋଟେଲକୁ ଖବର ଦେଇ ପଠାଇଲା । ପନ୍ଦର ମିନଟ୍ ମଧ୍ୟରେ ଖାଇବା ସରଞ୍ଜାମ ଆସି ଥୁଆ ହୋଇଗଲା ।

ଆନନ୍ଦରେ ଦୁହେଁ ଖାଇବା ଶେଷ କରି ପୁଣି ଟ୍ରେନ ସମୟକୁ ଅପେକ୍ଷା କରି ବସି ରହିଲେ । ଟ୍ରେନ ଆସିବାକୁ ଅନ୍ଦାଜ ଅଧଘଣ୍ଟା ଡେରି ଅଛି ।

ଗୌରହରି ଗମ୍ଭୀର ଭାବେ ଚିନ୍ତା କରୁଚି—

"ଏ ଯୁବତୀ ଜଣକ କିଏ ? କେଉଁଠାକୁ ଯିବ । କପଟ ଚରିତ୍ର—ଏଇ ସବୁ କଥା ଯେତେ ସେ ଚିନ୍ତା କରୁଥିଲା ମନ ଖଣ୍ଡିକ ତାର ସେତେ ସନ୍ଦେହ ଜାଲରେ ଛନ୍ଦ ଛନ୍ଦ ହୋଇ ଯାଉଥିଲା ।

କିଛି ସମୟ ଭାବିବା ପରେ ସେ ଧୀର ଭାବରେ କହିଲା—

"ଅଳ୍ପ ସମୟ ଆଉ ରହିଲା ।... ଟ୍ରେନ ବୋଧେ ଆସି ଯିବ । ମୁଁ ଯାଉଚି ଦୁଇ ଖଣ୍ଡ ଟିକେଟ ଆଣେ ?

ମିସ୍ ପଟ୍ଟନାୟକ କହିଲା—

"କାହିଁକି ? ତମର କଣ ଏଇ ଖଡ଼ଗପୁର ପର୍ଯ୍ୟନ୍ତ ଟିକେଟ ହୋଇ ଥିଲା ? ମୋର କିନ୍ତୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ହୋଇଚି ।

ମନେ ମନେ ହସି ଉଠିଲା ଗୌରହରି ।

ଏହାକୁ ମଣି କାଞ୍ଚନର ସଂଯୋଗ ନ କହି ଆଉ କଣ କୁହାଯି

ଯିବ ? ଯୁବତୀଟିର ପ୍ରେମିକ ହେଉଚି ଗୋବର୍ଦ୍ଧନ । ଗୌରହରି ଆଉ ଗୋବର୍ଦ୍ଧନ ଭିତରେ ପ୍ରଭେଦ କଣ ରହୁଚି ?

ରୂପ ସହିତ ରୂପର ମେଳ ହେତୁ ଯୁବତୀଟି ସନ୍ଦେହରେ ପଡିଚି । କଣ କହି ସାନ୍ତ୍ୱନା ଦେବ ? ଆଚ୍ଛା ! ଝାରସୁଗୁଡ଼ା ପର୍ଯ୍ୟନ୍ତ ଆଗ ଚାଲୁ । ଅଭିନୟର ଯବନିକା ଶେଷ ବେଳକୁ ବଳେ ଜଣା ପଡିଯିବ—।

ସେହିପରି ନୀରବରେ ବସି ରହିଲା ଗୌରହରି ।

ନୀରବତା ଲକ୍ଷ୍ୟ କରି ମିସ୍ ପଟ୍ଟନାୟକ କହିଲା—

"ଆଚ୍ଛା ! ଗୋଟିଏ କଥା ପଚାରିବି—କହିବ ଗୋବର୍ଦ୍ଧନ ବାବୁ ?"

"କଣ ?"

"ଆଜି କଥାରେ କଥାରେ ତମେ ଏପରି ଅନ୍ୟ ମନସ୍କ କାହିଁକି ହେଉଚ? ' ମୋର ମନେ ହୁଏ ବାପାଙ୍କ ବିଷୟ ଚିନ୍ତା କରି ବୋଧେ ବିବ୍ରତ ହେଉଛ ?"

"ବାପା ?"…ଓ, ହଁ ! …କଣ ଆଉ କହିବି ? ତାଙ୍କୁ ଏକା ଛାଡ଼ି ଆସି ମନଟା କପରି କପରି ଲାଗୁଛି—।"

"ମେନେଜରବାବୁ କିଛି ଆଉ କହୁଥିଲେ କି ?"

"ମେନେଜର ! …ଗୌରହରି ଉତ୍ତର ଦେବାରେ ଟିକିଏ ହୃଡ ବଡ଼େଇ ଗଲା । ମନକୁ ମନ ଚିନ୍ତା କରି କହିଲା—ମେନେଜର ବାବୁ ? ନା,…ଆଉ କଣ ସେ କହନ୍ତେ ।…କହିଲେ ଶୀଘ୍ର ଚିଠି ଦେବି—।"

"ନାଇମ ! ସେ କଥା କଣ ପଚାରୁଚି ?"

"ଆଉ କେଉଁ କଥା ?"

"ତାଙ୍କର ପ୍ରେମ ନିବେଦନ କଥା—। ମୋ ପାଖକୁ ଯେଉ ଚିଠି ଦେଇ ଥିଲେ—ତାରତ ଉତ୍ତର ମୁଁ ଏ ପର୍ଯ୍ୟନ୍ତ ତାଙ୍କୁ

ଦେଇନି ।···ସେହି ଦିନଠୁ ମୋ ସାଙ୍ଗରେ ଭଲ କଥା ବାର୍ତ୍ତା କରୁ ନାହାନ୍ତି । ତମର ତାଙ୍କର ତ ଏକ ଆତ୍ମା । କାଲେ ମୋ ବିଷୟରେ ଆଉ କିଛି ତାଙ୍କର ମନକଥା ଖୋଲି କହିଥିବେ—। ସେଇଥି ପାଇଁ ପଚାରିଲି—।”

ଗୌରହରି ସେହିପରି ଥଙ୍ଗ ଥଙ୍ଗ ହୋଇ କହିଲା—

“ନାଇଁ ।···ସେ ବିଷୟରେ ଆଉ କିଛି ମତେ କହି ନାହାନ୍ତି । କାହିଁକି ମେନେଜରଙ୍କୁ କଣ ତେତେ ଭଲ ପାଅ ନି ?”

“ଆରେ ଧେତ୍ ! କେଇ ଥର ତମକୁ ଏଇ କଥା କହିବି ?··· ମୋ ମନତ ତମ ପାଖରେ ବନ୍ଧା ପଡ଼ିଚି । ମେନେଜରଙ୍କୁ ଆଉ ଭଲ ପାଇବି କେତେବେଳେ ?”

“କାହିଁ କି ? ମୁଁ ତ କେବେ ବାଧା ଦେଇନି—।”

“ତଥାପି ମୋର ମନ ତାଙ୍କଠି ନାହିଁ···।”

“ଆଉ କାହାଠି ?”

“ସେ କଥା ପୁଣି ମତେ ଖୋଲି କହିବାକୁ ହେବ ନା ?”

“ନ କହିଲେ ଜାଣିବି କିପରି ?”

ବାହୁଲତା ଦୁଇଟି ଗୌରହରି ଦେହରେ ଛନ୍ଦି ଦେଇ ଲାଜୁଆ ଆଖିରେ ମିସ୍ ପଟ୍ଟନାୟକ କହିଲା···

“ତମେହିଁ ମୋ ପ୍ରାଣର ଜୀବନ । ତମରି ପାଇଁ···।”

ମିସ ପଟ୍ଟନାୟକଙ୍କର ବାକ୍ୟ ପୂରଣ ନ ହେଉଣୁ । ଟ୍ରେନ ଆସିବାର ଘଣ୍ଟା ବାଜି ଉଠିଲା । ଗୌରହରି ମିସ୍ ପଟ୍ଟନାୟକଙ୍କ ବାହୁପାଶରୁ ମୁକୁଳି କହିଲା—

“ତମେ ଗୋଟାଏ କୁଲି ଠିକ କରି ପ୍ଲାଟ ଫରମ ପାଖକୁ ଆସ ମୁଁ ଯାଉଚି ଟିକେଟ ଆଣେ—।”

ଗୌରହରି ଶୀଘ୍ର ବାହାରକୁ ପଳାଇ ଆସିଲା । ଅଘଣ୍ଟା

ମାଦକରେ ଯୁବକ ମନ ଟିକେ ଅଜା ପାଗଲା । ସୁନ୍ଦରୀ ଯୁବତୀଟିର କୋମଳକର ପରଶ ପାଇ ସେ ନିଜକୁ ଭୁଲି ଯାଇଚ ।—

ଅଳ୍ପ ସମୟ ଏକାନ୍ତରେ ବସିବାରୁ ଯୁବତୀଟି ବିଷୟରେ ନାନା କଥା ଆସି ମନ ଭିତରେ ଚକଟି ଦେଲି ହେଲା । ଶେଷ ପରିଣାମ ଯେ ଏହାର କଣ ହେବ ।—ଏଇ କଥାକୁ ଯେତେ ସେ ମନ ଭିତରେ ଚିନ୍ତା କଲା ସେତେ ଶିହରି ଉଠିଲା ସେ ।

ଟ୍ରେନ ଆସି ପ୍ଲାଟଫରମ ପାଖରେ ଠିଆ ହୋଇଗଲା । ମିସ୍ ପଟ୍ଟନାୟକ କୁଲି ସାହାଯ୍ୟରେ ସମସ୍ତ ଜିନିଷପତ୍ର ଆଣି ପ୍ଲାଟଫରମରେ ଅପେକ୍ଷା କରି ରହିଲା । ଗୌରହରି ଆସି ପହଞ୍ଚିବାରୁ ଟ୍ରେନ ଭିତରେ ଯାଇ ଦୁହେଁ ବସିଲେ । କୁଲି ଜିନିଷ ପତ୍ର ସବୁ ଯତ୍ନରେ ଥୋଇ ପଇସା ନେଇ ଚାଲିଗଲା ।

ହୁଇସିଲ ଦେଇ ଟ୍ରେନଟି ପ୍ଲାଟଫରମରୁ ଧୀରେ ଧୀରେ ନିଜର ଗନ୍ତବ୍ୟ ପଥରେ ଗତି କରିବାକୁ ଲାଗିଲା ।

ଟ୍ରେନ କ୍ରମଶଃ ଦ୍ରୁତର ଗତିରେ ଚାଲିଛି । ପ୍ରଥମ ଶ୍ରେଣୀ ଡବାରେ ମାତ୍ର ଦୁଇଜଣ ।

ଜଣେ ଯୁବକ ଆଉ ଜଣେ ଯୁବତୀ ।

ଜଣକର ପ୍ରାଣ ଚାହୁଁଛି ନିବିଡ଼ ବାହୁ ବନ୍ଧନରେ ବନ୍ଧା ପଡ଼ିଯିବାକୁ, ଆଉ ଜଣଙ୍କ ପ୍ରାଣରେ ଚିନ୍ତାର କୁହେଳିକା ।

ମିସ୍ ପଟ୍ଟନାୟକ ଭାବୁଥିଲା—ଗୋବିନ୍ଦ ଆଜି ଏପରି ଗମ୍ଭୀର କାହିଁକି ? ବାପାଙ୍କ ଦେହ ଦୁଃଖ କହି ସେ ରହିବାକୁ ସ୍ଥିର କରି ପୁଣି ସେହି ଟ୍ରେନରେ ଅନ୍ୟ ଡବାରେ ଆସିଲେ ବା କାହିଁକି ? ପ୍ରକୃତରେ କଣ ସେ ମୋ ସାଙ୍ଗରେ କପଟ ଅଭିନୟ କରୁଛନ୍ତି । ମୁଁ ଯେଉଁ ସରଳ ମନୋଭାବ ନେଇ ତାଙ୍କ ସାଙ୍ଗରେ ମିଶୁଛି ଶେଷରେ କଣ ମୋର ଆଶା ହତାଶାରେ ପରିଣତ ହେବ ? ମୁଁ ତାଙ୍କ

ପାଖକୁ ପାଖକୁ ଗଲେ ସେ ଆଜି ଏପରି ଦୂରେଇ ରହିବାର କାରଣ କଣ ? ଆଜିର ଏ ସଂକୋଚ କପର ମର୍ମନ୍ତୁଦ ସେ କଥା ଭାଷାରେ ପ୍ରକାଶ କରି ହେଉନି । ମନ ଭିତରେ ଖାଲି ସନ୍ତୁଳି ହେବାକୁ ପଡୁଛି ।

ପ୍ରଥମ ଶ୍ରେଣୀ ଡବା—ନିର୍ଜନ । ଯୁବକ ଯୁବତୀଙ୍କ ପ୍ରାଣ ଯାହା ଚାହେଁ—ସେଇ ସେତକ ନହେଲେ ଝାଞ୍ଜି ପବନରେ ଛଟପଟ ହେଉଛି ଘର ସାରା ମନଟା ଖାଲି ଜଳିପୋଡ଼ି ଯିବ ପରା ? ଏହି ସମୟଟା ଉପଭୋଗ କରିବା ପାଇଁ ଯୁବକ ଯୁବତୀଙ୍କ ଅଙ୍ଗରେ ଯୌବନର ଲହଡ଼ି ଭାଙ୍ଗେ ।

ଏକଥା କଣ ଗୋବରଗୁଣ୍ଡ ବୁଝିପାରୁନି ?

ନା—ନା—ନିଶ୍ଚୟ ସେ ବୁଝିଛି । ଯୁବକ ସେ । ନିର୍ଜନରେ ଜଣେ ସୁନ୍ଦରୀ ଯୁବତୀ ପାଖରେ ଜଣେ ଯୁବକ କଣ ଖାଲି ନୀରବରେ ବସିପାରେ ?

ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପରେ ମିସ୍ ପଟ୍ଟନାୟକ ଅନାଇଲା । ··· ଗୌରହରି ଏକ ଧ୍ୟାନରେ ନୀଳ ଆକାଶକୁ ଚାହିଁ ରହିଛି । ମନରେ କେତେ କଥା—ଅସଂଖ୍ୟ ଭାବନା···

ମିସ୍ ପଟ୍ଟନାୟକ ଗୌରହରି ଦେହ ସାଙ୍ଗରେ ନିଜ ଦେହଟି ଯୋଡ଼ିଦେଇ ଧୀର କଣ୍ଠରେ କହିଲା—

"ଗୋବରଗୁଣ୍ଡ !"

ଗୌରହରି ମିସ୍ ପଟ୍ଟନାୟକ ଆଡ଼େ ଚାହିଁଲା । ମାଦକଭରା ଆଖିରେ ବାସନାର ଇଙ୍ଗିତ ଦେଖି ମନେ ମନେ ପୁଲକି ଉଠିଲା ସେ ।

ଗୌରହରି କିଛି କହିଲାନି ! ମିସ୍ ପଟ୍ଟନାୟକ ଠାରୁ ଆଉ ଟିକିଏ ଦୂରେଇ ବସିବାକୁ ଚେଷ୍ଟା କରୁଥିଲା ସେ । ସେ ଯେତେ ଦୂରେଇ ବସିବାକୁ ଚେଷ୍ଟା କରୁଛି, କିନ୍ତୁ ମିସ୍ ପଟ୍ଟନାୟକ ଘୁଞ୍ଚିଲେ

ସିନା ହେବ ? ଦୁଇ ବାହୁରେ ଯାବୁଡ଼ିଧରି ଥରିଲା କଣ୍ଠରେ କହିଲା—

"ନିଷ୍ଠୁର ! କେତେଦିନ ଆଉ ଏପରି ଉହାଳ ବିକଳ କରି ମାରିବ ? କଅଁଳ କଳିଜାରେ ପଥର ଲଦିଲେ ମୁଁ ଯେ ସହିପାରିବିନି ଗୋରିଗୃହି !"

ଗୌରହରି ମନକୁ ମନ ହସି ଉଠିଲା । ମିସ୍ ପଟ୍ଟନାୟକଙ୍କ ମୁହଁକୁ ଏକ ଲୟରେ ଅନାଇ ରହିଲା ସେ ।

"ଆକାଶର ଗୃହି ଭୁଲରେ ଏହି ପ୍ରଥମ ଶ୍ରେଣୀ ଡବା ଭିତରକୁ ଖସି ପଡ଼ିଛନ୍ତି କି ଆଉ ? ଗୌରହରିର ମନେ ହେଲା—କୋମଳ ବାହୁ ଫାଶରେ ଏହିପରି ବନ୍ଧାପଡ଼ି ରହିବାକୁ ।"

ଗୌରହରି ମୁହଁ ପାଖକୁ ମୁହଁ ଛଟି ଲଗାଇଦେଇ ମିସ୍ ପଟ୍ଟନାୟକ ଆବେଗ ଭରା କଣ୍ଠରେ କହିଲା—

"ଗୋରିଗୃହି ମୁଁ ତୁମର ଏତେ ନିକଟରେ । ତଥାପି... ।"

ଆଉ କିଛି କହିପାରିଲାନି ସେ । ସାରା ଅଙ୍ଗରେ ଥିଲା କମ୍ପନ । ଆଖିରେ ଥିଲା ମହୁଆ ନିଶା—। ଗୌରହରିର କୋଳରେ ସେ ଢଳି ପଡ଼ିଲା । ନିଜକୁ ଆୟତ୍ତରେ ରଖି ପାରିଲାନି ସେ—।

ଗୌରହରିର ଯୁବକ ମନ ପାଗଳ ହୋଇ ଉଠିଲା । ନିଜକୁ ଭୁଲିଗଲା ସେ । ମିସ୍ ପଟ୍ଟନାୟକଙ୍କୁ ନିଜର ବାହୁ ଫାଶରେ ଆବଦ୍ଧ କରି ଗୋଲ ଗୋଲ ଚିକ୍କଣ ଗାଲରେ ଅଙ୍କିଦେଲା ଅସଂଖ୍ୟ ଚୁମ୍ବନ ।

ପରକ୍ଷଣରେ ଉଭୟେ ଉଭୟଙ୍କ ଶରୀରରେ ଲତାଟି ପରି ଛନ୍ଦି ହୋଇଗଲେ—।

ଗୌରହରି ପ୍ରାଣରେ ନବୀନ ଶିହରଣ ଖେଳୁଥିଲା । ମିସ୍ ପଟ୍ଟନାୟକଙ୍କୁ କ୍ଷଣକ ପାଇଁ ନିଜର ବାହୁ ବନ୍ଧନରୁ ଅନ୍ତର କରିବାକୁ ଆଦୌ ସେ ଇଚ୍ଛା କରୁନଥିଲା ।

ମିସ୍ ପଟ୍ଟନାୟକ ! ବହୁଦିନର ସଂଚିତ ଆଶା ତାର ପୂରଣ ହୋଇଛି । ଏହିପରି ଗୋବିନ୍ଦର କୋଳରେ ଶୋଇ ଶୋଇ ସମସ୍ତ ବିତେଇ ଦେବାକୁ ସେ ଚାହେଁ ।

ମଧୁର କଣ୍ଠରେ କହିଲା ସେ—

"ଗୋବିନ୍ଦ !"

"ଉଁ...!"

ପୁଣି କ୍ଷଣକ ସକାଶେ ଦୁଇଟି ଅଧର ଗୋଟିଏ ହୋଇଗଲା । ଦୁଇଟି ପ୍ରାଣରେ ଉନ୍ମାଦର ତରଙ୍ଗ ଟ୍ରେନର ଗତି ସାଙ୍ଗରେ ସମାନ ଭାବରେ ତାଳଦେଇ ଛୁଟି ଚାଲିଲା—

★
★ ★

"ବାପାଙ୍କ ଦେହ କିପରି ଅଛି ଗୋବିନ୍ଦ ?"

"ଡାକ୍ତର କହିଲେ—ଭୟର କାରଣ କିଛି ନାହିଁ । ରକ୍ତଚାପ ଯୋଗୁ ଏପରି ଘଟିଲା । ଦିନେ ଦୁଇଦିନ ଭିତରେ ସୁସ୍ଥ ହୋଇଯିବେ ।

"ତୋର ଆଜି ଟ୍ରେନରେ ଝାରସୁଗୁଡା ଯିବାର କଥା, ମୁ ଟେଲିଗ୍ରାମ କରି ଜଣାଇ ଦେବି ?"

"ଆଉ ଦୁଇଦିନ ପରେ ଗଲେ କଣ ହେବନି ?"

ଗୋବିନ୍ଦ ମନଦୁଃଖରେ କହିଲା ।

ସୁକାନ୍ତ ଗୋବିନ୍ଦ ପିଠିରେ ହାତ ରଖି ସାନ୍ତ୍ୱନା ଦେଇ କହିଲା— ବାପାଙ୍କ ପାଇଁ ତୁ ବଡ଼ ଭାଙ୍ଗିପଡିଲା ପରି ଜଣା ଯାଉଛୁ । ଭଲ ମନ୍ଦ ସମସ୍ତଙ୍କର ଅଛି । ସେଥିପାଇଁ ଚିନ୍ତା କରିବା ଅନାବଶ୍ୟକ । ମୁଁ

ସବୁ ସମୟରେ ଯାଇ ତୋର ବାପାଙ୍କର ଦେଖାଶୁଣା କରିବି । ଆଉ ଅସୁବିଧା କଣ ? ବଡ ସାହେବ ଯେତେବେଳେ ଡକାଇ ପଠାଇ ଅଛନ୍ତି ତୋର ଯିବା ଏକାନ୍ତ ଦରକାର । ଦୁଇଦିନ ବିଳମ୍ବ ହେବ ବୋଲି ଚିଠି ଲେଖା ହୋଇଥିଲା । ମିସ୍ ପଟ୍ଟନାୟକ ଏକା ଯାଇଛନ୍ତି । ସମସ୍ତ ଘଟଣା ସେ କହିଥିବେ । ଆଜି ଟ୍ରେନରେ ତୁ ଚାଲିଯା— । ବାପାଙ୍କ ଦେଖା ଶୁଣା ମୁଁ କରିବି ।

ଗୋବିନ୍ଦ ନରମ ଗଳାରେ କହିଲା—

"ଆଜି ଦିନକ ଯାଉ । ମୁଁ କାଲି ନିଶ୍ଚୟ ଯିବି— । ବର୍ତ୍ତମାନ ମୁଁ ଘରକୁ ଯାଉଛି । ଆଉ ଟିକକ ପରେ ଡାକ୍ତରବାବୁ ଆସିବେ । ବାପାଙ୍କ ପାଖରେ ରହିବା ନିତାନ୍ତ ଦରକାର ।"

ଗୋବିନ୍ଦ ଆସିବ ବୋଲି ଚୌକିରୁ ଉଠି ଠିଆହେଲା । ସୁକାନ୍ତ କହିଲା—କାଲି ଟ୍ରେନରେ ଯାଉଚୁ ବୋଲି ମୁଁ ଟେଲିଗ୍ରାମ କରି ଦେଉଛି । ସନ୍ଧ୍ୟାବେଳକୁ ମୁଁ ଯାଇ ବାପାଙ୍କୁ ମୋ ଘରକୁ ନେଇ ଆସିବି ।—

ଗୋବିନ୍ଦ କିଛି କହିଲାନି । କରୁଣ ଦୃଷ୍ଟିରେ ଖାଲି ସୁକାନ୍ତର ମୁହଁକୁ ଅନାଇଲେ ସେ । ତାପରେ ଅଫିସରୁ ବାହାରି ଚାଲିଆସିଲା ପଦାକୁ ।

ମନ ଭିତରେ ତାର ଝଡ ଉଠିଚି । କଣ କରିବ, ଆଉ କଣ ନକରିବ କିଛି ସ୍ଥିର କରିପାରୁନି ସେ । ତାର ବାପାପାଇଁ ସେ ଆଜି ବିବ୍ରତ ।

ନହେଲବା ତାର ଜନ୍ମିତ ପିତା ? ବିପଦ ବେଳରେ ସେ ତ ପାଖେ ପାଖେ ରହିବ । ତାଙ୍କୁ ଏଡ଼ି ସେ କଣ ଯାଇପାରେ ?

ପର ମୁହୂର୍ତ୍ତରେ ସୁକାନ୍ତର ହସ ହସ ମୁଖ ଗୋବିନ୍ଦର ଆଖିଆଗରେ ନାଚି ଉଠିଲା ।

ଗୌରୀ ଭାବିବାକୁ ଲାଗିଲା—ଅଫିସ କଥା—। ବଡ଼ ସାହେବଙ୍କ ଆଦେଶ—ଏଡ଼ି ହେଇ ହେବନି। ବାରମ୍ବାର ସୁକାନ୍ତ ତାକୁ ବୁଝେଇ ଦେଇଛନ୍ତି। ମିସ ପଟ୍ଟନାୟକ ଏକା ଝାରସୁଗୁଡ଼ା ଅଫିସକୁ ଯାଇଛନ୍ତି। ତାଙ୍କ ସଙ୍ଗରେ ମୋର ଯିବାରଥିଲା। କିନ୍ତୁ ଯାଇପାରିଲିନି, ବାପାଙ୍କର ହଠାତ୍ ରକ୍ତଚାପ ରୋଗ। ଦେଖାଶୁଣା କରିବାକୁ କେହି ନାହିଁ! ଯିବ କିପରି ?

ଏପରି ଅସୁବିଧା ବଶତଃ ଦୁଇଦିନ ଅଟକି ଯାଇଛି ଗୌରୀ। ବର୍ତ୍ତମାନ ବାପା ତାର ସାମାନ୍ୟ ଭଲ ଅଛନ୍ତି। ଡାକ୍ତର ବାବୁ କହିଛନ୍ତି—ଭୟର କାରଣ କିଛି ନାହିଁ। ସୁକାନ୍ତ ତ ଦେଖାଶୁଣା କରିବ। ଅସୁବିଧା ଆଉ କଣ ? ବହୁତ ଭାବିଚିନ୍ତି ଶେଷକୁ ଝାରସୁଗୁଡ଼ା ଯିବାକୁ ସ୍ଥିରକଲା ସେ—

× × × ×

ମିସ୍ ପଟ୍ଟନାୟକଙ୍କୁ ସାଙ୍ଗରେ ଧରି ଗୌରହରି ସିଧା ନିଜ ଘରକୁ ଆସିଲା।

ଏକମହଲା ଛୋଟ କୋଠାଟିଏ। ବେଶ ପରିଷ୍କାର ଚାରି ବଖରା ଘର। ଦାଆଲରେ ଟିଡଲ ସାଇନବୋର୍ଡ଼ରେ ଲେଖାଅଛି ଶ୍ରୀ ଚୌଧୁରୀ ସାହା।

ମିସ୍ ପଟ୍ଟନାୟକ ଧୀର ଗଳାରେ କହିଲେ—

"ସାହେବ କଣ କୋଠିରେ ଥିବେ ?"

ଗୌରହରି ଉତ୍ତର କଲା—

"ସାହେବ କଲିକତା ଯାଇଛନ୍ତି। ଫେରିବା ଦୁଇମାସ ବିଳମ୍ବ ହେବ। ରହିବା ପାଇଁ ଏହି ଘର ବ୍ୟବସ୍ଥା ହୋଇଛି।"

ଫାଟକ ପାଖରେ ପହୁଞ୍ଚିବା ମାତ୍ରେ ଚାକର ଆସି ନମସ୍କାର ଜଣାଇଲା। ଗୌରହରି ଇଶାରାରେ ତାକୁ ନୀରବ ରହିବାକୁ କହିଲା।

ଦୁହେ କୋଠା ଭିତରକୁ ପଶିଲେ ।

କୁଲି ମୁଣ୍ଡରୁ ସମସ୍ତ ଜିନିଷ ଓହ୍ଲାଇ ଥୋଇଦେଲା । ଗୌରହରି କୁଲିକୁ ପଇସା ଦେଲେ । ସେ ପଇସା ନେଇ ଚାଲିଗଲା ।

ଗୌରହରି ମିସ୍ ପଟ୍ଟନାୟକଙ୍କୁ କହିଲା—ଜିନିଷପତ୍ର ଯତ୍ନରେ ଥୋଇ ଗାଧୁଆ ପାଧୁଆ କରେ । ମୁଁ ଅଫିସର ମାଲିକ ସାଙ୍ଗରେ ଦେଖା କରି ସାଙ୍ଗେ ସଙ୍ଗେ ଆସୁଛି ।

ମିସ୍ ପଟ୍ଟନାୟକ କହିଲା—।

"ଶୀଘ୍ର ଆସ । ତମେ ନ ଆସିବାଯାଏ ମୁଁ ଏହିପରି ବସିଥିବି ।"

ଗୌରହରି କିଛି କହିଲେନି । ଖାଲି ଟିକିଏ ହସିଦେଇ ଚାଲିଗଲା। ଯିବା ସମୟରେ ଚାକର ନରିକୁ ପାଖକୁ ଡାକି ଚୁପି ଚୁପି କହିଲା'ସେ—

"ଦେଖ ନରି ! ମୋ ସାଙ୍ଗରେ ଯୋଉଁ କଥା କହିବୁନି । ଅତି ଆପଣାର ଲୋକ ଭାବି ସେ ମୋ ସାଙ୍ଗରେ ଆସିଛି । ଆମ କେନ୍ଦ୍ର ଅଫିସର ଏ ହେଡ଼କ୍ଲର୍କ ଲେଡ଼ି ଟାଇପିଷ୍ଟ । ଯୁଁାଙ୍କର ଓ ବଡ଼ ସାହେବଙ୍କ ପ୍ରାଇଭେଟ ସେକ୍ରେଟେରୀ ଆସିବାର ଥିଲା । ବଡ ସାହେବଙ୍କ ପ୍ରାଇଭେଟ ସେକ୍ରେଟେରୀ ତ ଆସିଲେ ନାହିଁ, ଇଏ ମତେ ପ୍ରାଇଭେଟ ସେକ୍ରେଟେରୀ ବୋଲି ଭୁଲରେ ଚିହ୍ନି ମୋ ସାଙ୍ଗରେ ଆତ୍ମୀୟତା ସ୍ଥାପନ କରି ସାରିଲେଣି । ମୋ ନାମ ତ ଗୌରହରି କିନ୍ତୁ ସେ ଯୁବତୀଟି ମୋତେ ଗୋବର୍ଦ୍ଧନ ବୋଲି ଡାକୁଛି । ଠିକ ଅପରିଚିତ ପରି ତୁ ଆମ ସାଙ୍ଗରେ ବ୍ୟବହାର କରିବୁ । ଏ କୋଠିର ମାଲିକ ମୁଁ ନିଜେ ବୋଲି ମୋତେ କହିବୁନି—।"

ନରିଆ ଆନନ୍ଦରେ ଅଧୀର ହୋଇ କହିଲା—

"ମୁଁ ମୋଟେ କିଛି କହିବନି ଆଜ୍ଞା ! ଯୁଁାଙ୍କର ନାଆଁ ତେବେ ସବିତା ଦେବୀ ? ବଡ଼ ସାହେବ ଯୁଁାଙ୍କର କଥା କହୁଥିଲେ । ସେଦିନ

ପର ମୁଁ ଶୁଣିଛୁ ? ଅଗ୍ର ବାବୁ ! ଆପଣଙ୍କ ସଙ୍ଗରେ ଯୁାଙ୍କ ସହିତ ଦେଖା ହେଲ କେଉଁଠି ?"

ଗୌରହରି କହିଲା—

"ଆରେ ସେ ଅନେକ କଥା । ମୁଁ କଲିକତାରୁ ପୁରୀ ଏକ୍ସପ୍ରେସ ଦ୍ୱାରା ଆସି ଖଡ଼ଗପୁର ଷ୍ଟେସନର ପ୍ରଥମ ଶ୍ରେଣୀ ବିଶ୍ରାମାଗାରରେ ବସିଛୁ । ଏ ଯୁବତୀଟି ଆଉ ଏକ ଟ୍ରେନରୁ ଓହ୍ଲାଇ ସେଠାକୁ ଆସି ମଠିଭ ଦେଖି ଭ ପାଗଲ—।"

ହସି ହସି ନରିଆ କହିଲା—

"ତେବେ ଆମ ବଡ଼ ସାହେବଙ୍କ ପ୍ରାଇଭେଟ ସେକ୍ରେଟେରୀ ଗୋବର୍ଦ୍ଧନ ବାବୁଙ୍କୁ ସେ ନିଶ୍ଚୟ ଭଲ ପାଉଥିଲେ—।"

"ସେହି ଗୋବର୍ଦ୍ଧନ ବୋଲି ମୋତେ ମନେକରି ସାରିଛି—।"

"ନିଶ୍ଚୟ ତେବେ ଗୋବର୍ଦ୍ଧନ ଚେହେରା ସାଙ୍ଗରେ ଆପଣଙ୍କର ଚେହେରା ମିଶିଯାଇଛି । ସେଥିପାଇଁ ସବୀତା ଦେବୀ ଆପଣଙ୍କୁ ଭଲ ପାଇଛନ୍ତି ।"

ଗମ୍ଭୀର ହୋଇ ଗୌରହରି କହିଲା—

"କିନ୍ତୁ ଦୁଇଦିନ ପରେ ଗୋବର୍ଦ୍ଧନ ଯେତେବେଳେ ଏଠାକୁ ଆସିବ ସେତେବେଳେ ଅବସ୍ଥା କଣ ହେବ ?"

ନରିଆ କହିଲା—ହେବ ଆଉ କଣ ଆଜ୍ଞା ? ଗୋବର୍ଦ୍ଧନ ବାବୁ ଆସିଗଲେ କଥାଟା ସଫା ସଫା ହୋଇଯିବ । ଦୁଇଜଣ ଯାକ ଦୁଇଟି ଆସନରେ ବସିଲେ ସବୀତା ଦେବୀଙ୍କର ଯାହାଠାରେ ମନ ହେବ ସେ ତାଆରି ଗଳାରେ ବରଣମାଳ ପିନ୍ଧେଇ ଦେବେ—।"

"ଆରେ ପେତ ! କଥାଟା ବଡ ଖରାପ ହେଲା । ସବୀତା ଦେବୀ ମୋତେ କଥା କହିବାକୁ ମୋଟେ ସୁବିଧା ଦେଲେନି । ମୋ ସାଙ୍ଗରେ ଏପରି ସେ ବ୍ୟବହାର କଲେ ଯେ—ଯେପରି ଜଣେ ସ୍ତ୍ରୀ ତାର ସ୍ୱାମୀ ସାଙ୍ଗରେ ଯେଭଳି ବ୍ୟବହାର କରେ··।"

ମୁରୁକି ହସା ଦେଇ ନରିଆ କହିଲା—

"ଏତେ ଦିନ ଆପଣ ଏକା ଏକା ଥିଲେ । ଏଥର ଘରକୁ ଘରଣୀ ଆପଣା ମନକୁ ମନ ଆସି ଆପଣଙ୍କ ପାଖରେ ଯୋଡିଯାଉଛନ୍ତି । ଗୋବର୍ଦ୍ଧନ ବାବୁ ଆସିବା ଆଗରୁ ବିବାହ କାମଟା ବତାଇ ଦେଲେ କପରି ହୁଅନ୍ତା ?"

ଗୌରହରି ଆଉ କିଛି କହିଲନି । ମନ ତାର ଗମ୍ଭୀର ହୋଇ ଆସିଲା ।

ନରିଆ ବାବୁଙ୍କର ଏପରି ଭାବ ଲକ୍ଷ୍ୟ କରି କହିଲା—

"ଆପଣ ଆଉ କଣ ଭାବୁଛନ୍ତି ବାବୁ ? ଆପଣଙ୍କର ସବୁକଥା ମୋତେ ଖୋଲି କହିଛନ୍ତି । ବେଳେ ବେଳେ ଆପଣଙ୍କ କଥାଭାବିଲେ ମୋର କାନ୍ଧିକି ଆପଣଙ୍କ ପ୍ରତି ଭକ୍ତି ଆସେ । ବଡ଼ ସାହେବ ଆପଣଙ୍କୁ ପୁଅଠାରୁ ବଳି ସ୍ନେହ କରିଛନ୍ତି । ସେଦିନ ଓକିଲ ବାବୁଙ୍କ ପାଖରେ ବଡ଼ ସାହେବ ନିଜେ କହୁଥିବାର ଶୁଣିଥିଲି—ତାଙ୍କ ଅନ୍ତେ ଆପଣ ଏ ସକଳ ସମ୍ପତ୍ତିର ମାଲିକ ହେବେ ! ଓକିଲ ବାବୁଙ୍କୁ କଣ ଲେଖା ଲେଖି କରିନେବାକୁ କହୁଥିଲେ—।"

ଗୌରହରି କଥାର ମୋଡ଼ ଘୁରେଇ କହି ଉଠିଲା—

"ଛାଡ଼ ସେ ବାଜେ କଥା ସବୁ । ତୁ ଯାଇ ମିସ୍ ପଟ୍ଟନାୟକଙ୍କ କଥା ଆଗ ବୁଝିଲୁ । ମୁଁ ଯାଉଛି ସ' ମିଲରେ ସମସ୍ତଙ୍କୁ ତାଲିମ ଦେଇ ଆସେ । ସେମାନେ ଭୁଲରେ ଯେପରି ମୋ ପରିଚୟ ମିସ୍ ପଟ୍ଟନାୟକଙ୍କୁ ନଦିଅନ୍ତି—।"

କହିବା ସଙ୍ଗେ ସଙ୍ଗେ ଗୌରହରି ସ' ମିଲକୁ ଚାଲିଗଲା । ନରିଆ ଘର ଭିତରକୁ ଆସି ମିସ ପଟ୍ଟନାୟକଙ୍କ ପରିଚର୍ଯ୍ୟାରେ ଲାଗିଲା ।

ଗୌରହରି ମନ ମଧ୍ୟରେ ଭାବୁଥିଲା—ଏ କିପରି କଥା ? ସେ ଜୀବନରେ ନାରୀର ସ୍ପର୍ଶ ଏଇ ପ୍ରଥମ । କିନ୍ତୁ ! ସେ ତ ଆଉ ଜଣଙ୍କୁ ଭଲ ପାଏ ? ଭୁଲରେ ତାର ପ୍ରେମିକ ବୋଲି ମତେ ଜାଣି ମିସ୍ ପଟ୍ଟନାୟକ ଯେପରି ମୋ ସାଙ୍ଗରେ ମିଶିଲା ଏହାର ଶେଷ ପରିଣାମ

କଣ ହେବ ? ପ୍ରତାରଣା ମୁଁ ହେବି ନା ମିସ୍ ପଟ୍ଟନାୟକ ହେବ ?

କ୍ଷଣିକ ଉତ୍ତେଜନାରେ ଯୁବକ ଯୁବତୀଙ୍କର ମିଳନରେ ଭେଦ ବିଚାର ରହେନି । କିନ୍ତୁ ପରମୂହୂର୍ତ୍ତରେ ତାର ପରିଣାମ ହୁଏ ଖୁବ୍ ଭୟଙ୍କର । ନାନା ଅଙ୍ଗ ନାନା ପ୍ରକାର ବାଧା-ପ୍ରତିବନ୍ଧକ ଆସେ । ତାକୁ ଏଡ଼ିଦେଇ ଆଗେଇ ଯିବା ସେମାନଙ୍କ ପକ୍ଷରେ ଅସମ୍ଭବ ହୋଇଯାଏ ।

କିନ୍ତୁ ଏ କ୍ଷେତ୍ରରେ କଣ ହେବ ?

ଏହି ମିଳନରେ ଦାୟୀ କିଏ ? ଗୌରହରି ନା କୁମାରୀ ସବୀତା ?

ଗୌରହରି ତ ସବୀତାକୁ ଚାହିଁ ନଥିଲା ।

ଆଉ ଚାହିଁଥିଲା କିଏ ?

ସବୀତା !

ଭଲ କଥା ସବୀତା ଯଦି ତାର ସରଳ ମନ ଦେଇ ଗୌରହରି ସଙ୍ଗରେ ମିଶିଲା, ତାକୁ ଅତି ଆପଣାର ଭାବି ତାର କୁମାରୀତ୍ୱକୁ ତା ହାତରେ ଅର୍ପଣ କଲା । ଗୌରହରି ତାର ଅକ୍ଷମତା ପ୍ରକାଶ କରି କଣ ଉଚିତ ନଥିଲା ?

ମନେ ମନେ ଶିହରି ଉଠିଲା ଗୌରହରି । ଆଉ କଣ ସେ କରିବ ? ଉପାୟ କିଛି ନାହିଁ । ଗୋଳମାଳ ଆସିଗଲେ ପରିଣାମ କଣ ହେବ ସେଇ କଥାକୁ ଯେତେ ଭାବୁଥିଲା ମନ ତାର ସେତେ ଦବି ଆସୁଥିଲା ।

ସ' ମିଲର କାର୍ଯ୍ୟ ଅବିରାମ ଗତିରେ ଚାଲିଛି । ନୂଆ କାଠ କଟା ମେଶିନ ବସିଛି । ଜଙ୍ଗଲରୁ କାଠ ସବୁ ଆସି ଗୋଟିଏ ଜାଗାରେ ଜମା ହୋଇଛି । ପାଞ୍ଚଶହ ଶ୍ରମିକ ନିଜ ନିଜ କାମରେ ବ୍ୟସ୍ତ ।

ଗୌରହରି ସ' ମିଲର ଚାରିପାଖ ବୁଲି ଦେଖୁଛି । ଶ୍ରମିକମାନେ ଯିଏ ଦେଖୁଛନ୍ତି ହାତ ଉଠାଇ ନମସ୍କାର ଜଣାଉଛନ୍ତି । କାରଣ ସେମାନେ ଜାଣନ୍ତି ଏହି ସୁଦର୍ଶନ ଯୁବକହିଁ ସେମାନଙ୍କର ମାଲିକ ।

ଚୌଧୁରୀ ସାହେବ ପ୍ରତ୍ୟେକ ଲୋକଙ୍କୁ ଗୌରହରିର ଅନୁପସ୍ଥିତିରେ ବୁଝେଇ ଦେଇଛ ।

ସମସ୍ତ କର୍ମଚାରୀଙ୍କ ଠାରୁ ଉପର ସମ୍ମାନ ପାଇ ଗୌରହର ମନ ଆନନ୍ଦରେ ନାଚ ଉଠୁଥିଲା । ମନେମନେ ଭାବୁଥିଲା ସେ— ଚମତ୍କାର ଜୀବନ ଇଏ । ବସ୍ତିରୀ ଜୀବନ କଥା ତାର ମନେ ପଡ଼ିଲା ମନେମନେ ତୁଳନା କଲା ଗୌରହର । ସେ ଜୀବନ ଆଉ ଏ ଜୀବନ ଭିତରେ କେତେ ଅନ୍ତର କେତେ ତଫାତ ।—

ମନ ଭିତରେ ଏହିପରି ନାନା କଥା ଭାବୁ ଭାବୁ ଗୌରହରି ଅଫିସ ଭିତରକୁ ଆସିଲା । ଚୌଧୁରୀ ସାହେବ ଯେଉଁ ଘରେ ବସନ୍ତି ସେହି ଘରକୁ ସେ ପଶିଲା ।

ଦାମୀ ସୁନ୍ଦର କାର୍ପେଟ ଘର ଗୋଟାଉଥି ବିଛା ହୋଇଛ । ବଡ ଟେବୁଲ ପାଖରେ ଗଦି ଅଣ୍ଟା ଚଉକି । ଟେବୁଲ ଉପରେ ପିତଳ ଚକ୍ ଚକ୍ ଘଣ୍ଟା ଆଉ କେତେକ କାଚର ଗୋଲ ଗୋଲ ପେପର ଓୟେଟ । ଘରର କାନ୍ଥ ଚଉଅଧି ବଡ଼ ବଡ ଫଟୋ । ଦେଶର ବରେଣ୍ୟ ନେତା ମାନେ ବସିଛନ୍ତି । ବାପୁଜୀ, ନେତାଜୀ, ଆମ ଭାରତର ପ୍ରଧାନମନ୍ତ୍ରୀ, ବିଶ୍ୱକବି ରବୀନ୍ଦ୍ରନାଥ, ଉତ୍କଳମଣି । ଆଉ ଗୋଟିଏ ପାଖକୁ ଚୌଧୁରୀ ସାହେବଙ୍କ ଫଟୋ—ସୁନେଲି ଫ୍ରେମରେ ବନ୍ଧା ହୋଇ ଟଙ୍ଗା ହୋଇଛ ।—ମନେମନେ ହସି ଉଠିଲା ଗୌରହର । ବ୍ୟବସାୟୀମାନେ ନେତାମାନଙ୍କୁ ସମ୍ମୁଖରେ ରଖି ସେମାନଙ୍କର ବ୍ୟବସାୟ ଆରମ୍ଭ କରନ୍ତି । ସତ୍ୟ—ନ୍ୟାୟରେ ସେମାନଂକର ସର୍ବୋଚ୍ଚ ପଣିଆ ପ୍ରକାଶ ପାଏ । ଧର୍ମ ନାଆଁରେ ସେମାନଂକର ପ୍ରତିଷ୍ଠାନ ।

ପ୍ରକୃତରେ କଣ ବ୍ୟବସାୟୀମାନେ ନ୍ୟାୟର ପୂଜାରୀ ? ବିଶ୍ୱାସ କରି ପାରିଲାନି ଗୌରହରି । ସବୁ ଫାଙ୍କି ଧପ୍ପାବାଜିରେ ଦୁନିଆଁଟା ପୁରୀ ଯାଇଛ ।

ବ୍ୟବସାୟୀମାନଙ୍କ ଠାରେ ଜଡ଼ ନ୍ୟାୟ ଥାଆନ୍ତା—ସତ୍ୟାସତ୍ୟ ଉପରେ ସେମାନଙ୍କର ପ୍ରତିଷ୍ଠାନ ପ୍ରତିଷ୍ଠିତ ହୋଇ ଥାନ୍ତା। ତେବେ ଆଜି ଦେଶ ସାରା ଏ ବିପ୍ଳବ କାହିଁକି ହୁଅନ୍ତା ?…ଯାଗା ଯାଗା ଧର୍ମ ଘଟର ସ୍ଲୋଗାନ କାହିଁକି ?

ମାଲିକ ଶ୍ରମିକର ମିଳନ ନହେବାଯାଏ କିଛି ହେଇ ପାରିବନି। ଦେଶର ଅଗଣିତ ଲୋକଙ୍କ ଆଗରେ ମହତ ଆଦର୍ଶ ପ୍ରତିଷ୍ଠା କରି ସେମାନଙ୍କ ନିର୍ମଳ ମନର ପରିଚୟ ଦେବାକୁ ହେବ। ଯେ ପର୍ଯ୍ୟନ୍ତ ଆମ ଭିତରେ ଉଚ ନୀଚର ଭେଦ ରହିଛି ସେ ପର୍ଯ୍ୟନ୍ତ କିଛି ହୋଇ ପାରିବନି।

ଗୌରହରି ଚିନ୍ତାର କୁହେଳିକା ଭିତରେ କ୍ଷୀଣ ଆଲୋକର ସନ୍ଧାନ ପାଇଛି। ଚୌଧୁରୀ ସାହେବଙ୍କ କଥା ତାର ମାନସ ପଟ୍ଟରେ ଉଙ୍କି ମାରି ତାକୁ ଚଟଚେଇ ଦେଲା। ଚୌଧୁରୀ ସାହେବ ବିଦାୟ ବେଳେ କହିଥିଲେ—ଗୌରହରି ! ବୁଢ଼ା ହେଲେଣି ଆଉ କେତେ ଦିନ ? ମୋର ସମସ୍ତ ସମ୍ପତ୍ତି ତୋ ନାମରେ ଉଇଲ କରି ଦେଇ ଯାଉଚି। ତୁ ଯେପରି ଭାବେ ଚାହିଁବୁ ସେହିପରି ହେବ। ସମସ୍ତ ସମ୍ପତ୍ତିର ଏଥର ତୁ ମାଲିକ ହେଲୁ। ସେ ପାଇଁ ମୋର ବ୍ୟବସାୟୀ କେନ୍ଦ୍ରମାନଙ୍କୁ ମୁଁ ଜଣାଇ ଦେଇଚି—।”

ଚୌଧୁରୀ ସାହେବଙ୍କ ଫଟୋକୁ ଚାହିଁଲା ଗୌରହରି। ସୌମ୍ୟ ଶାନ୍ତ ମୂର୍ତ୍ତି। କେଡ଼େ ଉଦାର—କେଡ଼େ ମହାନ—।

ମୁଣ୍ଡ ନୁଆଇଁ ନମସ୍କାର ଜଣାଇଁଲା ଗୌରହରି। ଆନନ୍ଦର ଅଶ୍ରୁ ବୋହି ଆସୁଥିଲା। ରୁମାଲରେ ଆଖି ପୋଛୁ ପୋଛୁ ଅଫିସରୁ ବାହାରି ଆସି ପୁଣି ଚାଲିଲେ ନିଜ ଘରଆଡେ।

ସଂ ମିଲ ଠାରୁ ଗୌରହରିର ଘର ମାତ୍ର ପାଞ୍ଚ ମିନିଟ ରାସ୍ତା। ନିରବରେ ଚାଲି ଚାଲି ଯାଉଚି ସେ। ମନରେ ତାର ବାରମ୍ବାର ଗୋଟିଏ ପ୍ରଶ୍ନ—ଗୋଟିଏ କଥା—।

ହଠାତ୍ କିଏ ଡାକି କହିଲା—

"ବାବୁ ! ତିନିଦିନ ହେବ ପେଟକୁ ଦାନା ଯାଇନି, କିଛି ଖାଇବାକୁ ଦିଅ ବାବୁ ! ଭୋକରେ ପେଟ ଜଳି ଯାଉଛି—।"

ବଡ଼ କରୁଣ—ବଡ଼ ମର୍ମସ୍ପର୍ଶି ବାଣୀ ।

ଗୌରହରି ଲୋକଟିକୁ ଅନାଇଁଲା । ବିକଳରେ ମନ ତାର ପୁରି ଉଠିଲା । ପରିଧାନ ଦେଖି ହୃଦୟ ତାର ଆର୍ତ୍ତନାଦ କରି ଉଠିଲା ।

ଛିଣ୍ଡା ମଇଳା ଲୁଗା ଖଣ୍ଡେ ପିନ୍ଧିଛି ସେ । ଦେହରେ ଖଣ୍ଡେ ହାପ କମିଜ—ଅସଂଖ୍ୟ ଗଣ୍ଠି । କନା ପୁଟୁଳିଟିଏ କାଖଟିରେ ଯାକିଛି । ହାତରେ ଗୋଟାଏ ଟିଣ । ବୟସ କୋଡ଼ିଏକ ପଚିଶ ହେବ । ଖାଇବା ବିନା ଦେହର ହାଡ଼ କେଇ ଖଣ୍ଡ ଗଣି ହେଇ ଯାଉଛି ।—

ଏଇମାନେ ଆମ ଦେଶର ସ୍ୱାଧୀନତା ନାଗରିକ । ଏଇମାନଙ୍କ ଯୋଗୁ ଆମେ ଦେଶ ବିଦେଶରେ କହିବୁଲୁଚୁ ଆମ ଦେଶ ଆଗେଇ ଚାଲିଛି । ଧନ ଧାନ୍ୟରେ ଆମ ଦେଶଟା ପୂର୍ଣ୍ଣ । ଆମେ ସ୍ୱାଧୀନ ଜାତି ।

ଆମ ଦେଶ ତଥା ଆମେ ସ୍ୱାଧୀନ ପାଇଛୁ ସତ । ଏକଥା କେହି ଅସ୍ୱୀକାର କରୁନି । ତେବେ ସ୍ୱାଧୀନତା କପରି ଉପଭୋଗ କରିବାକୁ ହୁଏ ତା ଆମ ଦେଶରେ କେଇଜଣ ବୁଝିଛନ୍ତି ? ଆମ ଦେଶଭକ୍ତ—ଆମେ ନିସ୍ୱ । ନିରନ୍ନ କାଙ୍ଗାଳମାନଙ୍କର ହା ଅନ୍ନ ହା ଅନ୍ନରେ ଦେଶଟା ଚିତ୍କାର କରୁଛି ।

କାହିଁକି ? କୋଉଥିପାଇଁ ଏପରି ତାଣ୍ଡବ ଲୀଳା ?

ଆମ ଦେଶରେ ନେତାମାନେ ସୁବିଧାବାଦୀ । ଦେଶର ଶାସକ ଗୋଷ୍ଠି ଯଦି ଅସାଧୁ ପ୍ରକୃତିର ହୁଅନ୍ତି ତେବେ ଏଦେଶ ଧ୍ୱଂସରେ ନ ଯାଇ ଆଉ କଣ ବୈକୁଣ୍ଠ ଧାମ ହେବ ? ଦେଶ ପରିଚାଳନାର ମାନଦଣ୍ଡ ଯଦି ଏହି ଅସାଧୁ ପ୍ରକୃତିର ଲୋକମାନଙ୍କ ହାତରେ ରହେ ତେବେ ଆମେ ଖାଇବା ବିନା ମରିବାନିତ କଣ ଅମର ହେଇ ବଞ୍ଚି ରହିବା ?

ଶାନ୍ତି ଶୃଙ୍ଖଳା ଖାଲି ଚିତ୍କାର କଲେ ଆସେନି । ଯଦି ଚିତ୍କାର

ଦ୍ୱାରା ଆମେ ଶାନ୍ତି ଶୃଙ୍ଖଳା ପାଆନ୍ତେ ତେବେ ଆମ ଚଳନ୍ତି ଜୀବନରେ ଏପରି ବାଧା ସୃଷ୍ଟି ହୁଅନ୍ତାନି । ପ୍ରତି ପଦକ୍ଷେପରେ ଆମେ ଆଗେଇ ଗଲେ ଆମକୁ କେହି ରୋକି ପାରନ୍ତେନି । ଅସାଧୁଭାବରେତ ଦେଶଟା ପୁରି ରହିଛି ।...ଖାଲି ସୁନାର ଭାରତ ଚିତ୍କାର କରି ଲାଭ କଣ ?

ସାଧୁ ପ୍ରକୃତିରେ ଲୋକେ କଣ ଆମ ଦେଶରେ ନାହାନ୍ତି ?

କିଏ କହିଲା ନାହିଁ ବୋଲି ? ଅଛନ୍ତି । ସେମାନଙ୍କୁ ଆଜି ଖୋଜି ବାହାର କରିବାକୁ ହେବ, ଗାଁ ଗଣ୍ଡାରେ ଆଜିବି ଦଧିଚିଙ୍କପରି ମହାତ୍ମା ଅଛନ୍ତି—ସେମାନଙ୍କୁ ଯୋଗ୍ୟ ଆସନରେ ବସାଇବାକୁ ହେବ—।

ମାତ୍ର ଏ ସବୁ କରିବ କିଏ ?

କାହିଁକି ? ଦେଶର ଗଣ ଶକ୍ତି—ଜନ ଆନ୍ଦୋଳନ ?"

ଗୌରହରି ଆଉ କଣ ଚିନ୍ତା କରିବାକୁ ଲାଗୁଥିଲା । ପୁଣି ସେହି କରୁଣ ଡାକ—ବାବୁ ! କିଛି ମିଳି ଯାଉ—ଭଗବାନ ଆପଣଙ୍କର ମଙ୍ଗଳ କରିବେ—।"

ଗୌରହରି ପକେଟରେ ହାତ ପୁରାଇ ପଇସା ବାହାର କଲା ।

କରୁଣ ଦୃଷ୍ଟିରେ ଭିକାରୀଟି ଗୌରହରି ଆଡକୁ ହାତ ପତାଇ ଅନାଇଁ ରହିଛି । ଗୌରହରି ଭିକାରୀଟି ହାତରେ କିଛି ପଇସା ଦେଇ କ୍ଷିପ୍ର ଗତିରେ ଚାଲିଗଲା ।

ଘରେ ପହୁଞ୍ଚିବା ମାତ୍ରେ ଜାଣିଲା—ମିସ୍ ପଟ୍ଟନାୟକ ଗାଧୁଆ ଘରେ ଅଛି । ଚାକର ନରିଆକୁ ସବୁ କଥା ବୁଝାଇ କହୁଥିଲା ଗୌରହରି ।

"ବୁଝିଲୁ ସାବଧାନ ! ଯେଉଁ ମିସ୍ ସାହେବ ଆସିବାର ଥିଲେନା ଇଏ ହେଉଚନ୍ତି ସେହି । ତାଙ୍କର ନାମ ହେଉଚି ମିସ ପଟ୍ଟନାୟକ । ଆଉ ଯେଉଁ ଗୌରଚନ୍ଦ୍ରବାବୁ ଯାଙ୍କ ସାଙ୍ଗରେ ଆସିବାର ଥିଲେ ସେ ଆସି ନାହାନ୍ତି । ବୋଧେ କୌଣସି କାମରେ ଅଟକି ଯାଇଛନ୍ତି । ଏଇ ଦିନେ ଦୁଇଦିନ ମଧ୍ୟରେ ସେ ଆସିଯିବେ—।""

ଚାକରକୁ ଏହିପରି ବୁଝାଇବା ସମୟରେ ସ' ମିଲର ପିଅନ

ଟାଣ୍ଡେ ଟେଲିଗ୍ରାମ ଆଣି ଗୌରହରିର ହାତକୁ ବଢ଼ାଇ ଦେଇ ଚାଲିଗଲା ।
ଗୌରହରି ଟେଲିଗ୍ରାମଟି ଖୋଲି ପଢ଼ିଲା । ଲେଖା ଥିଲା—

"ଗୋବର୍ଦ୍ଧନ ଆସନ୍ତା କାଲିରେ ପହଞ୍ଚିବ"

"ସୁକାନ୍ତ—,,

ଟେଲିଗ୍ରାମଟି ପଢ଼ି ଗୌରହରିର ମନଟି ମଉଳି ଗଲା । ମନରେ ତାର କେତେ କଥା କେତେ ଭାବନା ।

ଗୋବର୍ଦ୍ଧନ ଅସୁବିଧା ମାନେ ଯଦି ମିସ୍ ପଟ୍ଟନାୟକ ପ୍ରକୃତ ଗୋବର୍ଦ୍ଧନକୁ ଚିହ୍ନେ ତେବେ—ତେବେ ଅବସ୍ଥା କଣ ହେବ ? ଏତେ ବଡ଼ ଅଫିସର ସର୍ବେସର୍ବା ହୋଇ କଣ ମିସ୍ ପଟ୍ଟନାୟକ ପାଖରେ ଅପଦସ୍ତ ହେବାକୁ ପଡ଼ିବ

ବହୁତ ଭାବିଚିନ୍ତି ଗୌରହରି ଏକ ଉପାୟ ପାଇଲା । ସବୁ କଥା ସ୍ଥିର କରି ମନେ ମନେ ହସି ଉଠିଲା ସେ— ।

ନିଜ ଘରେ ଲୁଗାପଟା ବଦଳାଇ ତଉଲିଆ ଖଣ୍ଡେ କାନ୍ଧରେ ପକାଇ ଘର ବାରଣ୍ଡାକୁ ଯେତେବେଳେ ସେ ଆସେ— ଦେଖିଲା— ମିସ୍ ପଟ୍ଟନାୟକ ଗାଧୁଆ ପାଧୁଆ ଶେଷ କରି ବାରଣ୍ଡାରେ ଅପେକ୍ଷା କରିଅଛି ।

ଗୌରହରି କହିଲା—"ଆରେ ଠିଆ ହୋଇ ରହିଚ କାହିଁକି ? କରିଆ ଚାକରକୁ ଡାକ ସେ ଖାଇବା ପାଇଁ ଆଣୁ— ।"

ଓଠ ଧାରରୁ ହସ ଫାଳେ ଟାଣି ଧୀରଗଳାରେ ମିସ୍ ପଟ୍ଟନାୟକ କହିଲା—

"ତମେ ତ ଯେତେବେଳୁ କୁଆଡ଼େ ଚାଲିଗଲ ଯେ, ମୁଁ ବସି ବସି ଏଇନେ ଗାଧୋଇଲି । ଚାଲିଲ କାମ ସାରି ଆସ ଏକାଠି ବସି ଖାଇବା— ।"

ଗୌରହରି କହିଲା—

"ସେ ମିଲ୍‌କୁ ଯାଇ ଆଗ ମାଲିକ ସାଙ୍ଗରେ ଦେଖାକରି ଆସ

ଅସିବା କଥା ତାଙ୍କୁ ଜଣାଇବାକୁ ହେବତ ? ସେଇଥିପାଇଁ ଯାଇ ଥିଲି । ଆସୁ ଆସୁ ବିଳମ୍ବ ହୋଇଗଲା । ତମେ ଖାଇଜାଅ ମୁଁ ପରେ ଖାଇବି—।"

ନରିଆ କେତେବେଳୁ ଆସି ବାବୁଙ୍କ ପଛରେ ଠିଆ ହୋଇ ସବୁକଥା ଶୁଣୁଥିଲା । ବାବୁଙ୍କର ଏପରି କଥା କହିବାର ଢଙ୍ଗ ଦେଖି ମନେ ମନେ ସେ ହସୁଥିଲା ମଧ୍ୟ ।

ଗୌରହରି ପଛକୁ ଅନାଇଁଲେ—ନରିଆ ଠିଆ ହୋଇ ମୁରୁକି ମୁରୁକି ହସୁଚି । ବାବୁ ଇଶାରାରେ ତାକୁ ଧମକ ଦେଖାଇବା ଭଙ୍ଗିରେ ଗୁହିଁ କହିଲେ—

"ଦେଖ ! ଆମେଠି ନୂଆ ଲୋକ—କିଛି ଜାଣୁନା । ଚଳାଚଳି ପଥରେ ଯେପରି ଅସୁବିଧା ନ ହୁଏ ଆମକୁ ବତେଇ ଦେବୁ । ହଁ, ଏଇନେ ଯାଙ୍କର ଖାଇବା ଯୋଗାଡ଼ କରି ଆଣେ । ମୁଁ ଗାଧୋଇ ସାରିଲେ ମୋ ପାଇଁ ପଛେ ଦେଇ ଯିବୁ—।"

ନରିଆ ନରମ ଗଳାରେ ମିଶ୍ ପଟ୍ଟନାୟକଙ୍କୁ ଅନାଇଁ କହିଲା—

"ଆପଣ ତେବେ ଆଗେ ଖାଇ ନେବେ ଚାଲନ୍ତୁ ମେମ ସାହେବଜୀ—।"

ମିସ ପଟ୍ଟନାୟକ ନରିଆକୁ ଅନାଇ କହିଲା—

"ମିସ୍ ସାହେବ କାହାକୁ କହୁଚୁ ନରି ? ମୋ—ନାଆଁ ସବିତା । ମତେ ସବିତା ବୋଲି ଏଥର ଡାକିବୁ—।"

ନରିଆ କହିଲା—

"ନାଇଁ । ମୁଁ ଏଥର ଆପଣଙ୍କୁ ସବୀତା ଦେଈ ବୋଲି ଡାକିବି—। ହଉ ଏଥର ଚାଲ ଖାଇବା ଦେଈ ।—"

ଦୁହେଁ ବାରଣ୍ଡା ବାଟ ଦେଇ ହାଣ୍ଡିଶାଳ ଘରକୁ ଯାଉଥିଲେ । ଆଗେ ଆଗେ ନରିଆ ଚାଲିଛି ! ପଛରେ ମିସ୍ ପଟ୍ଟନାୟକ । ଗୌରହରି ଏକ ଭଙ୍ଗିରେ ସେହି ଆଡକୁ ଅନାଇ ଠିଆ ହୋଇଛି ।

ସଦ୍ୟ ସ୍ନାନା ସବୀତା ! କମନୀୟ କାନ୍ତି । ପଛରେ ଓଦା ବାଳ ପିଠି ତଳଅଧି ଖୋଲେଇ ହୋଇ ଅପୂର୍ବ ଶୋଭା ବଢ଼ାଇଚି । କ୍ଷଣିକ ଦେଖାରେ ଗୌରହରିଙ୍କୁ ସେ ତାର ସର୍ବସ୍ୱ ଦାନ କରନ୍ତି । ଗୌରହରି ବି ସବୀତାଙ୍କୁ ନିଜର ସର୍ବସ୍ୱ ଦାନ କରି ସାରନ୍ତି ।

ଗୌରହର ଭାବୁଥିଲା—ସବୀତା ତ ଆଜ ପ୍ରକୃତରେ ମତେ ତାର ନାରୀତ୍ୱର ସର୍ବସ୍ୱ ଦାନ କରନି ।...ସେ ଦାନ କରଚି ଗୋସ୍ୱାମୀଙ୍କୁ ।

କିନ୍ତୁ ଏଠି ଗୋସ୍ୱାମୀ କିଏ ?

ଚମକି ଉଠିଲା ଗୌରହର । କଣ କରିବ ସେ । କ୍ଷଣିକ ମୋହର ସେ ଯେଉଁ ଦୁର୍ବଳତା ପ୍ରକାଶ କରିଚି ତାହାର ସଂଶୋଧନ ହେବା ଅସମ୍ଭବ ।

କାହିଁକି ସେ ଏପରି କରିବାକୁ ଗଲା ?

ଜଣେ ନାରୀ ତାର ନାରୀତ୍ୱକୁ ଉପଭୋଗ ପାଇଁ ଆଉ ଏକ ପୁରୁଷକୁ ଅର୍ପଣ କରିଥିବା ସ୍ଥଳେ ଗୌରହର ପୁଣି—।

ଭାବପାରିଲାନି ଗୌରହର । ବିକଳରେ ପ୍ରାଣ ଭିତରଟା ତାର ଆର୍ତ୍ତନାଦ କରି ଉଠିଲା ।

ଛି—ଛି—କଣ ସେ କଲା । ଯେଉଁ ଗୌରହର ଦେଶର ଅଗ୍ରଣୀ ଯୁବକ ନେତା । ସେହି ଗୌରହର ପୁଣି କାମୁକ ?

ଏହାଠାରୁ ଆଉ ଲଜ୍ୟାର କଥା କଣ ଥାଇ ପାରେ ?

ଗୌରହରି ମନ ଦୁଃଖରେ ସେହି ବାରଣ୍ଡାରେ ବସି ପଡ଼ିଲା । ଆଖିଆଗରେ ତାର ଭବିଷ୍ୟର ବିଭୀଷିକା । ଯେଉଁ ଆଡ଼କୁ ସେ ଗୁହୁଁଚି ସେଆଡ଼େ ପରିହାସର ହାସ୍ୟରୋଳ ଶୁଣିବାକୁ ମିଳନ୍ତି ।

କଣ ଏ ହେଲା ? ଆଉ କଣ ସେ ପାଗଳ ହୋଇଯିବ ?

ପର ମୁହୂର୍ତ୍ତରେ ତାର ମନେ ହେଲା—। ଶାନ୍ତ ମନରେ ଭାବୁଥିଲା ସେ—

"ଏଥିରେତ କିଛି ଅପରାଧ ନାହିଁ । ସେ ଅଯାଚିତରେ ମତେ ତାର ସର୍ବସ୍ୱ ଅର୍ପଣ କରିଚି । ମତେ କଥା କହିବାର ଅବସର ନ ଦେଇ ସେ ମୋ ଉପରେ ତାର ନାରୀତ୍ୱର ଲାଳସା ପ୍ରୟୋଗ କରିଚି । ଜଣେ ଯୁବକ ପାଖରେ ଆଉ ଜଣେ ଯୁବତୀର ଏପରି କରିବା କଣ ଠିକ୍ ହୋଇଚି—?

ମନେ ମନେ ସ୍ଥିର କଲା ଗୌରହରି ।

ଗୋବର୍ଦ୍ଧନବାବୁ ଆସିଲେ ସମସ୍ତ ଘଟଣା ସେ ଖୋଲି ଖୋଲି ଭାବେ କହିଦେବ । ସେ ଯଦି ସବିତାକୁ ଗ୍ରହଣ ନ କରେ ତେବେ ସେ ନିଜେ ଗ୍ରହଣ କରିବାକୁ ପ୍ରସ୍ତୁତ ।

ଶାନ୍ତିରେ ଦୀର୍ଘ ନିଶ୍ୱାସ ପକାଇଲା ସେ । ବସିଥିବା ସ୍ଥାନରୁ ଉଠି ଧୀରେ ଧୀରେ ଗାଧୁଆ ଘର ଆଡ଼କୁ ଚାଲିଗଲା ।

ଖାଇ ସାରିବା ପରେ ନିଜର ବିଛଣାରେ ଶୋଇ ଶୋଇ ଭାବୁଥିଲା ସବିତା । ମନ ତାର ସନ୍ଦେହ ଦୋଳାରେ ଦୋଳି ଖେଳୁଥିଲା । ମନେ ମନେ ଭାବୁଥିଲା ସେ—ଗୋବର୍ଦ୍ଧନ ବାବୁଙ୍କର ଆଜି ଏକ ପରିବର୍ତ୍ତନ? ହସ ହସ ମୁହଁଟି ମଳିନ କାହିଁକି ? ଯେତେ ଭାବିଲେ ବି କିଛି ସ୍ଥିର କରି ପାରିଲାନି । ଗୋବର୍ଦ୍ଧନର କମନୀୟ ରୂପରେ ସେ ବିଭୋର । ତାର ବିରସ ମନ ସବିତା ଚିତ୍ତରେ ଯନ୍ତ୍ରଣା ଦେଉଥିଲା ।

ବିଛଣାରୁ ଉଠି ଧୀରେ ଧୀରେ ସେ ଗୋବର୍ଦ୍ଧନ ପାଖକୁ ଆସିଲା ।

ଗୌରହରି ଖାଇସାରି ବିଶ୍ରାମ କରିବାପାଇଁ ପଲଙ୍କ ଉପରେ ବସିଛି । ସବିତା ହସ ହସ ମୁହଁରେ ଆସି ପାଖରେ ବସିପଡ଼ି କହିଲା—

"କଣ ଖାଇବା ସରିଗଲାଣି ଗୋବର୍ଦ୍ଧନ ବାବୁ ?"

ଗୌରହରି କିଛି କହି ପାରିଲାନି । ନୀରବରେ ଖାଲି ସବିତାର ମୁହଁକୁ ଅନାଇ ହସିବାକୁ ଲାଗିଲା ।

ଗୌରହରିର ନୀରବତା ଦେଖି ସବିତା ଆହୁରି ପାଖକୁ ଲାଗି ବସିଲା । ଗୋରା ଗୋରା ହାତ ଦୁଇଟିରେ ଗୌରହରି କାନ୍ଧକୁ ଜାବୁଡ଼ି ଧରି କହିଲା—

"କଣ ଶୁଣୁଛନ୍ତି ନା ନାହିଁ ?"

"...........…"

"ତଥାପି ଗୌରହରି ନୀରବ ।

"ଏ !"

"ଉଁ ! ଅନ୍ୟମନସ୍କଭାବେ କହିଲା ଗୌରହରି ।

"ମନ ଖଣ୍ଡିକ ତମର କେଉଁଠି ଅଛି ?"

"ଏଇ, ତମ ପାଖରେ !"

"ମୋ ପାଖରେ ପିଣ୍ଡଟା ଅଛି କିନ୍ତୁ ମନ ଖଣ୍ଡିକ ଅଜ କେଉଁଠି ଅଛି—।"

ତଥାପି ଗୌରହର ନୀରବ । କଣ ଆଜ ସେ କହିବ ? ଯାହା କହିବ ବୋଲି ମନ ଭିତରେ ଭାବୁଛନ୍ତି ମାତ୍ର କହିପାରୁନି ସେ । ଖାଲି ଭାବନାହିଁ ସାର ହେଉଛି । ସବୀତାର କମନୀୟ ସୌନ୍ଦର୍ଯ୍ୟ ପାଖରେ ତାର ସମସ୍ତ ଶକ୍ତି ହାର ମାନୁଚି । ମୁକ ପାଲଟି ଯାଉଚି ସେ । ଖାଲି ଏକ ଲୟରେ ସେ ଅନାଇ ରହୁଛି ସବୀତାର ଶୁଭ୍ର ମୁହଁଟିଆଡ଼କୁ ।

ଘରର ପର୍ଦ୍ଦା ଖୋଲି ନଉଆ ଘର ଭିତରକୁ ପଶି ଆସୁଥିଲା । ମିସ ପଟ୍ଟନାୟକ ନଉଆକୁ ଦେଖି ଗୌରହରର କାନ୍ଧରୁ ହାତ ଖସାଇ ଆଣି ଟିକିଏ ଦୁରେଇ ବସିଲା । ଲଜ୍ୟାରେ ମୁହଁଟି ତାର ତଳକୁ ନଇଁ ଆସୁଥିଲା ।

ଗୌରହର ଧୀର ଗଳାରେ କହିଲା—

"କଣ କଅରେ ନଉ ?"

"ଅଫିସର ବଡ଼ ବାବୁ ଆପଣଙ୍କୁ ଡ଼କେଇ ପଠେଇଛନ୍ତି ।—"

"ଆମେ ଦୁହେଁ ଯିବୁ ନା ମୁଁ ଏକା ?"

"ନାଇଁ ! ଆପଣଙ୍କୁ ଖାଲି ଡକେଇଛନ୍ତି ।"

ଗୌରହର ମିସ୍ ପଟ୍ଟନାୟକଙ୍କୁ ଲକ୍ଷ୍ୟକର କହିଲା—

"ତମେ ଯାଇ ଆରାମ କର ।···ମୁଁ ମିଳିକି ଆସେ—।"

କହିବା ସଙ୍ଗେ ସଙ୍ଗେ ଗୌରହରି ସ' ମିଲ ଆଡ଼କୁ ଗ୍ଲଲଗଲା । ନରି ମଧ୍ୟ ଗୌରହରିର ପଛେ ପଛେ ଗ୍ଲଲଗ । ମିସ୍ ପଟ୍ଟନାୟକ ଦୀର୍ଘ ନିଶ୍ୱାସ ପକାଇ ଧୀରେ ଧୀରେ ନିଜର ବଛଣାରେ ଯାଇ ଶୋଇଲେ । ମାତ୍ର ନିଦ ହେଲନି । ଗୋବର୍ଦ୍ଧନର ମଧୁର ସ୍ପର୍ଶ ପାଇ ତାର ପିଆସା ପ୍ରାଣ ଖଣ୍ଡିକ ଆର୍ତ୍ତନାଦ କରି ଉଠିଲା । ବଛଣାରେ ପଡ଼ି ରହି ଖାଲି ଛଟପଟ ହେବାକୁ ଲଗିଲା ସେ—

ଘଣ୍ଟାକ ପରେ ଗୌରହରି ମିଲରୁ ଫେରି ଆସିଲା । ହାତରେ ଫାଇଲ ପତ୍ରରୁ ବଡ଼ାଏ ଆସିଛି ।

ପ୍ରଥମେ ପଶି ଆସିଲା ସବୀତା ଶୋଇଥିବା ଘରକୁ । ଦେଖିଲା ସେ ଶୋଇନି । କଣ ଖଣ୍ଡେ ମାଗାଜିନ୍ ପଢୁଛି ।

ଗୌରହରିକୁ ଦେଖି ସବୀତା ବଛଣାରୁ ଉଠି ବସିଲା । ଅସଂଯତ ଲୁଗାକୁ ଠିକ କରୁ କରୁ କହିଲା ସେ—

"କଣ ମିଲରୁ ଫେରି ଆସିଲ ।"

ଫାଇଲ ବିଡାଟି ସବୀତା ହାତକୁ ବଢ଼ାଇ ଦେଇ ଗୌରହରି କହିଲା—

"କାଲି ସକାଳୁ ଉଠି ନିଜର ନିତ୍ୟକର୍ମ ସାରି ତମେ ନରିଆ ସାଙ୍ଗରେ ନ'ଟା ପୂର୍ବରୁ ଅଫିସକୁ ଯିବ । ଏ ଯେଉଁ ଫାଇଲ ବିଡ଼ାଟି ଦେଲି, ସେଥିରେ କେତେକ ଜରୁରୀ ଚିଠି ଅଛି । ପ୍ରତ୍ୟେକ ଚିଠିର ଦୁଇଗୋଟି ଲେଖାଏଁ କପି ଟାଇପ୍ କରିବ—।"

"ବଡ଼ ସାହେବ କେବେ ଆସୁଛନ୍ତି ।"

"ତାଙ୍କ ଆସିବା ପୁରି ପାଞ୍ଚମାସ ବିଳମ୍ବ ହେବ । ସେ ଭାରତ ବାହାରକୁ ଯାଇଛନ୍ତି ବୋଲି ନୂଆ ମେନେଜର କହିଲେ—।"

"ନୂଆ ମେନେଜର ବର୍ତ୍ତମାନ କଣ ସ' ମିଲ ଦେଖାଶୁଣା କରୁଛନ୍ତି ।"

"ସେଇତ ବର୍ତ୍ତମାନ ଚୌଧୁରୀ ସାହେବଙ୍କର ସମସ୍ତ ସମ୍ପତ୍ତିର ମାଲିକ—।"

ସବୀତା ଆଉ କିଛି କହିଲନି। ଫାଇଲ ବଣ୍ଡଟି ଖୋଲି ଚିଠି ପତ୍ର ସବୁ ଦେଖିବାକୁ ଲାଗିଲେ। ଗୌରହରି ନିଜ ରୁମକୁ ଯାଇ କେତେକ ଚିଠିପତ୍ର ଲେଖିବାରେ ବ୍ୟସ୍ତ ରହିଲା।

ପରଦିନ ସକାଳେ।

"ସଜବାଜ ହୋଇ ସବୀତା ଅଫିସ ଯିବାକୁ ବାହାରିଲା। ଗୌରହରି ରୁମକୁ ଆସି ଧୀର ଗଳାରେ କହିଲା ସେ—

"ମୁଁ ତେବେ ନରଆ ସାଙ୍ଗରେ ଅଫିସ ଯାଉଛି।—

"ହଁ, ତୁମେ ଆଗରେ ଯାଇ ତୁମ କାମ ଆରମ୍ଭ କର। ମୁଁ ଘଣ୍ଟାକ ପରେ ଯାଉଛି—।"

ସବୀତା ଭେନିଟି ବ୍ୟାଗଟି ହାତରେ ଝୁଲାଇ ନରଆ ସାଙ୍ଗରେ ସ' ମିଲ ଆଡକୁ ଚାଲିଲା। ଗୌରହରି ସବୀତାର ଯିବା ବାଟକୁ ଏକ ଧ୍ୟାନରେ ଅନାଇଁ ରହିଛି। ମନରେ କେତେ କଥା—କେତେ ଭାବନା।

ସବୀତା ତାକୁ ନିଜର ସର୍ବସ୍ୱ ଦାନ କରିଛି। ଅଳ୍ପ ଘଣ୍ଟାକ ପରେ ଗୋବର୍ଦ୍ଧନ ବାବୁ ଆସି ପହଞ୍ଚିଯିବେ। ସେତେବେଳେ ଅବସ୍ଥା କଣ ହେବ?

ମନେ ମନେ ହସି ଉଠିଲା ଗୌରହରି।

ହାତଘଡ଼ା ଘଡ଼ିକୁ ଅନାଇଲା। ଅଫିସ ସମୟ ହୋଇ ଗଲଣି। ଯିବବୋଲି ପ୍ରସ୍ତୁତ ହେଲା।

ଗୌରହରି ଯେତେବେଳେ ଅଫିସରେ ଆସି ପହଞ୍ଚେ ପ୍ରାୟ ଦଶଟା ବାଜି ଗଲଣି। ନିଜ ରୁମକୁ ଯାଇ ଆଜିକାର ଆସିଥିବା ଡାକ ଖୋଲି ପଢିବାକୁ ଲାଗିଲା।

ତାପରେ ଘଣ୍ଟା ବଜାଇବା ମାତ୍ରେ ଅଫିସ ପିଅନ ଆସି ଛିଡ଼ା ହୋଇଗଲା। ଧୀର ଗଳାରେ କହିଲା ଗୌରହରି—

"ମିସ୍ ପଟ୍ଟନାୟକଙ୍କୁ ଆସିବାକୁ କହ—!"

ପିଅନ ଚାଲିଗଲା । ଦୁଇ ମିନିଟ ପରେ ମିସ ପଟ୍ଟନାୟକ ହାତରେ ଖାତା ପେନସିଲ ଧରି ପହଞ୍ଚିଗଲା । ଟେବୁଲ ପାଖରେ ଠିଆ ହୋଇ କହିଲା ସେ—

"ବାଃ ! ଏ ରୁମଟି ତ ବେଶ୍ ହୋଇଛି ! ବୋଧେ ଚୌଧୁରୀ ସ ହେବ ଏଘରେ ବସନ୍ତି । ତମର ବସିବା ଘର କଣ ଏପର୍ଯ୍ୟନ୍ତ ଠିକ ହୋଇନି ?"

ମୁରୁକି ହସି ଗୌରହରି କହିଲା—

"ଅଫିସର ବଡ଼ ବାବୁତ ଏଇ ରୁମରେ ବସିବାକୁ କହିଲେ ।"

"ହଉ ! ମତେ କାହିଁକି ଡ଼ାକିଲ ଶୁଣେ ?"

"ଆଗ ତମେ ବସିଯାଅ—ତାପରେ କହିବି—।"

ମିସ୍ ପଟ୍ଟନାୟକ ଗୌରହରି ସାମନାରେ ବସିଗଲା । ଗୌରହରି ଖଣ୍ଡେ ଚିଠି ବଢ଼ାଇ ଦେବା ସମୟରେ ଅଫିସର ପିଅନ ଖଣ୍ଡେ କାର୍ଡ ଆଣି ଗୌରହରି ଟେବୁଲ ଉପରେ ଥୋଇଦେଇ ଠିଆହୋଇ ରହିଲା ।

ଗୌରହରି କାର୍ଡ ଖଣ୍ଡିକ ପଢି ଚମକି ପଡ଼ିଲା । ହସ ହସ ମୁହଁଟି ତାର ମଉଳି ଗଲା । କଣ କହିବ କିଛି ଚିନ୍ତା କରି ପାରିଲାନି ସେ ।

କିଛିକ୍ଷଣ ପରେ କହିଲା ସେ—

"ଆଚ୍ଛା ! ତାଙ୍କୁ ଭିତରକୁ ଆସିବାକୁ କହ ।"

ପିଅନ ଚାଲିଗଲା । ଅଳ୍ପ ସମୟ ମଧ୍ୟରେ ଜଣେ ସୁଦର୍ଶନ ଯୁବକ ଘର ଭିତରକୁ ପଶି ଆସିଲା । ଅପଲକ ନୟନରେ ତାର ମୁହଁକୁ ଅନାଇ ରହିଲା ଗୌରହରି ଆଉ ଅନାଇ ରହିଥିଲା ମିସ୍ ପଟ୍ଟନାୟକ ।

ଯୁବକଟି ଅଧୀର ଆବେଗରେ ଗୌରହରି ପାଖକୁ ଯାଇ କହିଲା—

"ଭାଇ ! ତୁମେ ?"...

ଆଉ କିଛି କହି ପାରିଲନି ସେ । ଗୌରହରିର ବେକକୁ ଦୁଇ ହାତରେ ଯାବୁଡ଼ି ଧରି କାନ୍ଦିବାକୁ ଲାଗିଲା ।

ଗୌରହରି ଉଠି ପଡ଼ି ନିଜର ଛାତି ଉପରେ ଯୁବକଟି ମୁଣ୍ଡକୁ ଆଉଜାଇ ଆଣି ଥରିଲା ଗଳାରେ କହିଲା—

"ଗୌରୀ ! ଭଉଣୀ ମୋର ! ତୋତେ ଏପରି ବେଶରେ ଦେଖିବି ବୋଲି ମୁଁ ସ୍ୱପ୍ନରେ ଭାବି ନଥିଲି—।"

ମିସ୍ ପଟ୍ଟନାୟକ ମୁହଁରେ କଥା ନାହିଁ । ସେ ମୂକ ପାଲଟି ଯାଇଛି । ଗୋରାଗୁଣ୍ଡକୁ ଦଣ୍ଡେ ଅନାଉଁଛି ଆଉ ଦଣ୍ଡେ ଗୌରହରିକୁ ଅନାଉଛି ।··· ଭେଳ ବଦଳା ପରି ତାର ମନେ ହେଉଛି ।

ଗୌରୀ ଗୌରହରି ପାଖରେ ବସି ନିଜ ଜୀବନରେ ଘଟିଥିବା ସମସ୍ତ କାହାଣୀ ଗୋଟି ଗୋଟି କରି ଭାଇକୁ ତାର ଶୁଣାଇଲା । ଗୌରହରି ମଧ୍ୟ ନିଜର ଇତିହାସ ଭଉଣୀ ଆଗରେ କହି ଶେଷକୁ ମିସ୍ ପଟ୍ଟନାୟକ ଆଡ଼କୁ ନିର୍ଦ୍ଦେଶ କରି କହିଲା—

"ଯୁଁକୁ ଚିହ୍ନୁ ଗୌରୀ ?"

ଗୌରୀ ମିସ୍ ପଟ୍ଟନାୟକଙ୍କୁ ଅନାଇଁ ଖାଲି ହସିବାକୁ ଲାଗିଲା ।

ଗୌରହରି କହିଲା—

"ଇଏ ଯେବେ ତୋର ପ୍ରେମିକା ହେବେ ? କିନ୍ତୁ ଭ୍ରମରେ ମୋ ସାଙ୍ଗରେ—।"

ମିସ୍ ପଟ୍ଟନାୟକ ମୁହଁଟି ଲଜ୍ୟାରେ ନାଲି ପଡ଼ି ଆସିଲା । କିଛି କହିପାରିଲାନି । ତଳକୁ ମୁହଁ ପୋତି ବସି ରହିଲା ।

ଗୌରୀ ମିସ୍ ପଟ୍ଟନାୟକ କାନ୍ଧରେ ହାତ ଥୋଇ ଧୀର ଗଳାରେ କହିଲା—"ତମେ ମତେ ଭଲ ପାଇଛ । କିନ୍ତୁ ମୋର ଭାଇଙ୍କୁ ଯେତେବେଳେ ତମର କୁମାରୀତ୍ୱ ଅର୍ପଣ କରି ସାରିଲଣି ତେବେ ଆଜିଠୁ ତୁମେହିଁ ମୋର ନୂଆବୋଉ ହେଲ—।"

ଗୌରହରି କହିଲା—

"ହଉ ! ଏଥର ସମସ୍ତେ ଘରକୁ ଗୃଲ । ଅଫିସରେ ଆଉ ରହିବା ଠିକ୍ ହେବନି ।"

ସମସ୍ତେ ଘରକୁ ଆସିଲେ । ଗୌରୀ ନିଜର ଭାଇକୁ ପାଇ ମନ ଖଣ୍ଡିକ ଭରି ନାଚି ଉଠୁଛି । ମିଷ୍ଟର୍ ପଟ୍ଟନାୟକ ମଧ୍ୟ ଭାଇ ଭଉଣୀଙ୍କ ମିଳନ ଦେଖି ନିଜକୁ ସେମାନଙ୍କ ମଧ୍ୟରେ ହଜାଇ ଦେଇଛି ।

ଆନନ୍ଦ କୋଳାହଳ ଭିତରେ ସମସ୍ତେ ମାତି ଯାଇଛନ୍ତି । ଗୌରୀ ମୁହଁରୁ କଥା ସରିବାକୁ ନାହିଁ । ସବୁ ସମୟ କଥାରେ ଖାଲି ବ୍ୟସ୍ତ । ଗୋଟିଏ କଥା—ଏକ ଜିଦ—ମିଷ୍ଟର୍ ପଟ୍ଟନାୟକ ସାଙ୍ଗରେ ଶୀଘ୍ର ବିବାହଟି କିପରି ଶେଷ ହେବ ।

ବିବାହର ଆୟୋଜନ ହେଲା । ମହା ଆଡ଼ମ୍ବରରେ ସବିତା ସାଙ୍ଗରେ ଗୌରହରିର ବିବାହ କାର୍ଯ୍ୟ ଶେଷ ହୋଇଗଲା ।

ମଧୁଶଯ୍ୟା ରାତିରେ ନବବଧୂ ବେଶରେ ସବିତା ଦେବୀ ଯେତେବେଳେ ଆସି ଗୌରହରି ପାଖରେ ଠିଆ ହୋଇଗଲା— ଏକ ଦୃଷ୍ଟିରେ ଗୌରହରି ସବିତା ଦେବୀକୁ ଅନାଇଁ ରହିଲା ।

ଓଢଣା ଫାଙ୍କ ଭିତରୁ ଗୌରହରିକୁ ମଧ୍ୟ ସବିତା ଦେବୀ ଦେଖୁଥିଲା ଆଉ ମନେ ମନେ ଭାବୁଥିଲା—ସତେ ! କନ୍ଦର୍ପ ପରି ରୂପ— କେଡ଼େ ସୁନ୍ଦର ନ ଦିଶୁଛି ତାର ସ୍ୱାମୀ— ।

ଗୌରହରି ପଲଙ୍କ ଉପରୁ ଓହ୍ଲାଇ ଆସି ସବିତାର ହାତ ଧରି ନେଇ ପଲଙ୍କ ଉପରେ ବସାଇ ଦେଲା । ତାପର ମୁହଁରୁ ଓଢଣା ଖୋଲି ଦେବା ସମୟରେ ସବିତାର ଆଖିପତା ବୁଜି ହୋଇ ଆସିଲା ।

ହସି ହସି ଗୌରହରି କହିଲା—"ମୋ ଆଡ଼କୁ ଗୃହଁ ! ଆଖି ବୁଜିଲ କାହିଁକି ?" "..............."

ସବିତା କିଛି କହିଲାନି । ସେହିପରି ଆଖି ଦୁଇଟି ବୁଜି ବସି ରହିଲା ।

ମୁହଁଟିକୁ ଏକଦୃଷ୍ଟିରେ ଚୁହିଁଛୁ ଗୌରହରି ଅଧୀର ଆବେଗରେ ନିଜର କୋଳ ଉପରକୁ ଆଉଯାଇ ଆଣିଲା ସବୀତାକୁ—

ତାପର—···ତାପର କଣ ହେଲା ?

ସବୀତା ଅଧର ପାଖକୁ ଗୌରହରିର ଅଧର ନଇଁ ଆସିଲା । ବାହୁ ବନ୍ଧନରେ ଯାବୁଡ଼ ଧରି ଚୁମ୍ବନପରେ ଚୁମ୍ବନ ଆଙ୍କିଦେଲା ସେ ।

ଅପୂର୍ବ ପୁଲକରେ ଦୁଇଟି ପ୍ରାଣ ପୁଲକ୍କ ଉଠୁଥିଲା । କ୍ଷଣକ ପରେ ଦୁଇଟି ଶରୀର ଗୋଟିଏ ହୋଇଗଲା—

× × × ×

ସୁକାନ୍ତ ମନଦୁଃଖରେ ବସିଚି । କହୁ କହୁ ଏକମାସ ବିତ ଗଲାଣି । ଏଯାଏ ଗୋସ୍ୱଗୁଡ଼ ଙ୍କ ମିସ୍ ପଟ୍ଟନାୟକ ବାହାରିଠାରୁ କୌଣସି ଚିଠିପତ୍ର ପାଇନି ସେ । ଦୈନିକ ଡାକକୁ ସେ ଆକୁଳ ନୟନରେ ଅନାଇ ରହେ କିନ୍ତୁ ସେ ଯାହାଙ୍କଠାରୁ ଚିଠି ପାଇବାକୁ ଆଶାକରେ ସେମାନଙ୍କଠାରୁ ପାଏନି ଖାଲି ଅଫିସର କାଗଜ ପତ୍ର— କାମର ଫରମାସ ଛଡ଼ା ଆଉକିଛି ଝାରସୁଗୁଡ଼ା ସ’ ମିଲରୁ ଆସେନି ।

ମନେ ମନେ ବିରକ୍ତ ମଧ ହୁଏ । ପରମୁହୂର୍ତ୍ତରେ ଭାବେ, ସେ ଝାରସୁଗୁଡ଼ା ସ’ ମିଲକୁ ଯାଇ ଏମାନଙ୍କ ଖୋଜଖବର ନେବ । କିନ୍ତୁ ଯିବାକୁ ସାହସ ହୁଏନି । ଚୌଧୁରୀ ସାହେବ କାହାନ୍ତି ! ନୂଆ ମାଲିକ କାଲେ କଣ ଭାବି ବସିବେ । ଚାକିରୀକରି ଏତେଦିନ ଯେଉଁ ସୁନାମ ଟିକକ ତାର ଅଛି ସେତକବି ଯିବ— ।

ଏହିପରିକମ ନାନା କଥା ଚିନ୍ତା କରୁଛି, ଡାକ ପିଅନ ହଠାତ୍ ସୁକାନ୍ତର ଘର ଭିତରକୁ ପଶିଆସି କହିଲା—

"ଆପଣଙ୍କ ନାମରେ ଖଣ୍ଡେ ରେଜିଷ୍ଟାର୍ଡ ଚିଠି ଅଛି—"

କହିବା ସଙ୍ଗେ ସଙ୍ଗେ ପୋଷ୍ଟ ପିଅନ ଚିଠି ଖଣ୍ଡିକ ସୁକାନ୍ତର ହାତକୁ ବଢ଼ାଇଦେଇ ରସିଦର ସ୍ୱାକ୍ଷର ନେଇ ଚାଲିଗଲା ।

ସୁକାନ୍ତ ଚିଠି ଖଣ୍ଡକ ଖୋଲି ଅଗ୍ରହରେ ପଢ଼ିବାକୁ ଆରମ୍ଭକଲା ।

ଚିଠିରେ ଲେଖାଥିଲା—

ପ୍ରିୟ ସୁକାନ୍ତ ବାବୁ !

ଅଫିସର ମାଲିକ ହିସାବରେ ଲେଖୁନି । ବନ୍ଧୁ ଭାବରେ ଲେଖୁଛି । ଏ ପତ୍ର ପାଇବାମାତ୍ରେ ଶୀଘ୍ର ଏଠାକୁ ଚାଲି ଆସିବେ । ସାକ୍ଷାତରେ ସବୁକଥା । ଇତି ତମର

ଗୌରହରି

ସୁକାନ୍ତ ଚିଠି ପଢ଼ିଲା । ଥରେ ନୁହେଁ ଶହେ ପାଞ୍ଚଥର ପଢ଼ିଲା । ଯେତେଥର ପଢ଼ୁଥାଏ ସେତେ ସେ ଆଶ୍ଚର୍ଯ୍ୟ ହେଉଥାଏ । ରହି ରହି ମନରେ ସେ ଭାବୁଥାଏ—ଖାଲି ଭାବୁଥାଏ— ।

ଅଫିସର ନୂଆ ମାଲିକ ଚିଠିଲେଖି ଶୀଘ୍ର ଡକାଇଛନ୍ତି ? କାହିଁକି ? ଅଫିସ କାମ ପାଇଁ ନୁହେଁ—ବନ୍ଧୁ ହିସାବରେ ଡକାଇଛନ୍ତି । ଗଲେ କ୍ଷତି କଣ ? ନା, ସେ ନିଶ୍ଚୟ ଯିବ । ସେଠାକୁ ଗଲେ ମିସ୍ ପଟ୍ଟନାୟକ ଆଉ ଗୋବର୍ଦ୍ଧନର ଖବର ତ ମିଳିବ—?

ଝାରସୁଗୁଡ଼ା ଅଭିମୁଖରେ ସେହିଦିନ ସନ୍ଧ୍ୟା ଟ୍ରେନରେ ସୁକାନ୍ତ ବାହାରି ପଡ଼ିଲା । ମନ ମଧ୍ୟରେ କେତେ ଭାବନା···ଅସଂଖ୍ୟ ପ୍ରଶ୍ନ—

× × ×

"ସୁକାନ୍ତ ବାବୁ କଣ ରାଜି ହେଲେ ?"

ଗୌରହରି ପାଖରେ ହସୁ ହସୁ ସବିତା ଧୀର ଗଳାରେ କହିଲା ।

"ଗୌରହରି ସବିତାକୁ ଅନାଇଲା । ମୁହଁରେ ଉଜ୍ଜ୍ୱଳ ହସ ।

"ଆରେ ରାଜି ନହୋଇ ଯିବ କୁଆଡେ ? ସମସ୍ତ ଘଟଣା ତାକୁ ଜଣାଇଲି । ମୋ କଥା ଶୁଣି ସେ ଆଶ୍ଚର୍ଯ୍ୟ ହେଲା । ଗୋବର୍ଦ୍ଧନ ଏତେ ଦିନ ପୁରୁଷ ବେଶରେ ତା ପାଖରେ ରହି ଆସିଲା ମୋଟେ ତାକୁ ଚିହ୍ନି ପାରିଲାନି କି ଧରି ପାରିଲାନି—ଥରକୁ ଥର ଏହିକଥା ଭାବି—ଗୌରୀ ଉପରେ ତାର ସ୍ନେହର ମାତ୍ରା ଆହୁରି ବଢି ଯାଇଛି ।"

"ତେବେ ବିବାହ କାର୍ଯ୍ୟ ଏହି ଲଗ୍ନରେ ଶୀଘ୍ର ଶେଷ କରିଦିଅ । ମୋଟେ ଆଉ ଗୁରୋଟି ଦିନ ରହିଲା ।"

"ତମେ ବ୍ୟସ୍ତ ହୁଅନା । ମୁଁ ସବୁ ଠିକ କରିଦେବି । ଗୌରୀ ଯେଉଁ ବୁଢ଼ା ଅଶ୍ରମରେ ଥିଲା ତାଙ୍କୁ ଟେଲିଗ୍ରାମ କରିଛୁ । ସେ ବୋଧେ ଆସି ପହଞ୍ଚିବେ । ମୋତେ ଯେଉଁ ବୁଢ଼ୀଟି ରକ୍ଷା କରିଥିଲା ସେ ମଧ୍ୟ ଆସିବ । ଆଉ ଜଣେ ଅଶ୍ରମ ସନ୍ନ୍ୟାସିନୀ ଅଛନ୍ତି ସେ ଆସିବେ ।"

"ସମସ୍ତଙ୍କୁ ଚିଠି ଲେଖି ଜଣାଇ ଦେଇଛ ତ ?"

"ମୁଁ ପ୍ରତ୍ୟେକଙ୍କ ପାଖକୁ ପତ୍ର ଲେଖି ଜଣାଇ ଦେଇଚି । ଏଇ ଥରେ ଦୁଇଦିନ ଭିତରେ ସମସ୍ତେ ଆସିଯିବେ । ତମେ ଜଳଖିଆ ଶୀଘ୍ର ପ୍ରସ୍ତୁତ କର । ମୁଁ ଖାଇଦେଇ ଶୀଘ୍ର ବଜାରକୁ ଯିବି । ସୁକାନ୍ତ କେଉଁଠି ଅଛି ତାକୁ ଡାକ—।"

ସବିତା ଉଠି ଠିଆହେଲା । ଦୁଆର ଆଡ଼କୁ ବାହାରି ଆସୁଥିବା ସମୟରେ ସୁକାନ୍ତ ଘର ଭିତରକୁ ପଶି ଆସୁଥିଲା । ସବିତା ଟିକିଏ କବାଟ ପାଖକୁ ଘୁଞ୍ଚିଯାଇ ଓଢ଼ଣା ଟାଣିଲା ।

ମୁରୁକି ହସି ସୁକାନ୍ତ କହିଲା—

"ଏ ପୁରୁଣା ପ୍ରଥା କାହିଁକି ? ତମ ଶିକ୍ଷିତା ଝିଅ ଯଦି କବାଟ କଣ ଆଶ୍ରୟ କରିବେ ତେବେ ପଲ୍ଲୀ ଗାଁରେ ଝିଅମାନେ କେଉଁଠି ରହିବେ ନୂଆବୋଉ ?"

ଧୀର ଗଳାରେ ସବିତା କହିଲା—"କାହିଁକି ଝିଅମାନେ ତ ଆଜିକାଲି ଆଉ ଝିଅହୋଇ ରହିବାକୁ ଚାହୁଁ ନାହାନ୍ତି—ପୁରୁଷଙ୍କ ପରି ପୋଷାକ ପିନ୍ଧି ପୁଅମାନଙ୍କ ସାଙ୍ଗରେ ସମାନତାଳରେ ଚାଲୁଛନ୍ତି ।

"ତେବେ ତମର ଏ ଓଢ଼ଣା ଟଣା କାହିଁକି ?"

"ସେ କଥାର ଉତ୍ତର ମୁଁ ଦେଇ ପାରିବି ନାହିଁ ?"

"ଆଉ କିଏ ଦେବ ?"

"ତମ ନୂଆ ନାଗରୀଙ୍କୁ ଯାଇ ପଚାର—।"

ସୁକାନ୍ତ କିଛି କହିପାରିଲାନି । ସେ ଗୌରହରିକୁ ଅନାଇଁଲା । ଗୌରହରିର ମୁହଁରେ ଉଛୁଳା ହସ । ସୁକାନ୍ତର ମୁହଁ ଲଜ୍ୟାରେ ତଳକୁ ନଇଁ ଆସିଲା ।

ଗୌରହରି କହିଲା—ଶୁଣାହେଲା କାହିଁକି ସୁକାନ୍ତ ? ଆସ— !

ସୁକାନ୍ତ ଯାଇ ଗୌରହରି ପାଖରେ ବସିଲା । ସବୀତା ଦୁଇଜଣଙ୍କ ପାଇଁ ଗୁଁ ଜଳଖିଆ ପ୍ରସ୍ତୁତ କରିବା ପାଇଁ ଅନ୍ୟଘରକୁ ଚାଲିଗଲା ।

କିଛି ସମୟ ପରେ ସବୀତା ଆଣି ଗୁଁ ଜଳଖିଆ ଦେଇଗଲା । ଗୌରହରି ଓ ସୁକାନ୍ତ ଖାଇ ବସିଲେ ।

ଖାଇସାରି ଗୌରହରି କହିଲା—

"ଆଜ ବିଳମ୍ବ କାହିଁକି ? ଏହା ଭିତରେ ଆମକୁ ସମସ୍ତ ଜିନିଷ ଯୋଗାଡ କରିବାକୁ ହେବ । ବିବାହ ମାତ୍ର ଚାରୋଟି ଦିନ ରହିଲା ।"

ସୁକାନ୍ତ କହିଲା—"ଚାଲ !"

ଦୁହେଁ ବାହାରି ଗଲେ । ସବୀତା ଗୌରୀ ପାଖରେ ବସିଥିଲା । ଏମାନଙ୍କୁ ଯିବାର ଦେଖି ଗୌରୀ କହିଲା—

"ଭାଇ ସୁକାନ୍ତକୁ ସାଙ୍ଗରେ ନେଇ କେଉଁଆଡକୁ ଗଲେକି ନୂଆ ବୋଉ ?"

ହସ ହସ ମୁହଁରେ ସବୀତା କହିଲା—

କାହିଁକି !···ସେମାନେ ପରା ବଜାରକୁ ବାହାରିଗଲେ । ବିବାହ ଆଉ ମୋଟେ ଚାରିଦିନ ରହିଲା—

ଗୌରୀ ମୁହଁରେ ହସ ଉକୁଟି ଉଠୁଥିଲା । ମାତ୍ର କିଛି କହିଲାନି । ତଳକୁ ମୁହଁ ପୋତି ବସିଲା—

ଗୌରୀ ଗାଲରେ ସ୍ନେହମିଶା ଚୁମ୍ବନଟିଏ ଅଙ୍କିଦେଇ ସବୀତା କହିଲା—

"ଏମିତାରେ ପୁଣି ଏତେ ରଙ୍ଗ ଅଛି ଗୌରୀ ? ପୁରୁଷ ଦେଶରେ ଯେ କୌଣସି ସ୍ତ୍ରୀର ମନ ଜାଣି ପାରନ୍ତି—।"

ଗୌରୀ କହିଲା—"ଆଉ ନୂଆ ବୋଉ !···ଅଜ ସେସବୁ କାହିଁକି ?"

"କାହିଁକି ନୁହେଁ ? ମୁଁ ଯେ ତୁମକୁ ମୋର ପତି ଦେବତା ରୂପେ ପାଇବା ଲାଗି କେତେ କଳ୍ପନା ନକରି ଥିଲି—।"

"କଳ୍ପନା ତ ପୂରଣ ହୋଇଛନ୍ତି । ମୁଁ ସିନା ତମର ସ୍ୱାମୀ ନୁହେଁ, କିନ୍ତୁ ମୋ ଭାଇଙ୍କୁ ତ ତମେ ଜୀବନ ସାରା ତମର କୋମଳ ବାହୁ ପାଶରେ ବନ୍ଧୀ କଲ— । ସତ କୁହ ନୂଆବୋଉ ! ତମେ ସୁଖୀ ହୋଇଛ ତ ?"

ସବୀତା ଗୌରୀ ମୁହଁକୁ ଅନାଇ ଛଳ ଛଳ ଆଖିରେ କହିଲା—

"ଭଉଣୀ ! ପିଲାଟିଦିନୁ ମା'ଙ୍କୁ ହରାଇଛି । ବାପାଙ୍କର ସ୍ନେହ ଆଦରରେ ବଢି ଆସିଛି । ମୋର ଶିକ୍ଷା ପ୍ରତି ସେ ବିଶେଷ ଦୃଷ୍ଟି ଦେଉଥିଲେ । ତାଙ୍କର ଇଚ୍ଛା ଥିଲା ମୁଁ ଏମ୍.ଏ. ପାସ କରି ବିଲାତରେ ଉଚ୍ଚ ଶିକ୍ଷା କରିବି, କିନ୍ତୁ ବିଧାତା ସହି ପାରିଲାନି । ଏ ହତଭାଗୀର କପାଳ ଖରାପ । ବି. ଏ. ପାସ କରିସାରିବା ପରେ ବାପାଙ୍କର ହଠାତ୍ ମୃତ୍ୟୁ ଘଟିଲା । ଦରମା ଟଙ୍କାରୁ ଯାହା ସଞ୍ଚୟ କରି ରଖିଥିଲେ ସେହି ଟଙ୍କାରେ କିଛିଦିନ ଚଳିଲି । ଭାବିଲି—ଚାକିରୀ ନକଲେ ରକ୍ଷା ନାହିଁ ! ଆଉ ତ କେହି ମୁରବି ନାହିଁ । ବାଧ୍ୟ ହୋଇ ଚାକିରୀ ଖୋଜିଲି । ଶେଷକୁ ଏହି ଚୌଧୁରୀ କମ୍ପାନୀରେ କାମ କରୁଛି । ଭାଇଙ୍କୁ ପାଇ ନିଶ୍ଚୟ ମୁଁ ସୁଖୀ ହୋଇଛି । କିନ୍ତୁ ତମ ଭାଇ ମତେ ପାଇ ସୁଖୀ କି କଣ ଜାଣେନା—।"

ଗୌରି ଧୀର ଗଳାରେ କହିଲା—"ଛି ନୂଆବୋଉ ! ଭାଇଙ୍କୁ ତୁମେ ଚିହ୍ନନି । ସେ ଭାରି ଉଦାର ଭାରି ମହତ । ତମେ ଦୁଃଖ କରନି ! ଲୁହ ପୋଛି ପକାଅ । ତମକୁ ମୋ ରାଣ ! ତମ ଆଖିରେ ଲୁହ ଦେଖିଲେ ମୁଁ ମୋଟେ ସହି ପାରିବିନି—।"

ସବୀତା ଗୌରୀକୁ ନିଜ କୋଳରେ ଭିଡ଼ିଧରି କହିଲା—ଭଉଣୀ ! ସୁକାନ୍ତ ବାବୁଙ୍କୁ ପାଇ ମତେ ଯେପରି ପର କରି ନଦିଅ— । ପ୍ରଥମ ପରିଚୟରୁ ମୁଁ କିନ୍ତୁ ତମର ହୋଇ ସାରିଛି । ମତେ ଯେପରି ଅନ୍ତର କରି ନଦିଅ— ।

ଗୌରୀ ସବୀତା ଗାଲକୁ ଦୁଇ ହାତରେ ଚୁପି ଧରି କହିଲା—କଣ ଯେ ତମେ କହିଲ ନୂଆବୋଉ !...ମୁଁ କିଛି ବୁଝି ପାରୁନି—।

"ବୁଝିବ ଆଉ କୁଆଡ଼ୁ ? ସୁକାନ୍ତ ବାବୁ ଆସି ତୁମର ମୁଣ୍ଡଟାକୁ ଗୋଲମାଲ କରି ଦେଇଛନ୍ତି । ହଇ ! ଆଗ ବିଭାଘର ସରିଯାଉ— ତମ ସାଙ୍ଗରେ କଥାବାର୍ତ୍ତା—

ସବୀତାକୁ ପୁଳାଏ ଚମୁଟି ଦେଇ ଗୌରୀ ବିରକ୍ତି ମିଶା କଣ୍ଠରେ କହିଲା—"ଧେତ୍ ! ସବୁବେଳେ ଖାଲି ସେଇକଥା—ମୁଁ ଯାଉଛି ।"

କହିବା ସଙ୍ଗେ ସଙ୍ଗେ ଗୌରୀ ଉଠି ପଳାଇ ଯାଉଥିଲା । ସବୀତା ତାର ପଣନ୍ତ ଟାଣି ଧରି ମୃଦୁ ଗୁଞ୍ଜନ କରି କହିଲା "ସରମ କରୁଛ କି ସଖୀ ! ଏକଥା ବାରମ୍ବାର ଶୁଣିଲେ ମରମ ତଳରେ ଯେ ମଧୁର କମ୍ପନ ହୁଏ । ହଉ ! ଗୁଁ'କର ଜଳଖିଆ ଖାଇବା ।"

ଦୁହେଁ ଯାଇ ଜଳଖିଆ ଖାଇ ବସିଲେ ।

ଗୌରୀ ସୁକାନ୍ତର ଶୁଭ ବିବାହ କାମ ଶେଷ ହୋଇଗଲା ।

ଆଜି ମଧୁଶଯ୍ୟା ।

ସବୀତା ପଲଙ୍କ ସଜାଇଲା । ରଜନୀଗନ୍ଧା ଫୁଲର ହାର ପଲଙ୍କର ଶୁଭ୍ରପଟକୁ ଓହଳ ଅପୂର୍ବ ଶୋଭା ବଢ଼ାଇଛି । ଘର ଭିତରେ ନେଳୀ ରଙ୍ଗର ଷ୍ଟେଟ ବଲ୍ବ ବତୀଟି ଜଳୁଛି । ଦାମୀ ବିଛଣା ଚଦର ଉପରେ ନାନା ରଙ୍ଗର ଫୁଲ । ହେନା ଅତରର ମହକରେ ଘର ପୂରି ଉଠୁଛି ।

ସୁକାନ୍ତ ପଲଙ୍କ ଉପରେ ବସିଛି । ରହି ରହି ଦୁଆର ମୁହଁକୁ ଅନାଉଛି ସେ । କାହାର ଆଗମନକୁ ସେ ଅଧୀର ଆବେଗରେ ଅପେକ୍ଷା କରିଚ ।

ଆଉ କାହାର ?

ପ୍ରାଣର ଗୌରୀ ତାର ନବବଧୂ ବେଶରେ ଧୀରେ ଧୀରେ ଘର ଭିତରକୁ ଆସି ଠିଆହେଲା । ସବୀତା କବାଟ ଆଉଜାଇ ନିଜ ଘର ଭିତରକୁ ଗୁଲିଆସିଚ । ସୁକାନ୍ତ ଏକ ଦୃଷ୍ଟିରେ ଗୌରୀକୁ ଅନାଇ ରହିଛି ।

ସୁକାନ୍ତ ଗୌରୀକୁ ଅନାଇ କଣ ଦେଖୁଥିଲା ?

ସେ ଦେଖୁଥିଲା ଚକ୍‌ଲେଟ୍ ରଙ୍ଗର ଖୁବ୍ ପତଳା ଜର୍ଜେଟ ଶାଢ଼ୀ ଖଣ୍ଡେ ପିନ୍ଧିଥିଲା । ସେହି ପତଳା ଶାଢ଼ୀ ଭିତରୁ ଗୌରୀର ଭରିଆଁ ଯୌବନ ଫୁଟି ବାହାରି ଆସୁଥିଲା । ମୁଗ୍ଧ ଦୃଷ୍ଟିରେ ସୁକାନ୍ତ ସେହି ଅଙ୍ଗକୁ ଚାହିଁ ନିଜକୁ ଭୁଲି ଯାଇଥିଲା ।

ଧୀର ଗଳାରେ ଆଖିପତା ତଳକୁ କରି ଗୌରୀ କହିଲା "କଣ ଏତେ ଅନାଇ ଦେଖୁଛ କି ?"

"ତମକୁ ଦେଖୁଛି ।"

"ଏହା ଆଗରୁ କଣ ଦେଖିନଥିଲ ?"

"କିନ୍ତୁ ଏପରି ଆଖି ଝଲସା ରୂପ ଦେଖିନି ।"

"ସେତେବେଳେ ମୋ ରୂପ ତମ ଆଖିକୁ କିପରି ଦେଖା ଯାଉଥିଲା ?"

"ଜଣେ ନାଗର ଆଉ ଜଣେ ନାଗରକୁ ଦେଖିଲେ ଯେପରି ?"

"ଏଇ ନେ ?"

"ନାଗର ଦେଖୁଛି ନୂଆ ନାଗରୀକୁ !"

"ଦୁଷ୍ଟ !"

"ଦୁଷ୍ଟାମୀଟା କିନ୍ତୁ ମନକୁ ପାଇଛି ?"

"ସେଇଥି ପାଇଁ ତ ତମରି ବାହୁ ପାଶରେ ବନ୍ଦୀ ହେବାକୁ ମନ ।"

"ସତେ ?"

ପଲଙ୍କ ଉପରୁ ସୁକାନ୍ତ ଉଠିଯାଇ ଗୌରୀକୁ ନିଜ ଛାତିକୁ ଆଉଜାଇ ଆଣିଲା । କ୍ଷଣକ ମଧ୍ୟରେ ଦୁଇଟି ଶରୀର ଗୋଟିଏ ହୋଇ ଗଲା— ।

ଆକାଶର ଚନ୍ଦ୍ର କଳା ବାଦଲ ଭିତରେ ଲୁଚି ମିଳନର ମଧୁ ଆସ୍ୱାଦନ କରିବାକୁ ଲାଗିଲା ।"

ଆଉ ନାହିଁ